# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 10/2023 Page 16 ₹ 7.00

୪୯ଶ ଭାଗ ୨୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 286 ମୂଲ୍ୟ ₹୭/-



DSPL - 225

ମିଶନ ଶକ୍ତି















70 ଲକ୍ଷ ମହିଳାଙ୍କ ଜୀବନରେ ପରିବର୍ତ୍ତନ

₹ 15,000 Cr.
ବାର୍ଷିକ ବ୍ୟାଙ୍କ ଋଣ ସହାୟତା

₹ 250 Cr.
ବାର୍ଷିକ ସୁଧ ଫେରସ୍ତ

₹ 1 lakh
ପର୍ଯ୍ୟନ୍ତ ବିନା ସୁଧରେ ବ୍ୟାଙ୍କ ଋଣ
ମିଶନ ଶକ୍ତି ସ୍କୁଟର ଯୋଜନା

6800
ମିଶନ ଶକ୍ତି ଗୃହ

₹ 6858 Cr.
ସରକାରୀ ବ୍ୟବସାୟ

₹ 325 Cr.
ମହାସଂଘ ପାଇଁ ଆବର୍ତ୍ତନ ପାଣ୍ଠି

ସଶକ୍ତ ମହିଳା | ସଶକ୍ତ ଓଡିଶା

ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-48001/13/0005/2324




ଜି୨୦ ସମ୍ମିଳନୀ ଅବସରରେ ନୂଆଦିଲ୍ଲୀସ୍ଥିତ ଜାମା ମସ୍‌ଜିଦ୍‌କୁ ସଜାଯାଇଛି।(ଫଟୋ: ଚମନ ଗୌତମ)




ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବଙ୍ଗା, ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

# ଜି୨୦ରେ ଆଫ୍ରିକୀୟ ସଂଘ

**ନୂଆଦିଲ୍ଲୀ,୯।୯**

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଜି୨୦ ସମ୍ମିଳନୀର ପ୍ରଥମ ଦିନରେ ୨୦ ରାଷ୍ଟ୍ର ଗୋଷ୍ଠୀରେ ଆଫ୍ରିକୀୟ ସଂଘ (ଏୟୁ)କୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସର୍ବୋଚ୍ଚ ବୈଶ୍ୱିକ ସଂସ୍ଥାରେ ଏୟୁକୁ ସଦସ୍ୟତା ପ୍ରଦାନ ନେଇ ଘୋଷଣା କରିଛନ୍ତି। ବିଶ୍ୱ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ୧୯୯୯ରେ ଜି୨୦ ପ୍ରତିଷ୍ଠା କରାଯାଇଥିଲା। ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୮୫% ଅବଦାନ, ବାଣିଜ୍ୟିକ କାରବାରର ୭୫% ଏବଂ ଦୁଇ-ତୃତୀୟାଂଶ ଜନସଂଖ୍ୟା ହେଉଛି ଜି୨୦ର। ସଦସ୍ୟ ରାଷ୍ଟ୍ରଗୁଡ଼ିକ ପ୍ରତିବର୍ଷ ପାଳିକରି ଜି୨୦ର ଅଧ୍ୟକ୍ଷତା କରିଥାଆନ୍ତି। ଭାରତ ଇଣ୍ଡୋନେସିଆଠାରୁ ଏହି ଅଧ୍ୟକ୍ଷତା ଗ୍ରହଣ କରିଥିବାବେଳେ ଆସନ୍ତା ବର୍ଷ ବ୍ରାଜିଲ ଜି୨୦ ସମ୍ମିଳନୀ ଆୟୋଜନ କରିବ। ୟୁକ୍ରେନ୍ ଯୁଦ୍ଧର ଭୂରାଜନୈତିକ ପ୍ରଭାବ ପରିପ୍ରେକ୍ଷୀରେ ଉକ୍ତ ସମ୍ମିଳନୀକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ମୋଦି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବିଶ୍ୱର ଧନୀ ଅର୍ଥନୀତିଗୁଡ଼ିକର ଅନ୍ୟ ନେତାମାନେ ସମିଟ୍‌ରେ ବୈଶ୍ୱିକ ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଗଭୀର ଚିନ୍ତନ କରିଛନ୍ତି। ସମ୍ମିଳନୀରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ବା ଗ୍ଲୋବାଲ୍ ସାଉଥ୍‌କୁ ସୁବିଧା ପ୍ରଦାନ ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି।

ନୂଆ ସଦସ୍ୟ ଏୟୁ ବ୍ୟତୀତ ଜି୨୦ରେ ଥିବା ଅନ୍ୟ ସଦସ୍ୟଗୁଡ଼ିକ ହେଲେ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ)।



ପ୍ରଧାନମନ୍ତ୍ରୀ ମୋଦି ଜି୨୦ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କହିଥିଲେ, ୫୫ ରାଷ୍ଟ୍ର ବିଶିଷ୍ଟ ଏୟୁ ଜି୨୦ର ନୂଆ ସଦସ୍ୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କୋମୋରୋସ୍ ରାଷ୍ଟ୍ରପତି ତଥା ଏୟୁ ଅଧ୍ୟକ୍ଷ ଅଜାଲି ଅସୋଉମାନିଙ୍କୁ ହାଇ ଟେବୁଲ୍ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଅଜାଲି ଜି୨୦ର ପୂର୍ଣ୍ଣ ସଦସ୍ୟ ରୂପେ ଆସନ ଗ୍ରହଣ କରିଥିଲେ। ମୋଦି କହିଥିଲେ, ସବ୍‌କା ସାଥ୍, ସବ୍‌କା ବିକାଶର ଭାବାବେଗକୁ ନେଇ ଆଫ୍ରିକୀୟ ସଂଘକୁ ଏଥିରେ ସଦସ୍ୟତା ମିଳିବା ଉଚିତ। ଏହି ପ୍ରସ୍ତାବରେ ସମସ୍ତେ ସହମତ ଥିବା ବିଶ୍ୱାସ।

ଗତ କିଛି ବର୍ଷ ମଧ୍ୟରେ ଭାରତ ନିଜକୁ ଗ୍ଲୋବାଲ ସାଉଥ୍ ଏବଂ ବିଶେଷକରି ଆଫ୍ରିକୀୟ ମହାଦେଶର ଏକ ଅଗ୍ରଣୀ ସ୍ୱର ଉତ୍ତୋଳନକାରୀ ରାଷ୍ଟ୍ର ରୂପେ ପ୍ରତିପାଦିତ କରିଆସିଛି। ପ୍ରଧାନମନ୍ତ୍ରୀ ମୋଦି ଗତ ଜୁନ୍‌ରେ ଏୟୁକୁ ଏହି ରାଷ୍ଟ୍ରଗୋଷ୍ଠୀରେ ପୂର୍ଣ୍ଣ ସଦସ୍ୟତା ପ୍ରଦାନ ପାଇଁ ଜି୨୦ ନେତୃବୃନ୍ଦଙ୍କୁ ପତ୍ର ଲେଖିଥିଲେ। ୫୫ ଆଫ୍ରିକୀୟ ଦେଶକୁ ନେଇ ଗଠିତ ପ୍ରଭାବଶାଳୀ ସଙ୍ଗଠନ ଏୟୁ ନେତୃବୃନ୍ଦଙ୍କ ସମେତ ସମ୍ମିଳନୀରେ ଯୋଗଦେଇଥିବା ନେତାଙ୍କ ମଧ୍ୟରେ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟେପ୍ ଏର୍ଦୋଗାନ୍, କାନାଡୀୟ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ତାଙ୍କ ଇଟାଲୀୟ ପ୍ରତିପକ୍ଷ ଜିଓର୍ଜିଆ ମେଲୋନି, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍ ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରହିଛନ୍ତି। ତେବେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏବଂ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଏହି ସମ୍ମିଳନୀରେ ଯୋଗଦେଇ ନାହାନ୍ତି। ଜାତୀୟ ରାଜଧାନୀର କେନ୍ଦ୍ରସ୍ଥଳ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି ୨ ଦିନିଆ ସମ୍ମିଳନୀରେ ଜାତିସଂଘ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍), ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଆଫ୍ରିକୀୟ ସଂଘ ଭଳି ବୈଶ୍ୱିକ ସଂସ୍ଥାଗୁଡ଼ିକର ମୁଖ୍ୟମାନେ ଯୋଗଦେଇଛନ୍ତି।




ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି।

## ପ୍ରଥମ ଦିନର ଘଟଣାକ୍ରମ

**▶▶ନୂଆଦିଲ୍ଲୀ ଘୋଷଣାନାମା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୨୦ ନ୍ୟୁ ଡେଲ୍‌ହି ଲିଡର୍ସ ଡିକ୍ଲାରେଶନ୍‌କୁ ଗୃହୀତ କରାଯାଇଥିବା ଘୋଷଣା କଲେ। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ବର୍ଦ୍ଧିତ ଉତ୍ତେଜନା ଓ ମତଭେଦ ମଧ୍ୟରେ ଜି୨୦ରେ ଭାରତର ଅଧ୍ୟକ୍ଷତା ପାଇଁ ଏହାକୁ ଏକ ବଡ଼ ବିଜୟ ବିବେଚନା କରାଯାଉଛି।

**▶▶ଜି୨୦ ସାଟେଲାଇଟ୍ ମିଶନ:** ମୋଦି ଜି୨୦ ସାଟେଲାଇଟ୍ ମିଶନ୍ ଫର୍ ଏନ୍‌ଭାଇରୋନ୍‌ମେଣ୍ଟ ଆଣ୍ଡ୍ କ୍ଲାଇମେଟ୍ ଅବ୍‌ଜର୍ଭେଶନ୍ ଗଠନ ପାଇଁ ପ୍ରସ୍ତାବ ଦେବା ସହ ଏକ ଗ୍ରୀନ୍ କ୍ରେଡିଟ୍ ଇନିସିଏଟିଭ୍ ଉପରେ କାର୍ଯ୍ୟ କରିବାକୁ ଅନୁରୋଧ କଲେ।

**▶▶ସୁନକ-ମୋଦି ଆଲୋଚନା:** ପ୍ରଧାନମନ୍ତ୍ରୀ ମୋଦି ବ୍ରିଟେନ୍ ପ୍ରତିପକ୍ଷ ଋଷି ସୁନକ୍‌ଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କଲେ। ବାଣିଜ୍ୟିକ କାରବାର ବୃଦ୍ଧି ଓ ନିବେଶକୁ ବଳ ଦେବା ପାଇଁ ଭାରତ ଓ ବ୍ରିଟେନ୍ ଏକ ସମୃଦ୍ଧ ତଥା ସୁଦୃଢ଼ ବିଶ୍ୱ ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ଉଭୟେ ସହମତି ପ୍ରକାଶ କଲେ।

**▶▶ଭାରତ-ଜାପାନ ଦ୍ୱିପାକ୍ଷିକ ବୈଠକ:** ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏବଂ ଭାରତୀୟ ପ୍ରତିପକ୍ଷ ମୋଦିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେଲା। ଯୋଗାଯୋଗ, ବାଣିଜ୍ୟ ଓ ଅନ୍ୟ କ୍ଷେତ୍ରଗୁଡ଼ିକରେ ସହଯୋଗ ବୃଦ୍ଧି ପାଇଁ ଉଭୟ ପକ୍ଷ ଆଗ୍ରହୀ ଥିବା ମୋଦି କହିଛନ୍ତି।

## ଗ୍ଲୋବାଲ୍ ବାୟୋଫୁଏଲ୍ ଆଲାଏନ୍ସର ଶୁଭାରମ୍ଭ

ଏକ ସବୁଜ ଭବିଷ୍ୟତର ସ୍ୱପ୍ନ ନେଇ ଭାରତ ଗ୍ଲୋବାଲ୍ ବାୟୋଫୁଏଲ୍ ଆଲାଏନ୍ସର ଘୋଷଣା କରିଛି। ଏଥିସହ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ବୈଶ୍ୱିକ ସ୍ତରରେ ପେଟ୍ରୋଲ ସହ ୨୦% ଏଥାନୋଲ ମିଶ୍ରଣ ଲକ୍ଷ୍ୟ ନେଇ ଏଥିରେ ସାମିଲ ହେବା ପାଇଁ ଅନୁରୋଧ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ନେତୃବୃନ୍ଦ।




## ବାଇଡେନ୍ ଦେଖିଲେ କୋଣାର୍କ ଚକ



ପ୍ରଧାନମନ୍ତ୍ରୀ ମୋଦି ଜି୨୦ ରାଷ୍ଟ୍ରାଧ୍ୟକ୍ଷମାନଙ୍କୁ ସ୍ୱାଗତ କରିବାବେଳେ ତାଙ୍କ ପଛପଟେ କୋଣାର୍କ ସୂର୍ଯ୍ୟ ମନ୍ଦିର ଚକର ଏକ ପ୍ରତିରୂପ ଶୋଭାବର୍ଦ୍ଧନ କରୁଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ପହଞ୍ଚିବା ପରେ ମୋଦି ତାଙ୍କୁ ଏହି ଚକ ସମ୍ପର୍କରେ ବୁଝାଇଥିଲେ। ତ୍ରୟୋଦଶ ଶତାବ୍ଦୀରେ ରାଜା ନରସିଂହ ଦେବ ପ୍ରଥମଙ୍କ ଶାସନ କାଳରେ ନିର୍ମିତ କୋଣାର୍କ ଚକ ଦେଶର ପ୍ରାଚୀନ ଜ୍ଞାନ, ଉନ୍ନତ ସଭ୍ୟତା ଓ ସ୍ଥାପତ୍ୟର ଉତ୍କର୍ଷକୁ ପ୍ରତିପାଦିତ କରେ। ଘୂରୁଥିବା ଚକକୁ କାଳଚକ୍ର କୁହାଯାଏ, ଯାହାକି ପ୍ରଗତି ଓ ନିରନ୍ତର ପରିବର୍ତ୍ତନର ପ୍ରତୀକ।

## ରାଷ୍ଟ୍ରପତିଙ୍କ ଡିନର୍ ପାର୍ଟିରେ ୧୭୦ ଅତିଥି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଜି୨୦ ସମ୍ମିଳନୀ ଅବସରରେ ଶନିବାର ରାତିରେ ବିଦେଶୀ ଅତିଥିମାନଙ୍କୁ ନୈଶଭୋଜିରେ ଆପ୍ୟାୟିତ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତିଥିମାନଙ୍କୁ ସ୍ୱାଗତ କରି ଡିନର ସ୍ଥଳକୁ ପାଛୋଟି ନେଇଥିଲେ, ଯାହାର ପୃଷ୍ଠପଟରେ ବିହାରସ୍ଥିତ ନାଳନ୍ଦା ବିଶ୍ୱବିଦ୍ୟାଳୟର ଭଗ୍ନାବଶେଷ ଚିତ୍ର ସ୍ଥାନ ପାଇଥିଲା। ଫଟୋରେ ଚଳିତ ବର୍ଷ ଜି୨୦ର ଥିମ୍ 'ବସୁଧୈବ କୁଟୁମ୍ବକମ୍: ୱାନ୍ ଆର୍ଥ, ୱାନ ଫାମିଲି, ୱାନ ଫ୍ୟୁଚର୍' ଉଲ୍ଲେଖ କରାଯାଇଥିଲା। ଏହି ଡିନର ପାର୍ଟିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସମେତ ୧୭୦ ଜଣ ଅତିଥି ଯୋଗଦେଇଥିଲେ। ମେନ୍ୟୁରେ ଥିଲା ମିଲେଟରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ, ମୁମ୍ବାଇର ପାଓ, କଶ୍ମୀର କହୱା, ଦାର୍ଜିଲିଂ ଚା, ଜଙ୍ଗଲୀ ଛତୁ ଭଳି ଅନେକ ଆଇଟମ୍।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ(ମଝି) ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

## ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର ଘୋଷିତ

### ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍‌କୁ ଟକ୍କର ଦେବ

ଭାରତ, ଆମେରିକା ସମେତ କେତେକ ବୃହତ୍ ଅର୍ଥନୀତି ମହତ୍ତ୍ୱାକାଂକ୍ଷୀ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ଘୋଷଣା କରିଛନ୍ତି। ଯୋଗାଯୋଗ ଇନିସିଏଟିଭ୍ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ବେଳେ ସମସ୍ତ ରାଷ୍ଟ୍ରର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ନୂଆ ଅର୍ଥନୈତିକ କରିଡରକୁ ଅନେକେ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌ର ବିକଳ୍ପ ଭାବେ ଦେଖୁଛନ୍ତି। ଆମେରିକା, ଭାରତ, ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ୟୁରୋପୀୟ ସଂଘର ନେତାମାନେ ମିଳିତ ଭାବେ ଏହି କରିଡର ଘୋଷଣା କରିଛନ୍ତି। କରିଡରର ପୂର୍ବ ଭାଗ ଭାରତକୁ ଉପସାଗରୀୟ ଅଞ୍ଚଳ ସହ ସଂଯୋଗ କରିବାକୁ ଥିବାବେଳେ ଉତ୍ତର କରିଡର ଉପସାଗରୀୟ ଅଞ୍ଚଳକୁ ୟୁରୋପ ସହ ଯୋଡ଼ିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ରେଲୱେ, ଜାହାଜ-ରେଳ ଟ୍ରାଞ୍ଜିଟ୍ ନେଟ୍‌ୱର୍କ ଏବଂ ସଡ଼କ ପରିବହନ ରୁଟ୍‌ଗୁଡ଼ିକ ରହିବ। ବୈଶ୍ୱିକ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ଭାଗିଦାରିତା (ପିଜିଆଇଆଇ) ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମ୍ଇସି) ନିମନ୍ତେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ। କରିଡର ପାଇଁ ଋଣବୋଝ ଅପେକ୍ଷା ଆର୍ଥିକ ବ୍ୟବହାର୍ଯ୍ୟତା ବଢ଼ାଇବା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ। ଏଥିସହିତ ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକରେ ସମସ୍ତ ପରିବେଶୀୟ ଗାଇଡ୍‌ଲାଇନକୁ ଅନୁପାଳନ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଆପୋସ ବିଶ୍ୱାସ ବଢ଼ାଇବାରେ ଯୋଗାଯୋଗ ମୁଖ୍ୟ ଭୂମିକା ନେଇପାରିବ। ଭାରତ ସଂଯୋଗୀକରଣକୁ ଆଞ୍ଚଳିକ ସୀମା ମଧ୍ୟରେ ସୀମିତ ରଖେନାହିଁ ବୋଲି ମୋଦି କହିଛନ୍ତି।

## ଗରିବଙ୍କୁ ଲୁଚାଉଛି କେନ୍ଦ୍ର: ରାହୁଲ

ଜି୨୦ ସମ୍ମିଳନୀ ପାଇଁ କେନ୍ଦ୍ର ସରକାର ଦିଲ୍ଲୀର ବସ୍ତିଗୁଡ଼ିକୁ ଲୁଚାଇଛନ୍ତି କିମ୍ବା କେତେକ ବସ୍ତିକୁ ଉଚ୍ଛେଦ କରିଛନ୍ତି ବୋଲି କଂଗ୍ରେସ ଶନିବାର ଅଭିଯୋଗ କରିଛି। ସେହିପରି ଦିଲ୍ଲୀ ରାସ୍ତାରୁ ବୁଲା ପ୍ରାଣୀଙ୍କୁ ଧରିନେଇ ଅନ୍ୟତ୍ର ଛାଡ଼ିଦିଆଯାଇଛି। ଆମ ଅତିଥିମାନଙ୍କଠାରୁ ଭାରତର ବାସ୍ତବତାକୁ ଲୁଚାଇବା ଆବଶ୍ୟକ ନ ଥିଲା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ପକ୍ଷରୁ 'ଏକ୍ସ'ରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ସମିଟ୍‌ର ଦୁଇଦିନ ପୂର୍ବରୁ କେତେକ ବସ୍ତିକୁ ସବୁଜ ରଙ୍ଗର ପାଲରେ ଘୋଡ଼ାଇ ଦିଆଯାଇଥିବା ଦେଖାଯାଇଛି। କେନ୍ଦ୍ର ସରକାର ଦିଲ୍ଲୀର ଗରିବ ଲୋକ ଓ ବୁଲା ପ୍ରାଣୀଙ୍କୁ ଜି୨୦ ପ୍ରତିନିଧିଙ୍କଠାରୁ ଲୁଚାଇଥିବା ବିଦେଶରେ ଥିବା ରାହୁଲ ଏକ୍ସରେ ପୋଷ୍ଟ କରିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ କହିଛନ୍ତି,



ବିଶ୍ୱର ବୃହତ୍ ଅର୍ଥ ବ୍ୟବସ୍ଥାଗୁଡ଼ିକର ଫଳପ୍ରଦ ସମାବେଶ ଜି୨୦ର ଉଦ୍ଦେଶ୍ୟ ଏବଂ ସହଯୋଗିତାମୂଳକ ପଦକ୍ଷେପ ଦ୍ୱାରା ବୈଶ୍ୱିକ ସମସ୍ୟାର ସମାଧାନ କରିବା ଏହାର ଲକ୍ଷ୍ୟ। ଦିଲ୍ଲୀର ବସ୍ତିଗୁଡ଼ିକୁ ଘୋଡାଇ ରଖି ବା ଉଚ୍ଛେଦ କରାଯାଇ ହଜାର ହଜାର ଲୋକଙ୍କୁ ବେଘର କରାଯାଇଛି। ବୁଲା ପ୍ରାଣୀଗୁଡ଼ିକୁ ନିଷ୍ଠୁର ଭାବେ ଧରିନିଆଯାଇ ଅସୁବିଧାରେ ରଖାଯାଇଛି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୦/୨୦୨୩ Bhubaneswar, Sunday, September 10/2023



# ମରକ୍କୋରେ ଭୂକମ୍ପ: ୧,୩୦୫ ମୃତ

**ମାରାକେଶ୍,୯।୯**

ମରକ୍କୋରେ ଶୁକ୍ରବାର ବିଳମ୍ବିତ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୧,୩୦୫ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ରୁ ଅଧିକ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପରେ ଆଟଲାସ୍ ମାଉଣ୍ଟେନ୍ସ ଅନ୍ତର୍ଗତ ଗ୍ରାମାଞ୍ଚଳଠାରୁ ଐତିହାସିକ ମାରାକେଶ୍ ସହର ପର୍ଯ୍ୟନ୍ତ ଅନେକ ଘର ମାଟିରେ ମିଶିଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୮ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୭ ଥିଲା ବୋଲି ମରକ୍କୋ ନ୍ୟାଶନାଲ ସିସ୍ମିକ୍ ମନିଟରିଂ ଆଣ୍ଡ ଆଲର୍ଟ ନେଟ୍‌ୱର୍କ ପକ୍ଷରୁ କୁହାଯାଇଛି। ରାତିରେ ଭୂକମ୍ପ ହେବାରୁ ମୃତ୍ୟୁସଂଖ୍ୟା ଅଧିକ ହୋଇଛି। କମ୍ପନ ବେଳେ ଯେଉଁମାନେ ଉଠିଥିଲେ, ସେମାନେ ଭୟରେ ଘରୁ ବାହାରି ରାସ୍ତାରେ ଧାଇଁଥିଲେ। ପୁଣି ଭୂକମ୍ପ ☞ପୃଷ୍ଠା-୨


ମରକ୍କୋର ମାରାକେଶ୍ ସହରରେ ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ଘରଗୁଡ଼ିକ।

# ଆଣବିକ ଅସ୍ତ୍ରର ଧମକ, ପ୍ରୟୋଗ ଗ୍ରହଣୀୟ ନୁହେଁ

## ଜି୨୦ ଦିଲ୍ଲୀ ଘୋଷଣାନାମାରେ ୟୁକ୍ରେନ୍ ଯୁଦ୍ଧ

**ନୂଆଦିଲ୍ଲୀ,୯।୯**

ୟୁକ୍ରେନ୍‌ରେ ବାସ୍ତବ, ଯୁକ୍ତିଯୁକ୍ତ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଜି୨୦ ନୂଆଦିଲ୍ଲୀ ନେତାଙ୍କ ଘୋଷଣାନାମାରେ ଆହ୍ୱାନ ଦିଆଯାଇଛି। ଏଥିସହ ଅନ୍ୟ ଭୂଖଣ୍ଡ ଦଖଲ ଓ କ୍ଷେତ୍ରୀୟ ଅଖଣ୍ଡତା ବିରୋଧରେ ବଳ ପ୍ରୟୋଗ କରିବା ବା ଧମକ ଦେବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଛି। ୟୁକ୍ରେନ୍ ଯୁଦ୍ଧରେ ଆଣବିକ ଅସ୍ତ୍ରର ବ୍ୟବହାର କିମ୍ବା ପ୍ରୟୋଗ ନେଇ ଧମକ ଦେବା ଗ୍ରହଣୀୟ ନୁହେଁ ବୋଲି ଜୋର୍ ଦିଆଯାଇଛି।

ଦିଲ୍ଲୀ ଘୋଷଣାନାମାରେ ଜି୨୦ ନେତାମାନେ କହିଛନ୍ତି, ପ୍ଲାନେଟ୍ (ପୃଥିବୀ), ପିପୁଲ (ଲୋକେ), ପିସ୍ (ଶାନ୍ତି) ଓ ପ୍ରସପରିଟି (ସମୃଦ୍ଧି) ପାଇଁ ଆମେ ଗଭୀର ଚିନ୍ତିତ। କାରଣ ବିଶ୍ୱବ୍ୟାପୀ ଅତ୍ୟଧିକ ମାନବୀୟ ଦୁର୍ଦ୍ଦଶା ତଥା ଯୁଦ୍ଧ ଓ ସଂଘର୍ଷର ନକାରାତ୍ମକ ପ୍ରଭାବ ସବୁକ୍ଷେତ୍ରରେ ଦେଖିବାକୁ ମିଳୁଛି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଇଣ୍ଡୋନେସିଆର ବାଲିରେ ହୋଇଥିବା ଆଲୋଚନାକୁ ସ୍ମରଣ କରି ଆମ ଜାତୀୟ ଆଭିମୁଖ୍ୟ ଏବଂ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ତଥା ଜାତିସଂଘ ସାଧାରଣ ସଭାରେ ଗୃହୀତ ସଂକଳ୍ପନାମାକୁ ଦୋହରାଉଛୁ। ଜାତିସଂଘ ଚାର୍ଟରର ଲକ୍ଷ୍ୟ ☞ପୃଷ୍ଠା-୨






# ଜି-୨୦ ନୈଶ ଭୋଜିରେ ଯୋଗ ଦେଲେନି ନବୀନ

**ଭୁବନେଶ୍ୱର,୯।୯**
**(ଅନିଲ ଦାସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସନ୍ଧ୍ୟାରେ ଡାକିଥିବା ଜି-୨୦ ନୈଶ ଭୋଜିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇପାରିନାହାନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟବ୍ୟସ୍ତତା ଯୋଗୁ ରାଷ୍ଟ୍ରପତିଙ୍କ ଦ୍ୱାରା ଆହୂତ ଭୋଜିରେ ଯୋଗଦେଇ ନ ଥିବା କୁହାଯାଉଛି। ଆଉ କିଛିମାସ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଦଳୀୟ ନେତାମାନଙ୍କ ସହ ରଣନୀତି ବିଷୟରେ ଆଲୋଚନା କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରପାହ୍ୟା ମନ୍ତ୍ରୀ ଏବଂ ସମସ୍ତ ମନ୍ତ୍ରଣାଳୟ ସଚିବମାନଙ୍କୁ ନୈଶ ଭୋଜିରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ।

# ଦୁର୍ନୀତି ମାମଲାରେ ଚନ୍ଦ୍ରାବାବୁ ଗିରଫ


ଏନ୍. ଚନ୍ଦ୍ରାବାବୁ ନାଇଡୁ

**ଅମରାବତୀ,୯।୯**

ଦକ୍ଷତା ବିକାଶ ନିଗମ ଜାଲିଆତି ମାମଲାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ଉକ୍ତ ନିଗମର ୩୭୧ କୋଟି ଟଙ୍କା ଦୁର୍ନୀତିର ମୁଖ୍ୟ ପ୍ରସ୍ତାବକ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ସ୍ୱତନ୍ତ୍ର ଅଧିବେଶନ କାହିଁକି




**ଆଜିର ମନ୍ତବ୍ୟ**

"ଜି୨୦ ସମିଟ୍‌ରେ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ଥିମ୍ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦାନୀ ପ୍ରସଙ୍ଗରେ ପ୍ରକୃତରେ 'ଜଣେ ବ୍ୟକ୍ତି, ଗୋଟିଏ ସରକାର, ଗୋଟିଏ ବ୍ୟବସାୟୀ ଗୋଷ୍ଠୀ'ରେ ବିଶ୍ୱାସ କରୁଥିବା ଜଣାପଡୁଛି। **-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ମାଣେ ଧାନ**
**ନାଲି ଗାମୁଛାକୁ ଫାଳେ ପାନ**
**ଘରେ ନ ଜଳେ ଚୁଲି**
**ପଛ ଆଡେ ପାଟଫୁଲି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟଆଗରେ ତୁଚ୍ଛାକୁ ଦେଖେଇ ହେଉଥିବା ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘଇତା ପଛକେ ମରୁ**
**ସଉତୁଣୀ ରାଣ୍ଡ ହେଉ।**

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର। ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖ କଷ୍ଟ ପାଉ। ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୧୨ କେରାଣ୍ଡି ପାଇଁ କଙ୍ଗାରୁ କୋର୍ଟରେ ମାଡ଼: ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୯।୯**

ସାମାନ୍ୟ ମାଛ ଚୋରି ପାଇଁ କଙ୍ଗାରୁକୋର୍ଟରେ ମାଡ଼ ମାରି ଦଣ୍ଡିତ କରିଥିବାରୁ ଲୋକଲଜ୍ୟା ସହି ନ ପାରି ବିଷ ପିଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଠାକୁରମୁଣ୍ଡା ଥାନା ଅଧୀନ ଖଣ୍ଡବନ୍ଧ ଗ୍ରାମରେ ଆଲୋଡନ ସୃଷ୍ଟି କରିଛି। ମୃତ ଯୁବକ ହେଲେ ଗ୍ରାମର ଯଶୋବନ୍ତ ମହାନ୍ତ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଯଶୋବନ୍ତ ଗ୍ରାମ ପୋଖରୀରୁ ମାଛ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ କରି କେତେଜଣ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ୧୨ଟି କେରାଣ୍ଡି ମାଛ ପୋଖରୀରୁ ଧରିଥିବାରୁ ତାଙ୍କୁ ୧୨ ହଜାର ଟଙ୍କା ଅର୍ଥଦଣ୍ଡ କରିଥିଲେ। ଗ୍ରାମରେ କଙ୍ଗାରୁ କୋର୍ଟ ସକାଳରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଯଶୋବନ୍ତଙ୍କୁ ଗ୍ରାମବାସୀ ଛାଡ଼ି ଦେଇଥିଲେ। ଯୁବକ ରକ୍ତାକ୍ତ ଅବସ୍ଥାରେ ଘରକୁ ଯାଇ ବାପାଙ୍କ ନିକଟରେ ସବୁ କଥା କହିଥିଲେ। ପରେ ଅନ୍ୟ ଏକ ଘରକୁ ଯାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଠାକୁରମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ବି ବର୍ତ୍ତମାନ ସୁଦ୍ଧା ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ମୃତକଙ୍କ ବାପା ଏ ନେଇ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ମାମଲା(ନଂ. ୮୪/୨୩)ରୁଜୁ ହୋଇଛି।

# ୬ ଶିକାରୀ ଗିରଫ, ୫୦ ପକ୍ଷୀ ଉଦ୍ଧାର

**ଭୋଗରାଇ , ୯।୯ ( ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଜଳେଶ୍ୱର ରେଞ୍ଜ ଅନ୍ତର୍ଗତ ଭୋଗରାଇ ଉଦୟପୁର ବନପାଳ କାର୍ଯ୍ୟାଳୟ ଅଧୀନ ଏନଏମ ପଡ଼ିଆ ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରୁ ୬ ପକ୍ଷୀ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ ଜାଲ, ଫାଶ ସମେତ ୫୦ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଉଦ୍ଧାର କରାଯାଇଛି। ଏହାସହ ବନ୍ୟପ୍ରାଣୀ ବିଭାଗ ୪ ମୃତ ବିଦେଶୀ ପକ୍ଷୀ ଜବତ କରିଛି। ଗିରଫ ୬ ଶିକାରୀ ହେଲେ ବାଲିଆପାଳ ଥାନା ଚୌମୁଖ ଗ୍ରାମର ଅଶୋକ ଦାସ, ଲକ୍ଷ୍ମୀକାନ୍ତ ଗିରି, ରାଜେନ୍ଦ୍ର ମହାନ୍ତି, ବସନ୍ତ ବେହେରା, ସୁବାସ ରଞ୍ଜିତ ଓ ମୁକ୍ତେଶର ଭୂୟାଁ । ଶିକାରୀମାନେ ନିରୀହ ପକ୍ଷୀମାନଙ୍କୁ ବିଳମ୍ବିତ ରାତିରେ ଜୁଆର ସମୟରେ ସମୁଦ୍ର କୂଳରେ ଜାଲ ଫାଶ ବସାଇ ପକ୍ଷୀ ଶିକାର କରୁଥିବା ଜଣାପଡିବା ପରେ ବିଭାଗର ଏକ ୧୩ ଜଣିଆ ସ୍ୱତନ୍ତ୍ର ଟିମ ଜଳେଶ୍ୱର ରେଞ୍ଜ ଅଧିକାରିଣୀ ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ପକ୍ଷୀ ଶିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି।

# ପଠାଣିଙ୍କ ସମେତ ୬ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ

**ଭୁବନେଶ୍ୱର,୯।୯ (ସୂର୍ଯ୍ୟକାନ୍ତ ବେହେରା)**

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେଣ୍ଟସ(ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଦନ୍ତ ଜାରି ରଖିଛି। ଏହି ମାମଲାରେ ଓଡ଼ିଶାର ୬ ଅଭିଯୁକ୍ତଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଶନିବାର ପ୍ରାଥମିକ ଚାର୍ଜଶିଟ୍ କରାଯାଇଛି। ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ ପଠାଣି ସାମନ୍ତଙ୍କ ସମେତ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର, ନୟାଗଡ଼ର ସରୋଜ କୁମାର ନାୟକ ଓ ପ୍ରଦ୍ୟୁମ୍ନ କୁମାର ସାହୁ, ସୌମ୍ୟ ପଟ୍ଟନାୟକ ଏବଂ ଅଭିଜିତ

### ଆଇଏସ୍ଆଇକୁ ଓଟିପି ଶେୟାରିଂ ଘଟଣା

ସଞ୍ଜୟ ଜାମ୍ଭୁର। ସୂଚନାନୁସାରେ, ଅନ୍ୟମାନଙ୍କ ଡକ୍ୟୁମେଣ୍ଟରେ ସିମ୍ ଆଣି ଆଇଏସ୍ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର କରିବାରେ ଦେଶବ୍ୟାପୀ ଏକ ବଡ଼ ରାକେଟ ଚାଲିଥିବା ନେଇ ଓଡ଼ିଶା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏପରିକି ଟେଲିଗ୍ରାମ, ହ୍ୱାଟ୍ସଆପ୍ ଆଦି ଗ୍ରୁପ୍‌ରେ ଏହି କାରବାର ମଧ୍ୟ ଚାଲିଥିଲା। ଏହା ଦେଶ ବିରୋଧୀ କାର୍ଯ୍ୟ ହୋଇଥିବାରୁ ଏସଟିଏଫ୍ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିଥିଲା। ଓଡ଼ିଶାରେ ଏହି ର୍‍ୟାକେଟରେ ଥିବା ୬ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଜଣକ ପରେ ଆଉଜଣଙ୍କୁ ଗିରଫ କରିବାରେ ଏସ୍‌ଟିଏଫ୍ ଟିମ ସକ୍ଷମ ହୋଇଥିଲା।

# ନକଲି ସାର୍ଟିଫିକେଟ: ଶିକ୍ଷୟିତ୍ରୀ ଚାକିରିରୁ ବହିଷ୍କୃତ

**ଦିଗପହଣ୍ଡି/ପାଟପୁର,୯।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ଗ୍ରାମର ନେହେରୁ ବହୁମୁଖୀ ବିଦ୍ୟାପୀଠ ସରକାରୀ ହାଇସ୍କୁଲରେ କନିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ମନ୍ଦାକିନୀ ନାହାକଙ୍କୁ ୧୧ବର୍ଷ ପରେ ଜିଲାପାଳ ଚାକିରିରୁ ବହିଷ୍କୃତ କରିଛନ୍ତି। ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଥାନାରେ ଏତଲା ଦିଆଯାଇଛି। ଗିରଫ ଭୟରେ ବର୍ତ୍ତମାନ ଶିକ୍ଷୟିତ୍ରୀ ଜଣଙ୍କ ଫେରାର ହୋଇଯାଇଛନ୍ତି।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୨୨,୫୬୭ ମାମଲା ସମାଧାନ

**କଟକ,୯।୯ (କାର୍ତ୍ତିକ ସାହୁ)**

ନ୍ୟାଶନାଲ ଲିଗାଲ ସର୍ଭିସ୍ ଅଥୋରିଟି(ନାଲସା) ପକ୍ଷରୁ ରାଜ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଲିଗାଲ ସର୍ଭିସ୍ ଅଥରିଟି(ଓଲସା)ର ପାଟର୍ନ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ମୋଟ ୨୨,୫୬୭ ମାମଲାର ସମାଧାନ କରାଯାଇଛି। ଜିଲା, ତାଲୁକ ଓ ଖାଉଟି ଅଦାଲତରେ ୧୭,୬୫୨ଟି ଜମିଜମା ବିବାଦ ଓ ଅନ୍ୟାନ୍ୟ ୪୯୧୫ଟି ମାମଲାର ସମାଧାନ ହୋଇଥିଲା। ଉକ୍ତ ମାମଲାରେ ୧୩୭ କୋଟି ୫୨ ଲକ୍ଷ ୩୪ ହଜାର ୨୫୨ ଟଙ୍କା ଜରିମାନା ଆଦାୟ ପାଇଁ ସ୍ଥିର ହୋଇଛି। ସେହିପରି ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁ, ଏସ.କେ୍ ପାଣିଗ୍ରାହୀ, ଏମ୍.ଏସ୍ ସାହୁ, ଆର୍.କେ ପଟ୍ଟନାୟକ, ଏ.କେ ମହାପାତ୍ର, ବି.ପି ଶତପଥୀ ଓ ବିଚାରପତି ଏସ୍.କେ ମିଶ୍ର କ୍ମୋଟ ୯୭ଟି ମାମଲାର ଫଇସଲା କରିଥିଲେ। ଏଥିରେ ୪କୋଟି ୭୬ ଲକ୍ଷ ୮୮ ହଜାର ୩୫୫ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ମରକ୍କୋରେ ଭୂକମ୍ପ ...

ହେବା ଆଶଙ୍କାରେ ରାତି ସାରା ଲୋକେ ରାସ୍ତାରେ ଆଶ୍ରୟ ନେଇଥିବା ଦେଖାଯାଇଥିଲା। ବିଗତ ୬ ଦଶନ୍ଧି ମଧ୍ୟରେ ମରକ୍କୋରେ ଏହା ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଉଛି। ବହୁସଂଖ୍ୟାରେ ଘର ଭାଙ୍ଗିଥିବାବେଳେ ବଡ଼ ବିଲ୍ଡିଂଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂକମ୍ପଜନିତ ମୃତ୍ୟୁ ପାଇଁ ଶୋକବ୍ୟକ୍ତ କରିବା ସହ ସମସ୍ତ ସମ୍ଭବପର ସହାୟତା ଯୋଗାଇଦେବା ଲାଗି ଭାରତ ପ୍ରସ୍ତୁତ ବୋଲି ଘୋଷଣା କରିଛନ୍ତି।

ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ ଶୁକ୍ରବାର ରାତି ୧୧ଟା ୧୧ ମିନିଟ୍ ସମୟରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ମରକ୍କୋର ପର୍ଯ୍ୟଟକମାନଙ୍କ ହଟ୍‌ସ୍ପଟ୍ ଭାବେ ପରିଚିତ ମାରାକେଶ୍ ସହରର ୭୨ କିଲୋମିଟର ଦକ୍ଷିଣ-ପଶ୍ଚିମ ଦିଗରେ ଭୂକମ୍ପର କେନ୍ଦ୍ରସ୍ଥଳ। ଏହାର ୧୯ ମିନିଟ୍ ପରେ ୪.୯ ତୀବ୍ରତାର ପଶ୍ଚାତ୍ କମ୍ପନ ହୋଇଥିଲା ବୋଲି ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି। ରାବାତ୍, କାସାବ୍ଲାନ୍‌କା ଏବଂ ଇସାଉଇରା ଉପକୂଳ ସହରରେ ଶକ୍ତିଶାଳୀ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ପ୍ରଭାବରେ ଉଚ୍ଚ ଅଟ୍ଟାଳିକାଗୁଡ଼ିକ ଦୋହଲୁଥିବା ଦେଖାଯାଇଥିଲା ବୋଲି ଘରୁ ପଳାଇଯାଇଥିବା ଅମ୍ରାନି କହିଛନ୍ତି। ସମସ୍ତେ ବିସ୍ମିତ ଓ ଆତଙ୍କିତ ହୋଇଯାଇଥିଲେ। ପିଲାମାନେ କାନ୍ଦବୋବାଳି କରୁଥିବାବେଳେ ହସ୍ପିଟାଲରେ ରୋଗୀମାନେ ବ୍ୟାକୁଳ ହୋଇ ଧାଁଦଉଡ଼ କରିଥିଲେ। ୧୨୦ ବର୍ଷରେ ଏହା ଦେଶର ସବୁଠୁ ବଡ଼ ଭୂକମ୍ପ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି। ମରକ୍କୋରେ ଭୟାବହ ଭୂକମ୍ପ କ୍ୱଚିତ୍ ହେଉଥିବାରୁ ସେଠାରେ ବିଲ୍ଡିଂଗୁଡ଼ିକୁ ଯଥେଷ୍ଟ ମଜଭୁତ ଭାବେ ନିର୍ମାଣ କରାଯାଇ ନାହିଁ। ତେଣୁ ଅଧିକ ସଂଖ୍ୟାରେ ଘର ଭାଙ୍ଗିଲା ଓ ବହୁସଂଖ୍ୟାରେ ଲୋକ ମୃତାହତ ହେଲେ ବୋଲି ଲଣ୍ଡନର ୟୁନିଭର୍ସିଟି କଲେଜର ପୂର୍ବତନ ପ୍ରଫେସର ବିଲ୍ ମାକ୍‌ଗୁଇର୍ କହିଛନ୍ତି। ମାରାକେଶ୍‌ରେ ଥିବା ଦ୍ୱାଦଶ ଶତାବ୍ଦୀର ପ୍ରସିଦ୍ଧ କୌଟୌବିଆ ମସ୍‌ଜିଦ କ୍ଷତିଗ୍ରସ୍ତ ହୋଇଛି। ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ପୁରୁଣା ମାରାକେଶ୍ ସହରର ଚାରିପଟେ ଥିବା ପ୍ରସିଦ୍ଧ ଲାଲ୍ ପ୍ରାଚୀରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାର ଭିଡିଓ ସେଠାର ଜନସାଧାରଣ ପୋଷ୍ଟ କରିଛନ୍ତି।

### ଆଣବିକ ଅସ୍ତ୍ରର ଧମକ...

ଓ ସିଦ୍ଧାନ୍ତଗୁଡ଼ିକୁ ନେଇ ସବୁ ରାଷ୍ଟ୍ର କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଛୁ। ଏହିକ୍ରମରେ ଅନ୍ୟ କୌଣସି ରାଷ୍ଟ୍ରର ଭୂଖଣ୍ଡ ଉପରେ ମାଡ଼ିବସିବା କିମ୍ବା ତା'ର କ୍ଷେତ୍ରୀୟ ଅଖଣ୍ଡତା ଓ ସାର୍ବଭୌମତ୍ୱ କିମ୍ବା ରାଜନୈତିକ ସ୍ୱାଧୀନତା ଛଡ଼ାଇନେବା ଉଦ୍ଦେଶ୍ୟରେ ଧମକ ଦେବା ଅଥବା ବଳ ପ୍ରୟୋଗ କରିବାରୁ ସବୁ ରାଷ୍ଟ୍ର ନିଜକୁ ଦୂରେଇ ରଖିବେ। ଆଣବିକ ଅସ୍ତ୍ର ପ୍ରୟୋଗ କିମ୍ବା ବ୍ୟବହାର ନେଇ ଧମକ ଦେବା ଆଦୌ ଗ୍ରହଣୀୟ ନୁହେଁ। ଉକ୍ତ ଘୋଷଣାନାମରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଜି୨୦ ହେଉଛି ଅନ୍ତର୍ଜାତୀୟ ଆର୍ଥିକ ସହଯୋଗର ଏକ ଅଗ୍ରଣୀ ମଞ୍ଚ। ଭୂରାଜନୈତିକ ଓ ସୁରକ୍ଷା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଜି୨୦ ଉଦ୍ଦିଷ୍ଟ ନୁହେଁ। ତେବେ ବିଶ୍ୱ ଅର୍ଥନୀତି ଉପରେ ଏହି ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଥିବା ବିଷୟ ଘୋଷଣାନାମାରେ ସ୍ୱୀକାର କରାଯାଇଛି। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ମାନବୀୟ ଦୁର୍ଦ୍ଦଶା ଏବଂ ବୈଶ୍ୱିକ ଖାଦ୍ୟ, ଶକ୍ତି ସୁରକ୍ଷା, ଯୋଗାଣ ଶୃଙ୍ଖଳ, ସମଷ୍ଟିଗତ ଆର୍ଥିକ ସ୍ଥିରତା, ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବକୁ ଆମେ ରେଖାଙ୍କିତ କରିଛୁ। ଏହି ଯୁଦ୍ଧ ରାଷ୍ଟ୍ରଗୁଡ଼ିକର ନୀତିଗତ ପରିବେଶକୁ ଜଟିଳ କରିଦେଇଛି। ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ କୋଭିଡ୍-୧୯ ମହାମାରୀରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇ ନ ଥିବାବେଳେ ଆର୍ଥିକ ଅଚଳାବସ୍ଥା ନିରନ୍ତର ବିକାଶ ଲକ୍ଷ୍ୟକୁ ପଥଚ୍ୟୁତ କରିଛି। ତେଣୁ ଅନ୍ତର୍ଜାତୀୟ ଆଇନର ସିଦ୍ଧାନ୍ତଗୁଡ଼ିକୁ ବଜାୟ ରଖି ଶାନ୍ତି ଓ ସ୍ଥିରତା ଦିଗରେ ଦେଶଗୁଡ଼ିକ ଅଗ୍ରସର ହେବା ଉଚିତ। ଆଲୋଚନା ଓ କୂଟନୀତି ଜରିଆରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସଙ୍କଟ ଦୂର ଲାଗି ଉଦ୍ୟମ ହେବା ଉଚିତ ବୋଲି ଏଥିରେ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜି୨୦ର ଥିମ୍ 'ୱାନ୍ ଆର୍ଥ, ୱାନ୍ ଫାମିଲି, ୱାନ୍ ଫ୍ୟୁଚର'କୁ ଆଗକୁ ବଢ଼ାଇ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନର ସମୟକୁ କଦାପି ଯୁଦ୍ଧର ଯୁଗ ନ କରିବା ପାଇଁ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି।

### ଦୁର୍ନୀତି ମାମଲାରେ ...

ଷଡ଼ଯନ୍ତ୍ରକାରୀ ଓ ଫାଇଦା ହାସଲକାରୀ ଚନ୍ଦ୍ରାବାବୁ ବୋଲି ଆନ୍ଧ୍ରପ୍ରଦେଶ ଅପରାଧ ତଦନ୍ତ ବିଭାଗ (ସିଆଇଡି) ମୁଖ୍ୟ ଏନ୍. ସଞ୍ଜୟ କହିଛନ୍ତି। ମାମଲାର ତଦନ୍ତକୁ ସେ ପ୍ରଭାବିତ କରିବା ଆଶଙ୍କା ଥିବାରୁ ତାଙ୍କୁ ଗିରଫ କରାଗଲା ବୋଲି ସିଆଇଡି ମୁଖ୍ୟ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ସିମେନ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସର ଅନେକ କ୍ଲଷ୍ଟର ଖୋଲିବା ଲାଗି ୨୦୧୪ରେ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ୩,୩୦୦ କୋଟି ଟଙ୍କାର ଏହି ପ୍ରକଳ୍ପର ମାତ୍ର ୧୦ ପ୍ରତିଶତ ଅର୍ଥ ସରକାର ଦେବାକୁ ଥିବାବେଳେ ଅବଶିଷ୍ଟ ୯୦ ପ୍ରତିଶତ ପ୍ରଯୁକ୍ତି ଅଂଶୀଦାର ସିମେନ୍ସ ଆଣ୍ଡ ଡିଜାଇନ୍ ଟେକ୍ ଯୋଗାଇ ଦେବାର ଥିଲା। ବୁଝାମଣାପତ୍ର ପ୍ରସ୍ତୁତ ହୋଇଥିଲେ ମଧ୍ୟ ୯୦ ପ୍ରତିଶତ ପାଣ୍ଠି ସିମେନ୍ସ ଆଣ୍ଡ ଡିଜାଇନ୍ ଟେକ୍ ଯୋଗାଇବାର ସେଥିରେ ଉଲ୍ଲେଖ ନ ଥିଲା। ଉକ୍ତ ଏମ୍ଓୟୁକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏବଂ ଟିଡିପି ରାଜ୍ୟ ସଭାପତି କେ. ଅଚନନାଇଡୁ ଅନୁମୋଦନ କରିଥିଲେ। ଅଚନନାଇଡୁ ମାମଲାର ଅନ୍ୟତମ ଅଭିଯୁକ୍ତ ଅଛନ୍ତି। ଏହି ଷଡ଼ଯନ୍ତ୍ରରେ ତତ୍କାଳୀନ ମନ୍ତ୍ରୀ ଗଣ୍ଟା ଶ୍ରୀନିବାସ ରାଓ ମଧ୍ୟ ସମ୍ପୃକ୍ତ। ମନ୍ତ୍ରୀ ପରିଷଦକୁ ଅଣଦେଖା କରି ଏବଂ ନିୟମାବଳୀର ଉଲ୍ଲଂଘନ କରାଯାଇ ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମ ଗଠନ କରାଯାଇଥିଲା। ସରକାର ମଞ୍ଜୁର କରିଥିବା ୩୭୧ କୋଟି ଟଙ୍କାରୁ ଏକ ବଡ଼ ଭାଗ ହଡ଼ପ କରାଯାଇଥିବାବେଳେ ଅଳ୍ପ ପାଣ୍ଠିରେ କେବଳ ଏକ ଏକ୍ସଲେନ୍ସ ସେଣ୍ଟରର ପ୍ରତିଷ୍ଠା କରାଯାଇଥିଲା ବୋଲି ସିଆଇଡି ମୁଖ୍ୟ କହିଛନ୍ତି। ଉକ୍ତ ହଡ଼ପ ଅର୍ଥକୁ କେତେକ ନାମମାତ୍ର କମ୍ପାନୀ ଏବଂ ଜାଲ୍ ଇନ୍‌ଭଏସ୍ ଜରିଆରେ ଅନ୍ୟତ୍ର ପଠାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ପାଣ୍ଠି ଜାଲିଆତିରୁ ଚନ୍ଦ୍ରାବାବୁଙ୍କ ସମେତ ଅନ୍ୟ ଟିଡିପି ନେତାମାନେ ଲାଭ ଉଠାଇଥିବା ସଞ୍ଜୟ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁଙ୍କୁ ବେଆଇନ ଓ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏଥିରେ ହସ୍ତକ୍ଷେପ କରିବାକୁ ବରିଷ୍ଠ ଟିଡିପି ନେତାମାନେ ପତ୍ର ଲେଖିଛନ୍ତି।

## ୨୫ ବର୍ଷରେ ବିଶ୍ୱର ଭୟଙ୍କର ଭୂକମ୍ପ

ମରକ୍କୋରେ ଶୁକ୍ରବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୧୩ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ବହୁସଂଖ୍ୟାରେ ଆହତ ହୋଇଛନ୍ତି। ଏହାକୁ ମରକ୍କୋରେ ୬ ଦଶନ୍ଧି ମଧ୍ୟରେ ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଉଛି। ଗତ ୨୫ ବର୍ଷ ମଧ୍ୟରେ ବିଶ୍ୱରେ ଘଟିଥିବା ସେହିଭଳି କେତେକ ଭୟଙ୍କର ଭୂକମ୍ପ ସମ୍ପର୍କରେ ଏଠାରେ ଉପସ୍ଥାପନ କରାଯାଇଛି।

**୨୦୨୩ ଫେବୃୟାରୀ ୬:** ତୁର୍କୀ ଏବଂ ସିରିଆରେ ୭.୮ ତୀବ୍ରତାର ଭୂକମ୍ପ ଘଟି ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା।

**୨୦୨୨ ଜୁନ୍ ୨୨:** ଆଫଗାନିସ୍ତାନରେ ଏହି ଦିନ ୬.୧ ତୀବ୍ରତାର ଭୂକମ୍ପ ହେବାରୁ ୧,୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

**୨୦୨୧ ଅଗଷ୍ଟ ୧୪:** ହାଇତିରେ ୭.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ୨,୨୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା।

**୨୦୧୮ ସେପ୍ଟେମ୍ବର ୨୮:** ଇଣ୍ଡୋନେସିଆରେ ୭.୫ ତୀବ୍ରତାର ଭୂକମ୍ପ ସାଙ୍ଗକୁ ସୁନାମି ଆସିବାରୁ ୪,୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୧୫ ଏପ୍ରିଲ ୨୫:** ନେପାଳରେ ୭.୮ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଯୋଗୁ ୮,୮୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

**୨୦୧୧ ମାର୍ଚ୍ଚ ୧୧:** ଜାପାନର ଉତ୍ତରପୂର୍ବ ଉପକୂଳରେ ୯.୦ ତୀବ୍ରତାର ଭୂକମ୍ପ ଯୋଗୁ ସୁନାମି ଆସି ୧୮,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

**୨୦୧୦ ଜାନୁୟାରୀ ୧୨:** ହାଇତିରେ ୭.୦ ତୀବ୍ରତାର ଭୂକମ୍ପ ଯୋଗୁ ୩,୧୬,୦୦୦ ଲୋକଙ୍କ ଜୀବନ ଯାଇଥିବା ସରକାର ଆକଳନ କରିଥିଲେ।

**୨୦୦୮ ମେ' ୧୨:** ଚାଇନାର ପୂର୍ବ ସିଚୁଆନ୍‌ରେ ୭.୯ ତୀବ୍ରତାର ଭୂକମ୍ପ ହେବାରୁ ୮୭,୫୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

**୨୦୦୬ ମେ' ୨୭:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୫,୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଭୂକମ୍ପର ତୀବ୍ରତା ଥିଲା ୬.୩।

**୨୦୦୫ ଅକ୍ଟୋବର ୮:** ପାକିସ୍ତାନର କଶ୍ମୀର ଅଞ୍ଚଳରେ ୭.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଯୋଗୁ ୮୦,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

**୨୦୦୫ ମାର୍ଚ୍ଚ ୨୮:** ଇଣ୍ଡୋନେସିଆର ସୁମାତ୍ରା ଉତ୍ତର ଭାଗରେ ୮.୬ ତୀବ୍ରତାର ଭୂକମ୍ପ ଯୋଗୁ ୧,୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୦୪ ଡିସେମ୍ବର ୨୬:** ଇଣ୍ଡୋନେସିଆରେ ୯.୧ ତୀବ୍ରତା ବିଶିଷ୍ଟ ସବୁଠୁ ଶକ୍ତିଶାଳୀ ଭୂକମ୍ପ ପ୍ରଭାବରେ ଭାରତ ମହାସାଗରରେ ସୁନାମି ଆସି ପ୍ରାୟ ୧୨ ଦେଶର ୨,୩୦,୦୦୦ ଲୋକଙ୍କ ଜୀବନ ଯାଇଥିଲା।

**୨୦୦୩ ଡିସେମ୍ବର ୨୬:** ଇରାନରେ ୬.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ମୃତ୍ୟୁସଂଖ୍ୟା ୨୦,୦୦୦ରୁ ଅଧିକ ଥିଲା।

**୨୦୦୩ ମେ' ୨୧:** ଆଲଜେରିଆରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ୨,୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୦୧ ଜାନୁୟାରୀ ୨୬:** ଭାରତର ଗୁଜରାଟରେ ଶକ୍ତିଶାଳୀ ଭୂକମ୍ପ ହୋଇ ୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ରିକ୍ଟର ସ୍କେଲ୍‌ରେ ଉକ୍ତ ଭୂକମ୍ପର ତୀବ୍ରତା ଥିଲା ୭.୬।

**୧୯୯୯ ଅଗଷ୍ଟ ୧୭:** ତୁର୍କୀର ଇଜ୍‌ମିତ୍‌ରେ ୭.୬ ତୀବ୍ରତାର ଭୂକମ୍ପ ଯୋଗୁ ୧୮,୦୦୦ ଲୋକ ପ୍ରାଣ ହରାଇଥିଲେ।

**୧୯୯୮ ମେ' ୩୦:** ଆଫଗାନିସ୍ତାନର ବଡ଼ଖଶାନ ପ୍ରଦେଶରେ ୬.୬ ତୀବ୍ରତାର ଭୂକମ୍ପ ଯୋଗୁ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ମାନସିକ ଅସ୍ଥିରତା କାରଣରୁ ଉଦ୍‌ବେଗ ଲାଗି ରହିବ। ପରୋକ୍ଷଭାବେ ଶତ୍ରୁତା କରୁଥିବା ଲୋକ ବିଷୟରେ ୨ବନ୍ଧୁଙ୍କ ସହ ଆଲୋଚନା କରିବେ। କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। କିନ୍ତୁ ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ।

**ବୃଷ** ଦୂରସ୍ଥ ସନ୍ତାନଙ୍କ ସମସ୍ୟା ସମାଧାନର ଓ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ଆଗାମୀକାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ, ସମାଲୋଚନାରେ କ୍ଷୁବ୍ଧ ହେବେ।

**ମିଥୁନ** ବହୁ ପୂର୍ବରୁ ଚିନ୍ତା ଓ ଯୋଜନା କରିଥିବା କିଛି ନୂତନ କାମ ସକାଶେ ଚେଷ୍ଟା କରିପାରନ୍ତି। ପଡ଼ୋଶୀଙ୍କ ବୈର ମନୋଭାବରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** ପ୍ରତ୍ୟେକ ସ୍ତରରେ ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ବ୍ୟବସାୟ, ପରିବହନ, କ୍ରୀଡ଼ା, ସଭାସମିତି ଆଦିରେ ସମସ୍ୟା ସମାଧାନ ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍ ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ସାମାଜିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବୁଦ୍ଧିଜୀବୀଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା** ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଚିନ୍ତିତ ହେବେ।

**ତୁଳା** ସ୍ଥଗିତ କାମ ଶୃଙ୍ଖଳିତ ନ ହେବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚିତ୍ରା ନକ୍ଷତ୍ରର ପରିବାରରେ ସୁଖ ଶାନ୍ତି ରାଜୁତି କରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ।

**ବିଛା** ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ, ବନ୍ଧୁପ୍ରିୟ ହେବେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। କିଛି ଲୋକ ଆପଣଙ୍କ ବିରୋଧରେ ଅପପ୍ରଚାର କରିପାରନ୍ତି।

**ଧନୁ** ଆପଣଙ୍କୁ ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସାମାଜିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଆକସ୍ମିକ ଭାବରେ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର** ଯୋଜନାବଦ୍ଧ ଭାବରେ ଆରମ୍ଭ କରିବାକୁ ଯାଉଥିବା ନୂତନ କର୍ମଟି ପ୍ରୀତିପଦ ରହିବ। ଶ୍ରବଣା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାନବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସହାୟକ ହୋଇପାରେ। ଆଜି ହଠାତ୍ ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ।

**ମୀନ** ନିଜର ଲୋକମାନଙ୍କ ଚାଲିଚଳଣ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। କେତେକ କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବିଶତଃ ଅନ୍ୟ ବାଟରେ ବ୍ୟୟ ହୋଇଯିବ।

ଆଜି ଭାଦ୍ରବ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ କାଳୀୟଦଳନ (ଅଜା) ଏକାଦଶୀ ରବିବାର, ସେପ୍ଟେମ୍ବର ୧୦ ତାରିଖ, ଶ୍ରୀମନ୍ଦିରରେ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ରାଶି ନକ୍ଷତ୍ର, ପୁନର୍ବସୁ-ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୭ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୫ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୪୯ ଗତେ, ଘ.୦୪/୨୧ ମଧ୍ୟେ ରାହୁକାଳ।

# ଗଣମାଧ୍ୟମର ରୂପ ବଦଳିଛି, ମୌଳିକତା ବଜାୟ ରହିଛି






ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଆଇନ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

### ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ, ଖୋର୍ଦ୍ଧା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୯।୯

ସାମାଜିକ ସ୍ଥିତି, ସକାରାତ୍ମକ ଚିନ୍ତାଧାରା, ସତ୍ୟ ଆଧାରିତ ଖବର ପରିବେଷଣ ଦିଗରେ ଧରିତ୍ରୀ ସବୁବେଳେ ଚେଷ୍ଟାରତ। ଆଉ ଏହି ନିରପେକ୍ଷତା ଏବଂ ସ୍ୱତନ୍ତ୍ରତା ଯୋଗୁ ଆସନ୍ତା ନଭେମ୍ବର ୨୪ରେ ଏହା ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି ବୋଲି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟଠାରେ ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତପଥୀ ପ୍ରତିଯୋଗିତାର ଆଭିମୁଖ୍ୟ ସହ ଧରିତ୍ରୀର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଆଇନ ଛାତ୍ରୀଛାତ୍ରମାନେ ଅତ୍ୟନ୍ତ ସଚେତନ ହେବା ଜରୁରୀ। ନିଜେ ଆଇନକାନୁନ ସମ୍ପର୍କରେ ଜାଣିଲେ, ଅନ୍ୟମାନଙ୍କୁ ସହଯୋଗ କରିପାରିବ। ନିଜର ବଳିଷ୍ଠ ଯୁକ୍ତି ଦ୍ୱାରା ଅନ୍ୟମାନଙ୍କୁ ନ୍ୟାୟ ଦେବାରେ ସହାୟକ ହୋଇପାରିବେ। ଆଦିମ ଯୁଗରୁ ଗଣମାଧ୍ୟମ ରହିଛି। ଭୁବନେଶ୍ୱରସ୍ଥିତ ଧଉଳିଗିରିରେ ଅଶୋକଙ୍କ କୀର୍ତ୍ତିରେ ଅନେକ ବାର୍ତ୍ତା ରହିଛି। ଜଣେ ବୁଦ୍ଧିଜୀବୀ ଅନ୍ୟ ଜଣେ ବୁଦ୍ଧିଜୀବୀଙ୍କୁ ସୂଚନା ପ୍ରଦାନ କରିବାର ମାଧ୍ୟମ ହେଉଛି ଗଣମାଧ୍ୟମ। ଛାପା, ଟେଲିଗ୍ରାଫ ପରେ ଟେଲିଭିଜନ,ବୈଦ୍ୟୁତିକ ଗଣମାଧ୍ୟମ ଆସିଲାଣି। ସମୟକ୍ରମେ ଗଣମାଧ୍ୟମର ରୂପ ବଦଳିଛି ସତ, ହେଲେ ଆଜି ବି ଏହାର ମୌଳିକତା ବଜାୟ ରହିଛି। ସ୍ୱାଧୀନ ଭାରତରେ ଗଣତନ୍ତ୍ର ପ୍ରଶ୍ନ ପଚାରିବାର ଅଧିକାର ଦେଇଛି। ସ୍ୱାଧୀନ ନାଗରିକଙ୍କ କଥା ସରକାରଙ୍କ ନିକଟରେ ପହଞ୍ଚି ପାରୁଛି। ଯୁବପିଢ଼ି ଦେଶର ସମ୍ବଳ। ନିଜ ଦାୟିତ୍ୱ, ଅଧିକାର ପ୍ରତି ସଚେତନ ହେବା ସହ ପ୍ରଶ୍ନ ପଚାରିବାକୁ ସାହସ କରିବାକୁ ସତପଥୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। କଲେଜ ଅଧ୍ୟକ୍ଷ ଡ. ଗିରିଶ ରଞ୍ଜନ ସାହୁ କହିଲେ ଯେ, ଯୁବପିଢ଼ି ଦେଶର ଭବିଷ୍ୟତ। ଯୁ’ ଅର୍ଥ ଶକ୍ତି। ନିଜ ଶକ୍ତି, ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ିଲେ ସଫଳତା ହାସଲ କରିବ। ସେ ଆହୁରି କହିଲେ ଯେ, ଶିକ୍ଷା ସମୃଦ୍ଧି ଏବଂ ପ୍ରଗତିର ମାର୍ଗ ପ୍ରଶସ୍ତ କରେ। ଏଣୁ ଦେଶର ବିକାଶରେ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ। ଜଣେ ଦାୟିତ୍ୱସମ୍ପର୍ଣ୍ଣ ନାଗରିକ ଭାବେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି କହିଥାଏ। କଲେଜ ପରିଚାଳନା କମିଟି ସମ୍ପାଦକ ସୁଧୀର କୁମାର ମାନସିଂ କହିଲେ ଯେ, ଉତ୍କଳୀୟ କଳା, ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ତେବେ କ’ଣ ଏହି କଳା, ସଂସ୍କୃତିର ରାଜ୍ୟରେ କୌଣସି ପ୍ରତିଭା ନାହାନ୍ତି ଉଚ୍ଚସ୍ତର ବା ଉଚ୍ଚସ୍ଥାନରେ ବସିବା ପାଇଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଶ୍ରୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ର ନାଥ ଠାକୁରଙ୍କ ଉଦାହରଣ ଦେଇ କହିଲେ ଯେ, ନିଷ୍ଠା, ଏକାଗ୍ରତା ଏବଂ ଲକ୍ଷ୍ୟ ସ୍ଥିର ରହିଲେ, ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଆଜିର ଯୁବପିଢ଼ି ସମାଜ ଗଠନମୂଳକ କାର୍ଯ୍ୟ ପରିବର୍ତ୍ତେ ନିଶା କବଳରେ ରହିଛନ୍ତି। ତେଣୁ ସମସ୍ତେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ମାନସିଂ କହିଥିଲେ।

ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ୧୩ଜଣ ପ୍ରତିଯୋଗୀ ନିଜସ୍ୱ ଓଜସ୍ୱୀ ଭାଷଣ ବଳରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଜନମତ ହେଉଛି ଗଣତନ୍ତ୍ରର ମୂଳପିଣ୍ଡ, ହେଲେ ଗଣମାଧ୍ୟମ ଓ ଯୁବପିଢ଼ି ଏହାର ଦୁଇଟି ପ୍ରମୁଖ ଅଙ୍ଗ। ସମାଜର ଜାଗ୍ରତ ପ୍ରହରୀ ଭାବେ ଗଣମାଧ୍ୟମ ତା’ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଯୁବପିଢ଼ି ମଧ୍ୟ ଜଣେ ସଚେତନ ନାଗରିକ ଭାବେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଜରୁରୀ ବୋଲି ପ୍ରତିଯୋଗୀମାନେ କହିଥିଲେ। ପ୍ରତିଯୋଗିତାରେ ନନ୍ଦିନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଜ୍ଞା ପଦ୍ମଜା ପଢ଼ିଆରୀ ଦ୍ୱିତୀୟ ଏବଂ ସିପ୍ରାରାଣୀ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଅଧ୍ୟାପକ ଶୁଭଜିତ୍ ବେହେରା କହିଲେ ଯେ, ଆଜିର ସାମ୍ପ୍ରତିକ ସମୟରେ ଏହି ପ୍ରସଙ୍ଗର ଗୁରୁତ୍ୱ ରହିଛି। ଆଜିର ପ୍ରତିଯୋଗିତା ଯୁବପିଢ଼ିଙ୍କୁ ଦାୟିତ୍ୱ ପ୍ରତି ସଚେତନ କରିବା ଦିଗରେ ଏକ ବଳିଷ୍ଠ ମାଧ୍ୟମ। ଗଣମାଧ୍ୟମ ସମାଜରେ ଘଟୁଥିବା କେବଳ ସମସ୍ୟା ନୁହେଁ ବରଂ ସାମ୍ବିଧାନିକ ରାଷ୍ଟ୍ରରେ ସରକାରଙ୍କ ଦୋଷ, ଦୁର୍ବଳତାକୁ ଲୋକଙ୍କ ନଜରକୁ ଆଣିବା ସହ ନାଗରିକମାନଙ୍କୁ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ କରାଇଥାଏ। ସେହିପରି ଅନ୍ୟତମ ବିଚାରକ ଅଧ୍ୟାପିକା ଅର୍ଚ୍ଚିତା ମହାରଣା କହିଲେ, ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ ସହ ଜିଜ୍ଞାସା ମନୋଭାବ ରଖିବା ଆବଶ୍ୟକ। ଆଇନ ଛାତ୍ରୀଛାତ୍ରମାନେ ସମ୍ବିଧାନର ଅଧିକାରକୁ ଜାଣିଲେ, ବୁଝିଲେ, ଅନ୍ୟକୁ ନ୍ୟାୟ ଦେଇପାରିବେ। ଖବରକାଗଜ ପଢ଼ିଲେ ଆଇନ ସମ୍ପର୍କିତ ବହୁ ତଥ୍ୟ ଜାଣିବାକୁ ପାଇବ। ମୋବାଇଲ, ସୋସିଆଲ ମିଡିଆରେ ନିଜ ସମୟ ଅପଚୟ ଅପେକ୍ଷା କଠିନ ପରିଶ୍ରମ କର, ସ୍ୱପ୍ନ ସାକାର ପାଇଁ ପ୍ରଚେଷ୍ଟା ଜାରି ରହିଲେ ସଫଳତା ମିଳିପାରିବ ବୋଲି ଅର୍ଚ୍ଚିତା କହିଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ସଂଯୋଜନା କରିଥିବାବେଳେ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏଥିରେ ସହସମ୍ପାଦକ ଅଜିତ ମହାନ୍ତି, ଜଟଣୀ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼ ଏବଂ ନିରାକାରପୁର ପ୍ରତିନିଧି ମାନସ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ବିଜେତାଙ୍କ ମୁଖରୁ



“ଯୁବପିଢ଼ି ଦେଶର ଭବିଷ୍ୟତ। ତେବେ ଯୁବପିଢ଼ି ନିଜ ଦାୟିତ୍ୱ ପ୍ରତି ସଚେତନ ରହିବା ପରିବର୍ତ୍ତେ ସୋସିଆଲ ମିଡିଆରେ ସମୟ ଅପଚୟ ଲକ୍ଷ୍ୟ ଭ୍ରଷ୍ଟ ହେଉଛନ୍ତି। ଏକ ଶୃଙ୍ଖଳିତ, ସମୃଦ୍ଧ ରାଷ୍ଟ୍ର ଗଠନରେ ଯୁବସମାଜର ଏକ ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମକୁ କେବଳ ଦୋଷ ଦେଲେ ହେବନି, ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟ, ଦାୟିତ୍ୱ ପ୍ରତି ସଚେତନ ରହିବା ଜରୁରୀ।

- ନନ୍ଦିନୀ ପ୍ରଧାନ, ପ୍ରଥମ



“ଯୁବପିଢ଼ି ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ନିଜ କର୍ତ୍ତବ୍ୟ ପାଳନ କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ସମାଜରେ ଗଣମାଧ୍ୟମର ଏକ ପ୍ରମୁଖ ଭୂମିକା ରହିଛି। ତେବେ ଗଣମାଧ୍ୟମ ସ୍ୱଚ୍ଛ, ସତ୍ୟ ଆଧାରିତ, ସମାଜ ଗଠନମୂଳକ ଖବର ପରିବେଷଣ ପ୍ରତି ଯତ୍ନବାନ ହେବା ଜରୁରୀ।

- ପ୍ରଜ୍ଞା ପଦ୍ମଜା ପଢ଼ିଆରୀ, ଦ୍ୱିତୀୟ



“ଗଣମାଧ୍ୟମ ସମ୍ବିଧାନର ୪ର୍ଥ ସ୍ତମ୍ଭର ମାନ୍ୟତା ରହିଛି। ସମାଜରେ ଘଟୁଥିବା ଘଟଣାବଳୀ, ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଲୋକଙ୍କ ନିକଟରେ ଖବର ପହଞ୍ଚାଇଥାଏ। ଗଣତନ୍ତ୍ର ଦେଶର ଭିତ୍ତିଭୂମି ହେଲେ ଗଣମାଧ୍ୟମ ଓ ଯୁବପିଢ଼ି ଏହାର ପ୍ରମୁଖ ଆଧାର। ଉଭୟେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ।

- ସିପ୍ରାରାଣୀ ପାଢ଼ୀ, ତୃତୀୟ


ଚିନ୍ମୟୀ ବେହେରା


ମୋନାଲି ସାହୁ


ସରିତା ଲେଙ୍କା


ଦିବ୍ୟା ଉଦୟସିଂ


ଲକ୍ଷ୍ମୀ ପ୍ରିୟା


ଲିପା ଆଚାର୍ଯ୍ୟ


ଅଭିଜିତ ରାଜଗୁରୁ


ସୌମ୍ୟରଞ୍ଜନ ଦାଶ


ଡିମିତ୍ରି ସ୍ୱାଇଁ


ଶକ୍ତିମୟୀ ପାତ୍ର

# ହସ୍ପିଟାଲ ଲାଟ୍ରିନ୍‌ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବଲାଙ୍ଗୀର, ୯।୯ (ବୀରେନ୍ଦ୍ର କୁମାର ଝାଙ୍କର)

- ଅଭିଯୁକ୍ତଙ୍କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଛି ପୋଲିସ
- ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମହିଳା ମେଡିସିନ୍ ୱାର୍ଡ ଲାଟ୍ରିନ୍‌ରେ ପଡିଥିବା ଏକ ନବଜାତ ଶିଶୁକନ୍ୟାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ଧାର କରିଥିଲେ। କିଭଳି ପରିସ୍ଥିତିରେ ଲାଟ୍ରିନ୍ ଭିତରେ କିଏ ଶିଶୁକୁ ଛାଡି ପଳାଇଛି, ତାକୁ ନେଇ ପୋଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ତନାଘନା ଚଳାଇଛନ୍ତି। ସିସିଟିଭି ଯାଞ୍ଚ କରାଯାଉଛି। ଉଦ୍ଧାର ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ଶନିବାର ସକାଳ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ମହିଳା ମେଡିସିନ୍ ୱାର୍ଡର ଏକ ଲାଟ୍ରିନ୍‌ରେ ଏକ ଶିଶୁ କାନ୍ଦୁଥିବା ଶୁଣାଯାଇଥିଲା। ରୋଗୀ ପରିଜନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଏହା ଜାଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଶିଶୁକୁ ତୁରନ୍ତ ଉଦ୍ଧାର କରାଯାଇ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଶିଶୁର ଓଜନ ମାତ୍ର ୯ ଶହ ଗ୍ରାମ ରହିଛି। ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା ଉଦ୍ଧାର ଶିଶୁର ସ୍ଥିତି ଗମ୍ଭୀର ରହିଛି ବୋଲି କହିଛନ୍ତି। କିଏ, କିଭଳି ପରିସ୍ଥିତିରେ ଲାଟ୍ରିନ୍‌ରେ ଶିଶୁକନ୍ୟାକୁ ଛାଡି ଯାଇଛନ୍ତି ସେ ନେଇ ପୋଲିସ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି। ସିସିଟିଭି ଯାଞ୍ଚ କରାଯିବାରୁ ମହିଳା ମେଡିସିନ୍ ୱାର୍ଡକୁ ଜଣେ ଯୁବତୀ ଏବଂ ଜଣେ ଯୁବକ ମୁହଁକୁ ସମ୍ପୂର୍ଣ୍ଣ ଘୋଡେଇ ହୋଇ ଆସିଥିବା ଏବଂ ଲାଟ୍ରିନ୍ ଭିତରୁ ବାହାରି ପଳାଇ ଯାଉଥିବା ଦେଖିବାକୁ ମିଳିଥିବା ଜଣାପଡିଛି। ଏହି ଦୁଇ ଯୁବତୀ ଏବଂ ଯୁବକ କିଏ ତାକୁ ନେଇ ପୋଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଯାଞ୍ଚ କରୁଛନ୍ତି। ଘଟଣା ସମ୍ପର୍କରେ ଜଣାପଡିବା ପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଟିମ୍ ହସ୍ପିଟାଲରେ ପହଞ୍ଚି ଉଦ୍ଧାର ଶିଶୁକନ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ଖବର ପାଇବା ପରେ ସିଡବ୍ଲ୍ୟୁସି ଏବଂ ଡିସିପିୟୁ ଟିମ୍ ହସ୍ପିଟାଲ ଯାଇ ତଦାରଖ କରିଛନ୍ତି ବୋଲି ସେ କହିଛନ୍ତି। ଏନେଇ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି, ସିସିଟିଭି ଯାଞ୍ଚ କରାଯାଉଛି। ସେଥିରୁ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

# ଚଳନ୍ତା ଟ୍ରେନରୁ ଯାତ୍ରୀଙ୍କୁ ଠେଲିଦେଲେ କିନ୍ନର

ବାଲେଶ୍ୱର, ୯।୯(ମାନସ ବିଶ୍ୱାଳ)

ଟ୍ରେନରେ ଯାତ୍ରୀଙ୍କୁ ଦୁର୍ବ୍ୟବହାର ସହ ଟଙ୍କା ନ ଦେବାରୁ ଚଳନ୍ତା ଟ୍ରେନରୁ ଠେଲି ଦେବା ଅଭିଯୋଗରେ ଜଣେ କିନ୍ନରଙ୍କୁ ବାଲେଶ୍ୱର ଜିଆରପି ଗିରଫ କରିଛି। ସେ ହେଲେ ଜଳେଶ୍ୱରର ସଲମା ବେଗମ(୨୦)।

ଶନିବାର ସକାଳେ ସାନ୍ତାରାଗାଛିରୁ ହାଇଦ୍ରାବାଦ ଯାଉଥିବା ଇଷ୍ଟକୋଷ୍ଟ ଟ୍ରେନରେ ହରିଚରଣ ମାଝି ନାମକ ଯାତ୍ରୀ ସାଙ୍ଗମାନଙ୍କ ହାଇଦ୍ରାବାଦ ଯାଉଥିଲେ। ଟ୍ରେନରେ କିନ୍ନର ସଲମା ତାଙ୍କୁ ପଇସା ମାଗିଥିଲେ। ହରିଚରଣ ଟଙ୍କା ନ ଦେବାରୁ ସଲମା ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ କଥା କଟାକଟି ହେବାରୁ କିନ୍ନରଜଣକ ଚଳନ୍ତା ଟ୍ରେନରୁ ହରିଚରଣଙ୍କୁ ରୂପସା ନିକଟରେ ଠେଲି ଦେଇଥିଲେ। ଫଳରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ଗୁରୁତର ରେଳଯାତ୍ରୀଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ବାଲେଶ୍ୱର ଜିଆରପି ଥାନାରେ ଏକ ମାମଲା(ନଂ. ୧୧୭/୨୩) ରୁଜୁ କରାଯାଇ ଅଭିଯୁକ୍ତ କିନ୍ନରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ସାପ କାମୁଡ଼ାରେ ଗଲା ମା’ ଝିଅଙ୍କ ଜୀବନ

## କେନ୍ଦୁଝରରେ ଥମୁନି ସର୍ପାଘାତଜନିତ ମୃତ୍ୟୁ

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଥମୁନି ସର୍ପାଘାତଜନିତ ମୃତ୍ୟୁ। ସରକାରୀ ସୂତ୍ର ଅନୁଯାୟୀ, ଜୁଲାଇ ସୁଦ୍ଧା ଜିଲାରେ ସାପ କାମୁଡ଼ାରେ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜୁଲାଇରୁ ଆଜି ପର୍ଯ୍ୟନ୍ତ ୧୦ରୁ ଉର୍ଦ୍ଧ୍ୱ ଜୀବନ ଗଲାଣି। ସଦର ଓ ଚମ୍ପୁଆ ଅଞ୍ଚଳରେ ୨ ଆବାସିକ ଛାତ୍ରାବାସରେ ସାପ କାମୁଡ଼ାରେ ୪ ଜଣଙ୍କ ମୃତ୍ୟୁ ଜିଲା ସମେତ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଶନିବାର ପୁଣି ବାଂଶପାଳ ବ୍ଲକ୍ ଅନ୍ତର୍ଗତ ମୁରୁସୁଆଁ ଗ୍ରାମର ରୁଗୁଡ଼ି ସାହିରେ ବିଷାକ୍ତ ସାପ କାମୁଡ଼ାରେ ମା’ ଝିଅଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ମା’ ସୁଖମନୀ ମୁଣ୍ଡା ଓ ତାଙ୍କ ୨ ବର୍ଷର ଶିଶୁକନ୍ୟା ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସୁରେନ ମୁଣ୍ଡାଙ୍କ ସ୍ତ୍ରୀ ସୁଖମନୀ ତାଙ୍କର ୩ ପୁଅ ଓ ୨ ଝିଅ ସହିତ ଶୁକ୍ରବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ସୁଖମନୀ ଓ ତାଙ୍କର ୨ ବର୍ଷର ଶିଶୁକନ୍ୟାକୁ କାମୁଡ଼ି ଦେଇଥିଲା। ଭୋର ସମୟରେ ମା’ ଶିଶୁ ଉଭୟ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନୟାକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ସ୍ତ୍ରୀ ଓ ଝିଅକୁ ହରାଇ  ବର୍ଷକର ଶିଶୁକନ୍ୟା ସମେତ ୪ ଶିଶୁଙ୍କୁ ଧରି ସୁରେନ କିପରି ପ୍ରତିପୋଷଣ କରିବେ ଚିନ୍ତାରେ ପଡ଼ିଛନ୍ତି। ଅତିରିକ୍ତ ଜିଲା ମେଡିକାଲ ଅଫିସର ଅସୀମ ଦେ କହିଛନ୍ତି, ଜିଲାରେ ସାପ କାମୁଡ଼ାରେ ଅନେକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଧିକାଂଶ ଗରିବ ଆଦିବାସୀ ଶ୍ରେଣୀର। ଡାକ୍ତରଖାନାରେ ଇଞ୍ଜେକ୍ସନ ମହଜୁଦ ଅଛି। ସାପ କାମୁଡ଼ିଥିବା ବିଳମ୍ବରେ ଜାଣି ମେଡ଼ିକାଲରେ ପହଞ୍ଚୁଥିବାରୁ ଚିକିତ୍ସାରେ ମଧ୍ୟ ବିଳମ୍ବ ହେଉଛି। ଫଳରେ ରୋଗୀ ଗୁରୁତର ହୋଇ ମୃତ୍ୟୁବରଣ କରୁଛନ୍ତି। ବିଶେଷକରି ମେ’ରୁ ଅକ୍ଟୋବର ମଧ୍ୟରେ ବିଭିନ୍ନ କାରଣରୁ ସାପ କାମୁଡ଼ା ଘଟଣା ଘଟିଥାଏ। ଏଣୁ ସତର୍କତା ଅଧିକ ଜରୁରୀ ବୋଲି ସେ କହିଛନ୍ତି।

# ସାପକାମୁଡ଼ା ମୃତ୍ୟୁ ପାଇଁ ୬ ଲକ୍ଷ ଟଙ୍କା ଅନୁକମ୍ପା ମିଳୁ

ଭୁବନେଶ୍ୱର,୯।୯(ଅସମାପିକା ସାହୁ)

ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଏପରିସ୍ଥିତିରେ ସାପ କାମୁଡ଼ାରେ ମୃତ୍ୟୁ ହେଲେ ମିଳୁଥିବା ଅନୁକମ୍ପା ରାଶିରେ ମଧ୍ୟ ଦ୍ୱନ୍ଦ୍ୱ ଦେଖାଦେଇଛି। ପୂର୍ବରୁ ବାଘ, ଭାଲୁ, ହାତୀ ଆଦି ବନ୍ୟପ୍ରାଣୀଙ୍କ ଦ୍ୱାରା ମୃତ୍ୟୁ ଘଟିଲେ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ମିଳୁଥିଲା। ଏହାକୁ ବନ ବିଭାଗ ଦେଉଥିଲବେଳେ ଏବେ ଏହା ୬ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ସାପ କାମୁଡ଼ା ମୃତ୍ୟୁରେ ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଉଥିବା ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶିରେ ବୃଦ୍ଧି ହେଉ ଓ ଏହାକୁ ବନ ବିଭାଗ ଦେଉ ବୋଲି ଦାବି ହେଉଛି।

ଗତ ମେ’ ୩ରେ ବନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଡ଼ିଶାରେ ବନ୍ୟ ପ୍ରାଣୀଙ୍କ ଦ୍ୱାରା କାହାର ମୃତ୍ୟୁ ଘଟିଲେ ୱାଇଲ୍ଡ ଲାଇଫ୍ (ପ୍ରୋଟେକ୍ସନ୍) (ଓଡ଼ିଶା) ରୁଲ୍ସ - ୧୯୭୪ ଅନୁଯାୟୀ ପରିବାର ବା ନିକଟତମ ସମ୍ପର୍କୀୟଙ୍କୁ ୬ ଲକ୍ଷ ଟଙ୍କା ମିଳୁଛି। ସେହିପରି ସ୍ଥାୟୀ ଅକର୍ମଣ୍ୟ ଅବସ୍ଥା ବା ସ୍ଥାୟୀ ଭାବେ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହେଲେ (୬୦% ରୁ ଅଧିକ ଅକର୍ମଣ୍ୟ) ୨.୫ଲକ୍ଷ ଟଙ୍କା ଏବଂ ୬୦% କମ୍ ହେଲେ ୧.୭୫ ଲକ୍ଷ ଟଙ୍କା ଅନୁକମ୍ପା ଅର୍ଥ ରାଶି ଦିଆଯାଉଛି। ଏଥିସହ ଅନ୍ୟାନ୍ୟ କ୍ଷତି ପାଇଁ ମଧ୍ୟ ଅନୁକମ୍ପା ରହିଛି। ତେବେ ଏହି ଆର୍ଥିକ ଅନୁକମ୍ପା ବନ୍ୟପ୍ରାଣୀଜନିତ ମୃତ୍ୟୁ ବା ଆହତ ପାଇଁ ମିଳୁଛି। କିନ୍ତୁ ବାଘ, ଭାଲୁ, ହାତୀ ପରି ସାପ ମଧ୍ୟ ସଂରକ୍ଷିତ ବନ୍ୟପ୍ରାଣୀ ହୋଇଥିବାରୁ ସାପ କାମୁଡ଼ାଜନିତ ଆର୍ଥିକ ଅନୁକମ୍ପା ମଧ୍ୟ ଆଇନତଃ ବନ ବିଭାଗ ଦେବା ଉଚିତ। ଅର୍ଥାତ୍ ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ଆଦି ବିଷଧର ସାପ କାମୁଡ଼ାରେ ଯଦି କେଉଁ ବ୍ୟକ୍ତିଙ୍କର ମୃତ୍ୟୁ ବା ସ୍ଥାୟୀ ଭାବରେ ଅକର୍ମଣ୍ୟ ହେଉଛନ୍ତି, ତେବେ ତାଙ୍କ ପରିବାର ସଦସ୍ୟ ବା ନିକଟତମ ସମ୍ପର୍କୀୟଙ୍କୁ ଆଇନ ଅନୁଯାୟୀ ମୃତ୍ୟୁ ପାଇଁ ୬ ଲକ୍ଷ ଟଙ୍କା ଏବଂ ଅକର୍ମଣ୍ୟ ଲାଗି ୨.୫ ଲକ୍ଷ ଟଙ୍କା ଦେବା ଉଚିତ। ଗତ ଏପ୍ରିଲ ୧ରୁ ସଂଶୋଧିତ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ - ୧୯୭୨ ଅନୁଯାୟୀ ନାଗ, ତମ୍ପ, ଚନ୍ଦନ ବୋଡ଼ା ଓ ଅହିରାଜ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ। ଅର୍ଥାତ୍ ବାଘ, ହାତୀ, ଭାଲୁ, ମୟୂର ସହିତ ସମାନ। ଚିତି, ରଣା, ଧୂଳିଆ ବୋଡ଼ା ଏହି ୩ସାପ ସିଡ୍ୟୁଲ-୨ ଅନ୍ତର୍ଭୁକ୍ତ ଅର୍ଥାତ୍ ହରିଣ, ଶୁଆ ଆଦିଙ୍କ ସହିତ ସମାନ। ସାପଙ୍କୁ ଧରିବା, ମାରିବା, ଆଦି ବେଆଇନ ବୋଲି ବନ୍ୟପ୍ରାଣୀ ଆଇନ କହୁଛି ଓ ବନ ବିଭାଗ ଏହାକୁ ପାଳନ କରୁଛି। ସାପମାନେ ସଂରକ୍ଷିତ ବନ୍ୟପ୍ରାଣୀ ହୋଇଥିବାରୁ ସାପ କାମୁଡ଼ାଜନିତ ମୃତ୍ୟୁ ପାଇଁ ଓଡ଼ିଶାର ଲୋକେ ଆଇନ୍ ଅନୁଯାୟୀ ୬ ଲକ୍ଷ ଟଙ୍କା ପାଇବାର ହକ୍‌ଦାର ବୋଲି ସ୍ନେକ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ଜଣେ ବନ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଗତ ମେ’ ୩ ପରଠାରୁ ଯେଉଁମାନେ ସାପ କାମୁଡ଼ାରେ ମରିଛନ୍ତି କିମ୍ବା ଅକର୍ମଣ୍ୟ ହୋଇଛନ୍ତି, ସେମାନେ ନିଜ ଅଞ୍ଚଳର ଡିଏଫ୍‌ଓଙ୍କୁ ଦରଖାସ୍ତ ଦିଅନ୍ତୁ। ଯଦି ଡିଏଫ୍‌ଓ ନ ମାନିବେ, ଜଣେ ଓକିଲଙ୍କ ଜରିଆରେ ଆବେଦନ କରନ୍ତୁ। ଆଇନ ଅନୁଯାୟୀ ବନ ବିଭାଗ ସାପ କାମୁଡ଼ା ପାଇଁ ୬ ଲକ୍ଷ ଟଙ୍କା ଓ ଅକର୍ମଣ୍ୟ ପାଇଁ ୨.୫ ଲକ୍ଷ ଟଙ୍କା ଦେବା ଲାଗି ବାଧ୍ୟ ବୋଲି ସେ କହିଛନ୍ତି।



ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି– ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ଇ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। –ଶ୍ରୀଅରବିନ୍ଦ



# ସ୍ୱତନ୍ତ୍ର ଅଧିବେଶନ କାହିଁକି



ଆକାର ପଟେଲ

ସେପ୍ଟେମ୍ବର ୯ରେ 'ପୁରୁଣା ସଂସଦ ଭବନକୁ ବିଦାୟ ଦେବା ପାଇଁ ଉଭୟ ଗୃହର ମିଳିତ ବୈଠକ ?' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ପ୍ରଶ୍ନ ଚିହ୍ନ ରହିବା ସ୍ୱାଭାବିକ, କାରଣ ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ କ'ଣ ତାହା ଖୁବ୍ କମ୍ ଲୋକ ଜାଣନ୍ତି। ରିପୋର୍ଟରେ ଲେଖାଥିଲା, ''ଏବକାର ସଂସଦ ଭବନକୁ ବିଦାୟ ଦେବା ପାଇଁ ସେପ୍ଟେମ୍ବର ୧୯ରେ ପ୍ରତିଷ୍ଠିତ ସେଣ୍ଟ୍ରାଲ ହଲ୍‌ରେ ଦୁଇ ଗୃହର ମିଳିତ ବୈଠକ ଡକାଯିବ କି ନାହିଁ ତାହା ଉପରେ ପାଞ୍ଚଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଅଧିକ କଳ୍ପନାଜଳ୍ପନା ପ୍ରକାଶ ପାଇଛି।'' ଗୋଟିଏ କୋଠାକୁ ବିଦାୟ ଦେବା ପାଇଁ କାହିଁକି ପାଞ୍ଚଦିନ ଦରକାର ? ଏକ ଗଣତନ୍ତ୍ରରେ ଆଇନ ଏବଂ ପରିବର୍ତ୍ତନକୁ ଖୋଲା ଏବଂ ସ୍ପଷ୍ଟ ଭାବେ ଆଲୋଚନା କରାଯିବା ଉଚିତ। ତେବେ ଏଭଳି ସ୍ଥିତିରେ କାହିଁକି ଅତ୍ୟଧିକ ଅନୁମାନର ସାମ୍ନାକୁ ଆସୁଛି ? କାରଣ ପ୍ରକାଶିତ ରିପୋର୍ଟଟି ପାଠକମାନଙ୍କୁ ଏ ସମ୍ପର୍କରେ କିଛି ସୂଚିତ କରିନାହିଁ। ୩୧ ଅଗଷ୍ଟରେ ପ୍ରଥମେ ଯେତେବେଳେ ଏହି ସ୍ୱତନ୍ତ୍ର ଅଧିବେଶନ ବିଷୟରେ ଘୋଷଣା କରାଗଲା ସେତେବେଳେ ତାହାକୁ ନେଇ ବିଭିନ୍ନ ଆକଳନ ଆରମ୍ଭ ହୋଇଗଲା। କୁହାଗଲା, ଅଗଷ୍ଟ ୧୧ରେ ଗୋଟିଏ ଅଧିବେଶନ ସରିଥିଲାବେଳେ ଏବଂ ଆଗକୁ ନଭେମ୍ବରରେ ଶୀତ ଅଧିବେଶନ ଆସୁଥିବାବେଳେ ପୁଣି କାହିଁକି ଏହା କରାଯାଉଛି। କେତେଜଣ କହିଲେ ଦେଶର ନାମ ଇଣ୍ଡିଆରୁ ଭାରତ କରିବାକୁ ଏହା କରାଗଲା। ଗଣମାଧ୍ୟମ ମଧ୍ୟ ୨ ଦିନ ଏଥିରେ ମାତିଲା। ମନ୍ତ୍ରୀମାନେ ଏହି ପଦକ୍ଷେପ ସପକ୍ଷରେ ଯୁକ୍ତି ବାଢ଼ିଲେ ଯେ, ଏଥିରେ କୌଣସି ଭୁଲ୍ ନାହିଁ। ଅନ୍ୟ ଏକ ଅନୁମାନ ଥିଲା ମହିଳା ସଂରକ୍ଷଣ ବିଲ୍ ପାସ୍ ଉପରେ। ଏହା ମୂଳତଃ ୨୦୦୮ରେ ରାଜ୍ୟ ସଭା ଦ୍ୱାରା ପାରିତ ହୋଇଥିଲା, କିନ୍ତୁ ପରେ ଏହା ଅଟକି ଯାଇଥିଲା। ଯଦି ଏହା ଦରକାର ହୁଏ ତେବେ ଏହି ଆଇନକୁ ସରକାର ପାସ୍ କରିପାରିବେ। କିନ୍ତୁ ଏହାର ସ୍ଥିତି ଏବେ କ'ଣ କେହି ଜାଣନ୍ତି ନାହିଁ। ଗଣମାଧ୍ୟମରେ ଆଉ ଅନୁମାନ ପ୍ରକାଶ ପାଇଥିଲା ଯେ, ସରକାର କୌଣସି କାରଣରୁ ଆଗୁଆ ନିର୍ବାଚନ ଚାହୁଁଛନ୍ତି। ବାଜପେୟୀ ସରକାର ୨୦୦୪ରେ ଯେମିତି କରିଥିଲେ ଏବର ସରକାର ସେମିତି ହୁଏତ କରିପାରନ୍ତି। ଏହି ସିଦ୍ଧାନ୍ତ ସପକ୍ଷରେ ଅଧିକ ସମର୍ଥକ ନାହାନ୍ତି, କିନ୍ତୁ କ'ଣ ହେବ କିଏ ଜାଣେ। ଶୀଘ୍ର ନିର୍ବାଚନ କରିବାରେ ବାଜପେୟୀଙ୍କ ଚାଲ୍ ସଫଳ ହୋଇପାରିଲା ନାହିଁ ଏବଂ ସରକାରର ପତନ ଘଟିଲା। ତେଣୁ ଏହି ଦିଗରେ ବିପଦର ସମ୍ଭାବନା ଅଛି, ସତର୍କତା ଅବଲମ୍ବନ ଜରୁରୀ।

'ଏକ ଦେଶ, ଏକ ନିର୍ବାଚନ'କୁ ନେଇ ସବୁଠୁ ଉତ୍ସୁକ ଅନୁମାନ ପ୍ରକାଶ ପାଇଲା। ଏହି ବ୍ୟବସ୍ଥାରେ ପ୍ରତି ୫ ବର୍ଷରେ ସବୁ ରାଜ୍ୟ କେନ୍ଦ୍ରରେ ଏକାବେଳକେ ନିର୍ବାଚନ ହେବ ଓ ନାଗରିକମାନେ ଏକ ସମୟରେ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଦେବେ। ତେବେ ଏହା ସହିତ କ'ଣ ପୌର ନିର୍ବାଚନ ସାମିଲ ହେବ ? ଏ ବିଷୟରେ ବି କେହି ଜାଣନ୍ତି ନାହିଁ। ଉପ ନିର୍ବାଚନ ସମ୍ପର୍କରେ କ'ଣ ହେବ ? ଏକ ସମୟରେ ଏକାଧିକ ନିର୍ବାଚନ ସକାଶେ ଇଭିଏମ୍‌ଗୁଡ଼ିକୁ କିଭଳି ସୁବ୍ୟବସ୍ଥିତ କରାଯିବ ? ଏ ବିଷୟରେ କେହି ଜଣେ ବି ଜାଣନ୍ତି ନାହିଁ। ତେବେ 'ଏକ ଦେଶ, ଏକ ନିର୍ବାଚନ' ବିଚାର ଉପରେ ସମୀକ୍ଷା କରିବାକୁ ପୂର୍ବତନ ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କିନ୍ତୁ ଏହି କମିଟି ବୈଠକ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଏହାର ନିଷ୍କର୍ଷକୁ ଠିକ୍ ସମୟରେ କେମିତି ଦେବ ତାହା ସ୍ପଷ୍ଟ କରାଯାଇନାହିଁ। ଗଣମାଧ୍ୟମରେ ଆଉ ଏକ କଥା ଅସିଥିଲା ଯେ ଏହି ଅଧିବେଶନ ଓବିସିଗୁଡ଼ିକର ଉପ–ବର୍ଗୀକରଣ ପାଇଁ ୨୦୧୭ରେ ଗଠିତ ଏକ କମିଶନର ସମୀକ୍ଷା କରିବ, ଯାହାଦ୍ୱାରା ସଂରକ୍ଷଣରେ ଅଧିକ ସମାନତା ଆସିପାରିବ। ସରକାରଙ୍କ ସଂସଦୀୟ ବ୍ୟବସ୍ଥା ସମ୍ମିଳିତ ଦାୟିତ୍ୱର ସହ ଏହାକୁ ନେଉଛି ଅର୍ଥାତ୍ ନିଷ୍ପତ୍ତି ମିଳିତ ଭାବେ କରାଯାଉଛି। କିନ୍ତୁ ଏଠାରେ କ୍ୟାବିନେଟ ଆମ ସମସ୍ତଙ୍କ ପରି ନିଷ୍ପତ୍ତି ବିଷୟରେ ଅନ୍ଧକାରରେ ଅଛି। ଏହା ଦର୍ଶାଇବା ଲାଗି ଅତୀତର ଦୁଇଟି ଉଦାହରଣ ଯଥେଷ୍ଟ। ପ୍ରଥମଟି ଥିଲା ୧୦ ନଭେମ୍ବର ୨୦୧୬ର 'ଆପଣମାନେ ଫୋନ ଆଣନ୍ତୁ ନାହିଁ: ମୋଦିଙ୍କ କ୍ୟାବିନେଟ ବୈଠକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ କେନ୍ଦ୍ର ମନ୍ତ୍ରୀମାନେ ଆମ ସମସ୍ତଙ୍କ ପରି ସେହି ଦିନ ହିଁ ବିମୁଦ୍ରୀକରଣ ବିଷୟରେ ଜାଣିଥିଲେ। ଅର୍ଥାତ୍ ଏହା ଉପରେ ଆଲୋଚନା କିମ୍ବା ବିତର୍କ କରାଯାଇ ନ ଥିଲା। ଅନ୍ୟ ଏକ ଉଦାହରଣ ହେଉଛି ୨୦୨୦ରେ ସରକାର ଦେଶବ୍ୟାପୀ ଲଗାଇଥିବା ଲକ୍‌ଡାଉନକୁ ନେଇ ୨୪୦ ରୁ ଅଧିକ ସୂଚନା ଅଧିକାର ପ୍ରଶ୍ନ ବିସିସିଆଇ ଦାଏର କରିବା। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ, ଅର୍ଥ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ବିଭାଗ ଲକ୍‌ଡାଉନ ବିଷୟରେ କ'ଣ ଜାଣିଛନ୍ତି ଏବଂ କିପରି ପ୍ରସ୍ତୁତ ଅଛନ୍ତି ବୋଲି ପ୍ରଶ୍ନ ପଚାରିଥିଲା। ସେମାନେ ଜାଣି ନ ଥିଲେ କିମ୍ବା ପ୍ରସ୍ତୁତ ହୋଇ ନ ଥିଲେ ବୋଲି ଉତ୍ତର ମିଳିଥିଲା।

ଏହି ପ୍ରକାର ସରକାରରେ ଗୁପ୍ତ ତଥ୍ୟ ଓ ପ୍ରମୁଖ ନିଷ୍ପତ୍ତି କ୍ୟାବିନେଟକୁ ଜଣାଯାଏ ନାହିଁ। ସେଭଳି ସ୍ଥିତି ଏବେ ବି ଜାରି ରହିଥିବା ଜଣାପଡୁଛି। ସେଥିପାଇଁ ଏହି ସ୍ୱତନ୍ତ୍ର ଅଧିବେଶନକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉକ୍ତ ଅଧିବେଶନରେ ମଧ୍ୟ କୌଣସି ପ୍ରଶ୍ନ କାଳ ରହିବ ନାହିଁ। ଏହା ଆଶା କରାଯାଉଛି ସତ, ହେଲେ ଏହାର ଆବଶ୍ୟକତା ନାହିଁ। କାରଣ ଲୋକ ସଭାରେ ପ୍ରଶ୍ନ ପଚରାଗଲେ ତାହାର ଉତ୍ତର ଦିଆଯାଉ ନାହିଁ। ତେଣୁ ପ୍ରଶ୍ନ କରିବାକୁ କାହିଁକି ଅଟକାଯାଉଛି, ଏହାର ଉଦ୍ଦେଶ୍ୟ କ'ଣ ? ଅଧିବେଶନରେ ଆଲୋଚନା କରିବାକୁ ଚାହୁଁଥିବା ବିଷୟଗୁଡ଼ିକର ଏକ ତାଲିକା ବିରୋଧୀ ପଠାଇଛନ୍ତି। ଏଥିରେ ମୁଦ୍ରାସ୍ଫୀତି, ଚାକିରି, କୃଷକମାନଙ୍କ ପାଇଁ ଏମ୍‌ଏସ୍‌ପି, ମଣିପୁରରେ ଚାଲିଥିବା ହିଂସା, ଆଦାନୀ ଦୁର୍ନୀତି, ଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଉତ୍ତେଜନା, ଲଦାଖ ଏବଂ ଅନ୍ୟାନ୍ୟ ସ୍ଥାନରେ ଚାଇନାର କାର୍ଯ୍ୟକଳାପ, ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା, ସଂଘୀୟବାଦ ଉପରେ ଚାପ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ। ଏଗୁଡ଼ିକ କାର୍ଯ୍ୟସୂଚୀରେ ନ ଥିବା ମନେହେଉଛି, ଯେଉଁଥିପାଇଁ ଆଲୋଚନା ହେବାର ସମ୍ଭାବନା ନାହିଁ। ସେଗୁଡ଼ିକ ଉପରେ ସରକାର ହିଁ ନିଷ୍ପତ୍ତି ଗ୍ରହଣ କରିବେ। କ'ଣ ଆଲୋଚନା ଏବଂ ପାସ ହେବା ଦରକାର, ସେ ବିଷୟରେ କ୍ୟାବିନେଟ କହିପାରୁ ନ ଥିବାବେଳେ ସେମାନେ ବିରୋଧୀଙ୍କ କଥା କାହିଁକି ଶୁଣିବେ ?

Email:aakar.patel@gmail.com

## su do ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | |
| 5 | | | | 1 | | 8 | 7 | 6 |
| | 7 | | 4 | | | 5 | 2 | |
| | 8 | 7 | | | | 3 | | |
| 1 | | | | 7 | | | | 8 |
| | | | | | | 2 | 9 | |
| | | | | 2 | | | | |
| 8 | 3 | | | | | 4 | | |
| 6 | | | | 3 | | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 2 | 7 | 1 | 8 | 5 |
| 3 | 1 | 2 | 9 | 5 | 8 | 6 | 7 | 4 |
| 7 | 5 | 8 | 6 | 4 | 1 | 3 | 2 | 9 |
| 5 | 4 | 9 | 8 | 1 | 2 | 7 | 6 | 3 |
| 1 | 2 | 7 | 4 | 3 | 6 | 9 | 5 | 8 |
| 8 | 3 | 6 | 7 | 9 | 5 | 2 | 4 | 1 |
| 6 | 7 | 1 | 5 | 8 | 9 | 4 | 3 | 2 |
| 2 | 8 | 3 | 1 | 6 | 4 | 5 | 9 | 7 |
| 4 | 9 | 5 | 2 | 7 | 3 | 8 | 1 | 6 |

ଗତ କାଲିର ଉତ୍ତର

# ସଚେତନତା ଲୋଡ଼ା



ଡା. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ୍ ପ୍ରତି ଦିନ ୩,୦୦୦ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରୁଛନ୍ତି, ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଭାରତ ବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଭାରତରେ ଆତ୍ମହତ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୧) ରିପୋର୍ଟ ଅନୁସାରେ, ଗତବର୍ଷ ୧ ଲକ୍ଷ ୬୪ ହଜାର ଲୋକ ଆତ୍ମହତ୍ୟା କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ୨୦୨୧ରେ ଆତ୍ମହତ୍ୟା ୭.୧% ବୃଦ୍ଧି ପାଇଛି। ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ପାରିବାରିକ କଳହ (୩୩.୨%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୁରାରୋଗ୍ୟ) (୧୮.୬%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୪%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା (୪.୬%), ଆର୍ଥିକ ସଙ୍କଟ (୪%), ବେରୋଜଗାରୀ (୨%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଆଦି।

ଆମ ଦେଶରେ ଯୁବବର୍ଗ (୧୮–୩୦ବର୍ଷ) ମଧ୍ୟରେ ଆତ୍ମହତ୍ୟା ସର୍ବାଧିକ (୩୪.୫%) ଦେଖାଦେଉଛି। ପାଖାପାଖି ୧୧ ହଜାର ୧୮ ବର୍ଷରୁ କମ୍ ପିଲା ଏବଂ କିଶୋର କିଶୋରୀମାନେ ୨୦୨୧ରେ ଆତ୍ମହତ୍ୟା କରିଛନ୍ତି। ୧୫ରୁ ୨୪ ବର୍ଷ ବୟସ ଭିତରେ ଯୁବବର୍ଗର ମୃତ୍ୟୁର ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବକ ଓ ଯୁବତୀମାନଙ୍କ ମଧ୍ୟରୁ ଭାରତୀୟ ଯୁବକ ଓ ଯୁବତୀମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥା'ନ୍ତି। ଯୁବବର୍ଗରେ ଆତ୍ମହତ୍ୟା ବୃଦ୍ଧି ପାଇବାର ପ୍ରମୁଖ କାରଣଗୁଡ଼ିକ ହେଲା ଅଭିଭାବକଙ୍କ ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖିବାର ଚାପ, ପ୍ରେମ ସମ୍ପର୍କରେ ଅସଫଳ, ଭଲ ଚାକିରି ନ ପାଇବା, ଚାକିରି କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଭାର ଆଦି।

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ୧୩,୦୮୯ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଏକ ସରକାରୀ ରିପୋର୍ଟ ଅନୁସାରେ, ଗତ ୫ ବର୍ଷ ମଧ୍ୟରେ ଉଚ୍ଚ ଶିକ୍ଷା ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବଢ଼ିଛି। ଏଥିମଧ୍ୟରୁ ୩୩ ଛାତ୍ରୀଛାତ୍ର ବିଭିନ୍ନ ଆଇଆଇଟି, ୬୧ ଜଣ ବିଭିନ୍ନ ଆଇଆଇଏମ୍ ଓ ଏନ୍‌ଆଇଟିରେ ଏବଂ ୧୧୯ ଡାକ୍ତରୀ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଗତ କିଛି ମାସ ହେବ ରାଜସ୍ଥାନର କୋଟା ସହର, ଯାହାକି ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ପାଇଁ ସାରା ଭାରତରେ ଜଣାଶୁଣା ; ସେଠାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ଏହି ବର୍ଷ ଏବେ ସୁଦ୍ଧା ପାଖାପାଖି ୨୪ ଜଣ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ନେଉଥିବା ବିଦ୍ୟାର୍ଥୀ ଆତ୍ମହତ୍ୟା କରି ସାରିଲେଣି, ଯାହାକି ସାରା ଦେଶକୁ ସ୍ତବ୍ଧ କରିଦେଇଛି।




ସାଧାରଣତଃ ପ୍ରବେଶିକା ପରୀକ୍ଷାର କିଛି ଦିନ ପୂର୍ବ ଓ କିଛି ଦିନ ପର ପର୍ଯ୍ୟନ୍ତ ସମୟ ମଧ୍ୟରେ ଏହି ଆତ୍ମହତ୍ୟା ଦେଖାଦେଇଥାଏ। କେବଳ ଯେ ପରୀକ୍ଷାର ଚାପ ଯୋଗୁ ପିଲାମାନେ ଆତ୍ମହତ୍ୟା କରୁଛନ୍ତି ତାହା ନୁହେଁ, ବରଂ ଏସବୁ ପାଇଁ ଆଉ କେତେକ କାରଣ ଦାୟୀ। ପିଲାମାନଙ୍କ ମଧ୍ୟରେ ଏବେ କ୍ୟାରିୟର ପ୍ରତିଯୋଗିତା ବହୁ ପରିମାଣରେ ବୃଦ୍ଧି ପାଇଛି। ନିଜ ପରିବାରଠାରୁ ଦୂରେଇ ରହି କୋଚିଂ ନେବାର ଚାପ ଯୋଗୁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ମାତ୍ରାଧିକ ସୋସିଆଲ ମେଡିଆର ବ୍ୟବହାର ଯୋଗୁ ଏକାଗ୍ରତା କମୁଛି। ଫଳରେ ସେମାନଙ୍କର ସ୍ମରଣ ଶକ୍ତି ହ୍ରାସ ପାଇବା ସହ ପାଠପଢ଼ାରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଛି। କିଛି ପିଲା ଏସବୁ ମାନସିକ ଦୁଶ୍ଚିନ୍ତା ଯୋଗୁ ହତୋତ୍ସାହିତ ହୋଇ ତାହାକୁ ମୁକାବିଲା କରିପାରୁନାହାନ୍ତି। ଯେହେତୁ ସେମାନେ ପରିବାରଠାରୁ ଦୂରେଇ ରହୁଛନ୍ତି, ତେଣୁ ନିଜ ମନର ଭାବନାକୁ ଅନ୍ୟ କାହାକୁ ଜଣାଇ ପାରୁନାହାନ୍ତି। ସେଥିମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।

ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛିନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଭଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶୀ ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍ ଭାବେ କରେ ନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବବିହ୍ୱଳ ହୋଇଯାଏ, କାନ୍ଦିପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ, ଇଣ୍ଟରନେଟ୍‌ରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ। ଯଦି ପରିବାରର କୌଣସି ଲୋକଠାରେ ଏସବୁ ଲକ୍ଷଣ ଆପଣ ଦେଖନ୍ତି, ତେବେ ଆପଣ ତୁରନ୍ତ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଏବଂ ଯେଉଁମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଛି, ସେମାନଙ୍କୁ ଉଚ୍ଚମାନର ମାନସିକ ଚିକିତ୍ସା ପ୍ରଦାନ କରିବା ଜରୁରୀ। ଏଥିପାଇଁ ମନସ୍ତାତ୍ତ୍ୱିକ ଚିକିତ୍ସା ବା କାଉନ୍‌ସେଲିଂ, ଦରକାର ପଡ଼ିଲେ କିଛି ଔଷଧ ମଧ୍ୟ ଦିଆଯାଇଥାଏ। ଯେଉଁ ରୋଗୀମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଅଧିକ ଦେଖାଦେଇଥାଏ କିମ୍ବା ସେମାନେ ଆତ୍ମହତ୍ୟା ଉଦ୍ୟମ କରିଥା'ନ୍ତି, ସେତେବେଳେ ଏହି ବ୍ୟକ୍ତିମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ଦରକାର ପଡ଼ିଥାଏ।

ଯଦି ପରିବାରର କୌଣସି ବ୍ୟକ୍ତିଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ତେବେ ତାଙ୍କର ସମ୍ପର୍କୀୟମାନେ ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତା' ମନରେ ଉତ୍ସାହ ବଢ଼ାଇଲା ଭଳି କଥାବାର୍ତ୍ତା କରନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ବ୍ୟକ୍ତିକୁ କେବେ ବି ଏକୁଟିଆ ଛାଡ଼ନ୍ତୁ ନାହିଁ। ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନକଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ।

ଯୁବତୀ ଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସକ୍ଷମତା ବଢ଼ାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଦରକାର। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପଖୁଆଇ ଚଳିବାର କୌଶଳ ଶିଖନ୍ତୁ। ଏହାସହ ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାକୁ ଯୋଜନାବଦ୍ଧ ଭାବରେ କରିବା ଉଚିତ। ଫଳରେ ପରୀକ୍ଷାରେ ଭଲ କରିପାରିବେ ଓ ପାଠପଢ଼ାର ମାନସିକ ଚାପ ମଧ୍ୟ କମି ପାରିବ।

ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ କରାଯାଇଥାଏ। ଏହି ଦିବସର ପ୍ରମୁଖ୍ୟ ଲକ୍ଷ୍ୟ ହେଲା– ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଆତ୍ମହତ୍ୟା ସହିତ ଗଭୀର ଭାବେ ଜଡ଼ିତ ମାନସିକ ସମସ୍ୟା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା। ଆତ୍ମହତ୍ୟାର କାରଣଗୁଡିକ କ'ଣ, ଆତ୍ମହତ୍ୟା ପ୍ରବଣତା ଦେଖାଦେଲେ କ'ଣ କରିବା ଉଚିତ, ଆତ୍ମହତ୍ୟାକୁ କିପରି ରୋକାଯାଇ ପାରିବ, ଏ ସମ୍ବନ୍ଧରେ ଲୋକମାନଙ୍କୁ ଜଣାଇବା ଏହି ଦିବସର ଲକ୍ଷ୍ୟ। ଏହାଛଡ଼ା ଆତ୍ମହତ୍ୟା ବିଷୟରେ ସମାଜରେ ପ୍ରଚଳିତ ନିନ୍ଦା, ଅପବାଦ ଓ କଳଙ୍କମାନଙ୍କୁ ଦୂର କରିବା। ଯଦି ଆମେ ସମସ୍ତେ ଆତ୍ମହତ୍ୟା ପ୍ରତି ସଚେତନ ରହିବା, ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ।

ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ: ୮୪୫୬୯୧୫୫୦୬

# ନଗର ରାଷ୍ଟ୍ର ମୁଖ୍ୟ

ବ୍ୟକ୍ତିତ୍ୱ



ଥର୍ମାନ ଶନ୍ମୁଗରାତ୍‌ନାମ

ଏସିଆ ମହାଦେଶର ଦ୍ୱୀପ ଦେଶ ତଥା ନଗର ରାଷ୍ଟ୍ର ଭାବେ ପରିଚିତ ସିଙ୍ଗାପୁର ବୈଷୟିକ ଦୃଷ୍ଟିରୁ ସମୃଦ୍ଧ ହୋଇଥିବାରୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଜନସଂଖ୍ୟା ୫୬ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୯ ପ୍ରତିଶତ ଭାରତୀୟ ବଂଶୋଦ୍ଭବଙ୍କ ଯୋଗଦାନ ଏହି ରାଷ୍ଟ୍ରର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ନିକଟରେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ ମୂଳବାସିନ୍ଦା ଥର୍ମାନ ଶନ୍ମୁଗରାତ୍‌ନାମ ସିଙ୍ଗାପୁରର ୯ମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଅନ୍ତର୍ଜାତୀୟ ରାଜନୀତିରେ ଭାରତର ନାମକୁ ଅଧିକ ଉଜ୍ଜ୍ୱଳ କରିଦେଇଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ପରେ ଥର୍ମାନ ଏଭଳି ସୁଯୋଗ ପାଇଛନ୍ତି। ଆସନ୍ତା ୧୩ ତାରିଖରେ ସେ ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ ଜୀବନଯାତ୍ରା ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଥର୍ମାନ ୨୫ ଫେବୃୟାରୀ ୧୯୫୭ରେ ତାମିଲ ପୂର୍ବପୁରୁଷଙ୍କ ଦାୟାଦ ଭାବେ ସିଙ୍ଗାପୁରରେ ଜନ୍ମଗ୍ରହଣ କରିଥିଲେ। ଏମିରଟସ୍ ପ୍ରଫେସର କେ. ଶନ୍ମୁଗରାତ୍‌ନାମଙ୍କ ସେ ତୃତୀୟ ପୁଅ। ପିତା ମେଡିକାଲ ସାଇଣ୍ଟିଷ୍ଟ ଭାବେ ଜଣାଶୁଣା ଓ ସିଙ୍ଗାପୁରରେ 'ଫାଦର ଅଫ୍ ପାଥୋଲୋଜି' ଆଖ୍ୟା ପାଇଥିଲେ। ସିଙ୍ଗାପୁର କ୍ୟାନସର ରେଜିଷ୍ଟ୍ରି ପ୍ରତିଷ୍ଠା କରିବାରେ ପିତାଙ୍କ ଭୂମିକା ଥିଲା ଅନନ୍ୟ। କର୍କଟ ରୋଗ ଗବେଷଣା ଓ ପାଥୋଲୋଜି ସମ୍ବନ୍ଧୀୟ ବହୁ ଅନ୍ତର୍ଜାତୀୟ ସଙ୍ଗଠନର ପିତା ନେତୃତ୍ୱ ନେଉଥିବାରୁ ପିଲାଟି ବେଳୁ ଥର୍ମାନ ଏକ ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ପରିବେଶରେ ବଢ଼ିବାର ସବୁ ସୁବିଧା ପାଇଥିଲେ। ସେ ଆଙ୍ଗ୍‌ଲୋ–ଚାଇନିଜ୍ ସ୍କୁଲରୁ ପଢ଼ା ଆରମ୍ଭ କରିଥିଲେ। ପରେ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ (ଏଲ୍‌ଏସ୍‌ଇ)ରୁ ଅର୍ଥନୀତିରେ ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୧ରେ ତାଙ୍କୁ ସେଠାରୁ ସମ୍ମାନଜନକ ଫେଲୋଶିପ୍ ମିଳିଥିଲା। ତେବେ ଏଲ୍‌ଏସ୍‌ଇରୁ ପଢ଼ା ଶେଷ କରିବା ପରେ ସେ ୟୁନିଭର୍ସିଟି ଅଫ୍ କ୍ୟାମ୍ବ୍ରିଜ୍‌ର ୱୁଲ୍‌ଫସନ କଲେଜରୁ ଅର୍ଥନୀତିରେ ମାଷ୍ଟର ଅଫ୍ ଫିଲୋସଫି କରିଥିଲେ। ଉଚ୍ଚଶିକ୍ଷା ପାଇଁ ସେ ପୁଣି ହାର୍ଭାର୍ଡ ୟୁନିଭର୍ସିଟିର ହାର୍ଭାର୍ଡ କେନେଡି ସ୍କୁଲ ଯାଇଥିଲେ। ସେଠାରୁ ମାଷ୍ଟର ଇନ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ (ଏମ୍‌ପିଏ) ଡିଗ୍ରୀ ଗ୍ରହଣ କରିଥିଲେ।

ଥର୍ମାନଙ୍କ କ୍ୟାରିୟରକୁ କ୍ରୀଡ଼ା ସମୃଦ୍ଧ କରିଥିଲା। ଯୁବାବସ୍ଥାରେ ସେ ଜଣେ ଉତ୍ତମ କ୍ରୀଡ଼ାବିତ୍ ଥିଲେ। ସେ କହନ୍ତି, ପିଲାମାନେ ଟିମ୍‌ର ମୂଲ୍ୟବୋଧ କ୍ରୀଡ଼ାରୁ ପାଇଥାଆନ୍ତି। ବାରମ୍ବାର ଅଭ୍ୟାସ କଲା ବେଳେ ଜଣେ ପଡ଼ିଉଠି ସଫଳତା ପାଇଥାଏ। ସେତିକି ଆତ୍ମବିଶ୍ୱାସ ନେଇ ଜୀବନରେ ଗତି କରୁଥିବା ବ୍ୟକ୍ତିଙ୍କ ଭିତରେ ନମ୍ର ମନୋଭାବ ନିଶ୍ଚିତ ନିହିତ ଥାଏ ବୋଲି ସେ କହିଥାଆନ୍ତି। ବାସ୍ତବିକ ଥର୍ମାନ କ୍ରୀଡ଼ା ଭିତରୁ ଯେଉଁ ଜୀବନାଦର୍ଶ ପାଇଥିଲେ, ତାହା ଅନ୍ୟମାନଙ୍କୁ ବାଣ୍ଟିବାରେ ଖୁସି ପାଇଥିବା କହିଥାଆନ୍ତି। ଜୀବନର ପ୍ରତି ମୁହୂର୍ତ୍ତରେ ଶିଖିବାର ଥାଏ ଭାବି ସେ ୨୦୦୨ରୁ ଚାଇନିଜ୍ କାଲିଗ୍ରାଫି (ସୁଲିପି)ରେ ମନୋନିବେଶ ମଧ୍ୟ କରିଆସିଛନ୍ତି।

କ୍ରୀଡ଼ାବିତ୍, ଅର୍ଥନୀତିଜ୍ଞଙ୍କର ଜୀବନ ଭିତରେ ଥର୍ମାନ ସେବା ମନୋବୃତ୍ତିକୁ ଜୀବନ୍ତ କରି ରଖିଥିବାରୁ ଏବେ ତାଙ୍କୁ ରାଷ୍ଟ୍ରର ସେବା କରିବା ଲାଗି ବିଧିବଦ୍ଧ ସ୍ୱୀକୃତି ମିଳିଯାଇଛି। ଜନକଲ୍ୟାଣ ଦିଗରେ ଅର୍ଥନୀତିକୁ କିଭଳି ପ୍ରୟୋଗ କରାଯାଇପାରିବ ତାହାର କଳା ତାଙ୍କୁ ଜଣାଥିଲା। ତାଙ୍କ ଗବେଷଣାତ୍ମକ କାର୍ଯ୍ୟ ବହୁ ମର୍ଯ୍ୟାଦାଜନକ ସଂସ୍ଥାକୁ ପ୍ରଭାବିତ କରିଥିଲା। ସେଥିପାଇଁ ସେ ମନିଟାରି ଅଥରିଟି ଅଫ୍ ସିଙ୍ଗାପୁରର ଅଧ୍ୟକ୍ଷ, ଗଭର୍ନମେଣ୍ଟ ଅଫ୍ ସିଙ୍ଗାପୁର ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନର ଉପାଧ୍ୟକ୍ଷଠାରୁ ଆରମ୍ଭ କରି ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ର ବୋର୍ଡ ଅଫ୍ ଟ୍ରଷ୍ଟିରେ ସଦସ୍ୟ, ଜାତିସଂଘ ମହାସଚିବଙ୍କ ଉଚ୍ଚସ୍ତରୀୟ ଉପଦେଷ୍ଟା ବୋର୍ଡର ସଦସ୍ୟ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଥର୍ମାନଙ୍କ ରାଜନୈତିକ କ୍ୟାରିୟର ୨୦୦୧ରୁ ୨୦୨୩ କାଳଖଣ୍ଡକୁ ଦେଖିଲେ ପ୍ରତିଟି ମୁହୂର୍ତ୍ତକୁ ସେ ପରୀକ୍ଷଣର ସମୟ ଧରିନେଇଥିଲେ। ସମ୍ଭବତଃ ରାଜନୈତିକ କ୍ୟାରିୟରର କମ୍ ବର୍ଷ ଭିତରେ ସେ ୨୦୧୧ରୁ ୨୦୧୯ ଯାଏ ଉପପ୍ରଧାନମନ୍ତ୍ରୀ ରହିଥିଲେ। ୨୦୧୯ରୁ ୨୦୨୩ କ୍ୟାବିନେଟ୍‌ର ସିନିୟର ମିନିଷ୍ଟର ହୋଇଥିଲେ। ଜୁନ୍ ୨୦୨୩ରେ ସେ ରାଷ୍ଟ୍ରପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରି ସରକାରୀ ତଥା ସିଙ୍ଗାପୁର୍‌ସ ଗଭର୍ନିଂ ପିପୁଲ୍ସ ଆକ୍ସନ ପାର୍ଟି (ପିଏପି)ର ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ପଦବୀ ଅଣରାଜନୈତିକ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିଲେ।

ସେପ୍ଟେମ୍ବର ୧ରେ ରାଷ୍ଟ୍ରପତି ନିର୍ବାଚନ ହେବା ପୂର୍ବରୁ ସେ କହିଥିଲେ 'ସିଙ୍ଗାପୁରବାସୀଙ୍କ ସେବା କରିବା ପାଇଁ ସେ ବିଭିନ୍ନ କ୍ଷେତ୍ରରେ ବହୁ ଦଶନ୍ଧି ଧରି ସୁଯୋଗ ପାଇଥିଲେ ଓ ତାହା ଫଳବତୀ ହେବାକୁ ଯାଉଛି।' ବାସ୍ତବରେ ତାହାହିଁ ହେଲା ଓ ୬୬ ବର୍ଷୀୟ ଅର୍ଥନୀତିଜ୍ଞ, କ୍ରୀଡ଼ାବିତ୍ ତଥା କବି ଭାବେ ପରିଚିତ ଥର୍ମାନ ଏବେ ଅନ୍ତର୍ଜାତୀୟ ସ୍ତରରେ ସିଙ୍ଗାପୁର ପତାକା ଉଚ୍ଚରେ ଉଡ଼ାଇବାକୁ ଯାଉଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଚାଇନିଜ୍–ଜାପାନିଜ୍ ମିଶ୍ରିତ ବଂଶଜ ଜାନେ ୟୁମିକୋ ଟୋଗି ହେଉଛନ୍ତି ତାଙ୍କ ଆଇନଜୀବୀ ପତ୍ନୀ। ଦମ୍ପତିଙ୍କର ଗୋଟିଏ ଝିଅ ଓ ତିନି ପୁଅ ଅଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉତ୍ତରପ୍ରଦେଶ ଲଖିମପୁର ଖେରୀର ଗୋନ୍ଧିୟା ଗ୍ରାମରେ ମଣିଷ ଏବଂ ମାଙ୍କଡ଼ଙ୍କ ମଧ୍ୟରେ ବନ୍ଧୁତ୍ୱର ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଜଣେ ଚାଷୀଙ୍କ ମୃତ୍ୟୁ ପରେ ମାଙ୍କଡ଼ଟି ଜଙ୍ଗଲରୁ ବାହାରି ଶେଷ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ତାଙ୍କ ଘରେ ପହଞ୍ଚିଥିଲା। ଗୋନ୍ଧିୟା ନିବାସୀ ଏହି ଚାଷୀଙ୍କ ନାମ ଚନ୍ଦନଲାଲ ବର୍ମା। ତାଙ୍କର ଦେହାନ୍ତ ହେବା ପରେ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ କାନ୍ଦୁଥିଲେ। ହଠାତ୍ ମାଙ୍କଡ଼ଟି ଆସି ମୃତ ଚନ୍ଦନଲାଲଙ୍କ ଉପରେ ପଡ଼ିଥିବା ଚାଦର କାଢ଼ି ତାଙ୍କ ମୁହଁକୁ ଭଲ ଭାବେ ଦେଖିଲା। ଏପରି କି ସେ ପରିବାରର ମହିଳାମାନଙ୍କ କୋଳରେ ମୁଣ୍ଡ ରଖି କାନ୍ଦିବା ସହ ସେମାନଙ୍କ ଉପରେ ହାତ ରଖି ସାନ୍ତ୍ୱନା ମଧ୍ୟ ଦେବା ଦେଖାଯାଇଥିଲା। ଚନ୍ଦନଲାଲ ଓ ମାଙ୍କଡ଼ ମଧ୍ୟରେ ସମ୍ପର୍କ ଗଢ଼ିଉଠିବାର ବାସ୍ତବତା ରହିଛି। ପ୍ରତିଦିନ ଚନ୍ଦନଲାଲ ଫସଲ ଜଗିବାକୁ ଯାଉଥିଲେ। ସେ ସାଙ୍ଗରେ ନେଇଯାଉଥିବା ରୁଟିରୁ ଗୋଟିଏ ମାଙ୍କଡ଼କୁ ଖାଇବାକୁ ଦେଉଥିଲେ। ସେଥିରୁ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଯାଇଥିଲା। ତେଣୁ ବନ୍ଧୁତ୍ୱର ଋଣ ଶୁଝିବାକୁ ମାଙ୍କଡ଼ଟି ଚାଷୀଙ୍କ ମୃତ୍ୟୁ ପରେ ତାଙ୍କ ଘରେ ପହଞ୍ଚିଥିଲା। ଯେତେବେଳେ ପରିବାର ଓ ଗ୍ରାମବାସୀ ଶେଷ ରୀତିନୀତି ପାଇଁ ଚନ୍ଦନଲାଲଙ୍କ ମୃତଦେହ ନେଇଥିଲେ, ମାଙ୍କଡ଼ ସେଠାରୁ ଜଙ୍ଗଲକୁ ପଳାଇ ଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୮

- ମହାରାଷ୍ଟ୍ରର ସମାଜମଙ୍ଗଳ ମନ୍ତ୍ରୀ ବାବନ ରାଓ ଘୋଲାପଙ୍କୁ ବଦନାମ କରିଥିବା ଅଭିଯୋଗରେ ରାଜ୍ୟର ବିଶିଷ୍ଟ ସମାଜସେବୀ ତଥା ଦୁର୍ନୀତି ନିରୋଧ ପ୍ରବକ୍ତା ଆନ୍ନା ହଜାରେଙ୍କୁ ୩ ମାସ ଜେଲ ଦଣ୍ଡାଦେଶ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ଅତିରିକ୍ତ ମହଙ୍ଗାଭତ୍ତା ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ଗୃହୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେଉ

ମହାଶୟ,

ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଗତ ପାଞ୍ଚବର୍ଷ ଧରି ବନ୍ଦ ରହିଛି। କରୋନା ସମୟରେ ଦୁଇ ତିନି ବର୍ଷ ଏହା ବନ୍ଦ ରହିବା ଯଥାର୍ଥ ଥିଲା। ମାତ୍ର ଏବେ ସ୍ୱାଭାବିକ ସ୍ଥିତିରେ ଏହା ବନ୍ଦ କରିବାର କୌଣସି ଯଥାର୍ଥତା ନାହିଁ। ସଂସଦୀୟ ଗଣତନ୍ତ୍ରରେ ଛାତ୍ର ସଂସଦ ନିର୍ବାଚନ ଅପରିହାର୍ଯ୍ୟ। ଏହି ବ୍ୟବସ୍ଥା ତୃଣମୂଳସ୍ତରରେ ସଫଳ ନେତୃତ୍ୱ ସୃଷ୍ଟିକରେ। ନେତୃତ୍ୱ ବିକାଶ ସହ ସାମାଜିକ ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱର ଏହା ମୂଳଭିତ୍ତି। ଏହା ବନ୍ଦ ହେଲେ ରାଜ୍ୟରେ ଭବିଷ୍ୟତରେ ନେତୃତ୍ୱ ସଙ୍କଟ ସୃଷ୍ଟି କରିବ। ସୁତରାଂ ଛାତ୍ର ସଂସଦ ନିର୍ବାଚନ ହେବା ନିହାତି ଆବଶ୍ୟକ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା।
(ଜୀବନର ସ୍ପର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨ ପରିବାର ମଧ୍ୟରେ ମାରପିଟ୍, ୬ କୋର୍ଟ ଚାଲାଣ

ଫୁଲନଖରା, (ସତ୍ୟରଞ୍ଜନ ଦାସମହାପାତ୍ର)/ ବାଲିଅନ୍ତା (ନୀଳମାଧବ ସାହୁ) ୯।୯

ପାହାଳ ଥାନା ଅନ୍ତର୍ଗତ କଞ୍ଚିଲୋ ଗ୍ରାମରେ ଦୁଇ ପରିବାର ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଓ ଆକ୍ରମଣ ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତ ଦାସ, ରଞ୍ଜନ ଦାସ, ଦିଲ୍ଲୀପ ଦାସ, ପ୍ରଶାନ୍ତ ଦାସ, ତପନ ଦାସ ଓ ସପ୍ନେଶ୍ୱର ଦାସ। ପୋଲିସ ସୂତ୍ରରୁ ପ୍ରକାଶ, ଜମିବାଡ଼ିକୁ କେନ୍ଦ୍ରକରି କିଛିଦିନ ଧରି ସପ୍ନେଶ୍ୱର ଦାସ ଓ ଭଜମନ ଦାସଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ସପ୍ନେଶ୍ୱର ଭଜମନଙ୍କ ଘର ନିକଟ ଦେଇ ବାଇକ୍‌ରେ ଯାଉଥିଲେ। ଗ୍ରାମ୍ୟ ରାସ୍ତାର ଏକ ହମ୍ପରେ ସପ୍ନେଶ୍ୱରଙ୍କ ଗାଡି ବାଜି ଯାଇଥିଲା। ଫଳରେ ସପ୍ନେଶ୍ୱର ଏକ ସାବଳରେ ଉକ୍ତ ହମ୍ପକୁ ଖୋଳିଥିଲେ। ଏହି ସମୟରେ ଭଜମନଙ୍କ ପରିବାର ଲୋକେ ତାଙ୍କୁ ହମ୍ପ ନ ଖୋଳିବା କହିଥିଲେ। ହେଲେ ସପ୍ନେଶ୍ୱର ସେମାନଙ୍କ କଥା ନ ଶୁଣି ହମ୍ପ ଖୋଳିବାରୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରି କି ଉଭୟ ପରିବାର ଲୋକେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପାହାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ଉଭୟ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା (ନଂ.୨୮୭,୨୮୮/୨୩) ରୁଜୁ କରିଥିଲା।

### ସୌମ୍ୟରଞ୍ଜନ କଂଗ୍ରେସକୁ ଫେରିଲେ ଅସୁବିଧା ନାହିଁ : ଶରତ

ପୁରୀ,୯।୯ (ଅଜିତ୍ ମହାନ୍ତି)

ଦଳ ଓ ସରକାରଙ୍କ ବିରୋଧରେ ମତଦେଉଥିବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡିର ଜଣଙ୍କ ପରେ ଜଣେ ସମାଲୋଚନା କରୁଛନ୍ତି। ଫଳରେ ସୌମ୍ୟରଞ୍ଜନ କଂଗ୍ରେସକୁ ପୁଣି ଫେରିବେ ବୋଲି ଚର୍ଚ୍ଚା ହେଉଛି। ସୌମ୍ୟରଞ୍ଜନ କଂଗ୍ରେସରେ ସାମିଲ ନେଇ କୌଣସି ଅସୁବିଧା ନାହିଁ ବୋଲି ପୁରୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କହିଛନ୍ତି। କଂଗ୍ରେସରେ ନେତା ଓ କର୍ମୀ ମିଶିବାକୁ ଚାହିଁଲେ ଏହାକୁ ସମୀକ୍ଷା କରାଯିବ। ୫-ଟି ସଚିବଙ୍କ କାର୍ଯ୍ୟଶୈଳୀ ଉପରେ ସୌମ୍ୟରଞ୍ଜନଙ୍କ ସମ୍ପାଦକୀୟ ସମ୍ପୂର୍ଣ୍ଣ ସତ୍ୟ। ଏହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ୫-ଟି ସଚିବ ୫ଶହ କୋଟି ଖର୍ଚ୍ଚ କରି ହେଲିକପ୍ଟର ବୁଲିବା ଦୁଃଖର ବିଷୟ ବୋଲି ସେ କହିଛନ୍ତି।

# ମାର୍କେଟ ବିଲ୍ଡିଂରେ ପୁଣି ସ୍ଥାୟୀ, ଅସ୍ଥାୟୀ ଦୋକାନୀ ମୁହାଁମୁହିଁ

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

କିଛିଦିନର ବ୍ୟବଧାନ ପରେ ପୁଣି ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରିବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶନିବାର ଅପରାହ୍ନରେ ୧୦ରୁ ଅଧିକ ଉଠାଦୋକାନୀ ମାର୍କେଟ ଭିତରେ ବ୍ୟବସାୟ କରିବାକୁ ଯାଇଥିବାବେଳେ ମାର୍କେଟ ଆସୋସିଏଶନ୍ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। କଥା କଟାକଟି ହେବା ସହ ହାତାହାତି ପରିସ୍ଥିତି ହୋଇଥିଲା। ଶେଷରେ ଦୁଇପକ୍ଷ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ କାହା ନାମରେ ମାମଲା ହୋଇ ନ ଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି।

ଘଟଣାନୁଯାୟୀ, ମାର୍କେଟ ବିଲ୍ଡିଂରେ ଉଠାଦୋକାନୀମାନେ ବ୍ୟବସାୟ କରି ପାରିବେ ନାହିଁ ବୋଲି ବିଏମ୍‌ସି ସ୍ପଷ୍ଟ କରିବା ପରେ କିଛିଦିନ ଧରି ସ୍ୱାଭାବିକ ଭାବେ ବ୍ୟବସାୟ ଚାଲିଥିଲା। ତେବେ ଏହାକୁ ନେଇ କିଛି ବ୍ୟବସାୟୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଏମ୍‌ସି ସେମାନଙ୍କୁ ଥଇଥାନ ନ କରିବା ଯାଏ ସେମାନେ ମାର୍କେଟରେ ବେପାର କରି ପାରିବେ ବୋଲି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ରହିଥିବା ବ୍ୟବସାୟୀ ସଂଘ ଦାବି କରିଛି। ତେଣୁ ଆସୋସିଏଶନ୍ ତାଙ୍କୁ ବାରଣ କରିପାରିବ ନାହିଁ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ ଉଠାଦୋକାନୀମାନେ ମିଛ କହୁଛନ୍ତି। ସେଭଳି କିଛି ଆଦେଶ ହାଇକୋର୍ଟ ଦେଇ ନ ଥିବା ଆସୋସିଏଶନ୍ ପକ୍ଷରୁ ଦାବି କରାଯାଉଛି। ଏହାକୁ ନେଇ ଦୁଇପକ୍ଷ ହାତାହାତି ହୋଇଥିଲେ। ଏପରିକି ଘଟଣା ସମୟରେ ଆସୋସିଏଶନ୍ ପକ୍ଷରୁ ନିଯୁକ୍ତ ହୋଇଥିବା ସିକ୍ୟୁରିଟି ଗାର୍ଡ ଏହାର ରେକର୍ଡିଂ କରୁଥିବାବେଳେ ଉଠାଦୋକାନୀ ତାହାକୁ ଛଡାଇବା ସହ ତାଙ୍କ ଡ୍ରେସ୍ ଚିରିଥିବା ମଧ୍ୟ ଅଭିଯୋଗ ହୋଇଛି। ଘଟଣାନେଇ କ୍ୟାପିଟାଲ ଥାନା ଅଧିକାରୀ କହିଛନ୍ତି, ଦୁଇପକ୍ଷ ସେମାନଙ୍କ ସପକ୍ଷରେ ଅର୍ଡର ଦେଖାଉଛନ୍ତି। ତେଣୁ କେଉଁଟା ସତ ତାହା ଦେଖିବାକୁ ପଡିବ। ପୁଣି ସ୍ଥାୟୀ, ଅସ୍ଥାୟୀ ଦୋକାନୀ ଏବଂ ବିଏମ୍‌ସି ଏହି ୩ପକ୍ଷ ମୁହାଁମୁହିଁ ହେଉ ନ ଥିବାରୁ ସମସ୍ୟାର ସମାଧାନ ବାହାରି ପାରୁନାହିଁ। ସେହିପରି ନିୟମ ନ ଥିବାରୁ ମାର୍କେଟରେ କୌଣସି ଉଠାଦୋକାନୀ ବସି ପାରିବେ ନାହିଁ ବୋଲି ଆସୋସିଏଶନ୍ ଜିଦ୍ ଧରି ବସିଛି।

# ଯୁବତୀଙ୍କ ନାଁରେ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ୩୪ ଲକ୍ଷ ଠକେଇ, ଯୁବ ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୯।୯ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ବିଭିନ୍ନ ଆଳରେ ଯୁବକଙ୍କୁ ୩୪ ଲକ୍ଷ ଠକି ନେଇଛନ୍ତି ଜଣେ ଯୁବ ଇଞ୍ଜିନିୟର। ଏନେଇ ଅଭିଯୋଗ ହେବାପରେ ସାଇବର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ଶ୍ରୀଧର ମହାରଣା। ତାଙ୍କଠାରୁ ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଡେବିଟ୍ କାର୍ଡ, ଆଇଡି କାର୍ଡ, ବ୍ୟାଙ୍କ ଖାତା ଆଦି ଜବତ କରାଯାଇଛି। ପଚରାଉଚରା ପରେ ଅଭିଯୁକ୍ତ ଶ୍ରୀଧରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଙ୍କିତ ଗୁପ୍ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ଶ୍ରୀଧର ଜଣେ ଯୁବତୀଙ୍କ ନାମରେ ଏକ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ସହ ପ୍ରୋଫାଇଲ ତିଆରି କରିଥିଲେ। ସେଥିରେ ଜଣେ ସୁନ୍ଦରୀ ଯୁବତୀଙ୍କ ଫଟୋ ଦେବା ସହ ତାଙ୍କ ବାୟୋରେ ନିଜକୁ ଗୋଟିଏ ଘରୋଇ ମେଡିକାଲ କଲେଜର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ରୀ ବୋଲି ଉଲ୍ଲେଖ କରିଥିଲେ।



ଶ୍ରୀଧର ମହାରଣା

ଏଥିସହ ବିଭିନ୍ନ ଯୁବକଙ୍କ ପାଖକୁ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ପଠାଇ ଫସାଉଥିଲେ। ତେବେ ଠକେଇର ଶିକାର ହୋଇଥିବା ଅଙ୍କିତ ଗୁପ୍ତା ଉକ୍ତ ଫ୍ରେଣ୍ଡ୍ ରେକ୍ୟୁଏଷ୍ଟକୁ ଗ୍ରହଣ କରିବା ପରେ ଅଭିଯୁକ୍ତ ଶ୍ରୀଧର ଯୁବତୀଙ୍କ ନାମରେ ମେସେଞ୍ଜରରେ ଚାଟିଂ କରି ଫୋନ୍ ନମ୍ବର ବିନିମୟ କରିଥିଲେ। ପରେ ସେମାନେ ହ୍ୱାଟ୍ସଆପ୍ ଓ ବିଭିନ୍ନ ମୋବାଇଲ ନମ୍ବରରେ ପରସ୍ପର ସହ ଚାଟିଂ ଆରମ୍ଭ କରିଥିଲେ। ଯୁବତୀଙ୍କ ନାମରେ ସମ୍ପର୍କ ବଢ଼ାଇବା ପରେ ଅଭିଯୁକ୍ତ ଶ୍ରୀଧର ନାନା ବାହାନା କରି ଅଙ୍କିତଙ୍କଠାରୁ ୩୪ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଠକି ନେଇଥିଲେ।

# ଚାଷୀ ସମାବେଶରେ ସରକାରଙ୍କ ଉପରେ ବର୍ଷିଲେ ପ୍ରଶାନ୍ତ ଭୂଷଣ




ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ ଚାଷୀ ସମାବେଶରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ବିଶିଷ୍ଟ ଜନନେତ୍ରୀ ମେଧା ପାଟେକର ଓ ଅନ୍ୟମାନେ।

ପୁରୀ,୯।୯(ଅଜିତ୍ ମହାନ୍ତି)

୨୦୦୬ରେ ବେଦାନ୍ତ କମ୍ପାନୀ ବିଶ୍ୱବିଦ୍ୟାଳୟ କରିବ କହି ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ବାଇଶମୌଜା ଅଞ୍ଚଳରୁ ଚାଷୀ ଓ ଶ୍ରୀଜଗନ୍ନାଥଙ୍କ ହଜାର ହଜାର ଏକର ଚାଷଜମି ସହ ଦୁଇ ନଦୀକୁ ଶାଗମାଛ ଦରରେ ବେଆଇନ ଅଧିଗ୍ରହଣ କରିଥିଲା। ୨୦୧୦ରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଏହା ବିରୋଧରେ ଲୋକପାଳଙ୍କ ଦ୍ୱାରସ୍ଥ ହେବା ସହ ସଂଗ୍ରାମ ଆରମ୍ଭ କରିଥିଲା। ଏପରି କି ସମିତି ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ ସରକାରଙ୍କ ବେଆଇନ ଜମି ଅଧିଗ୍ରହଣ ଏବଂ ବେଦାନ୍ତ କମ୍ପାନୀ ବିରୋଧରେ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ସମିତି ପକ୍ଷରୁ ଶନିବାର ବେଳଦଳସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳିଠାରେ ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ ଚାଷୀ ସମାବେଶ

### ମହାପ୍ରଭୁଙ୍କ ବିଜୟ ହୋଇଛି

ଅନୁଷ୍ଠିତ ହୋଇଥିଲା। ସମାବେଶରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମୁଖ୍ୟ ଅତିଥି ଓ ବରିଷ୍ଠ ଜନନେତ୍ରୀ ମେଧା ପାଟେକର ସମ୍ମାନିତ ଅତିଥିଭାବେ ଭାବରେ ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରଶାନ୍ତ ଭୂଷଣ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାର କିପରି ମିଳିମିଶି କେତେକ ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତିଙ୍କ ହାତରେ ସାଧାରଣଙ୍କ ଲୋକଙ୍କୁ ଦମନ କରିବା ପାଇଁ ପ୍ରସ୍ତୁତ ରହୁଛନ୍ତି ତାହାର ବଡ଼ ଉଦାହରଣ ହେଉଛି ବେଦାନ୍ତ। ଅନୀଲ ଅଗ୍ରୱାଲଙ୍କ ଏହି କମ୍ପାନୀ କେବେ ପ୍ରାଇମେରୀ ସ୍କୁଲ କରି ନ ଥିବାବେଳେ ବିଶ୍ୱବିଦ୍ୟାଳୟ ପାଇଁ ୮ ହଜାର ଏକାର ଜମି ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ। ସରକାର ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି, ଯାହା ଦୁର୍ଭାଗ୍ୟଜନକ। ଏଥିପାଇଁ ଜନ ସାଧାରଣଙ୍କୁ ଲଢ଼ିବାକୁ ହେବ। ସୁପ୍ରିମ କୋର୍ଟ ତାଙ୍କର ରାୟ ଦେବା ପରେ ରାଜ୍ୟ ସରକାର ନୈତିକତା ଦୃଷ୍ଟିରୁ ଲୋକମାନଙ୍କୁ ସେମାନଙ୍କ ଜମି ଫେରାଇବା ଉଚିତ। ଯଦି ସରକାର ଲୋକମାନଙ୍କୁ ଜମି ନ ଫେରାନ୍ତି ତେବେ ଏନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ଭୂଷଣ କହିଛନ୍ତି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଓ ଚାଷୀଙ୍କ ଜମି ରକ୍ଷା ପାଇଛି। ସରକାର ପ୍ରତି ଏକର ପିଛା ଚାଷୀଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ଜମି ଫେରସ୍ତ କରନ୍ତୁ ବୋଲି ରଥ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥଙ୍କ ସହ ଅନେକ ବରିଷ୍ଠ ନେତୃବୃନ୍ଦ ଓ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ରାଜେଶ ରଥ ପ୍ରମୁଖ ପରିଚାଳନା କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବ୍ରହ୍ମଗିରି,୯।୯ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଶିଶୁପାରୀ ନୂଆପଡ଼ା ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଳିଆ ବିଶ୍ୱାଳ(୨୫)। କାଳିଆ ଘର ଭିତରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରି ଥିଲେ।

### ଭୀମଟାଙ୍ଗୀରେ ଶ୍ରୀମଦ୍ ଭାଗବତ ସପ୍ତାହ ପାଳିତ

ପୁରୁଣା ଭୁବନେଶ୍ୱର,୯।୯ (ସୁବାସଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀସ୍ଥିତ ଫେଜ୍-୨ ଭାଗବତ ପାରାୟଣ ସପ୍ତାହ ଗତ ୪ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରଠାରେ ୨୫ତମ ଭାଗବତ ପାରାୟଣ ସପ୍ତାହ ମହାଯଜ୍ଞ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ଦିବସରେ ଡ. ଆଶୁତୋଷ ମିଶ୍ର, ସନ୍ଥବାବା ସତ୍ୟାନନ୍ଦ ଦାସ ମହାରାଜା, ଡ. କୃଷ୍ଣ କେଶବ ଷଡ଼ଙ୍ଗୀ, ବରିଷ୍ଠ ପ୍ରବଚକମାନେ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ପ୍ରମୋଦ ଖୁଣ୍ଟିଆ କର୍ତ୍ତା ଏବଂ ରେଣୁବାଳା ଖୁଣ୍ଟିଆ କର୍ତ୍ତ୍ରୀ ଭାବେ କାର୍ଯ୍ୟ ସମାପନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରସେନ ବିଶୋଇ, ରବିନାରାୟଣ ଦାସ, କୃଷ୍ଣଚନ୍ଦ୍ର ସେଠୀ, ହରିହର ପଟ୍ଟନାୟକ, ପଦ୍ମନାଭ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମେୟର, କମିଶନରଙ୍କ ନାମରେ ଏତଲା



ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ମେୟର ଓ କମିଶନଙ୍କ ନାମରେ

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

### ନକଲି ଭୂମିପଟ୍ଟା ବଣ୍ଟନ ଅଭିଯୋଗ ଆଣିଲା ଭାଜପା

ରାଜଧାନୀରେ ବସ୍ତିବାସିନ୍ଦାଙ୍କୁ ନକଲି ପଟ୍ଟା ବଣ୍ଟନ କରିଥିବାରୁ ବିଏମ୍‌ସି ମେୟର, କମିଶନର ଓ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ପକ୍ଷରୁ କ୍ୟାପିଟାଲ ଥାନାରେ ମାମଲା ଦାଏର କରାଯାଇଛି। ଶନିବାର ରାଜମହଲ ଛକ ନିକଟରୁ କର୍ମୀମାନେ ପଦଯାତ୍ରାରେ ଯାଇ ଥାନାରେ ପହଞ୍ଚିଥିଲେ। ସହରାଞ୍ଚଳ ଗରିବ ବସ୍ତିବାସିନ୍ଦାଙ୍କ ସହ ରାଜନୀତି ନ କରି ସରକାର ସମସ୍ତଙ୍କୁ ଅସଲି ପଟ୍ଟା ଦେବାକୁ ଦାବି କରାଯାଇଥିଲା। ନବେ ଦଶକରେ ସହାରାଞ୍ଚଳରେ ବସ୍ତି ବାସିନ୍ଦାଙ୍କୁ ଯେଉଁ ପଟ୍ଟା ମିଳିଛି ସେଥିରେ ସ୍ପଷ୍ଟ ଭାବରେ ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ଅନୁସାରେ ମିଳିଥିବା ପଟ୍ଟା ବୋଲି ଲେଖାହୋଇଛି। ମାତ୍ର ଏବେ ରାଜ୍ୟ ସରକାର ଯେଉଁ କାଗଜ ଧରାଉଛନ୍ତି ସେଥିରେ କେଉଁଠି ବି ପଟ୍ଟା ଶବ୍ଦ ଲେଖାନାହିଁ। ଏପରିକି ରାଜ୍ୟ ସରକାରଙ୍କ ସମବାୟ ବ୍ୟାଙ୍କ ଏହି କାଗଜକୁ ସ୍ୱୀକାର କରୁନାହାନ୍ତି। ଅନ୍ୟପଟେ ସରକାରଙ୍କ ଏହି କାଗଜ ପାଇଲା ପରେ ମଧ୍ୟ ବିଏମ୍‌ସି ଲୋକଙ୍କ ଘର ଭାଙ୍ଗୁଛି। ତେଣୁ ରାଜ୍ୟ ସରକାର ଓ ବିଏମ୍‌ସି ବସ୍ତି ବାସିନ୍ଦାଙ୍କ ସହିତ ଛଳନା କରୁଥିବା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ୨୦୧୩ରେ ପୌର ନିର୍ବାଚନ ଏବଂ ୨୦୧୪ର ସାଧାରଣ ନିର୍ବାଚନ ପୂର୍ବରୁ ବସ୍ତି ବାସିନ୍ଦାଙ୍କ ଭୋଟ ହାତେଇବା ପାଇଁ ରାଜ୍ୟ ସରକାର ଓଡିଶା ପ୍ରପର୍ଟି ରାଇଟ୍ସ ଟୁ ସ୍ଲମ୍ ଡ୍ୱେଲର ଏଣ୍ଡ ପ୍ରିଭେନସନ ଅଫ୍ ନ୍ୟୁ ସ୍ଲମ୍ ବିଲ ଆଣିଥିଲେ। ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ଜମିପଟ୍ଟା ଓ ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨୦୧୨ରୁ ୨୦୧୭ ମଧ୍ୟରେ ସହରାଞ୍ଚଳର କେଉଁ ଗୋଟିଏ ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟା ମିଳି ନ ଥିଲା। ୨୦୧୭ରେ ଆଉଥରେ ସେହି ବିଲ୍‌ର ଏକ ଅଧ୍ୟାଦେଶ ଆଣି ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ଜମି ପଟ୍ଟା ଓ ଘର ଯୋଗାଇ ଦେବାକୁ କୁହାଗଲା। ମାତ୍ର ତାହା ବି ପାଣିର ଗାର ପାଲଟିଲା। ୨୦୨୨ରେ ଆଉ ଏକ ସଂଶୋଧିତ ଆଇନ ଆଣିଥିଲେ। ରାଜ୍ୟ ସରକାର କେବଳ ଆଇନ ଆଣୁଥିବାବେଳେ ବସ୍ତି ବାସିନ୍ଦାଙ୍କୁ ଦୁଃଖ ଯାଉନି। ଏବେ ସେହି ପୁରୁଣା ନାଟକର ପୁନରାବୃତ୍ତି କରାଯାଉଥିବା ସିଂ କହିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦିଲ୍ଲୀପ ବେହେରା, ଭାଜପା କର୍ପୋରେଟର ସୁଜାତା ଛୋଟରାୟ, ଯଶୋଧାରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜି୨୦ ସମ୍ମିଳନୀକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ବିରୋଧ

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

ଭାରତ ଅଧ୍ୟକ୍ଷତାରେ ଜି-୨୦ ରାଷ୍ଟ୍ରନେତାଙ୍କ ଅଷ୍ଟାଦଶ ସମ୍ମିଳନୀ ଶନିବାର ଓ ରବିବାର ଦୁଇଦିନ ଧରି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି। ପ୍ରଥମଥର ପାଇଁ ଭାରତ ଆୟୋଜନ କରୁଥିବା ଏହି ସମ୍ମିଳନୀ ମାନବକେନ୍ଦ୍ରିକ ବିକାଶ ଦିଗରେ ବିଶ୍ୱକୁ ନୂଆ ପଥ ପ୍ରଦର୍ଶନ କରିବ ବୋଲି କୁହାଯାଉଛି। ମାତ୍ର ସମ୍ମିଳନୀରେ ଗରିବ, ଆଦିବାସୀ, ଅସହାୟ, ଚାଷୀ, ଉଠାଦୋକାନୀ, ବସ୍ତିବାସିନ୍ଦା ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ଅଧିକାର ଉପରେ କୌଣସି ଆଲୋଚନା କରାଯାଉ ନାହିଁ।




ଫଳରେ ଏହି ଶ୍ରେଣୀର ଲୋକେ ଗରିବରୁ ଅଧିକ ଗରିବ ହେବେ ଏବଂ ଦେଶରେ ଆର୍ଥିକ ଅନଟନ ଦେଖାଦେବ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଏହି ସମ୍ମିଳନୀକୁ ବିରୋଧ କରି ଶନିବାର ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ମାର୍କେଟ ବିଲ୍ଡିଂ ସମ୍ମୁଖ ରାସ୍ତାରେ ପ୍ରତିବାଦ କରାଯାଇଥିଲା।

ନୂଆଦିଲ୍ଲୀରେ ଚାଲିଥିବା ଜି-୨୦ ସମ୍ମିଳନୀ ପାଇଁ ୨୦ହଜାରରୁ ଅଧିକ ଉଠାଦୋକାନୀ, ୧ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯିବା ସହ ଅଟୋ, ଟାକ୍ସିଚାଳକ ଓ ଶ୍ରମିକ ଶ୍ରେଣୀର ଲୋକଙ୍କୁ ବାରଣ, ମେଟ୍ରୋ ଟ୍ରେନ ସମେତ ଦିଲ୍ଲୀକୁ ସଂଯୋଗ କରୁଥିବା ପ୍ରାୟ ୨୦୦ ଟ୍ରେନ ଚଳାଚଳ ବାତିଲ କରାଯାଇଛି। ଏହା ଭାରତ ଭଳି ଏକ ଗଣତନ୍ତ୍ର ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ନ୍ୟାଶନାଲ ହକର୍ସ ଫେଡ଼େରେଶନ, ଏପିଏମ୍‌ଡିଡିର ମିଳିତ ଉଦ୍ୟମରେ ରାଷ୍ଟ୍ରୀୟ ମହାସଚିବ ଶକ୍ତିମାନ ଘୋଷଙ୍କ ନେତୃତ୍ୱରେ ଭାରତବର୍ଷରେ ୩୦୦ରୁ ଅଧିକ ସ୍ଥାନରେ ଜି୨୦ ସମ୍ମିଳନୀକୁ ବିରୋଧ କରାଯାଇଥିବା ବେଳେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଏହାକୁ ତୀବ୍ର ବିରୋଧ କରାଯାଇଛି। ଏଥିରେ ବସ୍ତିବାସିନ୍ଦା, ଶ୍ରମିକ, ଅଟୋ ଓ ରିକ୍ସା ଚାଳକ, ସାମାଜିକ କର୍ମୀ ଯୋଗଦେଇ ଥିଲେ।

# ରାଜଧାନୀ କଲେଜରେ 'ଦୀକ୍ଷାରମ୍ଭ' ଉତ୍ସବ

ଭୁବନେଶ୍ୱର,୯।୯ (ଅନୁରାଧା ମହାରଣା)

ରାଜଧାନୀ ସରକାରୀ ମହାବିଦ୍ୟାଳୟର ଏମ୍‌ବିଏ-ଏଗ୍ରି-ବିଜ୍‌ନେସ୍ ଏବଂ ପିଏମ୍‌ଆଇଆର୍ ସ୍ନାତକ ପାଠ୍ୟକ୍ରମର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରାରମ୍ଭିକ ଶିକ୍ଷାଦାନ 'ଦୀକ୍ଷାରମ୍ଭ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସଂଘମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଦୁଇଦିନ ଧରି ଚାଲିଥିବା ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଆଇସିଏଆର୍-ସିଆଇଏଫ୍‌ଏର ପ୍ରମୁଖ ବୈଜ୍ଞାନିକ ନାଗେଶ କୁମାର ବାରିକ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସାମଲ ଓ ପ୍ରଫେସର ଅୟସକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ ସହ ଉଦ୍ୟୋଗ ଦୁନିଆ ସହ ସମନ୍ୱୟ ରକ୍ଷା କଲେ ଏକ ପୂର୍ଣ୍ଣାଙ୍ଗ ଭବିଷ୍ୟତ ଗଠନ କରିପାରିବେ ବୋଲି ଅତିଥିମାନେ ମତ




ପ୍ରକାଶ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶଦାସ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡ. ସରୋଜ କୁମାର କାଶ୍ୟପ, ସୁଜାତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜୀବନରେ ସଫଳତା ପାଇବାକୁ ହେଲେ ସ୍ୱପ୍ନ, ସଂକଳ୍ପ ଓ ସାହାସକୁ ପ୍ରାଥମିକତା ଦେଇ ଶିକ୍ଷା ଅର୍ଜନ କଲେ ଜାତି ତଥା ଦେଶ ପାଇଁ ଏକ ସଫଳ ବ୍ୟକ୍ତିତ୍ୱ ହୋଇପାରିବେ ବୋଲି ମତ ରଖିଥିଲେ। ପ୍ରଫେସର ସରୋଜ ଚୌଧୁରୀ, କୃଷ୍ଣଚନ୍ଦ୍ର ମିଶ୍ର, ଆରତି ଶତପଥୀ, ସିପୁଲ ସ୍ୱାଇଁ, ଶାଶ୍ୱତୀ ସୁଚିତି ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍‌ଇଏକ୍ସ ଅଧ୍ୟକ୍ଷା ପ୍ରୀତି ପ୍ରିୟଦର୍ଶିନୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣା ସ୍ଥଳରେ ପ୍ରାଥମିକ ଚିକିତ୍ସା ୫୦% ମୃତ୍ୟୁକୁ ରୋକିପାରିବ

ଭୁବନେଶ୍ୱର, ୯।୯(ଅସମାପିକା ସାହୁ)

ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ (ଏଜି) ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଦୁର୍ବିପାକ ପ୍ରାକ୍ ପ୍ରସ୍ତୁତି ଓ ବିପଦ ପ୍ରଶମନ(ଡିପିଆର୍‌ଏମ୍) ସହଯୋଗରେ 'ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଦୁର୍ଘଟଣାସ୍ଥଳରେ କିପରି ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଶନିବାର ଲକ୍ଷ୍ମୀସାଗରସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କ ପୌରହିତରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଡିପିଆର୍‌ଏମ୍‌ର କାର୍ଯ୍ୟନିର୍ବାହୀ ସଦସ୍ୟ ଏସ୍.କେ. ଦସ୍ତିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ



ଦୁର୍ଘଟଣା ପରବର୍ତ୍ତୀ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ନେଉଛନ୍ତି।

ଦୁର୍ଘଟଣା, ବିପର୍ଯ୍ୟୟ ଓ ବଜ୍ରପାତ ସମୟରେ କିଭଳି ଜୀବନ ରକ୍ଷା କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ। କିମ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡା. ସତ୍ୟଜିତ ସାହୁ କହିଲେ, ଦୁର୍ଘଟଣା ସ୍ଥଳରେ ପ୍ରାଥମିକ ଚିକିତ୍ସା ସେବା ସହାୟତା ଆହତ ରୋଗୀ ପାଇଁ ସଞ୍ଜିବନୀ। ଫଳରେ ୫୦ପ୍ରତିଶତ ଦୁର୍ଘଟଣା ମୃତ୍ୟୁକୁ ରୋକା ଯାଇପାରିବ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ପ୍ରାଥମିକ ଚିକିତ୍ସା ଅଧାପିକା କାଦମ୍ବିନୀ ଦାସ କହିଲେ, ଓଡ଼ିଶାରେ ଗତ ୫ବର୍ଷ ମଧ୍ୟରେ ଦୁର୍ଘଟଣାରେ ୨୬ହଜାର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୨ହଜାର ଗୁରୁତର ଆହତ ହୋଇଛନ୍ତି। ଯଦି ଦୁର୍ଘଟଣାସ୍ଥଳରେ ପଥଚାରୀ କିମ୍ବା ପୋଲିସ ଦ୍ୱାରା ଡାକ୍ତରଖାନାରେ ପହଞ୍ଚାଇବା ପୂର୍ବରୁ ଆହତଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ସେବା ପ୍ରଦାନ କରାଯାଇପାରନ୍ତା ତା'ହେଲେ ୫୦% ମୃତ୍ୟୁକୁ ରୋକାଯାଇପାରନ୍ତା ବୋଲି ସେ କହିଥିଲେ। ଏଜି ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ ଏଜି ଆମ୍ବୁଲାନ୍ସ ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲାରେ ଏହିଭଳି ଜନସଚେତନତା ସୃଷ୍ଟି ସହ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବିଶ୍ୱାଳ, ଶିକ୍ଷକ ଆଦିତ୍ୟ ରଞ୍ଜନ ବାରିକ, ସନ୍ତୋଷ କୁମାର ପାତ୍ର, ତପସ୍ୱିନୀ ସ୍ୱାଇଁ ଓ ଦମୟନ୍ତୀ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୨୦୦ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇଥିଲା।

## ସଂକ୍ଷେପରେ

### କ୍ଷୀରୋଦ ପରିଡ଼ାଙ୍କୁ 'ଶରତ ଅନୁବାଦ ପୁରସ୍କାର'

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବଙ୍ଗଳା ଭାଷାର କାଳଜୟୀ କଥାଶିଳ୍ପୀ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ସ୍ମୃତିରେ ଦିଆଯାଉଥିବା ମର୍ଯ୍ୟାଦାଜନକ 'ଶରତ ଅନୁବାଦ ପୁରସ୍କାର' ପାଇବାକୁ ବିଶିଷ୍ଟ ଓଡ଼ିଆ ଲେଖକ କ୍ଷୀରୋଦ ପରିଡ଼ା ମନୋନୀତ ହୋଇଛନ୍ତି। ଏ ନେଇ କୋଲକାତାସ୍ଥିତ ଶରତ ସମିତି ତରଫରୁ ଘୋଷଣା କରାଯାଇଛି। ଏହି ପୁରସ୍କାର ଶରତଚନ୍ଦ୍ରଙ୍କ ୧୪୮ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତି ବିଜଡ଼ିତ କୋଲକାତା ମହାନଗରୀର ରାସବିହାରୀ ଏଭିନ୍ୟୁସ୍ଥିତ ଶରତ ସ୍ମୃତି ସଦନରେ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଅର୍ପଣ କରାଯିବ। କାଳଜୟୀ ଭାରତୀୟ କଥାଶିଳ୍ପୀ ଶରତଚନ୍ଦ୍ରଙ୍କ ବହୁ ଖ୍ୟାତ 'ଦେବଦାସ' ଉପନ୍ୟାସ ଅନୁବାଦ ପାଇଁ ସର୍ବଭାରତୀୟସ୍ତରରେ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ପୁରସ୍କାର ବାବଦରେ ତାଙ୍କୁ ଅର୍ଥରାଶି, ଉପଢୌକନ, ପ୍ରଶସ୍ତିପତ୍ର ଓ ଶରତ ସ୍ମାରକୀ ଫଳକ ପ୍ରଦାନ କରାଯିବ। ମୌଳିକ କବିତା ସଙ୍କଳନ ସହ ଫିଚର୍, ଆଲୋଚନା, ଗଳ୍ପ, ଉପନ୍ୟାସ ଓ ସମକାଳୀନ ଭାରତୀୟ ସାହିତ୍ୟ ଅନୁବାଦ କ୍ଷେତ୍ରରେ ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ଓ ପ୍ରଶଂସିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗର ସିନିୟର ଫେଲୋସିପ ସହ ବହୁ ବଡ଼ ବଡ଼ ଅନୁଷ୍ଠାନ ପକ୍ଷରୁ ସେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ବର୍ତ୍ତନା ସେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଉପରେ ନିଷ୍ଠାପୂର୍ଣ୍ଣ ଗବେଷଣା କରିବା ସହ ଏହାର ମୁଖପାଠ ରଚନାରେ ସକ୍ରିୟ ଅଛନ୍ତି। ଇତିମଧ୍ୟରେ ରୁଦ୍ରସୁଧାନିଧି ଉପରେ ରଚିତ ତାଙ୍କ ଉପନ୍ୟାସ 'ଅଭିନବ ଚୈତନ୍ୟ' ଓ 'ସମକାଳରେ ଚର୍ଯ୍ୟାପଦ' ବେଶ ଉଲ୍ଲେଖନୀୟ।

### ଭୀମଟାଙ୍ଗୀରେ ଶ୍ରୀମଦ୍ ଭାଗବତ ସପ୍ତାହ

ପୁରୁଣା ଭୁବନେଶ୍ୱର,୯।୯(ସୁବାସଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀସ୍ଥିତ ଫେଜ୍-୨ ଭାଗବତ ପାରାୟଣ ସପ୍ତାହ ଗତ ୪ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରଠାରେ ୨୫ତମ ଭାଗବତ ପାରାୟଣ ସପ୍ତାହ ମହାଯଜ୍ଞ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ଦିବସରେ ଡ. ଆଶୁତୋଷ ମିଶ୍ର, ସନ୍ଥବାବା ସତ୍ୟାନନ୍ଦ ଦାସ ମହାରାଜା, ଡ. କୃଷ୍ଣ କେଶବ ଷଡ଼ଙ୍ଗୀ, ବରିଷ୍ଠ ପ୍ରବଚକମାନେ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ପ୍ରମୋଦ ଖୁଣ୍ଟିଆ କର୍ତ୍ତା ଏବଂ ରେଣୁବାଳା ଖୁଣ୍ଟିଆ କର୍ତ୍ତ୍ରୀ ଭାବେ କାର୍ଯ୍ୟ ସମାପନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରସେନ ବିଶୋଇ, ରବିନାରାୟଣ ଦାସ, କୃଷ୍ଣଚନ୍ଦ୍ର ସେଠୀ, ହରିହର ପଟ୍ଟନାୟକ, ପଦ୍ମନାଭ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ହଷ୍ଟେଲ ସମସ୍ୟାକୁ ନେଇ ଧାରଣା

ଭୁବନେଶ୍ୱର,୯।୯(ଅନୁରାଧାମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ବିଭିନ୍ନ ସମସ୍ୟାକୁ ନେଇ ଛାତ୍ର ଅସନ୍ତୋଷ ଦେଖାଦେଇଛି। ଗୋପବନ୍ଧୁ ଛାତ୍ରାବାସ ସମ୍ମୁଖରେ ବର୍ତ୍ତମାନର ଛାତ୍ରଙ୍କ ସହ ପୁରାତନ ଛାତ୍ର ଧାରଣା ଦେଇଛନ୍ତି। ୧ ନଂ. ହଷ୍ଟେଲର ପ୍ରତିରୁମ୍‌ରେ ୪ରୁ ୫ଜଣ ଲେଖାଏ ରହୁଥିବାବେଳେ ୩, ୪ ଓ ୭ ନଂ. ହଷ୍ଟେଲ ଖାଲି ପଡ଼ିଛି। ମାତ୍ର ସେଠାକୁ ସିନିୟର ପିଲାଙ୍କୁ ସ୍ଥାନାନ୍ତରଣ କରାଯାଉ ନାହିଁ। ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାର ୧ ମାସରୁ ଅଧିକ ସମୟ ବିତିଥିଲେ ମଧ ଜୁନିୟର ପିଲାଙ୍କୁ ସିନିୟରଙ୍କ ସହ ରହିବାକୁ ପଡୁଛି। ଗୋଟିଏ ରୁମ୍‌ରେ ୨ଜଣରୁ ଅଧିକ ରହିବା ସମ୍ଭବ ନ ଥିବାବେଳେ ୪ରୁ ୫ଜଣ ରହିବା ଦ୍ୱାରା ପାଠପଢ଼ା ବାଧାପ୍ରାପ୍ତ ହେବାସହ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏନେଇ ପୂର୍ବରୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ ୱାର୍ଡେନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୂର୍ବତନ ଛାତ୍ର ତଥା ଏବିଭିପି ଛାତ୍ର ନେତା ସୁମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଆସନ୍ତା ସୋମବାର ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ୱାର୍ଡେନ ଆଶ୍ୱାସନା ଦେବା ପରେ ଛାତ୍ରମାନେ ଆନ୍ଦୋଳନରୁ ଓହରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି।

# ମାର୍କେଟ ବିଲ୍ଡିଂରେ ପୁଣି ସ୍ଥାୟୀ, ଅସ୍ଥାୟୀ ଦୋକାନୀ ମୁହାଁମୁହିଁ

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

କିଛିଦିନର ବ୍ୟବଧାନ ପରେ ପୁଣି ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରିବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶନିବାର ଅପରାହ୍ନରେ ୧୦ରୁ ଅଧିକ ଉଠାଦୋକାନୀ ମାର୍କେଟ ଭିତରେ ବ୍ୟବସାୟ କରିବାକୁ ଯାଇଥିବାବେଳେ ମାର୍କେଟ ଆସୋସିଏଶନ୍ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। କଥା କଟାକଟି ହେବା ସହ ହାତାହାତି ପରିସ୍ଥିତି ହୋଇଥିଲା। ଶେଷରେ ଦୁଇପକ୍ଷ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ କାହା ନାମରେ ମାମଲା ହୋଇ ନ ଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି। ଘଟଣାନୁଯାୟୀ, ମାର୍କେଟ ବିଲ୍ଡିଂରେ ଉଠାଦୋକାନୀମାନେ ବ୍ୟବସାୟ କରି ପାରିବେ ନାହିଁ ବୋଲି ବିଏମ୍‌ସି ସ୍ପଷ୍ଟ କରିବା ପରେ କିଛିଦିନ ଧରି ସ୍ୱାଭାବିକ ଭାବେ ବ୍ୟବସାୟ ଚାଲିଥିଲା। ତେବେ ଏହାକୁ ନେଇ କିଛି ବ୍ୟବସାୟୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଏମ୍‌ସି ସେମାନଙ୍କୁ ଥଇଥାନ ନ କରିବା ଯାଏ ସେମାନେ ମାର୍କେଟରେ ବେପାର କରି ପାରିବେ ବୋଲି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ରହିଥିବା ବ୍ୟବସାୟୀ ସଂଘ ଦାବି କରିଛି। ତେଣୁ ଆସୋସିଏଶନ୍ ତାଙ୍କୁ ବାରଣ କରିପାରିବ ନାହିଁ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ ଉଠାଦୋକାନୀମାନେ ମିଛ କହୁଛନ୍ତି। ସେଭଳି କିଛି ଆଦେଶ ହାଇକୋର୍ଟ ଦେଇ ନ ଥିବା ଆସୋସିଏଶନ୍ ପକ୍ଷରୁ ଦାବି କରାଯାଉଛି। ଏହାକୁ ନେଇ ଦୁଇପକ୍ଷ ହାତାହାତି ହୋଇଥିଲେ। ଏପରିକି ଘଟଣା ସମୟରେ ଆସୋସିଏଶନ୍ ପକ୍ଷରୁ ନିଯୁକ୍ତ ହୋଇଥିବା ସିକ୍ୟୁରିଟି ଗାର୍ଡ ଏହାର ରେକର୍ଡିଂ କରୁଥିବାବେଳେ ଉଠାଦୋକାନୀ ତାହାକୁ ଛଡାଇବା ସହ ତାଙ୍କ ଡ୍ରେସ୍ ଚିରିଥିବା ମଧ ଅଭିଯୋଗ ହୋଇଛି। ଘଟଣାନେଇ କ୍ୟାପିଟାଲ ଥାନା ଅଧିକାରୀ କହିଛନ୍ତି, ଦୁଇପକ୍ଷ ସେମାନଙ୍କ ସପକ୍ଷରେ ଅର୍ଡର ଦେଖାଉଛନ୍ତି। ତେଣୁ କେଉଁଟା ସତ ତାହା ଦେଖିବାକୁ ପଡିବ। ପୁଣି ସ୍ଥାୟୀ, ଅସ୍ଥାୟୀ ଦୋକାନୀ ଏବଂ ବିଏମ୍‌ସି ଏହି ୩ପକ୍ଷ ମୁହାଁମୁହିଁ ହେଉ ନ ଥିବାରୁ ସମସ୍ୟାର ସମାଧାନ ବାହାରି ପାରୁନାହିଁ। ସେହିପରି ନିୟମ ନ ଥିବାରୁ ମାର୍କେଟରେ କୌଣସି ଉଠାଦୋକାନୀ ବସି ପାରିବେ ନାହିଁ ବୋଲି ଆସୋସିଏଶନ୍ ଜିଦ୍ ଧରି ବସିଛି।



ଭୁବନେଶ୍ୱର: ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧୋତ୍ସବରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମାଲିକାଣୀ ଘରୁ କଳାକନା ବୁଲାଇ ସହାୟକ ଗିରଫ

### ସୁନା ଅଳଙ୍କାର ସହ ୧.୫ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୯।୯(ସୂର୍ଯ୍ୟକାନ୍ତ ବେହେରା)

ମାଲିକାଣୀଙ୍କ ଘରୁ କଳାକନା ବୁଲାଇବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ସହାୟକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କଟକର ସନ୍ତୋଷ କୁମାର ପ୍ରଧାନ (୩୫)। ତାଙ୍କଠାରୁ ଗୋଟିଏ ସୁନା ଚୁଡ଼ି, ୩ଟି ସୁନା ଚେନ, ୫ଟି ସୁନାର କାନ ଫୁଲ, ଗୋଟିଏ ମୁଦି, ୧.୫ ଲକ୍ଷ ଟଙ୍କା ଆଦି ଜବତ ହୋଇଛି । ସୂଚନାନୁସାରେ, ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ଉଭୟେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ଚଳାଉଥିବାରୁ ଅଧିକାଂଶ ସମୟରେ ସେମାନେ ବାହାରେ ରୁହନ୍ତି। ଅଭିଯୁକ୍ତ ସନ୍ତୋଷ ୯ବର୍ଷ ହେବ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ଘର କାମ କରିବା ସହ ସବୁକିଛି ଭଲମନ୍ଦ ବୁଝୁଥିଲେ। ହେଲେ ଗତ ମାସରେ ସେ ମାଲିକାଣୀଙ୍କ ଘର ଆଲମାରିରୁ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ। ଏନେଇ ଜଣାପଡିବା ପରେ ଘରର ମାଲିକାଣୀ ସହାୟକଙ୍କୁ ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ।

## ଦୁବାଇରେ ନିର୍ଯାତିତ ୭ ଶ୍ରମିକ ଓଡ଼ିଶା ଫେରିଲେ

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଗଞ୍ଜାମ ଜିଲାରୁ ଦୁବାଇରେ କାମ କରିବାକୁ ଯାଇ ନିର୍ଯାତିତ ହୋଇଥିବା ଆଉ ୭ଜଣ ପ୍ରବାସୀ ଓଡିଆ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେମାନେ ହେଲେ ସିମାଞ୍ଚଳ ମହାରଣା, ରିଙ୍କୁ ଦଳେଇ, ତାରିଣୀ ବେହେରା, ସନ୍ତୋଷ ମହାରଣା, ଦାଶରଥି ବେହେରା, ବିଜୟ ପଲେଇ ଓ ଯତୀନ ମହାରଣା । ଶନିବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡିଶା ପରିବାର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ ପଣ୍ଡା ଓ ଲକ୍ଷ୍ମୀଧର ବେହେରା ସେମାନଙ୍କୁ ବିମାନ ବନ୍ଦରଠାରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାପରେ ସେମାନେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି ।

# ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ

## ଦଳକୁ ସଶକ୍ତ କରିବେ ମାଷ୍ଟର ଟ୍ରେନର


ବୈଠକରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

ବେଗୁନିଆ(ହର ପ୍ରସନ୍ନ ପଣ୍ଡା)/ ବୋଲଗଡ଼, ୯।୯(ଦେବବ୍ରତ ହୋତା)

ବେଗୁନିଆ ସଦର ମହକୁମା ସ୍ଥିତ ମା'ବରମୂଳେଇଙ୍କ ପୀଠ ପରିସରରେ ଶନିବାର ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକର ୨୧ ପଞ୍ଚାୟତର ଦଳୀୟ କର୍ମୀ ଓ ମାଷ୍ଟର ଟ୍ରେନର ଯୋଗଦେଇଥିଲେ। ପାଖେଇ ଆସିଲାଣି ୨୦୨୪ ସାଧାରଣ ନିର୍ବାଚନ। ସେଥିପାଇଁ କିପରି ଶୃଙ୍ଖଳିତ ଭାବେ ଦଳୀୟ ପ୍ରାର୍ଥୀ ବିଜୟୀ ହେବେ ସେନେଇ ଆଲୋଚନା କରାଯାଇଥିଲା। ସେହିପରି ପଞ୍ଚାୟତସ୍ତରୀୟ ମାଷ୍ଟର ଟ୍ରେନରମାନେ ଦଳକୁ ସଶକ୍ତ କରାଇବାରେ ସହାୟକ ହେବେ। ଚଳିତ ମାସରେ ହେବାକୁ ଥିବା ଓଡିଶା ମୋ ପରିବାର ଆନୁକୂଲ୍ୟରେ ସଚ୍ଛୋକୃତ ରକ୍ତ ଦାନ ଶିବିରକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ଆବଶ୍ୟକ ବୋଲି ବିଧାୟକ ସାହୁ କହିଥିଲେ। ୧୦୫ ଜଣ ମାଷ୍ଟର ଟ୍ରେନରଙ୍କୁ ଶଙ୍ଖ ଭବନରେ ଟ୍ରେନିଂ ଦିଆଯିବା ପାଇଁ ସ୍ଥିର କରାଯାଇଛି। ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭ୍ୟା ତନୁଜା ପାଇଶାଣୀ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶନିବାର ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ନେଇ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୯ଟି ପଞ୍ଚାୟତର ୯୫ ଜଣ ମନୋନୀତ ମାଷ୍ଟର ଟ୍ରେନରଙ୍କ ସହ ପଞ୍ଚାୟତଗୁଡ଼ିକର ମୁରବିମାନେ ଯୋଗଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ତୃଣମୂଳସ୍ତରରେ ଦଳ କିପରି ସୁସଙ୍ଗଠିତ ହେବ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ କିପରି ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହେବ। ଅଧିକରୁ ଅଧିକ ରକ୍ତଦାତା ସାମିଲ ହେବା ନେଇ ମଧ ଆଲୋଚନା କରାଯାଇଛି। ପ୍ରକାଶ ଯେ, ଏହି ମାଷ୍ଟର ଟ୍ରେନରମାନେ ଆଗାମୀ ଦିନରେ ଭୁବନେଶ୍ୱର ଶଙ୍ଖ ଭବନରେ ଅନୁଷ୍ଠିତ ହେବାକୁ ଥିବା ମାଷ୍ଟର ଟ୍ରେନର ଟ୍ରେନିଂରେ ଯୋଗଦେବେ।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ଉପସ୍ଥିତ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମୋ ପରିବାର ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମୋ ପରିବାର ଆବାହକ ଅରୂପ ମୋହନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ, ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଜରିଆରେ ଏହି ଶିବିରରୁ ମୋଟ୍ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ସୌରଭ ରାୟ, ଟେକ୍ନିସିଆନ ଅରୁଣ କୁମାର ସ୍ୱାଇଁ, ଖାପ୍ସୀ ରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଓଡ଼ିଶା ମୋ ପରିବାର ଖୋର୍ଦ୍ଧା ଜିଲା ସଂଯୋଜକ ଦିଲ୍ଲୀପ କୁମାର ହୋତାଙ୍କ ସଂଯୋଜନାରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ବିଜୁ ଛାତ୍ର ଜନତା ଦଳ ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ଖୋର୍ଦ୍ଧା ଜିଲା ଡିଜିଟାଲ ସମ୍ପାଦକ ଗୌତମ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଚାଷୀ ସମାବେଶରେ ସରକାରଙ୍କ ଉପରେ ବର୍ଷିଲେ ପ୍ରଶାନ୍ତ ଭୂଷଣ

ପୁରୀ,୯।୯(ଅଜିତ୍ ମହାନ୍ତି)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

୨୦୦୬ରେ ବିଜେଡି-ଭାଜପା ମେଣ୍ଟ ସରକାରକୁ ହାତେଇ ବେଦାନ୍ତ ସିଦ୍ଧାନ୍ତ ସ୍ଲୋଗାନ ଦେଇ ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ବାଇଶମୌଜା ଅଞ୍ଚଳରୁ ଶାଗମାଛ ଦରରେ ହଜାର ହଜାର ଏକର ଚାଷୀ ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଚାଷଜମିକୁ ବେଆଇନ ଅଧିଗ୍ରହଣ କରିଥିଲା। ଗରିବ ଚାଷୀମାନେ କିଛି ବୁଝିବା ପୂର୍ବରୁ ତତ୍କାଳୀନ ସରକାର ଅର୍ଥବଳ, ବାହୁବଳ ଓ ପ୍ରଶାସନିକ କଳର ଅପପ୍ରୟୋଗ କରି ବିସ୍ତୀର୍ଣ୍ଣ ଚାଷଜମି ସହ ଦୁଇ ଦୁଇଟି ନଦୀ ଅଧିଗ୍ରହଣ କରିଥିଲେ। ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବେଆଇନ ଜମି ଅଧିଗ୍ରହଣ ବିରୋଧରେ ୨୦୧୦ରେ ଲୋକପାଳଙ୍କ ଦ୍ୱାରସ୍ଥ ହେବା ସହ ସଂଗ୍ରାମ ଆରମ୍ଭ କରିଥିଲା। ଏପରି କି ସମିତି ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ ସରକାରଙ୍କ ବେଆଇନ ଜମି ଅଧିଗ୍ରହଣ ଏବଂ ବେଦାନ୍ତ କମ୍ପାନୀ ବିରୋଧରେ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ସମିତି ପକ୍ଷରୁ ଶନିବାର ବେଳଦଳସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳିଠାରେ ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ ଚାଷୀ ସମାବେଶ ଅନୁଷ୍ଠିତ ହୋଇଛି।

ସମାବେଶରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଜନନେତ୍ରୀ ମେଧା ପାଟେକର ସମ୍ମାନିତ ଅତିଥିଭାବେ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନେକ ବରିଷ୍ଠ ନେତୃବୃନ୍ଦ ଓ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ବୀରହରେକୃଷ୍ଣପୁରଠାରେ ଶହିଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭୂଷଣ କହିଥିଲେ କି ବେଦାନ୍ତ ବିଶ୍ୱବିଦ୍ୟାଳୟ ଏକ ଘଟଣା ଏକ ଉଦାହରଣ କିପରି ରାଜ୍ୟ ଏବଂ କେନ୍ଦ୍ର ସରକାର ମିଶି କିଛି ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତିମାନଙ୍କ ହାତରେ ସାଧାରଣଙ୍କ ଲୋକଙ୍କୁ ଦମନ କରିବା ପାଇଁ ପ୍ରସ୍ତୁତ ରହୁଛନ୍ତି। ଅନୀଲ ଅଗ୍ରୱାଲ କମ୍ପାନୀ ଦୁଇ ଜଣଙ୍କ ନମରେ ଥିବା କମ୍ପାନୀ ଯାହାର ସେୟାର ମୂଲ୍ୟ ୧ ଲକ୍ଷ ଟଙ୍କା ରହିଥିଲା। ଯେଉଁ କମ୍ପାନୀ ପ୍ରାଇମେରୀ ସ୍କୁଲ କରିନାହିଁ ସେହି କମ୍ପାନୀକୁ ୮ ହଜାର ଏକାର ଜମି ଦେବାପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ପୁଞ୍ଜିପତିଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

# ପୁରୀ ଗୋବର୍ଦ୍ଧନ ପୀଠରୁ ଆରମ୍ଭ ହେଲା ଦକ୍ଷିଣ ପୂର୍ବ ଏସିଆ ଅଭିଯାନ



ପୁରୀ,୯।୯(ଅଜିତ୍ ମହାନ୍ତି)

ଇତିହାସର ଗବେଷଣା ପାଇଁ ପୁରୀ ଗୋବର୍ଦ୍ଧନ ପୀଠରୁ ପ୍ରବାସୀ ଓଡ଼ିଆଙ୍କ ଦାରା ଦକ୍ଷିଣ ପୂର୍ବ ଏସିଆ ଅଭିଯାନ ଆରମ୍ଭ ହୋଇଛି। ଇତିହାସ ସଂକଳନ ଓଡ଼ିଶା ପ୍ରଦେଶ କଳିଙ୍ଗ ରିଶର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ୨୩ଜଣ ପ୍ରଫେସର, ଇଞ୍ଜିନିୟର, ଐତିହାସିକ, ଡକ୍ଟର, ଗବେଷକ ଶ୍ରୀମନ୍ଦିରରେ ଦର୍ଶନ ପରେ ଗୋବର୍ଦ୍ଧନ ପୀଠରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସତୀଙ୍କୁ ଭେଟି ଆର୍ଶୀବାଦ ନେଇ ଶନିବାର ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଯାତ୍ରୀମାନେ ପ୍ରଥମେ ଭୁବନେଶ୍ୱର ବିମାନବନ୍ଦରରୁ ଥାଇଲାଣ୍ଡ, ଭିଏତ୍‌ନାମ, କାମ୍ବୋଡିଆ, ମାଲେସିଆ, ବାଲି, ଜାଭା, ଇଣ୍ଡୋନେସିଆ ଓ ସିଙ୍ଗାପୁର ଯାଇ ୨୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଏହି ଯାତ୍ରାରେ ୩ହଜାର ବର୍ଷର ଇତିହାସ ଗବେଷଣା କରିବାର ଲକ୍ଷ୍ୟ ରଖାଯାଇଥିବା ଡ. ଅଦ୍ରିଶ ବ୍ରହ୍ମଦତ୍ତ ଓ କମଳେଶ ଦାଶ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି ସମ୍ପନ୍ନ

ପୁରୀ,୯।୯(ଅଜିତ୍ ମହାନ୍ତି)



ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣଲୀଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହୋଇଯାଇଛି। ସେହିପରି କୋଳିବିକା ନୀତି ସହ ବକାସୁର, ଅଘାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ବଡଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଅଜ୍ଞାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣ ଘରକୁ ବିଜେ କରାଯାଇଥିଲା। ଦକ୍ଷିଣ ଘରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା। ରାମକୃଷ୍ଣ ଏହି ଆଜ୍ଞାମାଳ ପାଇବା ପରେ ବଟଦ୍ୱାର ପାଖରେ ଥିବା ପାଲିଙ୍କିରେ ଅଧିଷ୍ଠିତ ହୋଇଥିଲେ। ପରେ ଏହି ପାଲିଙ୍କିକୁ ବିମାନ ବଡୁ ସେବକମାନେ ଘଣ୍ଟଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡଛତା ମଠ ସମ୍ମୁଖରେ ସଜାଯାଇଥିବା କାଠ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ହୋଇଥିଲା। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବଣଭୋଜି ବେଶରେ ଭୂଷିତ କରାଇଥିଲେ। ଏହି ବେଶର ମହାପ୍ରଭୁଙ୍କୁ ପ୍ରାୟ ୧୮ପ୍ରକାର ଅଳଙ୍କାର ଲାଗି ହୋଇଥିଲା। ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣ କିଆ ଶ୍ରୀମସ୍ତକ ଚୂଳରେ ଖୋସା ଯାଇଥିଲା। ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏ ଗାଇ ବାଛୁରୀ (କାଷ୍ଠ ନିର୍ମିତ) ଦଣ୍ଡାୟମାନ ରହିଥିଲେ। ଏହି ବେଶ ପୁଷ୍ପାଳକ, ଭଣ୍ଡାର ମେକାପ ଓ ଖୁଣ୍ଟିଆ ଆଦି ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବେଶରେ ଠାକୁରମାନେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖୁଆପେଡାର ମାଳି ଧାରଣ କରିଥିଲେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆ ପେଡା ଯୋଗାଇ ଦିଆଯାଇଥାଏ। ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରୀ ନେଇ ବଣ ଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବା ଲୋକ ବିଶ୍ୱାସ ରହିଛି। ଏହି ବେଶରେ ବିଶେଷକରି ଠାକୁରମାନେ ବଣଭୋଜି ଉଦ୍ଦେଶ୍ୟରେ ଗମନ କରୁଥିବାର ଦୃଶ୍ୟ ଏଥିରେ ପ୍ରକଟିତ ହୋଇଥାଏ। ସାହି ପରମ୍ପରାରେ ବାଲିସାହି ଯାଗା ଆଖଡା ପକ୍ଷରୁ ବକାସୁର ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ବକାସୁର ବଧ ଓ ଅଘାସୁର ବଧ ନୀତି ସମ୍ପନ୍ନ ହୋଇଥିଲା। ରବିବାର ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କେଣ୍ଡେୟ ପୁଷ୍କରିଣୀ ଠାରେ କାଳୀୟ ଦଳନ ନୀତି ସମ୍ପନ୍ନ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୯।୨୦୨୩

| | |
|---|---|
| ୬,୩୨,୪୩୬ ଟଙ୍କା | |
| ସୁନା | ୧୮.୯୦୦ ଗ୍ରାମ୍ |
| ରୁପା | ୯୦.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ସୋଲାର ଷ୍ଟ୍ରିଟ୍ ଲାଇଟ୍ ପାଇଁ ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ

ଡେଲାଙ୍ଗ,୯।୯(ରଶ୍ମିରଞ୍ଜନ ପ୍ରଧାନ): ସୋଲାର ଷ୍ଟ୍ରିଟ୍ ଲାଇଟ୍ ପାଇଁ ସାଉରିଆ ସରପଞ୍ଚଙ୍କ ସ୍ୱାମୀ ସୁଶାନ୍ତ ବେହେରାଙ୍କୁ ଶନିବାର ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପଞ୍ଚାୟତକୁ ଆସିଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ ବିଭିନ୍ନ ଗ୍ରାମ ପୁଞ୍ଜରେ ଲଗାଇବାକୁ ଥିବା ବେଳେ ଶନିବାର କୁଆପଦା ଗ୍ରାମର ଦୁଇ ଜଣ ଯୁବକ ଗ୍ରାମରେ ଲାଇଟ୍ ଲଗାଇବା ପାଇଁ ସରପଞ୍ଚଙ୍କୁ କହିଥିଲେ। ବଳକା ଥିବା ଲାଇଟ୍‌ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଲଗାଇଯାଇଛି, ଆଉ ଲାଇଟ୍ ନାହିଁ। ରବିବାର ଲାଇଟର ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚଙ୍କ ସ୍ୱାମୀ ବେହେରା ଯୁବକଦ୍ୱୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଫେରିଯାଇଥିଲେ। ରାତି ୯ଟା ୧୫ରେ ଯୁବକଦ୍ୱୟ ସରପଞ୍ଚଙ୍କ ଘର ଆଗରେ ପାଟିତୁଣ୍ଡ କରିବା ସହିତ ଲାଇଟ୍ ପଞ୍ଚାୟତ କାର୍ଯ୍ୟାଳୟରେ କ'ଣ ପାଇଁ ଲଗାଇଲ ବୋଲି କହି ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ପୁରୀ,୯।୯(ଅଜିତ୍ ମହାନ୍ତି): ଓଡ଼ିଶାର ଘରେ ଘରେ, ଗ୍ରାମାଞ୍ଚଳରେ, ଆଦିବାସୀ ବହୁଳ ଅଞ୍ଚଳରେ, ଏପରିକି ପାର୍ବତ୍ୟାଞ୍ଚଳରେ ପ୍ରାଥମିକ ଚିକିତ୍ସାକୁ ଡିଜିଟାଲ ମୋଡ୍‌ରେ ପହଞ୍ଚାଇବା ପାଇଁ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ସଙ୍କଳ୍ପବଦ୍ଧ ବୋଲି କହିଛନ୍ତି ଜାତୀୟ କାୟାକଳ୍ପ ପୁରସ୍କାରପ୍ରାପ୍ତ ଡାକ୍ତର ସୁନୀଲ ତରାଇ। ଶନିବାର ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ଡିଭିଜନ ଓ ମିଶନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗୁଣ୍ଡିଚା ମନ୍ଦିର ନିକଟ ମିଶନ ଓଡ଼ିଶା କାର୍ଯ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଡାକ୍ତର ତରାଇ ପ୍ରାଥମିକ ଚିକିତ୍ସାକୁ ଡିଜିଟାଲ ମୋଡ୍ ମାଧ୍ୟମରେ ପହଞ୍ଚାଇବାର କଳା ଓ କୌଶଳ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଡା.ପବିତ୍ର କୁମାର ପ୍ରଧାନ, ସମାଜସେବୀ ବଦ୍ରି ମିଶ୍ର ଯୋଗଦେଇଥିଲେ। ସତ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦେବରାଜ ଦାସ ପରିଚାଳନା କରିଥିଲେ। ଏଥିରେ ଜଗନ୍ନାଥ ଡିଭିଜନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଡିଜିଟାଲ ମୋଡରେ ପ୍ରାଥମିକ ଚିକିତ୍ସାକୁ ପ୍ରତି ବ୍ଲକସ୍ତରରେ ପହଞ୍ଚାଇବା ପାଇଁ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ବ୍ୟାପକ ପ୍ରୟାସ ଜାରି ରଖିଥିବା ପୁରୀ ଡିଭିଜନର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବ୍ରହ୍ମଗିରି,୯।୯(ସ୍ୱାଧୀନ ଚମ୍ପତିରାୟ) ବ୍ରହ୍ମଗିରି ଥାନା ଅନ୍ତର୍ଗତ ଶିଶୁପାରୀ ନୂଆପଡ଼ା ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଳିଆ ବିଶ୍ୱାଳ(୨୫)। ସୂଚନା ଅନୁସାରେ, କାଳିଆ ଘର ଭିତରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରି ଥିଲେ। ଘଟଣାସ୍ଥଳରେ ବ୍ରହ୍ମଗିରି ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଚାଷୀ ସମାବେଶରେ ସରକାରଙ୍କ ଉପରେ ବର୍ଷିଲେ ପ୍ରଶାନ୍ତ ଭୂଷଣ

## ମହାପ୍ରଭୁଙ୍କ ବିଜୟ ହୋଇଛି

ପୁରୀ,୯।୯(ଅଜିତ୍ ମହାନ୍ତି)

୨୦୦୬ରେ ବିଜେଡି-ଭାଜପା ମେଣ୍ଟ ସରକାରକୁ ହାତେଇ ବେଦାନ୍ତ ସିଦ୍ଧାନ୍ତ ସ୍ଲୋଗାନ ଦେଇ ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ବାଇଶମୌଜା ଅଞ୍ଚଳରୁ ଶାଗମାଛ ଦରରେ ହଜାର ହଜାର ଏକର ଚାଷୀ ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଚାଷଜମିକୁ ବେଆଇନ ଅଧିଗ୍ରହଣ କରିଥିଲା। ଗରିବ ଚାଷୀମାନେ କିଛି ବୁଝିବା ପୂର୍ବରୁ ତତ୍କାଳୀନ ସରକାର ଅର୍ଥବଳ, ବାହୁବଳ ଓ ପ୍ରଶାସନିକ କଳର ଅପପ୍ରୟୋଗ କରି ବିସ୍ତୀର୍ଣ୍ଣ ଚାଷଜମି ସହ ଦୁଇ ଦୁଇଟି ନଦୀ ଅଧିଗ୍ରହଣ କରିଥିଲେ। ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବେଆଇନ ଜମି ଅଧିଗ୍ରହଣ ବିରୋଧରେ ୨୦୧୦ରେ ଲୋକପାଳଙ୍କ ଦ୍ୱାରସ୍ଥ ହେବା ସହ ସଂଗ୍ରାମ ଆରମ୍ଭ କରିଥିଲା। ଏପରି କି ସମିତି ଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାର କରି ସର୍ବୋଚ୍ଚ ଅଦାଲତ ସରକାରଙ୍କ ବେଆଇନ ଜମି ଅଧିଗ୍ରହଣ ଏବଂ ବେଦାନ୍ତ କମ୍ପାନୀ ବିରୋଧରେ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ସମିତି ପକ୍ଷରୁ ଶନିବାର ବେଳଦଳସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ ଚାଷୀ ସମାବେଶ ଅନୁଷ୍ଠିତ ହୋଇଛି।





ଚାଷୀ ସମାବେଶରେ ଉପସ୍ଥିତ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ବରିଷ୍ଠ ଜନନେତ୍ରୀ ମେଧା ପାଟେକରଙ୍କ ସମେତ ଅନ୍ୟ ନେତୃବୃନ୍ଦ । ଉପସ୍ଥିତ ମହିଳାପୁରୁଷ ।

ସମାବେଶରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଜନନେତ୍ରୀ ମେଧା ପାଟେକର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନେକ ବରିଷ୍ଠ ନେତୃବୃନ୍ଦ ଓ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। ତେବେ ସଭାକାର୍ଯ୍ୟ ପୂର୍ବରୁ ମୁଖ୍ୟଅତିଥି ପ୍ରଶାନ୍ତ ଭୂଷଣ ଓ ସମ୍ମାନିତ ଅତିଥି ମେଧା ପାଟେକରଙ୍କୁ ଏକ ଖୋଲା ଜିପ୍‌ରେ ଚାଷୀମାନେ ସମୟାଜପୁରଠାରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବେଳଦଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ଅବସରରେ ବୀରହରେକୃଷ୍ଣପୁରଠାରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭୂଷଣ କହିଥିଲେ କି ବେଦାନ୍ତ ବିଶ୍ୱବିଦ୍ୟାଳୟ ଏକ ଘଟଣା ଏକ ଉଦାହରଣ କିପରି ରାଜ୍ୟ ଏବଂ କେନ୍ଦ୍ର ସରକାର ମିଶି କିଛି ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତିମାନଙ୍କ ହାତରେ ସାଧାରଣ ଲୋକଙ୍କୁ ଦମନ କରିବା ପାଇଁ ପ୍ରସ୍ତୁତ ରହୁଛନ୍ତି। ଅନୀଲ ଅଗ୍ରୱାଲ କମ୍ପାନୀ ଦୁଇ ଜଣଙ୍କ ନାମରେ ଥିବା କମ୍ପାନୀ ଯାହାର ଶେୟାର ମୂଲ୍ୟ ୧ ଲକ୍ଷ ଟଙ୍କା ରହିଥିଲା। ଯେଉଁ କମ୍ପାନୀ ପ୍ରାଇମେରୀ ସ୍କୁଲ କରିନାହିଁ ସେହି କମ୍ପାନୀକୁ ୮ ହଜାର ଏକର ଜମି ଦେବାପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ପୁଞ୍ଜିପତିଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି, ଯାହା ଦୁର୍ଭାଗ୍ୟଜନକ। ଏଥିପାଇଁ ଜନ ସାଧାରଣଙ୍କୁ ଲଢ଼ିବାକୁ ହେବ। ସୁପ୍ରିମ କୋର୍ଟ ତାଙ୍କର ରାୟ ଦେବା ପରେ ରାଜ୍ୟ ସରକାର ନୈତିକତା ଦୃଷ୍ଟିରୁ ଲୋକମାନଙ୍କୁ ସେମାନଙ୍କ ଜମି ଫେରାଇବା ଉଚିତ୍। ଯଦି ସରକାର ଲୋକମାନଙ୍କୁ ଜମି ନ ଫେରାନ୍ତି ତେବେ ଏନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ଭୂଷଣ କହିଛନ୍ତି। ସେହିପରି ସମାଜସେବୀ ମେଧା ପାଟେକର ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପୁଞ୍ଜିପତି ଏବଂ କମ୍ପାନୀ ପ୍ରୀତିକୁ ବିରୋଧ କରି ବର୍ଷିଥିଲେ। ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ କହିଥିଲେ କି ଏହି ସମାବେଶ ଅଭୁତପୂର୍ବ ରହିଥିଲା। ସରକାର ଏବଂ ବେଦାନ୍ତ କମ୍ପାନୀ ବେଆଇନ ଭାବରେ ଜମି ହାତେଇବାକୁ ଚେଷ୍ଟା କରିଥିଲେ। ମାତ୍ର ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଓ ଚାଷୀମାନଙ୍କ ଜମି ରକ୍ଷା ପାଇଛି। ସରକାର ପ୍ରତି ଏକର ପିଛା ଚାଷୀମାନଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ଜମି ଫେରସ୍ତ କରନ୍ତୁ ବୋଲି ରଥ କହିଛନ୍ତି। କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ରଥ, ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ରାଜେଶ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ଅର୍ବାନ କୋଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ପୁରୀ,୯।୯(ଅଜିତ୍ ମହାନ୍ତି): ପୁରୀ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ୭୮ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ସଭାପତି ଗୁଣଧର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଭାପତି ବ୍ୟାଙ୍କର କ୍ରମୋନ୍ନତି ବିଷୟରେ ଉପସ୍ଥିତ ସଭସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଏହି ବ୍ୟାଙ୍କ ୧୯୪୫ ମସିହାରେ ୩ହଜାର ଟଙ୍କାରେ ୪୦ ଜଣ ସଭ୍ୟଙ୍କୁ ନେଇ ଗଠିତ ହୋଇଥିଲା। ଲୋକଙ୍କ ସାହାଯ୍ୟ ସହଯୋଗ ଓ ବିଶ୍ୱାସ ଯୋଗୁ ଏହି ବ୍ୟାଙ୍କ ବର୍ତ୍ତମାନ ଏକ ଅଗ୍ରଣୀ ବ୍ୟାଙ୍କଭାବେ ପ୍ରତିଷ୍ଠିତ ହୋଇପାରିଛି। ପରିଚାଳନା ପରିଷଦର ସଭ୍ୟା ଗୀତାଞ୍ଜଳୀ ପଣ୍ଡା, ସରସ୍ୱତୀ ସାହୁ, ରଞ୍ଜନ ମହାନ୍ତି ମନ୍ତବ୍ୟ ରଖିଥିଲେ। ବ୍ୟାଙ୍କର ଉନ୍ନତି ପାଇଁ ବ୍ୟାଙ୍କର ସମସ୍ତ ସଭ୍ୟ ସଭ୍ୟାଙ୍କ ନିଃସ୍ୱାର୍ଥପର ସାହଯୋଗ ଆବଶ୍ୟକ ବୋଲି କହିଥିଲେ। ବ୍ୟାଙ୍କର ଭାରପ୍ରାପ୍ତ ସମ୍ପାଦକ ରାମକୃଷ୍ଣ ପୂଜାପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସହସମ୍ପାଦକ କାହ୍ନୁଚରଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ସହସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ।



ବାଲିସାହି ଆଖଡ଼ା ପକ୍ଷରୁ ଶନିବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବକାସୁର ସହ କୃଷ୍ଣ ବଳରାମ ବେଶଧାରୀ ।

## ଯମୁନା ଗାଧୁଆ ନନ୍ଦ ଉତ୍ସବ ପାଳିତ

ପୁରୀ,୯।୯(ଅଜିତ୍ ମହାନ୍ତି): ବାସେଳିସାହିସ୍ଥିତ ଦୀକ୍ଷିତ ବଡ ପୋଖରୀ ଜାଗାରେ ଆଡ଼ମ୍ବରରେ ଯମୁନା ଗାଧୁଆ ତଥା ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନୀଳାଦ୍ରି ମୋହନ କରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ଜ୍ୟୋତି ପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜାଗା ଗୃହ ପରିସରରେ ମହାପ୍ରସାଦ ସେବନ କର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ସଙ୍ଗୀତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ମାଧବ ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ରୁଦ୍ର ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗଦାଧର ଦୀକ୍ଷିତ, ଖବରଦାତା ବିଶ୍ୱଜିତ୍ ପଟ୍ଟନାୟକ, ସଭ୍ୟ ବିରଞ୍ଚି ନାରାୟଣ ନନ୍ଦ, ଶିବ ପ୍ରସାଦ ମିଶ୍ର, ଶିବ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ଗୋବର୍ଦ୍ଧନ ପୀଠରୁ ଆରମ୍ଭ ହେଲା ଦକ୍ଷିଣ ପୂର୍ବ ଏସିଆ ଅଭିଯାନ



ଦକ୍ଷିଣ ପୂର୍ବ ଏସିଆ ଅଭିଯାନରେ ବାହାରିଥିବା ଗବେଷକ ।

ପୁରୀ,୯।୯(ଅଜିତ୍ ମହାନ୍ତି)

ଇତିହାସର ଗବେଷଣା ପାଇଁ ପୁରୀ ଗୋବର୍ଦ୍ଧନ ପୀଠରୁ ପ୍ରବାସୀ ଓଡ଼ିଆଙ୍କ ଦାରା ଦକ୍ଷିଣ ପୂର୍ବ ଏସିଆ ଅଭିଯାନ ଆରମ୍ଭ ହୋଇଛି। ଇତିହାସ ସଂକଳନ ଓଡ଼ିଶା ପ୍ରଦେଶ କଳିଙ୍ଗ ରିଶର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ୨୩ଜଣ ପ୍ରଫେସର, ଇଞ୍ଜିନିୟର, ଐତିହାସିକ, ଡକ୍ଟର, ଗବେଷକ ଶ୍ରୀମନ୍ଦିରରେ ଦର୍ଶନ ପରେ ଗୋବର୍ଦ୍ଧନ ପୀଠରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସତୀଙ୍କୁ ଭେଟି ଆର୍ଶୀବାଦ ନେଇ ଶନିବାର ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଯାତ୍ରୀମାନେ ପ୍ରଥମେ ଭୁବନେଶ୍ୱର ବିମାନବନ୍ଦରରୁ ଥାଇଲାଣ୍ଡ, ଭିଏତ୍‌ନାମ, କାମ୍ବୋଡିଆ, ମାଲେସିଆ, ବାଲି, ଜାଭା, ଇଣ୍ଡୋନେସିଆ ଓ ସିଙ୍ଗାପୁର ଯାଇ ୨୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଏହି ଯାତ୍ରାରେ ୩ହଜାର ବର୍ଷର ଇତିହାସ ଗବେଷଣା କରିବାର ଲକ୍ଷ୍ୟ ରଖାଯାଇଥିବା ଡ. ଅଦ୍ରିଶ ବ୍ରହ୍ମଦତ୍ତ ଓ କମଳେଶ ଦାଶ ସୂଚନା ଦେଇଛନ୍ତି।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୯।୯(ଅଜିତ୍ ମହାନ୍ତି): ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ଅଦାଲତ ସମେତ ନିମାପଡ଼ା, ପିପିଲି, କୋଣାର୍କ, ବ୍ରହ୍ମଗିରି ଓ କଣାସ ଅଦାଲତରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ସମୁଦାୟ ୧୨,୦୪୩ଟି ମାମଲା ଫଇସଲା ହୋଇଛି। ଜରିମାନା ଓ କ୍ଷତିପୂରଣ ବାବଦକୁ ୬,୧୬,୭୯,୭୯୩ ଟଙ୍କା ଆଦାୟ କରାଯାଇଛି। ସେଥିମଧ୍ୟରୁ ୧୩୬ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା ସମାଧାନ ହୋଇଛି। ବିଚାରପତି ଅରୁଣ କୁମାର ମଲ୍ଲିକ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ଅମୀୟ ରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ ଚିନ୍ମୟ ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦେବାଶିଷ ବିଶୋଇ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗ ବିଜୟ ଦାସ, ଦେୱାନି ବିଚାରପତି ମନିନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡା, ଗ୍ରାମ୍ୟ ନ୍ୟାୟାଳୟ ଅଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତନ୍ମୟ ରଞ୍ଜନ ଦାସ ଏବଂ ଶୃତକୀର୍ତ୍ତି ଆଚାର୍ଯ୍ୟ ମାମଲା ଫଇସଲା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ସୀତିକଣ୍ଠ ସାମଲଙ୍କ ଆଦେଶାନୁସାରେ ଏହା ପରିଚାଳିତ ହୋଇଥିଲା।

## ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ

ପୁରୀ,୯।୯(ଅଜିତ୍ ମହାନ୍ତି): ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଯାହାକି ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ତେବେ ସହରରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଲିସ ପକ୍ଷରୁ ସତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏସ୍‌ପି ଡ.କେ. ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ପୁରୀ କ୍ଲିନ ତଥା ପରିଷ୍କାର ପୁରୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମଦ୍ୟପାନ କରି ଗାଡ଼ି ଚାଳନା, ପାର୍କରେ ଉତ୍ତେଜନା ସୃଷ୍ଟି କରିବା, ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା, ରାସ୍ତା ଅବରୋଧ କରିବା ସହ ବିଭିନ୍ନ ଅପରାଧ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଧରୁଛି।

## ରାସ୍ତା ପାର୍ଶ୍ୱକୁ ଖସିଲା ମୋ ବସ୍, ଜଣେ ଆହତ

ସାକ୍ଷୀଗୋପାଳ,୯।୯ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋଠାରୁ ଭୁବନେଶ୍ୱର ଯାଉଥିବା ଏକ ମୋ ବସ୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ୧୦ଜଣ ଯାତ୍ରୀ ଥିବାବେଳେ ସୁଆଣ୍ଡୋ ଗ୍ରାମର ଭବାନୀ ଶଙ୍କର ଦାସ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ବସ୍‌ଟି ଯିବାବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲା।

## ବ୍ୟାଙ୍କ ସମ୍ମୁଖରେ ଧାରଣା

ପୁରୀ,୯।୯(ଅଜିତ୍ ମହାନ୍ତି): ପୁରୀ ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ବ୍ୟାପକ ଦୁର୍ନୀତି, ବେଆଇନ ନିଯୁକ୍ତି ଓ ଅର୍ଥ ତୋଷରପାତ ବିରୋଧରେ ଶନିବାର ଉପସଭାନେତ୍ରୀ ଓ ଅନେକ ନିର୍ଦ୍ଦେଶକମାନେ ବ୍ୟାଙ୍କର ସାଧାରଣ ସଭା ବର୍ଜନ କରିବା ସହ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଜାତୀୟକରଣ ବ୍ୟାଙ୍କ ପରିବର୍ତ୍ତେ ମୋଟା ଅଙ୍କର କମିଶନ ନେଇ ପ୍ରାଇଭେଟ ବ୍ୟାଙ୍କରେ ଟଙ୍କା ଜମା ରଖିବା, ଶିକ୍ଷାଗତ ଯୋଗ୍ୟତା ନ ଥାଇ ସମ୍ପାଦକ ନିଯୁକ୍ତି ଓ ପୂର୍ବତନ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ଚକାଡୋଲା ଡେଲି ଡିପୋଜିଟ ସ୍କିମକୁ ଆରବିଆଇ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବେଆଇନ ଭାବେ ଚାଲୁ ରଖିବା, ବ୍ୟାଙ୍କର ସଦସ୍ୟମାନଙ୍କୁ ନ ଡାକି ଅଣ ସଦସ୍ୟଙ୍କୁ ନେଇ ସାଧାରଣ ସଭା ପରିଚାଳନା କରିବା ଓ ସାଧାରଣ ସଭାରେ ସଭ୍ୟମାନଙ୍କୁ ନିଜ ନିଜର ଦାବି ଉପସ୍ଥାପନ କରିବାକୁ ସୁଯୋଗ ନ ଦେବାରୁ ଉପସଭାନେତ୍ରୀ ମମତା ରାଣୀ ସାହୁଙ୍କ ସମେତ ନିର୍ଦ୍ଦେଶକ ପ୍ରତାପ ମହାନ୍ତି, ଡ. ପ୍ରଧାନ ଧୀରେନ ରାୟ, ଉମାକାନ୍ତ ନାୟକ, ରବି ନାରାୟଣ ଦାଶ, ଅନିଲ ସାହୁ, ବୃନ୍ଦାବନ ବେହେରା ପ୍ରମୁଖ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଆଗାମୀ ୧୦ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ଭିଜିଲାନ୍ସରେ ଅଭିଯୋଗ କରିବା ପାଇଁ ବାଧ ହେବେ ବୋଲି ଉପସଭାପତି ଓ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଥିବା ନିର୍ଦ୍ଦେଶକ ।

# ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି ସମ୍ପନ୍ନ

ପୁରୀ,୯।୯(ଅଜିତ୍ ମହାନ୍ତି): ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣଲୀଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହୋଇଯାଇଛି। ସେହିପରି କୋଳିବିକା ନୀତି ସହ ବକାସୁର, ଅଘାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ବଡଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଅଣ୍ଟାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣ ଘରକୁ ବିଜେ କରାଯାଇଥିଲା। ଦକ୍ଷିଣ ଘରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା। ରାମକୃଷ୍ଣ ଏହି ଆଜ୍ଞାମାଳ ପାଇବା ପରେ ବଟଦ୍ୱାର ପାଖରେ ଥିବା ପାଲିଙ୍କିରେ ଅଧିଷ୍ଠିତ ହୋଇଥିଲେ। ପରେ ଏହି ପାଲିଙ୍କିକୁ ବିମାନ ବଡୁ ସେବକମାନେ ଘଣ୍ଟଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡଛତା ମଠ ସମ୍ମୁଖରେ ସଜାଯାଇଥିବା କାଠ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ହୋଇଥିଲା। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବଣଭୋଜି ବେଶରେ ଭୂଷିତ କରାଇଥିଲେ। ଏହି ବେଶର ମହାପ୍ରଭୁଙ୍କୁ ପ୍ରାୟ ୧୮ପ୍ରକାର ଅଳଙ୍କାର ଲାଗି ହୋଇଥିଲା। ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣ କିଆ ଶ୍ରୀମସ୍ତକ ଚୂଳରେ ଖୋସା ଯାଇଥିଲା। ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏ ଗାଈ ବାଛୁରୀ (କାଷ୍ଠ ନିର୍ମିତ) ଦଣ୍ଡାୟମାନ ରହିଥିଲେ। ଏହି ବେଶ ପୁଷ୍ପାଳକ, ଭଣ୍ଡାର ମେକାପ ଓ ଖୁଣ୍ଟିଆ ଆଦି ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବେଶରେ ଠାକୁରମାନେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖୁଆପେଡାର ମାଳି ଧାରଣ କରିଥିଲେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆ ପେଡା ଯୋଗାଇ ଦିଆଯାଇଥାଏ। ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରୀ ନେଇ ବଣ ଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବା ଲୋକ ବିଶ୍ୱାସ ରହିଛି। ଏହି ବେଶରେ ବିଶେଷକରି ଠାକୁରମାନେ ବଣଭୋଜି ଉଦ୍ଦେଶ୍ୟରେ ଗମନ କରୁଥିବାର ଦୃଶ୍ୟ ଏଥିରେ ପ୍ରକଟିତ ହୋଇଥାଏ। ସାହି ପରମ୍ପରାରେ ବାଲିସାହି ଯାଗା ଆଖଡା ପକ୍ଷରୁ ବକାସୁର ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ବକାସୁର ବଧ ଓ ଅଘାସୁର ବଧ ନୀତି ସମ୍ପନ୍ନ ହୋଇଥିଲା। ରବିବାର ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କେଣ୍ଡେୟ ପୁଷ୍କରିଣୀ ଠାରେ କାଳୀୟ ଦଳନ ନୀତି ସମ୍ପନ୍ନ ହେବ।



**କୁଇଜ୍ ପ୍ରତିଯୋଗିତା**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜାସ୍ଥିତ ବେଣ୍ଟକାର ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ପରିବେଶବିତ୍ ତଥା ନାଟ୍ୟକାର ନୃସିଂହ ଚରଣ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମାଜିକ ସଙ୍ଗଠନ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳ୍ପତରୁ ପାଗଳ ଓ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଇଂ. ଅଶୋକ ବିଶ୍ୱାଳ, ଶିକ୍ଷାବିତ୍ ଡ. କଲ୍ଲିମୁଲା, କଣ୍ଠଶିଳ୍ପୀ ଅଶ୍ୱିନୀ ମହାନ୍ତି ଓ ସାମାଜିକ କର୍ମୀ ବିନୋଦ ବେହେରା ଯୋଗଦେଇଥିଲେ। ତ୍ରିଲୋଚନ ଦାଶ ଓ ସୁନନ୍ଦା ଦାଶ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ, ଅତିଥିମାନଙ୍କ ସହିତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୁଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

# 'ମା'-ଶିଶୁଙ୍କ ପାଇଁ ପରିବାରରେ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହେଉ'

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ସମ୍ମିଳନୀ ଉଦ୍‌ଘାଟିତ**

କଟକ,୯।୯(କାର୍ତ୍ତିକ ସାହୁ)



ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ ପକ୍ଷରୁ ଦୁଇଦିନିଆ ୩୪ତମ ନିଖିଳ ଉତ୍କଳ ସମ୍ମିଳନୀ କଟକ ସାରଳା ଭବନରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରଫେସର ଡା. ଶଶୀ ବାଣୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଦିନ ଥିଲା ଲୋକେ ଟିକାକରଣ ପ୍ରତି ସଚେତନ ନ ଥିଲେ। ସେଥିପାଇଁ ଡାକ୍ତରମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଛି। ସେହି ସମୟ ବଡ଼ ଆହ୍ୱାନ ଥିଲା। ହେଲେ ଏବେ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ନବଜାତକର ବିଶେଷ ଯତ୍ନ ନିଆଯିବା ସହ ଅନେକ ପଦ୍ଧତି ଅବଲମ୍ବନ କରାଯାଉଛି। ଖାଲି ସେତିକି ନୁହେଁ, ମାଆର ଯତ୍ନ ବି ଏକ ପ୍ରମୁଖ ଦିଗ। ପରିବାରର ସଦସ୍ୟମାନଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବା ନିମନ୍ତେ ସମସ୍ତଙ୍କର ଦାୟିତ୍ୱ ରହିଛି। ମା' ଓ ଶିଶୁଙ୍କୁ ବିଶ୍ରାମ ଦେବା ପାଇଁ ପରିବାରରେ ଏକ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହେବା ଆବଶ୍ୟକ। ମାଆ ଓ ଶିଶୁଙ୍କ ଉପଯୁକ୍ତ ଯତ୍ନ ପାଇଁ ଚିକିତ୍ସାଠାରୁ ଆରମ୍ଭ କରି ପୁଷ୍ଟିକର, ସୁଷମ ଖାଦ୍ୟ ଅପରିହାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡିଏମ୍ଇଟି ଡା. ସଚ୍ଚିଦାନନ୍ଦ ମହାନ୍ତି କହିଥିଲେ, ସମାଜ ପାଇଁ ମାଆମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଆ ଓ ଶିଶୁ ଯତ୍ନ ଦିଗରେ ଚିକିତ୍ସା ବିଜ୍ଞାନ ଅଧିକ ହସ୍ତ ପ୍ରସାରଣପୂର୍ବକ କାର୍ଯ୍ୟ କରିବା ଦରକାର। ସମସ୍ତେ ଈଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ୍। ଐଶ୍ୱରୀୟ ଚିନ୍ତନ ଓ ଆଧ୍ୟାତ୍ମିକତା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଯାହା ଭଲ ତାହା ଚୟନ କରନ୍ତୁ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଥିଲେ, ଶିଶୁଟିଏ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଉପହାର। ମାନବ ସମ୍ବଳର ଶ୍ରେଷ୍ଠ ପୁଞ୍ଜି। ତେଣୁ ଶିଶୁର ବାଲ୍ୟାବସ୍ଥାରେ ଉପଯୁକ୍ତ ଯତ୍ନ ନେଇପାରିଲେ ତାହା ଦେଶ ପାଇଁ ମହାନ୍ କାର୍ଯ୍ୟ ହେବ। ଅନ୍ୟତମ ସମ୍ମାନିତ ଅତିଥି ସର୍ବଭାରତୀୟ ଶିଶୁରୋଗ ବିଶେଷଜ୍ଞ ସଂଘର ସଭାପତି ଡା. ନୀଳମାଧବ ଜେନା କହିଥିଲେ, ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟ ଘଟିଲେ ମଣିଷ ସଫଳତା ଆଡ଼କୁ ଅଗ୍ରସର ହୁଏ। ଶିଶୁଟିଏ କାନ୍ଦିଲେ ଜଣେ ପ୍ରସୂତି ବିଶେଷଜ୍ଞ ଖୁସି ହୁଏ। ତେଣୁ ବିଜ୍ଞାନ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଶିଶୁଯତ୍ନ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ସମସ୍ତେ ଆପଣେଇପାରିଲେ ଦେଶ ପାଇଁ ଶୁଭଙ୍କର ହେବ।

ଆସୋସିଏଶନ୍‌ର ଅର୍ଗାନାଇଜିଂ ଚେୟାରମ୍ୟାନ ପ୍ରଫେସର ଡା. ଜୟନ୍ତ ପଣ୍ଡା ସ୍ୱାଗତ ସୂଚନା ଓ ସେକ୍ରେଟାରି ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଏବଂ ଶିଶୁ ରୋଗ ବିଶେଷଜ୍ଞ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବୈଷୟିକ ଅଧିବେଶନରେ ଡା. ଓଜୋସ୍ୱିନୀ ପଟେଲ, ରାଧାକାନ୍ତ ପାଣିଗ୍ରାହୀ, ମହିଜା ସାହୁ, ଜିତେନ୍ଦ୍ର ବେହେରା, ଡା. ସୁଜାତା ଦାସଙ୍କ ସମେତ ବହୁ ବିଶେଷଜ୍ଞ ପେନାଲିଷ୍ଟ ଭାବେ 'ଦି ନ୍ୟୁ ଚାଇଲଡ୍‌ହୁଡ୍' ଶୀର୍ଷକରେ ଆଲୋଚନା କରିଥିଲେ। ମାତୃଭବନ ଟ୍ରଷ୍ଟର ସମ୍ପାଦକ ଗଦାଧର ମିଶ୍ର ପେନାଲିଷ୍ଟ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରସାଦ ତ୍ରିପାଠୀ, ଡ. ବିଜୟିନୀ ମହାପାତ୍ର, ଡ. ସଂଘମିତ୍ରା ପଣ୍ଡା, ସରୋଜ ପଟ୍ଟନାୟକ, ଡ. ସୁଶାନ୍ତ କୁମାର କର ଓ ଗଙ୍ଗାଧର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଠଗଡ଼ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ମନୋନୀତ

ଖୁଣ୍ଟୁଣୀ, ୯।୯(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଶନିବାର ମନୋନୀତ କରାଯାଇଛି। ଆଠଗଡ଼ ବ୍ଲକ ଅଧୀନ ସୀତାରାମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳମଣି ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ସଭାପତି ଭାବେ କିଶୋର ଚନ୍ଦ୍ର ବେହେରା, ଉପ ସଭାପତି ମନସୁର ମହମ୍ମଦ, ଉପ ସଭାନେତ୍ରୀ ପୁଷ୍ପଲତା ମହାନ୍ତି, ସମ୍ପାଦକ ଭାବେ ଦେବୀ ପ୍ରସାଦ ମିଶ୍ର ମନୋନୀତ ହୋଇଥିଲେ। ସେହିପରି ସହ ସମ୍ପାଦକ ପ୍ରଦୀପ କୁମାର ନାୟକ, ଆଶିଷ ରାଉତରାୟ, ଫକୀର ଚରଣ ନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ, ସଂଯୋଜକ ଭାବେ ତୁଷାର କୁମାର ବେଉରା ମନୋନୀତ ହୋଇଥିଲେ। କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଶ୍ୱମୋହନ ମିଶ୍ର ଓ ସୁଲଭ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲରୁ ହରିଣ ମାଂସ, ଚମଡ଼ା ଜବତ

**ଖୁଣ୍ଟୁଣୀ ବନ ବିଭାଗର ଚଢ଼ାଉ**

ଖୁଣ୍ଟୁଣୀ, ୯।୯ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଡବାଗାଡ଼ିଆ ଗ୍ରାମ ନିକଟ ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ହରିଣ ମୁଣ୍ଡ, ମାଂସ ଓ ଚମଡା ଜବତ କରାଯାଇଛି। ପରେ ହରିଣ ମୁଣ୍ଡ ଓ ମାଂସକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବାବେଳେ ଚମଡାକୁ ସଂରକ୍ଷିତ ରଖାଯାଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ପୂର୍ବାହ୍ନରେ ବନାଞ୍ଚଳ ଅଧିକାରୀ ପାଟ୍ରୋଲିଂ କରୁଥିବାବେଳେ ଜଙ୍ଗଲରେ ହରିଣ ମାଂସ କଟାଯାଉଥିବା ଖବର ପାଇଥିଲେ। ତୁରନ୍ତ ସେ କର୍ମଚାରୀମାନଙ୍କ ସହ ସେଠାରେ ପହଞ୍ଚିବାବେଳକୁ ଶିକାରୀମାନେ ଫେରାର ହୋଇଯାଇଥିଲେ। ପରେ ହରିଣର ସମସ୍ତ ଅଂଶକୁ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଏକ ମାମଲା(ନଂ.୧୫/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜ କର୍ମଚାରୀ ପୁରସ୍କୃତ

କଟକ,୯।୯ (କାର୍ତ୍ତିକ ସାହୁ)

ଖ୍ରୀଷ୍ଟ କଲେଜରେ କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ବିଭିନ୍ନ କାର୍ଯ୍ୟଦକ୍ଷତାକୁ ବିଚାର କରି କଲେଜ ପରିଚାଳନା ସମିତି ସେମାନଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି କହିଥିଲେ, ଏଭଳି ସମ୍ମାନ ପ୍ରଦାନ ଦ୍ୱାରା ପ୍ରତ୍ୟେକ କର୍ମଚାରୀଙ୍କ ମଧ୍ୟରେ ଅଧିକ ନିଷ୍ଠା, କର୍ମତତ୍ପରତା ଓ ଉତ୍ସାହ ବୃଦ୍ଧି ପାଇବ। ଏଥିରେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ଚନ୍ଦ୍ର ରାଉତ, ଆଇନଜୀବୀ ଅନଙ୍ଗ କୁମାର ଓତା, ପୁରାତନ ଛାତ୍ର ଶରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଆଦ୍ୟାଶା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଟକ ଖ୍ରୀଷ୍ଟିୟାନ ଏଜୁକେଶନ ବୋର୍ଡର କର୍ମକର୍ତ୍ତା, ପରିଚାଳନା କମିଟିର ସଭ୍ୟ ବିଧାନ ଚନ୍ଦ୍ର ରାଉତ, ଶୁଭାଶିଷ ସାହୁ, ଚନ୍ଦନ କୁମାର ଦାସ, ସୌମେନ୍ଦ୍ର କୁମାର ଦାସ, ଶିକ୍ଷକ ପ୍ରତିନିଧି ଡ. ଦେବଯାନୀ ଦାଶ, ଅଧ୍ୟାପକ ସୁମନ ରଥଙ୍କ ସମେତ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଧନ୍ୟବାଦ ଦେଇଥିଲେ।

### ଚିତ୍ତରଞ୍ଜନ ଦାସ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ

କଟକ,୯।୯ (କାର୍ତ୍ତିକ ସାହୁ)

ଭାଜପା ରାଜ୍ୟ ସଂଯୋଜକ ଭାବେ କଟକ ସହରର ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ନିଯୁକ୍ତି ଦେଇଛନ୍ତି। କଟକ ସହରରେ ଭାଜପାକୁ ମଜଭୁତ କରିବା ପାଇଁ ଦାସ କିଛିବର୍ଷ ହେବ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଆସିଛନ୍ତି। ଏଥିପାଇଁ ଦାସ ରାଜ୍ୟ ସଭାପତି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଓ କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆହୁରି ଅଧିକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରେସ୍ ବିବୃତିରେ ଜଣାଇଛନ୍ତି।



ଡ୍ରିମ୍‌ସ ପଲିଟେକ୍‌ନିକରେ ଅଭିମୁଖୀକରଣ ଉତ୍ସବରେ ଅତିଥି ଓ ଅନ୍ୟମାନେ।

# 'ମାତାପିତାଙ୍କ ଅଭିଳାଷ ପୂରଣ ପାଇଁ ଉଦ୍ୟମ ଆବଶ୍ୟକ'

**ଡ୍ରିମ୍‌ସ ପଲିଟେକ୍‌ନିକରେ ଅଭିମୁଖୀକରଣ ଉତ୍ସବ**

କଟକ,୯।୯(କାର୍ତ୍ତିକ ସାହୁ)

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ ଉତ୍ସବ 'ଆରମ୍ଭ-୨୦୨୩' ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରି କହିଥିଲେ, ସବୁ ମାଆବାପା ଚାହାନ୍ତି ସେମାନଙ୍କର ସନ୍ତାନ ସୁନାମ ଅର୍ଜନ କରୁ, ସମାଜରେ ଉଚ୍ଚ ଆସନ ପାଉ। ଏଣୁ ପିଲାମାନେ ମାଆବାପାଙ୍କ ଆଶା ଓ ଅଭିଳାଷ ପୂରଣ ଲାଗି ନିରନ୍ତର ଉଦ୍ୟମ କରିବା ଆବଶ୍ୟକ। ଆସୁଥିବା ପ୍ରତିବନ୍ଧକକୁ ସାମ୍ନା କରି ଦୃଢ଼ ମନୋବଳ ସହ ଆଗକୁ ବଢ଼ିବା ନିମନ୍ତେ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ କହିଥିଲେ, ସମୟର ଠିକ୍ ଉପଯୋଗ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ଡ୍ରିମ୍‌ସ ପଲିଟେକ୍‌ନିକ୍ କ୍ୟୁସିଆଇ ର୍ୟାଙ୍କରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଗୌରବର ବିଷୟ ବୋଲି କହିଥିଲେ। ଅଧ୍ୟାପକ କୁଞ୍ଜବିହାରୀ ସାହୁଙ୍କ ମୁଖ୍ୟ ସମ୍ପାଦନାରେ ପ୍ରକାଶିତ 'ନ୍ୟୁଜ୍‌ଲେଟର' ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ର ସୁଜିତ୍ କୁମାର ସ୍ୱାଇଁ ଓ ଛାତ୍ରୀ ନିକିତା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦେବବ୍ରତ ପତି ଓ ଅଧ୍ୟାପିକା ମୀନାରାଣୀ ସିଂ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପିକା ପ୍ରଜ୍ଞାପାରମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଶିଶୁଶଙ୍କର ମିଶ୍ର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ, ସୌମେନ୍ଦୁ ଦାସ, ଭାଗୀରଥୀ ଦାସଙ୍କ ସମେତ ପଲିଟେକ୍‌ନିକ୍‌ର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍, ୨ ଗିରଫ

ଫୁଲନଖରା,୯।୯
(ସତ୍ୟରଞ୍ଜନ ଦାସମହାପାତ୍ର)

ଟାଟା ଏସିଇ ଚାଳକଙ୍କୁ ମାଡ଼ମାରି ଟଙ୍କା ଲୁଟ୍ କରିବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଉଚ୍ଚସାହିର ସୁରଜ ସାହୁ ଓ ପୁରୀଘାଟ ଥାନା ଅଞ୍ଚଳର ଶେଖର ନାୟକ। ସେମାନଙ୍କଠାରୁ ୧୬୦୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବାରିପଦାର ଅନାମ ଦିଗାଲ ୩ଟି ଗୋରୁଙ୍କୁ ଭୁବନେଶ୍ୱରର ଏକ ଫାର୍ମରୁ କିଣି ଟାଟା ଏସିଇ (ନଂ.ଓଡ଼ି୧୧ଆର୍-୦୬୬୯)ଯୋଗେ ଶନିବାର ବାରିପଦା ଅଭିମୁଖେ ନେଇ ଯାଉଥିଲେ। ଅଭିଯୁକ୍ତ ଦ୍ୱୟ ରସୁଲଗଡଠାରୁ ଏକ ବାଇକ୍ ଯୋଗେ ଟାଟା ଏସିଇର ପିଛା କରିଥିଲେ। ଫୁଲନଖରା ଓଭରବ୍ରିଜ୍ ଶେଷ ଭାଗରେ ଟାଟା ଏସିଇକୁ ଅଟକାଇ ଚାଳକ ଅନାମଙ୍କୁ ମାଡ ମାରି ଟଙ୍କା ଲୁଟ୍ କରିଥିଲେ। ଖବରପାଇ ଟ୍ରାଫିକ ଓ ସଦର ଥାନା ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲେ। ଏନେଇ ଅନାମ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୧୮/୨୩)ରୁଜୁ କରିଥିଲା। ଶେଖରଙ୍କ ନାଁରେ ବିଭିନ୍ନ ଥାନାରେ ୧୧ଟି ଓ ସୁରଜଙ୍କ ନାଁରେ ଗୋଟିଏ ମାମଲା ଥିବା ସଦର ଥାନା ଏସ୍ଆଇ ସୁଶାନ୍ତ କୁମାର ସାହୁ କହିଛନ୍ତି।

# 'ସବୁଭାଷାର ବ୍ୟାକରଣ ଅଛି'

**ଉତ୍କଳ ସାହିତ୍ୟ ସମାଜର ଭାଷା-ସାହିତ୍ୟ ଚର୍ଚ୍ଚା**



ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୯।୯ (କାର୍ତ୍ତିକ ସାହୁ)

ଭାଷା ସକଳ ସୃଜନୀର ମୂଳ ଉତ୍ସ। ଭାଷା ନ ଥିଲେ ସମାଜ, ସଂସ୍କୃତି ଓ ବିଜ୍ଞାନ ନାହିଁ। ମଣିଷ କହୁଥିବା ସବୁ ଭାଷାର ବ୍ୟାକରଣ ଅଛି। ଯେଉଁ ଭାଷାଭାଷୀ ବିଦ୍ୱାନ ଲୋକମୁଖର ବ୍ୟାକରଣକୁ ଚିହ୍ନଟ କରି ସ୍ୱାତନ୍ତ୍ର୍ୟ ପ୍ରମାଣ କରନ୍ତି, ସେହି ଭାଷା ସେତିକି ଉନ୍ନତ ଓ ସେ ଜାତି ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ସମ୍ପନ୍ନ ଜାତିର ପରିଚୟ ପାଏ। ଏହି ଦୃଷ୍ଟିରୁ ଓଡ଼ିଆ ଭାଷା ଉନ୍ନତ ଓ ଏହାର ଓଡ଼ିଆ ବ୍ୟାକରଣ ସ୍ୱତନ୍ତ୍ର ବୋଲି ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ କହିଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଟିକାୟତରାୟ ଯୋଗଦେଇ ଓଡ଼ିଆ ବ୍ୟାକରଣର ବୈଶିଷ୍ଟ୍ୟ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସରୋଜିନୀ ମିଶ୍ର ଅତିଥି ପରିଚୟ ଓ ଉପ ସଭାପତି ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅକ୍ଷୟ କୁମାର ଭଦ୍ର, ତରୁଣ କୁମାର ସାହୁ, ନିଶିକାନ୍ତ ମିଶ୍ର, ଡକ୍ଟର ଅର୍ଜୁନ ଚରଣ ମଲ୍ଲିକ, ନଳିନୀକାନ୍ତ ପଣ୍ଡା ଓ ମନୋରଞ୍ଜନ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର, ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଶଶିକାନ୍ତ ରାଉତ, ରାଧାଶ୍ୟାମ ରାଉଳ, ମୁରଲୀଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୩୬୭ ମାମଲା ଫଇସଲା

**ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

କଟକ,୯।୯ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଲୋକ ଅଦାଲତର ସମସ୍ତ କୋର୍ଟ ପରିଦର୍ଶନ କରିଥିଲେ। ଜିଲା ଓ ଦୌରାଜଜ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ବିଚାରପତିମାନେ ନିଜ କୋର୍ଟରେ ଥିବା ମାମଲାଗୁଡ଼ିକର ଫଇସଲା କରାଇଥିଲେ। ତାଲିକାଭୁକ୍ତ ହୋଇଥିବା ମୋଟ୍ ୧୭,୬୭୩ ମାମଲା ମଧ୍ୟରୁ ୨,୩୬୭ଟି ଫଇସଲା ହୋଇଥିଲା। ଜରିମାନା ଓ ଅନୁକମ୍ପାମୂଳକ ରାଶି ବାବଦରେ ୨୬,୨୨,୮୬,୮୫୨ ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଲିଗାଲ ସର୍ଭିସେସ୍ ଅଥୋରିଟି କଟକ ପକ୍ଷରୁ ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ।

# 'ଶିକ୍ଷାବିତ୍ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତୁ'

କଟକ, ୯।୯(ସୁପ୍ରିୟା ପ୍ରିୟଦର୍ଶିନୀ)



ଓଡ଼ିଶା ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ରାଜ୍ୟରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଗତ ଏକ ଦଶନ୍ଧି ମଧ୍ୟରେ କାୟା ବୃଦ୍ଧି କରିଚାଲିଛି। ଗୋଟିଏ ସମୟରେ ସମସ୍ତେ ସରକାରୀ ଶିକ୍ଷାନୁଷ୍ଠାନ ଉପରେ ନିର୍ଭରଶୀଳ ଥିଲେ। ସେଠାରୁ ଉତ୍ତୀର୍ଣ୍ଣ ହୋଇ ସମାଜର ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହେଉଥିଲେ। ହେଲେ ସମୟର ପରିବର୍ତ୍ତନ ଅନୁଯାୟୀ ଏବେ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି। ଏବେ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା ଘରୋଇ ଶିକ୍ଷାନୁଷ୍ଠାନରେ ପଢାଇବା ପାଇଁ ପସନ୍ଦ କରୁଛନ୍ତି। ତେଣୁ ଘରୋଇ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ବ୍ୟବସାୟିକ ମନୋବୃତ୍ତି ପରିହାର କରିବା ଉଚିତ୍। ଶିକ୍ଷାବିତ୍‌ମାନେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱାରୋପ କରନ୍ତୁ ବୋଲି ହାଇକୋର୍ଟର ପୂର୍ବତନ ବିଚାରପତି ବୀରକିଶୋର ମିଶ୍ର କହିଛନ୍ତି। ସ୍ଥାନୀୟ ମାରିଟାଇମ୍ ମ୍ୟୁଜିୟମ୍‌ଠାରେ ଓଡ଼ିଶା ଯୁବ ସାମ୍ବାଦିକ ସଂଘର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମିଶ୍ର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ସାମାଜିକ କର୍ମୀ ଶୁଚିସ୍ମିତା ପୃଷ୍ଟି, ଶିଳ୍ପଦ୍ୟୋଗୀ ସୁନୀଲ କୁମାର ମୁବାରକା, ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ 'ବର୍ତ୍ତମାନ ଓଡ଼ିଶାରେ ଶିକ୍ଷାର ସ୍ତର ଓ ଏହାର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ନିଜସ୍ୱ ମତ ରଖୁଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତ୍ରିଦେବ ବେହେରା, ମଞ୍ଜୁଶ୍ରୀ ସ୍ୱପ୍ନମୟୀ ସାହୁ, ଦେବଦତ୍ତ ସ୍ୱାଇଁ, ଦିଲ୍ଲୀପ କୁମାର ମହାରଣା, ସପନ କୁମାର ମିଶ୍ର ଓ ଶିକ୍ଷାବିତ୍ ସମ୍ୟାନ୍ ମହାନ୍ତିଙ୍କୁ ଓଡ଼ିଶା ଶିକ୍ଷା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡା. ତ୍ରିଲୋଚନ ପଣ୍ଡା, ଡା. ସାମି ସଲିମ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡା. ସୁବ୍ରତ ସାମନ୍ତରା, ଡା. ଅଶୋକ କୁମାର ପାଢ଼ୀ ଏବଂ ଡା. ସତ୍ୟବ୍ରତ ମହାପାତ୍ରଙ୍କୁ ସେବା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପୋଲିସ ବିଭାଗରେ ଅମିତାଭ ମହାପାତ୍ର, ଅରୁଣ କୁମାର ସ୍ୱାଇଁ, ତାପସ ଚନ୍ଦ୍ର ପ୍ରଧାନ, ଦୁର୍ଗେଶ ନନ୍ଦିନୀ ମହାନ୍ତି, ସୁଧାଂଶୁ ଭୂଷଣ ଜେନା, ରବୀନ୍ଦ୍ର ନାଥ ମେହେରଙ୍କୁ ଓଡ଼ିଶା ଆରକ୍ଷୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବରିଷ୍ଠ ଆଇନଜୀବୀ ପମି ରଥ ଓ ଆଲୋକ ମହାପାତ୍ରଙ୍କୁ ଓଡ଼ିଶା ଆଇନ ପ୍ରତିଭା ସମ୍ମାନ, ଶିଳ୍ପୋଦ୍ୟୋଗୀ କପିଳ ଖଣ୍ଡେଲୱାଲ, ମନୋଜ ଅଗ୍ରୱାଲ ଓ ସୁମିତ୍ ଅଗ୍ରୱାଲଙ୍କୁ ଓଡ଼ିଶା ଶିଳ୍ପ ପ୍ରତିଭା ସମ୍ମାନ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ଓଡ଼ିଶା ସଂସ୍କୃତି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱକୁ ଖସିଲା ମୋ ବସ୍, ଜଣେ ଆହତ



ସାକ୍ଷୀଗୋପାଳ,୯।୯(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)- ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋଠାରୁ ଭୁବନେଶ୍ୱର ଯାଉଥିବା ଏକ ମୋ ବସ୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ୧୦ଜଣ ଯାତ୍ରୀ ଥିବାବେଳେ ସୁଆଣ୍ଡୋ ଗ୍ରାମର ଭବାନୀ ଶଙ୍କର ଦାସ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ବସ୍‌ଟି ଯିବାବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲା।

### ୪୫ରୁ ଊର୍ଦ୍ଧ୍ୱ କବିଙ୍କ ସ୍ୱରଚିତ କବିତା ପାଠ

ପୁରୁଣା ଭୁବନେଶ୍ୱର,୯।୯(ସୁବାସଚନ୍ଦ୍ର ପ୍ରଧାନ)- ଧଉଳି ସାହିତ୍ୟ ସଂସଦର ବର୍ଷା ପର୍ବ ଆସର ମେଘ ମହ୍ଲାର ସ୍ଥାନୀୟ ଶିଶୁପାଳଗଡ଼ ନିକଟବର୍ତ୍ତୀ ଗଙ୍ଗୋତ୍ରୀ ଫାର୍ମ ହାଉସରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ବର୍ଷାକୁ ନେଇ ସ୍ୱ-ରଚିତ କବିତାମାନ ପଠନ କରିଥିଲେ। ଅନୁଷ୍ଠାନର ଅକ୍ଷୟ ସ୍ୱାଇଁ ପରିଚାଳନା କରିଥିଲେ।

### ପ୍ରାଥମିକ ଶିକ୍ଷକ କର୍ମଶାଳା

ବାଲିପାଟଣା,୯।୯(ଅଭିମନ୍ୟୁ ନାୟକ): ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆକାଂକ୍ଷିତା ପ୍ରିୟଦର୍ଶିନୀ ପ୍ରଧାନଙ୍କ ସଭାପତିତ୍ୱରେ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡ.ଅରବିନ୍ଦ ଢାଲୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରମା ରଞ୍ଜନ ଦାଶ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ମଞ୍ଜୁଳତା ସାହୁ, ସରୋଜିନୀ ପାଣିଗ୍ରାହୀ, ବ୍ଲକ୍ ଶିକ୍ଷକ ସଂଘ ସଭାପତି ଆଲୋକ କୁମାର ସାହୁ, ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା, ଖୋର୍ଦ୍ଧା ଜିଲା ସଭାପତି ଜଗେଶ୍ୱର ମଲ୍ଲିକ, ଭୁବନେଶ୍ୱର ବ୍ଲକ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ଭୋଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଝୁନା ଦେଇ, ରୋଜାଲିନ ସାହୁ, ନମିତା ଦଳେଇ, ସ୍ୱାତି ସୁଚରିତା ପାଇଟାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୁଣା ଅସ୍ଥାୟୀ କର୍ମଚାରୀଙ୍କୁ ନେଇ କାମ କରିବ ନୂଆ ସଂସ୍ଥା

**କ୍ୟାପିଟାଲ ହସ୍ପିଟାଲ**

ଭୁବନେଶ୍ୱର,୯।୯(ଅଭିଜିତ ଦାସ)

କ୍ୟାପିଟାଲ ହସ୍ପିଟାଲରେ ସଫେଇ, ସିକ୍ୟୁରିଟି ଓ ଅନ୍ୟାନ୍ୟ କ୍ଷେତ୍ରରେ ଠିକା କର୍ମଚାରୀମାନେ ନିୟୋଜିତ ଅଛନ୍ତି। ଏମାନେ ସାଧାରଣତଃ ଟେଣ୍ଡର ପାଇଥିବା ଠିକା ସଂସ୍ଥା ଅଧୀନରେ କାମ କରୁଛନ୍ତି। ତେବେ ଟେଣ୍ଡର ଅବଧି ସରିବାକୁ ଯାଉଥିବାବେଳେ ସମ୍ପୃକ୍ତ କର୍ମଚାରୀମାନେ ଚିନ୍ତାରେ ପଡ଼ିଛନ୍ତି। ନୂଆ ସଂସ୍ଥା ସେମାନଙ୍କୁ ନିଜ ଅଧୀନକୁ ନେଇ କାମ କରିବ କି ନାହିଁ, ତାହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏପରିସ୍ଥିତିରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି କର୍ମଚାରୀଙ୍କୁ ଆଶ୍ୱସ୍ତିକର ଖବର ଦିଆଯାଇଛି। ପୁରୁଣା କମ୍ପାନୀରେ କାମ କରୁଥିବା କର୍ମଚାରୀଙ୍କୁ ଛଟେଇ ବଦଳରେ ନୂଆ କମ୍ପାନୀ କାର୍ଯ୍ୟରେ ଲଗାଇବ ବୋଲି ସୂଚନା ଦେବା ପରେ ସେମାନଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି। କ୍ୟାପିଟାଲ ହସ୍ପିଟାଲରେ ଅସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥାଗୁଡ଼ିକର ଟେଣ୍ଡର ଆସନ୍ତା ୧୫ ତାରିଖରେ ଶେଷ ହେଉଛି। ହସ୍ପିଟାଲରେ ନିୟୋଜିତ ଥିବା ପାଖାପାଖି ୩୦୦ ସିକ୍ୟୁରିଟି ଗାର୍ଡ ନିରାକାର ଏଜେନ୍ସି ଅଧୀନରେ କାର୍ଯ୍ୟ କରୁଥିବାବେଳେ ପ୍ରତ୍ୟୁଷା ଏଜେନ୍ସିରେ ୨୫୦ଜଣ ସଫେଇ କର୍ମଚାରୀ ରହିଛନ୍ତି। ସେହିପରି ଏଲ୍ ଏଣ୍ଡ୍ କେ ସର୍ଭିସ ଅଧୀନରେ ମଧ୍ୟ କିଛି କର୍ମଚାରୀ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଟେଣ୍ଡର ଅବଧି ସରିବା ସମୟରେ ବା ସଂସ୍ଥା ହାତରୁ ଦାୟିତ୍ୱ ଯିବା ପରେ ଏମିତି ବହୁବାର ଅସ୍ଥାୟୀ କର୍ମଚାରୀ ଛଟେଇ ହୋଇଛନ୍ତି। ତେଣୁ ଏହାକୁ ନେଇ ଗତ କିଛି ଦିନ ହେବ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଭେଟି ନୂଆ ସଂସ୍ଥା ଅଧୀନରେ କାମ କରିବାକୁ ଦିଆଯାଉ ବୋଲି ଦାବି କରିଥିଲେ। ତେବେ ହସ୍ପିଟାଲରେ କାର୍ଯ୍ୟ କରିବାର ଅଭିଜ୍ଞତା ଦୃଷ୍ଟିରୁ କର୍ତ୍ତୃପକ୍ଷ ସେମାନଙ୍କୁ ଗୁରୁତ୍ୱ ଦେଇଛନ୍ତି। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡ.ଲକ୍ଷ୍ମୀଧର ସାହୁ କହିଛନ୍ତି, ହସ୍ପିଟାଲରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ଟେଣ୍ଡର ଅବଧି ଶେଷ ହେବ। ଆସନ୍ତା ୧୪ ତାରିଖରୁ ନୂତନ କମ୍ପାନୀ କ୍ୟୁଇଜ୍ କର୍ପୋରେଶନ ଲିମିଟେଡ୍ ଦାୟିତ୍ୱ ନେବ। ପୁରଣା କମ୍ପାନୀରେ କାର୍ଯ୍ୟରତ ସୁରକ୍ଷା କର୍ମୀ, ସୁରକ୍ଷା ସୁପରଭାଇଜର, ଆଟେଣ୍ଡାଣ୍ଟ, ଟେକ୍ନିକାଲ ଷ୍ଟାଫ୍ ପ୍ରମୁଖ ନୂତନ କମ୍ପାନୀ ସହ ଯୋଗାଯୋଗ କରିବେ। ପୁରୁଣା କମ୍ପାନୀ ଅନୁଯାୟୀ ନୂତନ କମ୍ପାନୀ ସମସ୍ତ କର୍ମଚାରୀଙ୍କ ଦରମା ଠିକ୍ ସମୟରେ ଦେବା ସହ କର୍ମଚାରୀଙ୍କ ଲାଗି ଇପିଏଫ୍‌ଠାରୁ ଆରମ୍ଭ କରି ସମସ୍ତ ସୁବିଧା ଯୋଗାଇଦେବ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ସହଯୋଗ କରାଯିବ ବୋଲି ଡ. ସାହୁ କହିଛନ୍ତି।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଟ୍ରମା କେୟାର

ଭୁବନେଶ୍ୱର,୯।୯(ଅଭିଜିତ ଦାସ): କ୍ୟାପିଟାଲ ହସ୍ପିଟାଲରେ ଟ୍ରମା କେୟାର ସେଣ୍ଟର ଆଣ୍ଡ୍ ସର୍ଜରି କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଆସନ୍ତା ଡିସେମ୍ବର ମାସ ସୁଦ୍ଧା କାମ ସାରିବାକୁ ପୂର୍ତ୍ତ ବିଭାଗ ଲକ୍ଷ୍ୟ ରଖିଛି। ନିର୍ମାଣ କାର୍ଯ୍ୟ ଏଲ୍ ଏଣ୍ଡ୍ ଟି କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଟେଣ୍ଡର ସର୍ତ୍ତ ଅନୁଯାୟୀ, ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ୨୩୫ କୋଟି ବ୍ୟୟ ବରାଦରେ ନିର୍ମାଣ ହେଉଥିବା ଟ୍ରମା କେୟାର ସେଣ୍ଟର ଆଣ୍ଡ୍ ସର୍ଜରି ବିଲ୍ଡିଂର ବର୍ତ୍ତମାନ ଚତୁର୍ଥ ମହଲା ନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସହଯୋଗୀଙ୍କ ରହଣୀ ଲାଗି ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିବାବେଳେ ଆଟେଣ୍ଡାଣ୍ଟ ରେସିଡେଣ୍ଟ ବିଲ୍ଡିଂର ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।



ହସ୍ପିଟାଲର ଜଣେ ଅଧିକାରୀ କହିଛନ୍ତି, ବର୍ତ୍ତମାନ ବିଲ୍ଡିଂର ଦ୍ୱିତୀୟ ମହଲା କାର୍ଯ୍ୟ ଶେଷ ହୋଇଛି। ସର୍ଜରୀ କମ୍ପ୍ଲେକ୍ସ, ପିଜିଆଇ ଆଡ୍‌ମିଶନ ବ୍ଲକ୍‌ଗୁଡିକର ନିର୍ମାଣ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଟ୍ରମା କେୟାର କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଗଳା କାଟି ହତ୍ୟା ଉଦ୍ୟମ: ୬ ମାସ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୯(ସୂର୍ଯ୍ୟକାନ୍ତ ବେହେରା)

ଛିଡା ହୋଇଥିବା ସମୟରେ କୌଣସି କାରଣକୁ ନେଇ ଜଣେ ବ୍ୟକ୍ତିଙ୍କୁ ଛୁରି ଦ୍ୱାରା ଗଳା କାଟି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୬ ମାସ ପରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଅଞ୍ଚଳର ଲୁନୁ ଭୋଇ । ତେବେ ଏହାକୁ ମିଶାଇ ଘଟଣାରେ ୪ ଜଣଙ୍କୁ ଗିରଫ କରିସାରିଛି ପୋଲିସ ।

ସୂଚନାନୁସାରେ, ମାର୍ଚ୍ଚରେ ଅଭିଯୋଗକାରୀ ପ୍ରକାଶ ଚନ୍ଦ୍ର ବେହେରା ବୋତଣ୍ଡା ଭୋଇ ସାହିରେ ଥିବା ଗୋଟିଏ ଦୋକାନ ନିକଟରେ ଠିଆ ହୋଇଥିବା ସମୟରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ଘଟଣାସ୍ଥଳକୁ ଆସି କୌଣସି କାରଣକୁ ନେଇ ତାଙ୍କୁ ଆକ୍ରମଣ କରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଧାରୁଆ ଛୁରିରେ ତାଙ୍କ ଗଳାକୁ କାଟି ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ । ଏଥିରେ ଅଭିଯୋଗକାରୀ ଗୁରୁତର ଆହତ ହେବା ସହ ତାଙ୍କର ଗଳା ଏବଂ ମୁହଁରୁ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଶନିବାର କ୍ୟାପିଟାଲ ହସ୍ପିଟାଲ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

## ସଦାଶିବ ତ୍ରିପାଠୀ ଚିରସ୍ମରଣୀୟ

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର କ୍ୟାପିଟାଲ ଅସ୍ପିଟାଲ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରଗତି ରଥ, ବିଜୟ ସାହୁ, ସତ୍ୟବ୍ରତ ଜେନା, ପ୍ରଦୀପ୍ତ ପରିଡ଼ା, ରୁବିନା ପରିଡ଼ା, ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଅଞ୍ଚଳର ଏକ ଜମିଦାର ପରିବାରରେ ଜନ୍ମହୋଇଥିଲେ ସଦାଶିବ। ସେ ପ୍ରାଥମିକ ଜୀବନରେ ଶିକ୍ଷକତାକୁ ବ୍ରତଭାବେ ଗ୍ରହଣ କାର୍ଯ୍ୟ କରୁଥିବା ସମୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାର କୋଣ ଅନୁକୋଣରେ ପଦଯାତ୍ରା କରି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିବା ସହିତ କାରାବରଣ କରିଥିଲେ। ଦେଶ ସ୍ୱାଧୀନତା ପରେ ସେ ବିଧାୟକ ଭାବରେ ନିର୍ବାଚିତ ହେବା ସହିତ ମନ୍ତ୍ରୀପଦ ମଣ୍ଡନ କରିଥିଲେ। ରାଜସ୍ୱମନ୍ତ୍ରୀ ଭାବେ ଭୂସଂସ୍କାର ଆଇନ୍ ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ। ନିଜେ ତାଙ୍କର ଜମିକୁ ମଧ୍ୟ ବଣ୍ଟନ କରିଦେଇଥିଲେ। ତାଙ୍କର ତ୍ୟାଗ ସବୁଦିନ ପାଇଁ ଚିରସ୍ମରଣୀୟ ବୋଲି ମତ ଦେଇ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୀରୋଦ ପରିଡ଼ାଙ୍କୁ 'ଶରତ ଅନୁବାଦ ପୁରସ୍କାର'

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବଙ୍ଗଳା ଭାଷାର କାଳଜୟୀ କଥାଶିଳ୍ପୀ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ସ୍ମୃତିରେ ଦିଆଯାଉଥିବା ମର୍ଯ୍ୟାଦାଜନକ 'ଶରତ ଅନୁବାଦ ପୁରସ୍କାର' ପାଇବାକୁ ବିଶିଷ୍ଟ ଓଡ଼ିଆ ଲେଖକ କ୍ଷୀରୋଦ ପରିଡ଼ା ମନୋନୀତ ହୋଇଛନ୍ତି। ଏ ନେଇ କୋଲକାତାସ୍ଥିତ ଶରତ ସମିତି ତରଫରୁ ଘୋଷଣା କରାଯାଇଛି। ଏହି ପୁରସ୍କାର ଶରତଚନ୍ଦ୍ରଙ୍କ ୧୪୮ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିବିଜଡ଼ିତ କୋଲକାତା ମହାନଗରୀର ରାସବିହାରୀ ଏଭିନ୍ୟୁସ୍ଥିତ ଶରତ ସ୍ମୃତି ସଦନରେ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଅର୍ପଣ କରାଯିବ। କାଳଜୟୀ ଭାରତୀୟ କଥାଶିଳ୍ପୀ ଶରତଚନ୍ଦ୍ରଙ୍କ ବହୁ ଖ୍ୟାତ 'ଦେବଦାସ' ଉପନ୍ୟାସ ଅନୁବାଦ ପାଇଁ ସର୍ବଭାରତୀୟସ୍ତରରେ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ପୁରସ୍କାର ବାବଦରେ ତାଙ୍କୁ ଅର୍ଥରାଶି, ଉପଢୌକନ, ପ୍ରଶସ୍ତିପତ୍ର ଓ ଶରତ ସ୍ମାରକୀ ଫଳକ ପ୍ରଦାନ କରାଯିବ।



ମୌଳିକ କବିତା ସଙ୍କଳନ ସହ ଫିଚର୍, ଆଲୋଚନା, ଗଳ୍ପ, ଉପନ୍ୟାସ ଓ ସମକାଳୀନ ଭାରତୀୟ ସାହିତ୍ୟ ଅନୁବାଦ କ୍ଷେତ୍ରରେ ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ଓ ପ୍ରଶଂସିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗର ସିନିୟର ଫେଲୋସିପ ସହ ବହୁ ବଡ଼ ବଡ଼ ଅନୁଷ୍ଠାନ ପକ୍ଷରୁ ସେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ବର୍ତ୍ତନା ସେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଉପରେ ନିଷ୍ଠାପୂର୍ଣ୍ଣ ଗବେଷଣା କରିବା ସହ ଏହାର ମୁଖ୍ୱପାଠ ରଚନାରେ ସକ୍ରିୟ ଅଛନ୍ତି। ଇତିମଧ୍ୟରେ ରୁଦ୍ରସୁଧାନିଧି ଉପରେ ରଚିତ ତାଙ୍କ ଉପନ୍ୟାସ 'ଅଭିନବ ଚୈତନ୍ୟ' ଓ 'ସମକାଳରେ ଚର୍ଯ୍ୟାପଦ' ବେଶ ଉଲ୍ଲେଖନୀୟ।

## ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୯।୯ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ଶତ୍ରୁତା କେନ୍ଦ୍ର କରି ଗାଳିଗୁଲଜ ସହ ଲୁହା ରଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସୁରେଶ ଭୋଇ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହା ରଡ ଜବତ ହୋଇଛି। ଅଭିଯୁକ୍ତ ଓ ଅଭିଯୋଗକାରୀ ଗୋଟିଏ ଗ୍ରାମର ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ସାମନ୍ୟ କଥାକୁ ନେଇ ତିକ୍ତତା ଲାଗିରହିଥିଲା। ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଅଭିଯୋଗକାରିଙ୍କୁ ଗାଳି ଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ରାଗିଯାଇ ଏକ ଲୁହ ରଡରେ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କର ମୁଣ୍ଡକୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ପୀଡିତ ଥାନାରେ ଅଭିଯୋଗ କରିଥିଲେ।

## ମାଲିକାଣୀ ଘରୁ କଳାକନା ବୁଲାଇ ସହାୟକ ଗିରଫ



**ସୁନା ଅଳଙ୍କାର ସହ ନଗଦ ୧.୫ ଲକ୍ଷ ଟଙ୍କା ଜବତ**

ଭୁବନେଶ୍ୱର,୯।୯(ସୂର୍ଯ୍ୟକାନ୍ତ ବେହେରା)

ମାଲିକାଣୀଙ୍କ ଘରୁ କଳାକନା ବୁଲାଇବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ସହାୟକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କଟକର ସନ୍ତୋଷ କୁମାର ପ୍ରଧାନ (୩୫)। ତାଙ୍କଠାରୁ ଗୋଟିଏ ସୁନା ଚୁଡ଼ି, ୩ଟି ସୁନା ଚେନ, ୫ଟି ସୁନାର କାନ ଫୁଲ, ଗୋଟିଏ ମୁଦି, ୧.୫ ଲକ୍ଷ ଟଙ୍କା ଆଦି ଜବତ ହୋଇଛି । ସୂଚନାନୁସାରେ, ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ଉଭୟେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ଚଳାଉଥିବାରୁ ଅଧିକାଂଶ ସମୟରେ ସେମାନେ ବାହାରେ ରୁହନ୍ତି। ଅଭିଯୁକ୍ତ ସନ୍ତୋଷ ୯ବର୍ଷ ହେବ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ଘର କାମ



କରିବା ସହ ସବୁକିଛି ଭଲମନ୍ଦ ବୁଝୁଥିଲେ। ହେଲେ ଗତ ମାସରେ ସେ ମାଲିକାଣୀଙ୍କ ଘର ଆଲମାରିରୁ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ।

## ଦୁବାଇରେ ନିର୍ଯାତିତ ୭ ଶ୍ରମିକ ଓଡ଼ିଶା ଫେରିଲେ

**ସହାୟତା କଲା ଓଡ଼ିଆ ମୋ ପରିବାର ନିର୍ଦ୍ଦେଶାଳୟ**

ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଗଞ୍ଜାମ ଜିଲାରୁ ଦୁବାଇରେ କାମ କରିବାକୁ ଯାଇ ନିର୍ଯାତିତ ହୋଇଥିବା ଆଉ ୭ଜଣ ପ୍ରବାସୀ ଓଡିଆ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେମାନେ ହେଲେ ସିମାଞ୍ଚଳ ମହାରଣା, ରିଙ୍କୁ ଦଳେଇ, ତାରିଣୀ ବେହେରା, ସନ୍ତୋଷ କୁମାର ମହାରଣା, ଦାଶରଥି ବେହେରା, ବିଜୟ ପଲେଇ ଓ ଯତୀନ ମହାରଣା । ଶନିବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡିଶା ପରିବାର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ ପଣ୍ଡା ଓ ଲକ୍ଷ୍ମୀଧର ବେହେରା ସେମାନଙ୍କୁ ବିମାନ ବନ୍ଦରଠାରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାପରେ ସେମାନେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ



କରିଛନ୍ତି। ସେମାନେ ସୁରକ୍ଷିତ ଭାବେ ଜନ୍ମମାଟିକୁ ଫେରିଥିବାରୁ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି । ସୂଚନାଯୋଗ୍ୟ, ଦୁବାଇରେ ୧୫ଜଣ ଓଡିଆ ଶ୍ରମିକ କାମ କରିବାକୁ ଯାଇ ନିର୍ଯାତିତ ହେଉଥିବା ସମ୍ପର୍କରେ ଖବର ପାଇ ରାଜ୍ୟ ସରକାରଙ୍କ ପରାମର୍ଶ ଅନୁଯାୟୀ ଓଡିଶା ପରିବାର ନିର୍ଦ୍ଦେଶକ ରାଉତରାଏ ଓ ତାଙ୍କ ଟିମ୍ ନିରନ୍ତର ଭାବେ ସେମାନଙ୍କ ସହ ଯୋଗାଯୋଗ ରଖି ଓଡିଶା ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। ପ୍ରଥମେ ୮ଜଣ ଶ୍ରମିକଙ୍କୁ ଗତ ୧ ତାରିଖରେ ଦୁବାଇରୁ ମୁମ୍ବାଇ ଦେଇ ଭୁବନେଶ୍ୱର ଅଣାଯିବା ପରେ ନିଜ ଗାଁରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ନିର୍ଦ୍ଦେଶକ ରାଉତରାଏ ହାଇଦ୍ରାବାଦ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ମାଲକାନଗିରି ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ତଦାରଖ ପାଇଁ ହାଇଦ୍ରାବାଦ ଗସ୍ତ କରିଛନ୍ତି ।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

**ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା, ୨୦୨୩-୨୪**

ବିଜ୍ଞପ୍ତି ନଂ. 1928/ (Exam. Conf.-I)/ତା: 05|09|23ରିଖ

No.n-176:- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ବିଜ୍ଞପ୍ତି ସଂଖ୍ୟା 1718/(Exam. Conf.-I) ତା28/07/2023ରିଖର ଅନୁବୃତି ରୂପେ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାର କାର୍ଯ୍ୟସୂଚୀ ଅନିବାର୍ଯ୍ୟ କାରଣବଶତଃ ପରିବର୍ତ୍ତନ କରାଯାଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ ।

| | |
|---|---|
| 04/10/2023 (Wednesday) (10 am to 12.30 pm) 1st Sitting<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | 04/10/2023 (Wednesday) (01.30 pm to 04 pm) 2nd Sitting<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ)<br>Env. & Population Edn. (Only for Hearing Impaired Candidates) |
| 05/10/2023 (Thursday) (10 am to 12.45 pm) 1st sitting<br>MTH ଗଣିତ (Mathematics)<br><br>06/10/2023 (Friday) (10 am to 12.30 pm) 1st sitting<br>GSC ବିଜ୍ଞାନ (Science)<br><br>07/10/2023 (Saturday) (10 am to 12.30 pm) 1st sitting<br>SSC ସାମାଜିକ ବିଜ୍ଞାନ (Social Science) | 07/10/2023 (Saturday) (01.30 pm to 04 pm) 2nd Sitting<br>ତୃତୀୟ ଭାଷା (Third Language)<br>TLH (ହିନ୍ଦୀ) TLO (ଓଡ଼ିଆ) TLP (ପାର୍ସି) TLS (ସଂସ୍କୃତ)<br>(01.30 pm to 02.45 pm)<br>TLV (THEORY) & IT, RT, TH, AG, PL, BW, AH, AM, EH, CN, FP, TC (THEORY)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TH, AG, PL, BW, AH, AM, EH, CN, FP, TC କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

OIPR-27004/11/0034/2324

ସ୍ୱା./- ସମ୍ପାଦକ

## ସଂକ୍ଷେପରେ

### ଜ୍ଞାନେନ୍ଦ୍ର ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ

ମଙ୍ଗୁଳି-ଜଗତପୁର,୯।୯(ମାନସ ସାମଲ)



ଚୌଦ୍ୱାର ଅଞ୍ଚଳର ଜଣାଶୁଣା ଯୁବନେତା ଇଂ. ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦ୍ୱିତୀୟ ଥର ମନୋନୀତ ହୋଇଛନ୍ତି। ସେ ଜଣେ ଦକ୍ଷ ସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ। ଗତ କାର୍ଯ୍ୟକାଳ ସମୟରେ ସେ ତାଙ୍କ ଦାୟିତ୍ୱ ସୁଚାର ରୂପେ ତୁଲାଇବା ସହ ପଛୁଆ ବର୍ଗ ଲୋକଙ୍କ ସାମ୍ବିଧାନିକ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ଏହି ଦାୟିତ୍ୱ ପାଇବା ପରେ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ବିଜେଡି ନେତାଙ୍କ ପରଲୋକ

ମାହାଙ୍ଗା,୯।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁସୁପୁର ପଞ୍ଚାୟତ ଅନ୍ତର୍ଗତ କୁସୁପୁର ଗ୍ରାମର ବିଜେଡି ନେତା ବ୍ରହ୍ମାନନ୍ଦ ଜେନା (୫୩)ଙ୍କ ବାଇକ ଦୁର୍ଘଟଣାରେ ପରଲୋକ ଘଟିଛି। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଦାହ କରାଯାଇଥିଲା। ପୁଅ ପ୍ରିୟଦର୍ଶୀ ମୁଖାଗ୍ନୀ ଦେଇଥିଲେ । ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, କୁସୁପୁର ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ରାଉତରାୟ, ସରପଞ୍ଚଙ୍କ ପ୍ରତିନିଧି ଶିବଶଙ୍କର ସାହୁ, ପୂର୍ବତନ ସରପଞ୍ଚ ପଙ୍କଜ ସାହୁ , ସମିତିସଭ୍ୟାଙ୍କ ପ୍ରତିନିଧି ହେମନ୍ତ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### କୌଶଳି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଣିଆବନ୍ଧ, ୯।୯ (ଅଖିଳ କୁମାର ସାହୁ):

ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୩ ଦିନ ଧରି ଚାଲିଥିବା କୌଶଳି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ମ୍ବା ବ୍ଲକର ବିଭିନ୍ନ ବିଦ୍ୟାଳୟର ୩୪ ଜଣ ଗଣିତ ଶିକ୍ଷୟିତ୍ରୀ, ଶିକ୍ଷକ ଭାଗ ନେଇ ୫-ଟି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ କିଭଳି ବୈଷୟିକ ଜ୍ଞାନ କୌଶଳ ଓ କମ୍ପ୍ୟୁଟର ସମ୍ବନ୍ଧୀୟ ଶିକ୍ଷାର ବିକାଶ ହୋଇପାରିବ ସେନେଇ ପ୍ରଶିକ୍ଷଣ ନେଇଥିଲେ। ଶିକ୍ଷକ ଅଜିତ କୁମାର ସେଠୀ ଓ ବାବୁଲାଲ ନାୟକ ଏହି ଅବସରରେ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ସହ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ

## ଛାତ୍ରଙ୍କୁ ମାନସିକ ଯନ୍ତ୍ରଣା

ରଘୁନାଥପୁର,୯।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଜଣେ ଶିକ୍ଷକ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠକୁ ଡାକି ମାନସିକ ଯନ୍ତ୍ରଣା ଦେଇଥିବା ନେଇ ଶନିବାର ରଘୁନାଥପୁର ଥାନାରେ ଇ-ମେଲ ଯୋଗେ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବ ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଗତ ଅଗଷ୍ଟ ୩୧ରେ ଉକ୍ତ ଶିକ୍ଷକ ଜଣଙ୍କ ଇଂଲିଶ ପାଠ ଭଲ ଭାବେ ପଢ଼ାଉନାହାନ୍ତି ବୋଲି ଛାତ୍ରଙ୍କ ବାପା ଗୋବିନ୍ଦ ଓଝା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ। ସେଦିନ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ତାଙ୍କ ପୁଅକୁ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠକୁ ଡାକି ମୁଁ ଭଲ ଇଂଲିଶ ପଢ଼ାଉନାହିଁ ବୋଲି କାହିଁକି ବାପାଙ୍କୁ କହିଲୁ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ତୋ ବାପା କେଉଁଠି ଅଭିଯୋଗ କଲେ ତୋର ଭବିଷ୍ୟତ ନଷ୍ଟ କରିଦେବି ବୋଲି ଶିକ୍ଷକ ଜଣଙ୍କ ଚେତାବନୀ ଦେଇଥିବା ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି ଧମକ ପରେ ତାଙ୍କ ନାବାଳକ ପୁଅ ସ୍କୁଲ ଆସିବାକୁ ଡରିଥିଲେ। ବହୁ ବୁଝାବୁଝି କରିବା ପରେ ପୁଅ ସ୍କୁଲ ଯାଉଥିଲେ ସୁଦ୍ଧା ଭୟଭୀତ ରହୁଛି ବୋଲି ଓଝା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଓଝା ସେପ୍ଟେମ୍ବର ୧ରେ ଜିଲା ଶିକ୍ଷାଧିକାରୀ, ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ବିଦ୍ୟାଳୟକୁ ଆସି ତଦନ୍ତ କରି ଏହାର ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ତେବେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଉକ୍ତ ଶିକ୍ଷକଙ୍କୁ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆସନ୍ତା ୨୦ ସୁଦ୍ଧା ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବାପପୁଅ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଓଝା ଜିଲାପାଳଙ୍କୁ ଡାକଯୋଗେ ଅବଗତ କରାଇଛନ୍ତି। ଘଟଣା ଘଟିବା ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତ ଛୁଟିରେ ରହିଥିବା ଏବଂ ପରେ ଆସି ଖବର ଶୁଣିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଶିକ୍ଷକ ଜଣଙ୍କ ଉକ୍ତ ଛାତ୍ରଙ୍କୁ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠକୁ ଡାକିଥିବା ସ୍ପଷ୍ଟ ହୋଇଥିବାବେଳେ ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

# ବାଙ୍କୀ ମହୋତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବୃନ୍ଦ।

ବାଙ୍କୀ,୯।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ମହୋତ୍ସବ ନିମନ୍ତେ ସରଣ୍ଡା ଜୋନ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତିକୃଷ୍ଣ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀବାଳା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ପ୍ରତିନିଧି ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ଭରତ ଚନ୍ଦ୍ର ବେହେରା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଅଂଶୁପା ଯୁକ୍ତ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ବେଉରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ତର୍କ, ପ୍ରବନ୍ଧ ଲିଖନ, ଚିତାଙ୍କନ ଓ ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। ଚନ୍ଦ୍ରମଣି ସାହୁ , ପୂର୍ଣ୍ଣଚନ୍ଦ୍ର ଦଳେଇ, ତରୁଣ ମହାପାତ୍ର, ବିକ୍ରମ ସାମନ୍ତ ସିଂହାର , ସମରେନ୍ଦ୍ର ସାମଲ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।

# ‘ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ଦିଆଯିବ’



ବୁଣାକାରଙ୍କ ଗହଣରେ ହସ୍ତତନ୍ତ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ରିତା ସାହୁ ଏବଂ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

## ନୂଆପାଟଣା ନଂ. ୧ ତନ୍ତୁବାୟ ସହଯୋଗ ସମିତିର ହୀରକ ଜୟନ୍ତୀ

ଟିଗିରିଆ,୯।୯(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନଂ. ୧ ତନ୍ତୁବାୟ ସହଯୋଗ ସମିତି ଲିଃର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ଉତ୍ସବ ଶନିବାର ସମିତି ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ରିତା ସାହୁ ଯୋଗଦେଇ ନୂଆପାଟଣା ନଂ-୧ ସମିତିର ବୁଣାକାରଙ୍କୁ ସଲାମ କରିବା ସହ ଆଗାମୀ ବର୍ଷ ସମିତିକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି କହିଥିଲେ। ଏଥିସହ ବୁଣାକାରଙ୍କୁ ବଳିଆ ଯୋଜନା ଭଳି ୧ ଲକ୍ଷ ଟଙ୍କା ବିନା ସୁଧରେ ଋଣ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି କେଶବ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିବାବେଳେ ପ୍ରସନ୍ନ କୁମାର ତୋଷ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ ରାଜ୍ୟ ସରକାର ବୁଣାକାରଙ୍କ ପାଇଁ ସବୁ ବ୍ୟବସ୍ଥା କରିଥିବା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସୁରେନ୍ଦ୍ର କୁମାର ପାତ୍ର, ପୂର୍ବତନ ଉପନିର୍ଦ୍ଦେଶକ ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱର, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ଦେବତା, ଡ.ସୁଦର୍ଶନ ବେହେରା, ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ଓ ସେରିଫେଡ ସଭାପତି ଭାଗିରଥି ନନ୍ଦ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବୁଣାକାର ଶ୍ୱେତ ବସନ୍ତ ପାତ୍ରଙ୍କୁ ୫ ହଜାର ଟଙ୍କା ମାନପତ୍ର, ଉପଢୌକନ ଦେଇ ଅର୍ଜ୍ଜୁନ ସୁବୁଦ୍ଧି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ୫ ଜଣ ବୟୋଜ୍ୟେଷ୍ଠ ବୁଣାକାର ରାମଚନ୍ଦ୍ର ଦାସ, ହରି କଟୁଆଳ, ଦୟାନିଧି ବେହେରା,ରାମ ଦାସ,ଲାବଣ୍ୟ ଦେଇଙ୍କୁ ସମ୍ମାନିତ କରାଯାଇଥିଲା। ବୁଣାକାର କୁଳର ପୃଷ୍ଠପୋଷକ ଭାବେ କାଶୀନାଥ ତୋଷ,ବିଦ୍ୟାଧର ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମିତିର ପ୍ରତିଷ୍ଠାତା ଅର୍ଜ୍ଜୁନ ସୁବୁଦ୍ଧିଙ୍କ ଉତ୍ତରାଧିକାରୀ ଭାବେ ନାତି ରବୀନ୍ଦ୍ର କୁମାର ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମିତିର ହୀରକ ଜୟନ୍ତୀ ସମାରୋହ ସ୍ମାରକୀ ଓ ସ୍ମରଣିକା ପୁସ୍ତକ ‘ଖଣ୍ଡୁଆ ଆମ ସ୍ୱାଭିମାନ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହ ୩୦ ଜଣ ବୁଣାକାରଙ୍କୁ ବୟନ ଜ୍ୟୋତି ଯୋଜନାରେ ଇନ୍‌ଭର୍ଟର ପ୍ରଦାନ କରାଯାଇଥିଲା।

# ରକ୍ତଦାନ ଶିବିର

ଖୁଣ୍ଟୁଣୀ/ଆଠଗଡ଼, ୯।୯
(ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବିଜୁ ଛାତ୍ର ଓ ମହିଳା ଜନତା ଦଳ ଏବଂ ଓଡ଼ିଶା ମୋ ପରିବାର ପକ୍ଷରୁ କଣ୍ଡରେଇ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ଯୁବ ଆଇନଜୀବୀ ଆଦିତ୍ୟ ପତାପ ସ୍ୱାଇଁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ୍ ୨୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ସମିତି ସଭ୍ୟ ବିଶ୍ୱନାଥ ପୂର୍ତ୍ତି, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ପୂର୍ବତନ ସରପଞ୍ଚ ରୋଜାଲିନ ବେହେରା, ପୁଷ୍ପାଞ୍ଜଳି ଦାଶ, ପଞ୍ଚାୟତ ସଭାପତି ହୃଷୀକେଶ ପରିଡା, ଛାତ୍ରନେତା ଦିନେଶ ବେହେରା, ମାନସ ମହାରଥୀ, ଅରୂପ ରଞ୍ଜନ ମହାନ୍ତି, ଅନିଲ ବେହେରାଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।

# ଯୁବତୀଙ୍କ ନାଁରେ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ୩୪ ଲକ୍ଷ ଠକେଇ, ଯୁବ ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୯।୯
(ସୂର୍ଯ୍ୟକାନ୍ତ ବେହେରା)



ଶ୍ରୀଧର ମହାରଣା

ଜଣେ ଯୁବତୀଙ୍କ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ବିଭିନ୍ନ ଆଳରେ ଯୁବକଙ୍କୁ ୩୪ ଲକ୍ଷ ଠକି ନେଇଛନ୍ତି ଜଣେ ଯୁବ ଇଞ୍ଜିନିୟର। ଏନେଇ ଅଭିଯୋଗ ହେବାପରେ ସାଇବର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ଶ୍ରୀଧର ମହାରଣା। ତାଙ୍କଠାରୁ ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଡେବିଟ୍ କାର୍ଡ, ଆଇଡି କାର୍ଡ, ବ୍ୟାଙ୍କ ଖାତା ଆଦି ଜବତ କରାଯାଇଛି। ପଚରାଉଚରା ପରେ ଅଭିଯୁକ୍ତ ଶ୍ରୀଧରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଙ୍କିତ ଗୁପ୍ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ଶ୍ରୀଧର ଜଣେ ଯୁବତୀଙ୍କ ନାମରେ ଏକ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ସହ ପ୍ରୋଫାଇଲ ତିଆରି କରିଥିଲେ। ସେଥିରେ ଜଣେ ସୁନ୍ଦରୀ ଯୁବତୀଙ୍କ ଫଟୋ ଦେବା ସହ ତାଙ୍କ ବାୟୋରେ ନିଜକୁ ଗୋଟିଏ ଘରୋଇ ମେଡିକାଲ କଲେଜର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ରୀ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ବିଭିନ୍ନ ଯୁବକଙ୍କ ପାଖକୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇ ଫସାଉଥିଲେ। ତେବେ ଠକେଇର ଶିକାର ହୋଇଥିବା ଅଙ୍କିତ ଗୁପ୍ତା ଉକ୍ତ ଫ୍ରେଣ୍ଡ ରେକ୍ୟୁଏଷ୍ଟକୁ ଗ୍ରହଣ କରିବା ପରେ ଅଭିଯୁକ୍ତ ଶ୍ରୀଧର ଯୁବତୀଙ୍କ ନାମରେ ମେସେଞ୍ଜରରେ ଚାଟିଂ କରି ଫୋନ୍ ନମ୍ବର ବିନିମୟ କରିଥିଲେ। ପରେ ସେମାନେ ହ୍ୱାଟ୍ସଆପ୍ ଓ ବିଭିନ୍ନ ମୋବାଇଲ ନମ୍ବରରେ ପରସ୍ପର ସହ ଚାଟିଂ ଆରମ୍ଭ କରିଥିଲେ। ଯୁବତୀଙ୍କ ନାମରେ ସମ୍ପର୍କ ବଢ଼ାଇବା ପରେ ଅଭିଯୁକ୍ତ ଶ୍ରୀଧର ନାନା ବାହାନା କରି ଅଙ୍କିତଙ୍କଠାରୁ ୩୪ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଠକି ନେଇଥିଲେ।

# କେନାଲରୁ ନଳକୂପ ମିସ୍ତ୍ରିଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ କଲେ ପରିବାର ସଦସ୍ୟ

ସାଲେପୁର,୯।୯(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ବହୁଗ୍ରାମ ନିକଟସ୍ଥ ୪ନଂ କେନାଲରୁ ଶନିବାର ସ୍ଥାନୀୟ ଦମକଳ ବାହିନୀ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନାନ୍ଦୋଳ ପଞ୍ଚାୟତସ୍ଥିତ ଭାତପଡ଼ା ଗ୍ରାମର ସଜେନ୍ଦ୍ର ଦେହୁରୀଙ୍କ ବଡ଼ପୁଅ ପ୍ରମୋଦ ଦେହୁରୀ(୪୫) । ଅପରପକ୍ଷେ ତାଙ୍କୁ ହତ୍ୟା କରାଯାଇ ମୃତଦେହ କେନାଲରେ ଭସାଇ ଦିଆଯାଇଛି ବୋଲି ପରିବାର ଲୋକେ ଏହି ଥାନା ଅନ୍ତର୍ଗତ ପାଗା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏନେଇ ପାଣ୍ଡିରେ ଅପମୃତ୍ୟୁ ମାମଲା (ନଂ. ୫୩/୨୩) ରୁଜୁ କରାଯାଇଛି। ମୃତକଙ୍କ ସମ୍ପର୍କୀୟ ଛବିନ ଦେହୁରୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରମୋଦ ନଳକୂପ ମିସ୍ତ୍ରୀ ଭାବେ କାମ କରନ୍ତି। ସେ ସାଇକେଲ୍ ଯୋଗେ ସିଙ୍ଗମାପୁର ଗ୍ରାମକୁ ବକେୟା ପଇସା ଆଣିବାକୁ ଯାଇଥିଲେ। ମାତ୍ର ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ। ଏହି ସମୟରେ ସିଙ୍ଗମାପୁର ଗ୍ରାମର ନଟୁ ଭୋଇ ଫୋନ୍ କରି ପ୍ରମୋଦ ନାଳ ଭିତରେ ପଡିଯାଇଥିବା କହିଥିଲେ। ଏହାପରେ ସ୍ଥାନୀୟ ଲୋକେ କେନାଲରେ ଖୋଜାଖୋଜି କରିବା ସହ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ପାଣିରୁ ପ୍ରମୋଦଙ୍କୁ ବାହାର କରି ସାଲେପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଲେପୁର ଦମକଳ ଗାଡ଼ିକୁ ଖବରଦେବାପରେ ଦମକଳ ବାହିନୀ ବହୁ ଖୋଜା ଖୋଜି କରି ଯୁବକଙ୍କୁ କେନାଲ ମଧ୍ୟରୁ ଉଦ୍ଧାର କରି ସାଲେପୁର ମେଡ଼ିକାଲକୁ ନେଲାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଛବିନ ଦାବି କରିଛନ୍ତି।

# ବ୍ୟବସାୟୀଙ୍କ ପରଲୋକ

ସାଲେପୁର,୯।୯(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ବାରିଗେଳ ପଞ୍ଚାୟତ ଅନ୍ତର୍ଗତ ବୋଦାମୁଣ୍ଡାଇ ଗ୍ରାମର ମାଛ ବ୍ୟବସାୟୀ ତଥା ରାଜନୈତିକ କର୍ମୀ ନାରାୟଣ ସେଠୀ(୫୫)ଙ୍କ ପରଲୋକ ଘଟିଛି। ସେ ବୋଦାମୁଣ୍ଡାଇ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଥିଲେ। ପୂର୍ବତନ ବିଧାୟକ ମାୟାଧର ସେଠୀଙ୍କ ସଂସ୍ପର୍ଶରେ ଆସି ସେ କଂଗ୍ରେସ ଦଳର ଜଣେ କର୍ମୀଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ପରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଂସ୍ପର୍ଶରେ ଆସି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟାଖେଳିଯାଇଛି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବାରିଗୋଳ ପଞ୍ଚାୟତ ସରପଞ୍ଚ ଶିବୁ ବେହେରା, ଯାଦବ ସଂଘ ସଭାପତି ପରମାନନ୍ଦ ପଲେଇ, ସାଲେପୁର ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ କୁମାର ଦାଶ, ଇଂ. ମନୋଜ କୁମାର ସେଠୀ, କଂଗ୍ରେସ ନେତା ଚିରଞ୍ଜନ ରାଉତରାୟ ପ୍ରମୁଖ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ

ଆଠଗଡ଼,୯।୯(ସତ୍ୟ ପ୍ରସାଦ ରଥ):

ଆଠଗଡରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଆଠଗଡର ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ୍ତ କୁମାର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ୧୩ ମୋଟରଯାନ ଦୁର୍ଘଟଣାର ବିଚାର କରି ୬୯ ଲକ୍ଷ ୯୨ ହଜାର ଟଙ୍କା ଆଦାୟ କରିଥିଲେ। ସିଭିଲ ଜଜ(ସିନିୟର ଡିଭିଜନ) ମହାଶ୍ୱେତା ପରିଜା ୧୨ଟି ବ୍ୟାଙ୍କ ମାମଲାରେ ୮,୩୨,୬୭୨ ଟଙ୍କା ଆଦାୟ କରିଥିଲେ। ଏଥିସହ ୨ ବୈବାହିକ ମାମଲା, ୭ ଦେୱାନୀ ମାମଲାର ବିଚାର କରିଥିଲେ। ଏସ୍‌ଡିଜେଏମ୍ କୁନ୍‌ମୁନ୍ ଆଚାରୀ ୬୦ଟି ଫୌଜଦାରି ମାମଲା, ୧ ବୈବାହିକ ମାମଲା ଓ ଚେକ୍ ସମ୍ବନ୍ଧୀୟ ମାମଲାର ବିଚାର କରିଥିଲେ। ଜେଏମ୍‌ଏଫ୍‌ସି ସୁଶ୍ରୀ ସମ୍ବେଦନା ସମ୍ବିତ ଗୋଟିଏ ବୈବାହିକ ମାମଲାର ବିଚାର କରିଥିଲେ। ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଓ ତହସିଲଦାର ପ୍ରିୟବ୍ରତ ଦାସଙ୍କ କୋର୍ଟ ପକ୍ଷରୁ ୧୬୯୪ଟି ମ୍ୟୁଟେଶନ ଓ ସାର୍ଟିଫିକେଟ ମାମଲାର ବିଚାର କରାଯାଇ ୨ଲକ୍ଷ ୧୫ ହଜାର ୮୮୫ ଟଙ୍କା ଆଦାୟ କରାଯାଇଥିଲା। ତାଲୁକ ଆଇନ ସେବା ସଂସ୍ଥାର ସହାୟିକା ରାଜଶ୍ରୀ ମାହଲା ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରୟାସ

## ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ ତାଲିମ ଶିବିର ଉଦ୍‌ଯାପିତ

ବଡ଼ମ୍ବା,୯।୯(ମାୟାଧର ମଲ୍ଲିକ)



ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବଡ଼ମ୍ବା ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତ୍ତଗଜ ସିଂହଙ୍କ ତତ୍ତ୍ୱାବଧାନରେ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨ ଦିନିଆ ସାହିତ୍ୟ ସୃଜନୀ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ବିଭିନ୍ନ ହାଇସ୍କୁଲରୁ ୩୮ ଜଣ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତାଲିମ ଶିବିରରୁ ବଡମ୍ବା ପାଇଁ ମାଷ୍ଟର ଟ୍ରେନର ରୂପେ ତାଲିମପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଧଳ ଓ ନରସିଂହପୁର ପାଇଁ ଶାଶତ କୁମାର ସାହୁ ସମସ୍ତଙ୍କୁ ସାହିତ୍ୟ ସୃଜନୀର ଆଭିମୁଖ୍ୟ, ଲାଇବ୍ରେରୀର ଠିକ୍ ଉପଯୋଗ, କାହାଣୀ ଶୁଣିବା, ଗପ ଗଢି ତାକୁ ନାଟ୍ୟ ରୂପାନ୍ତର କରି ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିବା ଏବଂ ପରିଶେଷରେ କୌଣସି ପୁସ୍ତକକୁ କିପରି ସମୀକ୍ଷା କରାଯିବ ସେସମ୍ପର୍କରେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ୬ଟି ଗ୍ରୁପରେ ବିଭକ୍ତ ହୋଇ ୬ଟି କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ପ୍ରଥମ ଦିନ ବ୍ଲକ ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ନିର୍ମଳା ବେହେରା ଓ ପ୍ରଧାନ ଶିକ୍ଷକ କାମରାଜ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନ ବ୍ଲକ ଶିକ୍ଷାଧିକାରୀ ମତ୍ତଗଜ ସିଂ ଯୋଗଦେଇ ବିଦ୍ୟାଳୟସ୍ତରରେ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାମୁହିକ ପ୍ରଚେଷ୍ଟାରେ ପ୍ରକାଶିତ ୬ଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା, ୨୦୨୩-୨୪

ବିଜ୍ଞପ୍ତି ନଂ. 1928/ (Exam. Conf.-I)/ତା: 05।09।23ରିଖ

No.n-176:- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ବିଜ୍ଞପ୍ତି ସଂଖ୍ୟା 1718/(Exam. Conf.-I) ତା28/07/2023ରିଖର ଅନୁବୃତି ରୂପେ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାର କାର୍ଯ୍ୟସୂଚୀ ଅନିବାର୍ଯ୍ୟ କାରଣବଶତଃ ପରିବର୍ତ୍ତନ କରାଯାଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ ।

| | |
|---|---|
| 04/10/2023 (Wednesday) (10 am to 12.30 pm) 1st Sitting<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ FLB ବଙ୍ଗଳା FLH ହିନ୍ଦୀ FLU ଉର୍ଦ୍ଦୁ FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | 04/10/2023 (Wednesday) (01.30 pm to 04 pm) 2nd Sitting<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) |
| 05/10/2023 (Thursday) (10 am to 12.45 pm) 1st sitting<br>MTH ଗଣିତ (Mathematics) | 07/10/2023 (Saturday) (01.30 pm to 04 pm) 2nd Sitting<br>ତୃତୀୟ ଭାଷା (Third Language)<br>TLH (ହିନ୍ଦୀ) TLO (ଓଡ଼ିଆ) TLP (ପାର୍ସି) TLS (ସଂସ୍କୃତ)<br>(01.30 pm to 02.45 pm)<br>TLV (THEORY) & IT, RT, TH, AG, PL, BW, AH, AM, EH, CN, FP, TC (THEORY)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TH, AG, PL, BW, AH, AM, EH, CN, FP, TC କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |
| 06/10/2023 (Friday) (10 am to 12.30 pm) 1st sitting<br>GSC ବିଜ୍ଞାନ (Science) | |
| 07/10/2023 (Saturday) (10 am to 12.30 pm) 1st sitting<br>SSC ସାମାଜିକ ବିଜ୍ଞାନ (Social Science) | |

OIPR-27004/11/0034/2324

ସ୍ୱା./- ସମ୍ପାଦକ

# ସିଙ୍ଗଲ ୱିଣ୍ଡୋରେ ମିଳିବ ଗଣେଶ ପୂଜା ଅନୁମତି

ଜଟଣୀ,୯।୯(ରବୀନ୍ଦ୍ର ନାଥ ମହାକୁଡ଼)

ଆସନ୍ତା ୧୯ତାରିଖରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଗଣେଶ ପୂଜା ଓ ଭସାଣି ଉତ୍ସବକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ଶନିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୋନ-୩ ଏସିପି ପ୍ରଦୀପ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଯୋଗଦେଇଥିଲେ। ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଉଦ୍‌ବୋଧନ ଦେଉଛନ୍ତି।

ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ କ୍ଲବର ସଭାପତି, ସମ୍ପାଦକ ଯୋଗଦେଇ ଗଣେଶ ପୂଜା ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଜଟଣୀ ଥାନା ପକ୍ଷରୁ ଗଣେଶ ପୂଜା ଏବଂ ଭସାଣି ଉତ୍ସବ ପାଇଁ ଅନୁମତିପତ୍ର ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ବଳିୟାରସିଂ କହିଛନ୍ତି। ତୋରଣ ଏବଂ ପେଣ୍ଡାଲ ପାଇଁ ପିଡବ୍ଲ୍ୟୁଡି ପକ୍ଷରୁ ସୁରକ୍ଷା ପ୍ରମାଣପତ୍ର ନେବେ। ଥାନା ପରିସରରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ ସହିତ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କରାଯିବ।

**କମିଶନରେଟ ପୋଲିସର ପ୍ରସ୍ତୁତି ବୈଠକ**

- ୮ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ
- ପୂଜା ସମୟରେ ପ୍ଲାଷ୍ଟିକ ବ୍ୟବହାରକୁ ମନା

ଭସାଣି ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ, ପୋଷ୍ଟର ପ୍ରଦର୍ଶନ ନ କରିବା ପାଇଁ ମଧ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ଅନୁରୋଧ କରାଯାଇଛି। ପୂଜାରେ ଜନସମାଗମକୁ ଦୃଷ୍ଟିରେ ରଖି ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ କମିଶନରେଟ ପୋଲିସ ପକ୍ଷରୁ ୭ରୁ ୮ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ। ଆବଶ୍ୟକସ୍ଥଳେ ଅଧିକ ଫୋର୍ସ ଏବଂ ଅଧିକାରୀ ନିୟୋଜିତ ହେବେ ବୋଲି ଡିସିପି ସିଂ କହିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ରାତି ୯ଟା ପରିବର୍ତ୍ତେ ୧୧ଟା ପର୍ଯ୍ୟନ୍ତ ସିଟି ବସ୍ ଚଳାଚଳ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନଗରପାଳ ଅନୁରୋଧ କରିଥିଲେ। ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ନ ହେବା, ପୂଜା ସମୟରେ ସହର ଏବଂ ସମସ୍ତ ପୂଜା ପେଣ୍ଡାଲ ପରିସର ପୌର ପ୍ରଶାସନ ପକ୍ଷରୁ ସଫେଇ, ମୂର୍ତ୍ତି ବିସର୍ଜନ ପାଇଁ ଅଧିକ ଅସ୍ଥାୟୀ ପୁଷ୍କରଣୀ ନିର୍ମାଣ, ରାସ୍ତାରୁ ଜବରଦଖଲ ହଟାଇବା, ବିଭିନ୍ନ ପୂଜା ମଣ୍ଡପ ଓ ବଜାରରେ ପରିଶ୍ରାଗାର ସ୍ଥାପନ ଉପରେ ଆଲୋଚନା ହୋଇଥିଲା। ପୂଜା ସମୟରେ ସମସ୍ତ ପୂଜା ପେଣ୍ଡାଲ ଏବଂ ସହରରେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବା, ପୂଜା ସମୟରେ ବିଭିନ୍ନ ମିନାବଜାର ଏବଂ ଅସ୍ଥାୟୀ ବ୍ୟବସାୟୀ ପ୍ରତିଷ୍ଠାନର ବ୍ୟକ୍ତି ମ୍ୟୁନିସିପାଲଟି ଆକ୍ଟ ୧୯୫୦ ମୁତାବକ ଟ୍ରେଡ୍ ଲାଇସେନ୍ସ ନେବା, ପୌର ପ୍ରଶାସନ ପକ୍ଷରୁ ନିୟମିତ ସଫେଇ ସହିତ ଅତିରିକ୍ତ ସଫେଇ ସମସ୍ତ ପୂଜା ମଣ୍ଡପରେ ରାତ୍ର ସମୟରେ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ଘରେ ପଶି ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ନିରାକାରପୁର,୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ ନାବାଳିକା ଜଣଙ୍କ ଶୋଇଥିବା ବେଳେ ପରିବାର ଲୋକେ ଅନ୍ୟ ଏକ ଘରେ ଶୋଇଥିଲେ। ଏହି ସମୟରେ ଜଣେ ଯୁବକ ନାବାଳିକା ଜଣଙ୍କ ଶୋଇଥିବା ଘରେ ପଶିବା ସହିତ ବଳାତ୍କାର କରିଥିଲେ। ପାଟି ଶୁଣି ରୁମ ବାହାରକୁ ଯିବା ପାଇଁ ପରିବାର ଲୋକେ ବାହାରିବା ବେଳେ ରୁମର ବାହାରପଟ କପଡ଼ାରେ ବନ୍ଧା ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଜୋରରେ କବାଟ ଭିଡ଼ିବାରୁ କବାଟ ଫିଟିବା ସହ ସେମାନେ ବାହରକୁ ଆସିଥିଲେ। ଏହା ପରେ ଯୁବକ ଜଣଙ୍କ ସେମାନଙ୍କୁ ଦେଖି ପଳାଇଥିଲା। ଏନେଇ ନାବାଳିକାଙ୍କ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଦେଶୀ ମଦ ଜବତ, ୩ ଗିରଫ

ବାଲୁଗାଁ,୯।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳରେ ଦିନକୁ ଦିନ ବେଆଇନଭାବେ ଦେଶୀ ମଦ କାରବାର ବଢ଼ିଚାଲିଛି। ଶନିବାର ବାଲୁଗାଁ ଅବକାରୀ ଅଧିକାରୀ ଦାୟିତ୍ୱରେ ଥିବା ନାରାୟଣ ଜେନା ସଦଳବଳ ବାଲୁଗାଁ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ସ୍ଥାନୀୟ ବଡ଼କୂଳ ଗ୍ରାମର ରାମଚନ୍ଦ୍ର ସାହୁ(୪୪)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ସ୍ଥାନୀୟ ଚନ୍ଦ୍ରପୁଟ ଗ୍ରାମର ଧରମା ଜାଲି(୫୬)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩୦ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରିଥିଲେ। ବାଣପୁର ଥାନା ଅଧୀନ ନାରଣଦେଇପୁର ଗ୍ରାମର ସନ୍ତୋଷ ମହାରଣା(୩୫)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ଲିଟର ଦେଶୀ ମଦ ଜବତ କରାଯାଇଛି। ୩ ଅଭିଯୁକ୍ତଙ୍କ ନାମରେ ପୃଥକ ଭାବେ ତିନୋଟି ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଜିଜ୍ଞାସା ତାଲିମ ଶିବିର ଉଦ୍‌ଯାପିତ

ଟାଙ୍ଗୀ,୯।୯(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ଦୁଇ ଦିନିଆ ଜିଜ୍ଞାସା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଆୟୋଜିତ ତାଲିମ ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକଭାବେ ସୁରେଶ ଚନ୍ଦ୍ର ବେହେରା ଏବଂ ଏ. ମନୋଜ କୁମାର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅନ୍ତର୍ଗତ ୨୫ଟି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ ଶିବିରରେ ଯୋଗଦେଇଥିଲେ। ଉଦ୍‌ଯାପନ ଦିବସରେ ଅତିଥିଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ଯୋଗଦେଇ ଜିଜ୍ଞାସା ତାଲିମ ଶିବିରର ଲକ୍ଷ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଟରନାଲ ଆସେସମେଣ୍ଟ ପ୍ରକଳ୍ପ କାର୍ଯ୍ୟ ଓ ନମ୍ବର ବିଭକ୍ତୀକରଣ ବିଷୟରେ ଉପକ୍ରମ, ଅଧ୍ୟୟନର ଉଦ୍ଦେଶ୍ୟ, ଅନୁସନ୍ଧାନ ପ୍ରଶ୍ନ, ବିଷୟର ମହତ୍ୱ ଓ ପ୍ରାସଙ୍ଗିକତା, ସମୀକ୍ଷା ପଦ୍ଧତି, ତଥ୍ୟ ବିଶ୍ଳେଷଣ, ପ୍ରକଳ୍ପ ଉପସ୍ଥାପନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

## 'ବୃକ୍ଷ ମାନବ ଜୀବନର ସଂଜୀବନୀ'

ଜଟଣୀ,୯।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ କୁହା ଗ୍ରାମଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କ୍ଷେତ୍ରପାଳି ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମିନି କମିଟି ଆନୁକୂଲ୍ୟରେରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଫଳ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ଆଲୁମିନି କମିଟି ସଭାପତି ସାରଙ୍ଗଧର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲୁମିନି କମିଟିର ଉପଦେଷ୍ଟା ତଥା ଖୋର୍ଦ୍ଧା ଜଲା ବିଜେଡି ସଭାପତି ବିଭୁତିଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରିଥିଲେ। ବୃକ୍ଷ ମାନବ ଜୀବନର ମୂଳ ସଂଜୀବନୀ। ବୃକ୍ଷ ଦେଉଥିବା ଅମ୍ଳଜାନ, ପୁଷ୍ପ, ଫଳ ଏବଂ ତାର ଔଷଧୀୟ ଗୁଣ ମାନବ ସମାଜପାଇଁ ବରଦାନ। ତେଣୁ ସମସ୍ତେ ଚାରାରୋପଣ କରିବା ସହିତ ତାର ଯତ୍ନ ନେବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହୃଷିକେଶ ସେନାପତି, ଅନିଲ ପାଇକରାୟ, ମୁରଲୀଧର ପାଇକରାୟ, ଅକ୍ଷୟ ସେନାପତିଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



**ଖୋର୍ଦ୍ଧା:** ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ବିଜୟ ଉତ୍ସବ ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ

**ଖୋର୍ଦ୍ଧାରେ ପାଇକ ଏକାଡେମୀ ପ୍ରତିଷ୍ଠା ପ୍ରସଙ୍ଗ**

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଓଡ଼ିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ଶୁକ୍ରବାର ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ରାଜ୍ୟର ଗୌରବମୟ ପାଇକ ସଂସ୍କୃତି, ପରମ୍ପରାର ସାମୁହିକ ବିକାଶ ଦିଗରେ ଏହି କେନ୍ଦ୍ର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିବ। ଦେଶ ବିଦେଶରେ ପାଇକ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବେଶ ସହାୟକ ହେବ। ଦୀର୍ଘଦିନ ଧରି ପାଇକ ସଂସ୍କୃତିର ବିକାଶ ଲାଗି ବିଭିନ୍ନ ସାମାଜିକ ଅନୁଷ୍ଠାନ, ପାଇକ ସଙ୍ଗଠନ ଦାବିକରିଆସୁଥିଲେ। ଗତ ଅଗଷ୍ଟ ୨୨ରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍‌ଙ୍କ ଗସ୍ତ ସମୟରେ କେତେକ ଅନୁଷ୍ଠାନ ଏଥିପ୍ରତି ସଚିବଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହି ଗୌରବମୟ ପରମ୍ପରା ସୁରକ୍ଷା ପ୍ରତି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଖୋର୍ଦ୍ଧାର ବିଭିନ୍ନ ପାଇକ ସଙ୍ଗଠନ, ବୁଦ୍ଧିଜୀବୀ, ଗବେଷକଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଏଥିଲାଗି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶୁକ୍ରବାର ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଗଡ଼ଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ପାଇକ ସଂସ୍କୃତିର ଗୌରବମୟ ଗାଥାକୁ ସ୍ମରଣ କରି ବିଜୟ ଉତ୍ସବ ପାଳନ କରିଥିଲେ। ପରିଷଦର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ, ଆଇନଜୀବୀ ବିଜୟ ସାମନ୍ତସିଂହାର, ଶିକ୍ଷାବିତ୍ ଡ. ବୃନ୍ଦାବନ ପଣ୍ଡା, ବରୁଣେଇ ପାଇକ ଦଳର ଗୁରୁ ବିଷ୍ଣୁ ସାମନ୍ତରାୟ, କଳିଙ୍ଗ ପାଇକ କ୍ରିଏଶନ ଦଳର ଗୁରୁ ଦୁର୍ଗାପ୍ରସାଦ ବାରିକ, ଖୋର୍ଦ୍ଧା ପାଇକ ଆଖଡା ଦଳର ଗୁରୁ କବିରାଜ ପ୍ରଧାନ, ମହାରାଜ ପାଇକ ଦଳର ସଂଯୋଜକ ସୁନୀଲ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିକ୍ରମ ଚମ୍ପତି, ସମାଜସେବୀ ଇତିଶ୍ରୀ ସାହୁ, ବିପ୍ର ବେହେରା, ପ୍ରଦୋଷ ହରିଚନ୍ଦନ, ଅଧାପିକା ରଶ୍ମି କର ଓ ମହାରାଜା କ୍ଲବ ଏବଂ ଖୋର୍ଦ୍ଧା ବିକାଶ ମଞ୍ଚର ସଦସ୍ୟମାନେ ସାମିଲ ହୋଇଥିଲେ। ପରିଷଦର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୀତିନାଟ୍ୟ 'ତ୍ରିନାଥ ମେଳା' ପରିବେଷିତ

ଟାଙ୍ଗୀ,୯।୯(ରଘୁନାଥ ସାହୁ)

କଳକଳେଶ୍ୱର ପଞ୍ଚାୟତ ରାଜେନ୍ଦ୍ରପୁର ମା'ଭୈରବୀ ଡ୍ରାମାଟିକ ଆସୋସିଏଶନ ଆନୁକୂଲ୍ୟରେ ଗୀତିନାଟ୍ୟ 'ତ୍ରିନାଥ ମେଳା' ପରିବେଷଣ ହୋଇଯାଇଛି। ଅତିଥିଭାବେ ଗୀତିନାଟ୍ୟ ରଚୟିତା ବିକ୍ରମାଦିତ୍ୟ ବାରିକ, ନିର୍ଦ୍ଦେଶକ ଗଣେଶ୍ୱର ମିଶ୍ର, ଶଶିରେଖା ନାଥଶର୍ମା, ଦୀପକ ନାଥ, ନିଶାକର ନାଥ, କାହ୍ନୁଚରଣ ମିଶ୍ର, ଆଲୋକ ନାଥ, ଟାଙ୍ଗୀ ସମ୍ବାଦ ସାହିତ୍ୟ ଘରର ସଭାପତି ବିଜୟ ରାଉତ, ସମ୍ପାଦକ ରବୀନ୍ଦ୍ର ନାୟକ, ସଂଯୋଜକ ମନୋଜ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମାଜରେ ଲୋକ କଳା ବିଲୁପ୍ତ ହୋଇଯାଉଥିବା ବେଳେ ଗୀତିନାଟ୍ୟ ପରିବେଷଣ ଆୟୋଜିତ କରିଥିବା କମିଟିର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ। ଆସୋସିଏଶନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଜନସଚେତନତା କାର୍ଯ୍ୟକ୍ରମ

ଜଟଣୀ,୯।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ପଦନପୁର ପଞ୍ଚାୟତର ଖୁଦୁପୁର ଗ୍ରାମଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଟଣୀ କୋର୍ଟର ବିଚାରପତି ହିତେଶ୍ରୀ ବେହେରା ମୁଖ୍ୟ ଅତଥିଭାବେ ଯୋଗଦେଇଥିଲେ। ଯୌନ ଶୋଷଣ ଏବଂ ପୋକ୍ସୋ ଆକ୍ଟରେ ପୀଡିତଙ୍କୁ ମିଳୁଥିବା ସରକାରୀ ଆର୍ଥିକ ସହାୟତା ଏବଂ ବିଭିନ୍ନ ଆଇନଗତ ଦିଗକୁ ନେଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ। ଜଟଣୀ ବାର୍ ଆସୋସିଏଶନର ସଭାପତି ନିରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ। ସମ୍ପାଦକ ବିଜୟ କୁମାର ମହାପାତ୍ର, ଅଧିବକ୍ତା ସଞ୍ଜୟ କୁମାର ମଙ୍ଗରାଜ, ଅଧିବକ୍ତା ସନୁଜ ମିଶ୍ର, ମାନସ କୁମାର ସୁବୁଦ୍ଧି, ନରେଶ ସାମନ୍ତରାୟ, ସୁଶାନ୍ତ ସୁବୁଦ୍ଧି, ଚିତ୍ତନ ଦଳେଇଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ବାର୍ ଆସୋସିଏଶନର ଉପସଭାପତି ପ୍ରଦୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ୧୧ରେ ବାଛରା ପାହାଡ଼ରେ ହେବ ଚାରାରୋପଣ

ଜଟଣୀ,୯।୯(ରବୀନ୍ଦ୍ର ନାଥ ମହାକୁଡ଼)

ଆସନ୍ତା ୧୧ ତାରିଖରେ ଜଟଣୀ ପୌରାଞ୍ଚଳ ଅଧୀନ ବାଛରା ପାହାଡ଼ରେ ବ୍ୟାପକ ଚାରାରୋପଣ କରାଯିବ। ଜିଲା ବନଖଣ୍ଡ ଅଧିକାରୀଙ୍କ ସୌଜନ୍ୟରେ ମିଶନ ଶକ୍ତି ମହିଳା ଗୋଷ୍ଠୀ, ବୁଦ୍ଧିଜୀବୀ, ରାଜନୈତିକ ଦଳ ଏବଂ ବ୍ୟକ୍ତି ବିଶେଷ, ସାଧାରଣ ଜନତା, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବ୍ୟବସାୟୀ ସଂଘ ସଦସ୍ୟ, ସାଂସ୍କୃତିକ ଏବଂ ସାମାଜିକ ଅନୁଷ୍ଠାନର ବ୍ୟକ୍ତିଙ୍କୁ ନେଇ ଉକ୍ତ ପାହାଡ଼ରେ ୫ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରାରୋପଣ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୌର ପ୍ରଶାସନ ମାଧ୍ୟମରେ ଉପରୋକ୍ତ ସଙ୍ଗଠନ ଏବଂ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଇଥିବା ସୂଚନା ମିଳିଛି।

## ତାପଙ୍ଗ ଦଳବେହେରାଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଦେଶମାତୃକାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କିମ୍ବା ବଳିଦାନ ଦେଇଥିବା ବୀର ଏବଂ ଶହୀଦ ତଥା ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରିବା ପାଇଁ ବିଶେଷକରି ସେମାନଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶହୀଦଙ୍କ ସ୍ମୃତି ସ୍ଥାନ ଏବଂ ବୀର ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠରୁ ମାଟି ସଂଗ୍ରହ କରାଯାଇ କଳସଯାତ୍ରା ମାଧ୍ୟମରେ ଦିଲ୍ଲୀ ସ୍ଥିତ ଯୁଦ୍ଧ ସଂଗ୍ରାହଳୟକୁ ପଠାଇବାର ବ୍ୟବସ୍ଥା ହେଉଛି। ଏହି ଅବସରରେ ଶନିବାର ଖୋର୍ଦ୍ଧା ବ୍ଲକ ନିଜିଗଡ ତାପଙ୍ଗଠାରେ ଖୋର୍ଦ୍ଧା ଭାଜପା ପକ୍ଷରୁ ପାଇକ ବିଦ୍ରୋହର ମହାନ୍ ଯୋଦ୍ଧା ତାପଙ୍ଗ ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାୟଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ପ୍ରଥମେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସମ୍ପାଦକ ସଂଗ୍ରାମୀ କେଶରୀ ଜଗଦ୍ଦେବ ଏହି ମାଟିକୁ କଳସରେ ଅର୍ପଣ କରିଥିଲେ। ପରେ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ପ୍ରଦ୍ୟୁମ୍ନ ହରିଚନ୍ଦନ, କିଶୋର ବରାଳ, ମନୋଜ ବୈରିଗଞ୍ଜନ, ଶୁଭାଙ୍ଗୀ ପାଲଟାସିଂହ, ଗୋବିନ୍ଦ ରାଉତରାୟ, ବିଷ୍ଣୁ ପ୍ରସାଦ ବଳିୟାରସିଂହ, ପ୍ରଫୁଲ୍ଲ ମାନ୍ଧାତାଙ୍କ ସମେତ ଶତାଧିକ କର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଉକ୍ତ ମାଟିକଳସକୁ ଧରି ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରେ ନରଣଗଡଠାରେ ପୂର୍ବତନ ସେନା ଅଧିକାରୀ ସ୍ୱର୍ଗତ ମହେନ୍ଦ୍ର ଭୁଜବଳଙ୍କ ପ୍ରତିମୂର୍ତ୍ତି ପୀଠରୁ ତାଙ୍କ ସହଧର୍ମିଣୀଙ୍କଠାରୁ ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ସାମନ୍ତରାୟ, ଶୁଭଦ୍ରା ପାତ୍ର, ରଘୁନାଥ ଶ୍ରୀଚନ୍ଦନ, ପୀତବାସ ପାଳ, ଅଜୟ ପାଟଯୋଶୀ, ବିପିନ ପାଲଟାସିଂହ, ଗଙ୍ଗାଧର ଚମ୍ପତି, ଲିଙ୍ଗରାଜ ମାର୍ଥାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।


ଶହୀଦ ଓ ବୀରଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ ପରେ ଦିଲ୍ଲୀ ପଠାଯାଉଛି।

## ସୁସ୍ଥ ଜୀବନଯାପନ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନ (ଟାଉନ ହଲ) ଠାରେ ଶନିବାର ସାଂସଦ କ୍ରୀଡା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କ୍ରୀଡ଼ା ଜୀବନର ଏକ ଅଂଶ। ଶୃଙ୍ଖଳା ଓ ପ୍ରତିଯୋଗୀ ମନୋଭବ ସୃଷ୍ଟି କରିଥାଏ। ସୁସ୍ଥ ଜୀବନଯାପନ ପାଇଁ କ୍ରୀଡା ଅପରିହାର୍ଯ୍ୟ। ପ୍ରଧାନମନ୍ତ୍ରୀ ଖେଲୋ ଇଣ୍ଡିଆ, ଫିଟଇଣ୍ଡିଆର ଆହ୍ୱାନ ଦେଇଛନ୍ତି। ଜୀବନରେ ଯେ କୌଣସି କାର୍ଯ୍ୟ କର ଶାରିରୀକ ଓ ମାନସିକ ସୁସ୍ଥତା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିଲେ ବିକଶିତ ଭାରତ ଗଠନ ସମ୍ଭବ ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ।



ସାଂସଦ କ୍ରୀଡ଼ା ସମ୍ମାନ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

**୬୩ ଟିମ୍‌କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ**

ବିଦ୍ୟୁତ୍ କୁମାର କାଣ୍ଡି ମଞ୍ଚ ସଂଯୋଜନା କରିଥିଲେ। ଜିଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ବରିଷ୍ଠ ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ରାମ ନାରାୟଣ ଦାଶ, ପ୍ରତାପ ମହାପାତ୍ର, ହେମନ୍ତ ବେହେରା, ଲିନା ସ୍ୱାଇଁ, ଦିବାକର ଭୋଇ, କାଉନସିଲର ଶୁଭଲକ୍ଷ୍ମୀ ମହାରଣା, ଶୃଷ୍ଟ ମାଝି, ଦିଲ୍ଲୀପ ପାଣିଙ୍କ ସମେତ ଖୋର୍ଦ୍ଧା ନଗରର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ଏକାଧିକ ପଞ୍ଚାୟତର ୬୩ଟି ଟିମକୁ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଗୋଟିଏ କ୍ରିକେଟ ଟିମକୁ ଦୁଇଟି ବ୍ୟାଟ, ଷ୍ଟମ୍ପ, ପ୍ୟାଡ, ଗ୍ଲୋବସ ଏବଂ ଫୁଟବଲ ଟିମକୁ ତିନୋଟି ଲେଖାଏ ଫୁଟବଲ ପ୍ରଦାନ କରାଯାଇଥିଲା।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

**ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା, ୨୦୨୩-୨୪**

ବିଜ୍ଞପ୍ତି ନଂ. 1928/ (Exam. Conf.-I)/ତା: 05।09।23ରିଖ

No.n-176:- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ବିଜ୍ଞପ୍ତି ସଂଖ୍ୟା 1718/(Exam. Conf.-I) ତା28/07/2023ରିଖର ଅନୁବୃତି ରୂପେ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାର କାର୍ଯ୍ୟସୂଚୀ ଅନିବାର୍ଯ୍ୟ କାରଣବଶତଃ ପରିବର୍ତ୍ତନ କରାଯାଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ।

| | |
|---|---|
| 04/10/2023 (Wednesday) (10 am to 12.30 pm) 1st Sitting<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | 04/10/2023 (Wednesday) (01.30 pm to 04 pm) 2nd Sitting<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) |
| 05/10/2023 (Thursday) (10 am to 12.45 pm) 1st sitting<br>MTH ଗଣିତ (Mathematics) | 07/10/2023 (Saturday) (01.30 pm to 04 pm) 2nd Sitting<br>ତୃତୀୟ ଭାଷା (Third Language)<br>TLH (ହିନ୍ଦୀ) TLO (ଓଡ଼ିଆ) TLP (ପାର୍ସି) TLS (ସଂସ୍କୃତ)<br>(01.30 pm to 02.45 pm)<br>TLV (THEORY) & IT, RT, TH, AG, PL, BW, AH, AM, EH, CN, FP, TC (THEORY)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TH, AG, PL, BW, AH, AM, EH, CN, FP, TC କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |
| 06/10/2023 (Friday) (10 am to 12.30 pm) 1st sitting<br>GSC ବିଜ୍ଞାନ (Science) | |
| 07/10/2023 (Saturday) (10 am to 12.30 pm) 1st sitting<br>SSC ସାମାଜିକ ବିଜ୍ଞାନ (Social Science) | |

OIPR-27004/11/0034/2324

ସ୍ୱା./- ସମ୍ପାଦକ

**ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ)- ବଲଙ୍ଗା ଅଞ୍ଚଳରେ ଗଣେଶ ପୂଜା, ଭସାଣି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହେବା ଏହି ଲକ୍ଷ୍ୟ ରଖି ବଲଙ୍ଗା ପୋଲିସ ପକ୍ଷରୁ ସବୁ ସାହି ମୁରବିଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଥାନାର ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଡିଜେ ସାଉଣ୍ଡ ଉପରେ କଟକଣା ଜାରି ରହିଥିବାବେଳେ ବ୍ୟାଣ୍ଡ ପାର୍ଟିଗୁଡ଼ିକୁ ନିର୍ଦ୍ଦିଷ୍ଟ ସାଉଣ୍ଡରେ ବ୍ୟବହାର ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ସାଉଣ୍ଡ ୬୦ ଡେସିବଲ୍ ଭିତରେ ରହିବା ଆବଶ୍ୟକ। ଶାନ୍ତିଶୃଙ୍ଖଳା ପ୍ରଦର୍ଶନ କରୁଥିବା ଦଳଗୁଡ଼ିକୁ ପୋଲିସ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### ୫୦ ବସ୍ତାରୁ ଊର୍ଦ୍ଧ୍ୱ ଭାଙ୍ଗ ଜବତ, ଜଣେ ଅଟକ

ବ୍ରହ୍ମଗିରି,୯।୯(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ଅବକାରୀ ବିଭାଗ ଓ ସାତପଡ଼ା ଅବକାରୀ ବିଭାଗର ମିଳିତ ଚଢ଼ାଉରେ ଶୁକ୍ରବାର ବ୍ରହ୍ମଗିରି ବଜାରରୁ ୫୦ ବସ୍ତା ଭାଙ୍ଗ ଜବତ ହେବା ସହ ଜଣଙ୍କୁ ଅଟକ ରଖାଯାଇଛି। ସୂଚନାନୁସାରେ, ବ୍ରହ୍ମଗିରି ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାଙ୍ଗ, ଗଞ୍ଜେଇ କାରବାର ବଢିବାରେ ଲାଗିଛି। ଏହି ଖବରପାଇ ଜିଲା ଅବକାରୀ ଇନ୍ସପେକ୍ଟର ମାନସୀ ସାହୁଙ୍କ ତତ୍ତ୍ୱାବଧାନରେ ସାତପଡ଼ା ଅବକାରୀ କର୍ମଚାରୀଙ୍କ ସହାୟତାରେ ବ୍ରହ୍ମଗିରି ଥାନା ଅଧୀନ ଗୋପ ଗାଁରେ ଜଣଙ୍କ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ବ୍ୟବସାୟୀଙ୍କ ଘରୁ ବେଆଇନ ୫୦ ବସ୍ତାରୁ ଊର୍ଦ୍ଧ୍ୱ ଭାଙ୍ଗ ଜବତ ହୋଇଥିବାବେଳେ ବ୍ୟବସାୟୀ ଜଣକ ଖସି ଯିବାରେ ସଫଳ ହୋଇଥିଲେ। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ବାପାଙ୍କୁ ଅବକାରୀ ପୋଲିସ ଅଟକ ରଖି ପଚରାଉଚରା କରୁଛି।

### ଗ୍ରାମ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବ୍ରହ୍ମଗିରି,୯।୯(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଗ୍ରାମ ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନ୍ୟାୟାଳୟର ନ୍ୟାୟାଧିକାରିଣୀ ସୁଶ୍ରୀ ରଶ୍ମିନାରାୟଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ୩୩ଟି ମକଦ୍ଦମାର ଫଇସଲା ହୋଇଥିଲା। ସାଧାରଣ ଲୋକ ଏହି ଲୋକ ଅଦାଲତରେ ଉପସ୍ଥିତ ରହି ବିନା କୌଣସି ଖର୍ଚ୍ଚରେ ସେମାନଙ୍କର ମକଦ୍ଦମା ଫଇସଲା କରାଇଥିଲେ। ପ୍ରତି ୩ ମାସରେ ଛୋଟ ଛୋଟ ମକଦ୍ଦମା ତଥା ବ୍ୟାଙ୍କ ମକଦ୍ଦମା, ମୋଟରଯାନ ମକଦ୍ଦମା ଓ ରଫା ଯୋଗ୍ୟ ମକଦ୍ଦମା ଲୋକ ଅଦାଲତରେ ଫଇସଲା ହେଉଛି।

### ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କଲେ ଦାସବର୍ମା

ପୁରୀ, ୯।୯(ଅଜିତ୍ ମହାନ୍ତି)

ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୁରୀ ସଦର ବ୍ଲକ ଗସ୍ତ କରି ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଦାସବର୍ମା ମଧ୍ୟାହ୍ନରେ ଭାଇଲିପୁର ପଞ୍ଚାୟତ ଭାଇଲିପୁରଠାରେ ନିର୍ମାଣାଧୀନ ଶିଳ୍ପ ତାଲିମ କେନ୍ଦ୍ର ବୁଲି ଦେଖି ଶିଳ୍ପ ତାଲିମ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତରେ ରତ୍ନଚିରା ନଦୀ ଉପରେ ମାଳସାହି ମେଳଣ ପଡ଼ିଆରୁ ଚାଷପଡ଼ାକୁ ସଂଯୋଗ କରୁଥିବା ନିର୍ମାଣାଧୀନ ବ୍ରିଜ ବୁଲି ଦେଖିବା ସହିତ ବ୍ରିଜ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ ପୁରୀ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରିଛନ୍ତି। ଏହାସହିତ ଅପରାହ୍ନରେ ପ୍ରତାପ ରାମଚନ୍ଦ୍ର ପୁର ପଞ୍ଚାୟତ ଡ଼ୋମାଣିଆ ଗ୍ରାମରେ ନିର୍ମାଣାଧୀନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ପୁରୀ ସଦର ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲିପୁର ପଞ୍ଚାୟତ ସମିତି ସଭ୍ୟ କୀର୍ତ୍ତିବୀର୍ଯ୍ୟ ସ୍ୱାଇଁ, ଗୌଡାକେରା ସରପଞ୍ଚ ରମେଶ ପ୍ରଧାନ, ପ୍ରତାପ ରାମଚନ୍ଦ୍ର ପୁର ସରପଞ୍ଚ ଦେବିପ୍ରିୟ ଦାସ, ପୁରୀ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ପୁରୀ ପାନୀୟ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେଶର ସଂସ୍କୃତି, ଐତିହ୍ୟ ସଂରକ୍ଷଣ ଲକ୍ଷ୍ୟ

**ପୁରୀରେ ୨ୟ ଆଇପିଏଏଫ୍**

ପୁରୀ, ୯।୯(ଅଜିତ୍ ମହାନ୍ତି)

ପୁରୀରେ ଦ୍ୱିତୀୟ ବର୍ଷ ପାଇଁ ଇଣ୍ଟରନ୍ୟାଶନାଲ୍ ପର୍ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ୍ (ଆଇପିଏଏଫ୍) ଆୟୋଜିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ଶନିବାର ଟାଉନ୍‌ହଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟ ସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଦ୍ମଭୂଷଣ ଓ ଗ୍ରାମି ପୁରସ୍କାର ବିଜେତା ପଣ୍ଡିତ ବିଶ୍ୱ ମୋହନ ଭଟ୍ଟଙ୍କ ମୋହନ ବୀଣା ଓ ବିଶିଷ୍ଟ ତବଲା ବାଦକ ପ୍ରଦ୍ୟୁତ ମୁଖାର୍ଜୀଙ୍କ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ରହିଥିଲା। ବନାରସ ଓ କୁଡ଼ାଉସିଂହ ଘରାନାର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥକ ନୃତ୍ୟଶିଳ୍ପୀ ଡକ୍ଟର ଖୁସ୍‌ବୁ ପାଞ୍ଚାଳ କଥକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ପୁରୀର ଘୋଡ଼ା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିବାବେଳେ


ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ମଧ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ଆଗାମୀଦିନରେ ବିଭିନ୍ନ ଦେଶର ପାରମ୍ପରିକ କଳାକୃତିର କଳାକାରଙ୍କୁ ଏକତ୍ରିତ କରି ବିଶ୍ୱର ବିଭିନ୍ନ ନୃତ୍ୟକଳାର ସମ୍ମିଶ୍ରଣକୁ ଉପସ୍ଥାପନ କରିବା ଲାଗି ମଞ୍ଚ ପ୍ରଦାନ କରି ଦେଶର ସଂସ୍କୃତି ଓ ଐତିହ୍ୟ ସଂରକ୍ଷଣ କରିବାକୁ ଆଇପିଏଏଫ୍ ଲକ୍ଷ୍ୟ ରଖିଛି। ଏହି ଉତ୍ସବ ପକ୍ଷରୁ ଦିବ୍ୟାଙ୍ଗ କଳାକାର ଏବଂ ଯୁବ କଳାକାରମାନଙ୍କୁ କିମ୍ବଦନ୍ତୀ କଳାକାରମାନଙ୍କ ସହ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯାଉଛି। ଆଇପିଏଏଫ୍ ବାୟୁ ଯୋଗ, ସାଂସ୍କୃତିକ ନୃତ୍ୟ, ଲୋକକଳା ନୃତ୍ୟ, ଦିବ୍ୟାଙ୍ଗ କଳାକାର ଏବଂ ଉଦୀୟମାନ କଳାକାରମାନଙ୍କୁ ସମର୍ଥନ କରିଥାଏ। ବିଶ୍ୱସ୍ତରରେ ପର୍ଫର୍ମିଂ ଆର୍ଟସ୍ ଜରିଆରେ ଏହା ସମାଜ ଓ ସଂସ୍କୃତିକୁ ଯୋଡୁଛି। ଆଇପିଏଏଫ୍ ପକ୍ଷରୁ ସବୁ ରାଜ୍ୟର ରାଜଧାନୀ ଏବଂ ସାଂସ୍କୃତିକ ସହରରେ ଉତ୍ସବ ଆୟୋଜନ କରାଯାଉଛି । ଏହା କଶ୍ମୀରଠାରୁ କନ୍ୟାକୁମାରୀ ଓ ଅହମ୍ମଦାବାଦ ପର୍ଯ୍ୟନ୍ତ ଉତ୍ସବ ଆୟୋଜନ କରି ପର୍ଫର୍ମିଂ ଆର୍ଟସ୍ ଓ ଦିବ୍ୟାଙ୍ଗ କଳାକାରମାନଙ୍କ ପ୍ରସାର କରିଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଜମି ବିବାଦରୁ ଆକ୍ରମଣ ଘଟଣା: ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଗଲା

**୨ କୋର୍ଟ ଚାଲାଣ**

ପିପିଲି,୯।୯(ପ୍ରଭାତ ମହାପାତ୍ର)

ଦୁଇ ପରିବାରର ଗଣ୍ଡଗୋଳରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ସେ ହେଲେ ପିପିଲି ଭାରତୀପୁର ପଞ୍ଚାୟତ ବାଗେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ସାମନ୍ତରାୟ (୫୭)। ରାମଚନ୍ଦ୍ରଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ରାକେଶ ଦାଶ (୨୪) ଓ ରବି ନାରାୟଣ ଦାଶ (୪୯)। ଏନେଇ ପୋଲିସ ଉଭୟଙ୍କ ପକ୍ଷରୁ ୪୦୫/୨୩ ଓ ୪୦୬/୨୩ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରାମଚନ୍ଦ୍ର ଓ ରବି ଉଭୟ ପରିବାର ମଧ୍ୟରେ ଜମି ବିବାଦ ନେଇ ତିକ୍ତତା ରହିଥିଲା। ଗତ ୫ ତାରିଖରେ କୌଣସି ଏକ କାମକୁ ନେଇ ରବିଙ୍କ ଜମିରେ ରାମଚନ୍ଦ୍ର ଚାଲିଯାଇଥିଲେ। ଏଥିନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାମଚନ୍ଦ୍ରଙ୍କ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ପ୍ରଥମେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ୩ ଦିନର ଚିକିତ୍ସା ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବାରୁ ଶୋକରଛାୟା ଖେଳିଯାଇଛି।

# ସାହିବାସୀଙ୍କ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ସରପଞ୍ଚ

କୋଣାର୍କ,୯।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ବନାଖଣ୍ଡି ଗ୍ରାମ ପଞ୍ଚାୟତ ଜନ୍ତନା ସାମିଲ ବାଲିସାହି ଗ୍ରାମକୁ ରାସ୍ତା ଖଣ୍ଡିଏ ନାହିଁ। ଏନେଇ ଗୁରୁବାର ଏକ ବୈଠକ ବସିଥିବାବେଳେ ବର୍ଷାଦିନ ପରେ ପୁନର୍ବାର ମାପଚୁପ ହୋଇ ରାସ୍ତା ନିର୍ମାଣ ହେବ ବୋଲି ଜଣାପଡିଥିଲା। ମାତ୍ର ରାଜନୈତିକ ବିବାଦରୁ ଏହି ରାସ୍ତା ହୋଇପାରୁ ନ ଥିବା ଅଭିଯୋଗ ରହିଛି। ରାସ୍ତା ନିର୍ମାଣ ପାଇଁ ବାଲିସାହି ଗ୍ରାମବାସୀ କୋଣାର୍କ- ଗୋପ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ପ୍ରକାଶ କରିଥିଲେ। ତେବେ ଶନିବାର ଏହି ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ସମାଧାନ ନ ହେଲେ ବାଲିସାହି ବାସିନ୍ଦାଙ୍କ ସହିତ ସରପଞ୍ଚ ନାୟକ ରାସ୍ତା ଅବରୋଧ କରିବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।


ରାସ୍ତା ନିର୍ମାଣ ଅପେକ୍ଷାରେ ବାଲିସାହି ଗ୍ରାମ ।

# କଣାସ ଅଞ୍ଚଳର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା

ପୁରୀ,୯।୯(ଅଜିତ୍ ମହାନ୍ତି)

କଣାସ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କୁ ଦିଆଯାଇଥିବା ସ୍ମାରକପତ୍ର ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପୂରାତନ ଛାତ୍ର ସଂସଦ ପକ୍ଷରୁ ଆଲୋଚନା କରାଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ୭୫ ବର୍ଷ ପୂର୍ତ୍ତି ଉତ୍ସବ ସଫଳତା ପରେ ପୁରାତନ ଛାତ୍ର ସଂସଦ ସଭାପତି ମହେଶ୍ୱର ମାର୍ଥାଙ୍କ ଦିଗ୍‌ଦର୍ଶନରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୫-ଟି ସଚିବଙ୍କ କଣାସ ଗସ୍ତ ସମୟରେ ଛାତ୍ରସଂସଦ ପକ୍ଷରୁ ଦୟା ନଦୀର ଖନନ, ବାମପାର୍ଶ୍ୱ ବନ୍ଧରେ ଚିଲିକାକୁ ପର୍ଯ୍ୟଟନ ଭିତ୍ତିକ ଏକ ଦୃଢ଼ ରାସ୍ତା ସଂଯୋଗୀକରଣ, କଣାସଠାରେ ଏକ ଶକ୍ତିଶାଳୀ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେଶନ ଓ ଶୀତଳଭଣ୍ଡାର ସ୍ଥାପନ ଆଦି ସମସ୍ୟା ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ପ୍ରତିନିଧିଙ୍କ ମଧ୍ୟରେ ପୁରାତନ ଛାତ୍ର ସୁକାନ୍ତ ପାଇକରାୟ, ଡ. ହେମନ୍ତ କୁମାର ଛୋଟରାୟ, ନକୁଳ ପାତାଳସିଂହ, ପ୍ରଶାନ୍ତ କୁମାର ବରାଳ, କାମଦେବ ରାଉତରାୟ, ମହେଶ୍ୱର ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସଂସଦ ପକ୍ଷରୁ କୁହାଯାଇଛି।

### ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଗୁରୁତର

ସାକ୍ଷୀଗୋପାଳ,୯।୯(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ମୂଳଅଳସା ଗ୍ରାମ ପଞ୍ଚାୟତର ଗୁଳାପାରି ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳଙ୍କ ଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଅଗ୍ନିକାଣ୍ଡରେ ତାଙ୍କର ୨ଗୋଟି ଗାଈ ଏବଂ ୫ଟି ଛେଳି ପୋଡ଼ିଯାଇ ଗୁରୁତର ହେବା ସହିତ ପ୍ରଫୁଲ୍ଲ ଗୁରୁତର ଭାବେ ପୋଡ଼ି ହୋଇ ପୁରୀ ଜିଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ପଞ୍ଚାୟତ ସମିତି ସଭ୍ୟା ଝୁନି ପ୍ରଧାନଙ୍କ ପ୍ରତିନିଧି ମିଥୁନ ପ୍ରଧାନ ସେଠାରେ ପହଞ୍ଚି ଅଗ୍ନି ନିର୍ବାପନରେ ସହାୟତା କରିବା ସହିତ ଆହତଙ୍କୁ ପୁରୀ ଡାକ୍ତରଖାନାକୁ ନେଇ ସେଠାରେ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଏଥିସହ ସରକାରୀ ସହାୟତା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ।

# ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ଅପହରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

- ୨ଟି ମାମଲା ରୁଜୁ, ବିଜେଡିର ୪ ଯୁବ କର୍ମୀ ଅଟକ
- ଥାନା ସମ୍ମୁଖରେ ଭାଜପାର ୨ ଘଣ୍ଟା ଧାରଣା

ଗୋପ,୯।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଅସନ୍ତୁଷ୍ଟ ବିଜେଡି କର୍ମୀ ରାଧାଶ୍ୟାମ ଭୋଳଙ୍କ ଅପହରଣ ଘଟଣା ନେଇ ଶନିବାର ବିଜେଡି- ଭାଜପା ମୁହାଁମୁହିଁ ହୋଇଛନ୍ତି। ରାଧାଶ୍ୟାମଙ୍କ ପତ୍ତା ମିଳି ନ ଥିବାବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ରାଧାଶ୍ୟାମଙ୍କ ସ୍ତ୍ରୀ ପୁଷ୍ପଲତା ଭୋଳଙ୍କ ଅଭିଯୋଗ ମୁତାବକ ଗୋପ ଥାନାରେ ୩୬୩/୨୩ରେ ଏକ ମାମଲା ରୁଜୁ ହୋଇ ୪ ଜଣ ଯୁବ ବିଜେଡି କର୍ମୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନରେ ରାଧାଶ୍ୟାମ ଗୋପ ଥାନା ଅଧୀନ ସୁବର୍ଣ୍ଣପୁର ନିକଟରେ କିଛି ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ସହିତ ଭୋଜିଭାତ କରୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ ଜଣ ଯୁବ ବିଜେଡି କର୍ମୀ ମନଦୀପ୍ ପାଇକରାୟ, ଦେବାଶିଷ ସାହୁ, ଚନ୍ଦନ ପ୍ରଧାନ, ସୁମନ୍ତ ବାରିକ ସେଠାରେ ପହଞ୍ଚି କୌଣସି କାରଣକୁ ନେଇ ତାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ଗ୍ରହଣ କରି ରାଧାଶ୍ୟାମଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶନିବାର ସକାଳେ ପୋଲିସ ଉକ୍ତ ୪ ବିଜେଡି କର୍ମୀଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଥିଲା। ଅପରାହ୍ନରେ ଅଟକ ୪ ବିଜେଡି କର୍ମୀଙ୍କ ସମର୍ଥକ ଥାନାରେ ପହଞ୍ଚି ସେମାନଙ୍କୁ ଥାନାରୁ ନେଇଯାଇଥିଲେ। ଏହାକୁ ନିକଟରେ ଥିବା ଜଣେ ଖବରଦାତା ରେକର୍ଡିଂ କରୁଥିଲେ। ହଠାତ୍ କେତେକ ବିଜେଡି କର୍ମୀ ଉକ୍ତ ଖବରଦାତାଙ୍କୁ ଆକ୍ରମଣ କରି ତାଙ୍କ କ୍ୟାମେରାକୁ ଛଡ଼ାଇ ନେଇଥିଲେ। ଏହି ସମୟରେ ଭାଜପା କର୍ମୀ ଖବରଦାତାଙ୍କୁ ସମର୍ଥନ ଜଣାଇବାରୁ ଦୁଇ ଦଳ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପୋଲିସ ଉକ୍ତ ୪ ବିଜେଡି ଯୁବ କର୍ମୀଙ୍କୁ ସାହାଯ୍ୟ କରୁଥିବା, ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଇବା ସହ ଅପହୃତ ରାଧାଶ୍ୟାମଙ୍କ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଓ ଖବରଦାତାଙ୍କୁ ଆକ୍ରମଣରେ ମକଦ୍ଦମା କରିବା ଦାବିରେ ଯୁବ ଭାଜପା ନେତା ଦିଲୀପ ନାୟକ, ମହିଳା ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଗୋପ ଥାନା ଆଗରେ ଧାରଣା ଦେଇଥିଲେ। ଦୀର୍ଘ ୨ ଘଣ୍ଟା ଧାରଣା ପରେ ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର, ଥାନା ଅଧିକାରୀ ମହେଶ୍ୱର ସେଠୀ ପ୍ରମୁଖ ଭାଜପା କର୍ମୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ୩୬୪/୨୩ରେ ଏକ ମକଦ୍ଦମା ରୁଜୁ କରାଗଲା ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ପୁଣି ପୋଲିସ ଉକ୍ତ ୪ ବିଜେଡି କର୍ମୀଙ୍କୁ ନେଇ ପଚରାଉଚରା ଜାରି ରଖିଛି। ଏ ଘଟଣା ସମ୍ପର୍କରେ ପୁରୀ ଅତିରିକ୍ତ ଏସ୍‌ପି ପତିଙ୍କୁ ପଚାରିବାରେ, ୨ ଗୋଟି ଅଭିଯୋଗକୁ ନେଇ ମାମଲା ରୁଜୁ କରାଯାଇଥିବା କହିଥିଲେ।

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବଲଙ୍ଗା,୯।୯(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ସିୟାନୀ ମହିଳା କୃଷକ ଉତ୍ପାଦନ ସଂଘ ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଉଦ୍ୟାନ ବିଭାଗ ସହକାରୀ ଉଦ୍ୟାନ ଅଧିକାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ଜିଲା ଉଦ୍ୟାନ ବିଭାଗର ସହକାରୀ ଅଧିକାରୀ ଅଜୟ ପ୍ରଧାନ, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର, କୃଷି ବିଜ୍ଞାନକେନ୍ଦ୍ରର କୃଷି ବିଶେଷଜ୍ଞ ଡ. ସୁମିତ୍ରା ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀଭିତ୍ତିକ ମାଧ୍ୟମରେ ମହିଳାମାନେ କୃଷି କାର୍ଯ୍ୟରେ ଅଧିକ ମନୋନିବେଶ କରି ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନାର ଫାଇଦା ନେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧିକାରୀ କର୍ମଶାଳାରେ ଯୋଗଦେଇଥିବା ବିଭିନ୍ନ ମହିଳା ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା ଉନ୍ନତ ପ୍ରଣାଳୀରେ ବ୍ୟବସାୟିକଭିତ୍ତିରେ କିଭଳି ବିଭିନ୍ନ ପନିପରିବା, ଛତୁ ଚାଷ ଓ ଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘର ସମ୍ପାଦିକା ଗୌରିପ୍ରିୟା ମହାପାତ୍ର ପରିଚାଳନା କରିଥିଲେ।

# ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ପୋଲିସ ଗୁରୁତ୍ୱ ଦେବା ଆବଶ୍ୟକ

ଗୋପ,୯।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଫାଣ୍ଡି ଓ ଥାନାକୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ବରିଷ୍ଠ ନାଗରିକ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଉପରେ ପୋଲିସ ଗୁରୁତ୍ୱ ଦେବା ଆବଶ୍ୟକ। ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡି ପରିସରରେ ଶନିବାର ଆୟୋଜିତ ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଏହା କହିଛନ୍ତି। ଡ. କୃଷ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ମଞ୍ଚର ବରିଷ୍ଠ ବୃଦ୍ଧିଜୀବୀଙ୍କ ସହିତ ନୟାହାଟ ଅଞ୍ଚଳର ବିଭିନ୍ନ ସଂଗଠନ ସଦସ୍ୟଙ୍କ ସହିତ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇ ଫାଣ୍ଡିର ସମସ୍ୟା, ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସହିତ ଅଧିକ ମାତ୍ରାରେ ନିଶା କାରବାର ଓ ବିଭିନ୍ନ ସ୍ଥାନରେ ଦିନ ଦ୍ୱିପ୍ରହରରେ ଜୁଆ କାରବାର ଉପରେ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାହାଟ ଫାଣ୍ଡି ଅଞ୍ଚଳର ୨୮ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ଗୃହରାଷ୍ଟ୍ର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିବାବେଳେ ମନ୍ତ୍ରୀଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ କୁନାଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ ମହାଦୁର୍ନୀତି

**ମିଶନ କାଫେ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ**

ପିପିଲି,୯।୯(ପ୍ରଭାତ ମହାପାତ୍ର)

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପିପିଲି ବ୍ଲକ ପ୍ରଶାସନ ମାନୁ ନ ଥିବାରୁ ଏହାକୁ ବିରୋଧ କରି ଜାତୀୟ ଦଳିତ ମାଇନରଟି ମହାସଂଘ ଓ ସ୍ଥାନୀୟ ଗ୍ରାମବାସୀ ମିଳିତ ଭାବେ ନିର୍ମାଣାଧୀନ ମିଶନ କାଫେ ଆଗରେ ଶନିବାର ଧାରଣା ଦେଇଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପରିସ୍ଥିତିକୁ ଆଖି ଆଗରେ ରଖି ସେଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ପ୍ରତିବାଦ ପରେ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ହଟିଥିଲା।



ସୂଚନା ଅନୁଯାୟୀ, ପିପିଲି ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ପ୍ଲଟ ନଂ. ୧୯୦୯ ଓ ୧୯୨୪ ଗୋଚର ଜମି ଉପରେ ବେଆଇନ ଭାବେ ପିପିଲି ବ୍ଲକ ପ୍ରଶାସନ ୧୯୧୭ ମସିହାଠାରୁ ଏ ପର୍ଯ୍ୟନ୍ତ ସେଠାରେ ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରି ମାର୍କେଟ କମ୍ପ୍ଲେକ୍ସ ଘର ନିର୍ମାଣ କରିଥିଲା। ଏହି ମାର୍କେଟ କମ୍ପ୍ଲେକ୍ସ ଘରକୁ ସ୍ଥାନୀୟ କେତେକ ଲୋକ ନେଇ ନିଜ ବ୍ୟବସାୟ କରି ପ୍ରତିପୋଷଣ କରୁଥିଲେ। ହେଲେ ପିପିଲି ବ୍ଲକ ପ୍ରଶାସନ ମାର୍କେଟ କମ୍ପ୍ଲେକ୍ସର ୩ଟି ଦୋକାନ ଘର ଆଗରେ ମିଶନ କାଫେ ପାଇଁ ଆହୁରି ଘର ନିର୍ମାଣ କରୁଛି। ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଉକ୍ତ ଘର ଆଗରେ ଧାରଣା ଦେଇଥିଲେ। ଆଗରୁ ସେହି ମାର୍କେଟ କମ୍ପ୍ଲେକ୍ସ ପାଇଁ ବିଭିନ୍ନ ଉପାୟରେ ବ୍ଲକ ପ୍ରଶାସନ ମହାଦୁର୍ନୀତି କରି ଟଙ୍କା ହରିଲୁଟ୍ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘୋଟାଲାରେ ସ୍ଥାନୀୟ ସରପଞ୍ଚଙ୍କ ସମ୍ପୂର୍ଣ୍ଣ ହାତ ରହିଥିବା ସାମାଜିକ କର୍ମୀ ସୁଧୀର ବିଶ୍ୱାଳ ଅଭିଯୋଗ କରିଛନ୍ତି। ପୂର୍ବରୁ ଉକ୍ତ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିକଟରେ ହୋଇଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଖାଲି ରଙ୍ଗ ମାରି ୫ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ସୂଚନା ଅଧିକାର ପତ୍ର ସାମ୍ନାକୁ ଆଣିଥିଲା। ମାର୍କେଟ କମ୍ପ୍ଲେକ୍ସ ଉପଭୋକ୍ତା ଜୟନ୍ତ ସ୍ୱାଇଁ ମାର୍କେଟ କମ୍ପ୍ଲେକ୍ସରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଭିଜିଲାନ୍ସ ଓ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ଉଚ୍ଚ ନ୍ୟାୟାଳୟ ଏହି କାର୍ଯ୍ୟ ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ହେଲେ ଏହାକୁ ଅମାନ୍ୟ କରି ପିପିଲି ବ୍ଲକ ପ୍ରଶାସନ ଉକ୍ତ ମିଶନ କାଫେ ନିର୍ମାଣ ଜାରି ରଖିଥିଲା।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା, ୨୦୨୩-୨୪

ବିଜ୍ଞପ୍ତି ନଂ. 1928/ (Exam. Conf.-I)/ତା: 05|09|23ରିଖ

No.n-176:- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ବିଜ୍ଞପ୍ତି ସଂଖ୍ୟା 1718/(Exam. Conf.-I) ତା28/07/2023ରିଖର ଅନୁବୃତି ରୂପେ ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାର କାର୍ଯ୍ୟସୂଚୀ ଅନିବାର୍ଯ୍ୟ କାରଣବଶତଃ ପରିବର୍ତ୍ତନ କରାଯାଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ ।

| 1st Sitting | 2nd Sitting |
|---|---|
| 04/10/2023 (Wednesday) (10 am to 12.30 pm) 1st Sitting<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | 04/10/2023 (Wednesday) (01.30 pm to 04 pm) 2nd Sitting<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) |
| 05/10/2023 (Thursday) (10 am to 12.45 pm) 1st sitting<br>MTH ଗଣିତ (Mathematics) | 07/10/2023 (Saturday) (01.30 pm to 04 pm) 2nd Sitting<br>ତୃତୀୟ ଭାଷା (Third Language)<br>TLH (ହିନ୍ଦୀ) TLO (ଓଡ଼ିଆ) TLP (ପାର୍ସି) TLS (ସଂସ୍କୃତ)<br>(01.30 pm to 02.45 pm)<br>TLV (THEORY) & IT, RT, TH, AG, PL, BW, AH, AM, EH, CN, FP, TC (THEORY)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TH, AG, PL, BW, AH, AM, EH, CN, FP, TC କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |
| 06/10/2023 (Friday) (10 am to 12.30 pm) 1st sitting<br>GSC ବିଜ୍ଞାନ (Science) | |
| 07/10/2023 (Saturday) (10 am to 12.30 pm) 1st sitting<br>SSC ସାମାଜିକ ବିଜ୍ଞାନ (Social Science) | |

OIPR-27004/11/0034/2324

ସ୍ୱା./- ସମ୍ପାଦକ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରକ୍ତଦାନ ଶିବିର, ଡଲଫିନ ଗାର୍ଡେନ ମଣ୍ଡପ, ଇନ୍‌ଫୋସିଟି ରୋଡ୍, ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ ପରିସର, ସକାଳ ୯ଟା ୩୦।
- ସାହିତ୍ୟ ଆସର ବାରଙ୍ଗ(କବି କର୍ମଶାଳା) ପରିବାର ପକ୍ଷରୁ ସାରସ୍ୱତ ବନ୍ଧୁମିଳନ, ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର, ପୂର୍ବାହ୍ନ ୧୦ଟା।
- ପ୍ରଶାନ୍ତ ମଙ୍ଗରାଜଙ୍କ ପୁସ୍ତକ ଉନ୍ମୋଚନ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ 'ମା ଭକ୍ତଙ୍କ' ସମ୍ମିଳନୀ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ମା' ଗୌରୀ ଅତିଥି ଭବନର ଲୋକାର୍ପଣ, ରବିଟକିଜ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମିରର ଓ ରାଜନଗର ସିଟିଜେନ ଫୋରମ ପକ୍ଷରୁ ସେମିନାର, ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୪ଟା ୩୦।
- ପୁଷ୍ପାଞ୍ଜଳି କରଙ୍କ ୨ଟି ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।

**କଟକ**

- ଓଡ଼ିଶା ଯୋଗ ଆସୋସିଏଶନର ରାଜ୍ୟ ଚାମ୍ପିୟନଶିପ୍, କଳିଙ୍ଗ ଜିମ୍ନାସିୟମ୍, ଚୌଧୁରୀ ବଜାର, ସନ୍ଧ୍ୟା ୭ଟା।

## କୋହିନୂର ଫେରାଇ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନାର ଦିଲ୍ଲୀ ଯାତ୍ରା

**ପୁରୀ,୯।୯(ଅଜିତ୍ ମହାନ୍ତି):** ଭାରତରେ ପ୍ରଥମ ଥର ପାଇଁ ଜି-୨୦ ବୈଠକ ଆୟୋଜିତ ହୋଇଛି। ଏଥିରେ ବିଶ୍ୱର ୨୦ଟି ଦେଶର ରାଷ୍ଟ୍ର ମୁଖ୍ୟମାନେ ଯୋଗଦେଇଛନ୍ତି। ବୈଠକରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଋଷି ସୁନକ ମଧ ଯୋଗଦେଇଛନ୍ତି। ତେବେ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଇଂଲେଣ୍ଡରେ ଥିବା ମହାପ୍ରଭୁଙ୍କ କୋହିନୁର ହୀରାକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫେରାଇ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶନିବାର ଦିଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରା କରିବା ପୂର୍ବରୁ ପଟ୍ଟନାୟକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ମଙ୍ଗଳଆଳତି ଦର୍ଶନ କରିବା ସହ କୋହିନୂର ହୀରା ଯେପରି ଫେରିଆସିବ ସେନେଇ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ପଟ୍ଟନାୟକ କହିଛନ୍ତି, ଜି-୨୦ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଭାରତ ଆସିଛନ୍ତି। ମହାପ୍ରଭୁଙ୍କ କୋହିନୂର ସ୍ୱଦେଶ ଆଣିବା ଦିଗରେ ଏକ ସୁଯୋଗ ମିଳିଛି। ତାଙ୍କୁ ସାକ୍ଷାତ କରି କୋହିନୂର ଫେରାଇ ଆଣିବା ସମ୍ପର୍କରେ କହିବା ପାଇଁ ଚେଷ୍ଟା କରିବୁ। ମହାପ୍ରଭୁଙ୍କ ଆଶୀର୍ବାଦ ହେଲେ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।


ଅତିଥିଙ୍କ ସହ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ପାଇଥିବା ଅନନ୍ତ ମହାପାତ୍ର (ବାମରୁ ତୃତୀୟ) ଓ ଅନ୍ୟ ପୁରସ୍କୃତ ପ୍ରତିଭା। (ଫଟୋ-ବିକାଶ ନାୟକ)

# ଅନନ୍ତ ମହାପାତ୍ର ପାଇଲେ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

**ଭୁବନେଶ୍ୱର,୯।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଜୀବନବ୍ୟାପୀ ସାଧନା ପାଇଁ ଅନନ୍ତ ମହାପାତ୍ରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୩' ପ୍ରଦାନ କରାଯାଇଛି। ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ଦିଆଯାଇଛି। ସେହିପରି ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡ. ସୋନାଲ ମାନସିଂହଙ୍କୁ ମଧ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ମିଳିଛି। ତେବେ ସେ କୌଣସି କାରଣରୁ ଅନୁପସ୍ଥିତ ରହିଥିବାରୁ ପୁରସ୍କାର ଗ୍ରହଣ କରିପାରିନାହାନ୍ତି। ଅନ୍ୟପକ୍ଷରେ ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ଜଣ ପ୍ରତିଷ୍ଠିତ କଳାକାରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ସେମାନେ ହେଲେ ଓଡ଼ିଶୀ ନୃତ୍ୟ ପାଇଁ ଅରୂପା ଗାୟତ୍ରୀ ପଣ୍ଡା ଓ ସିଦ୍ଧି ୱାଇକର, କଥକ ନୃତ୍ୟ ପାଇଁ ବିଶାଲ କ୍ରିଷ୍ଣା ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ ବାଦନ) ପାଇଁ ଅରୂପ ଦାସ। ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କାର ଅର୍ଥରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଞ୍ଜିତା କୁଲ୍‌କର୍ଣ୍ଣୀ, ଅନନ୍ତ ମହାପାତ୍ର ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

### ୪ଜଣଙ୍କୁ ଯୁବ ପ୍ରତିଭା ସମ୍ମାନ

ପରେ ଅରୂପ ଦାସଙ୍କ ଓଡ଼ିଶୀ ମର୍ଦ୍ଦଳ ବାଦନରୁ ଅନ୍ତିମ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ତାଙ୍କୁ ହାରମୋନିୟମରେ ମୁରଲୀଧର ସ୍ୱାଇଁ ସହଯୋଗ କରିଥିଲେ। ଏହାପରେ ସିଦ୍ଧି ୱାଇକରଙ୍କ ଦ୍ୱାରା ନବଗ୍ରହ ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତି ଥିଲା କଥକ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ବିଶାଲ କ୍ରିଷ୍ଣା। ସେ ପ୍ରଥମେ ପଣ୍ଡିତ ଶୁକଦେବ ମହାରାଜଙ୍କ ଦ୍ୱାରା ଲିଖିତ ଶିବ କବିତା ପରାଣ ଓ ପରେ ପରେ ବନାରସ ଘରାନାରେ ତିନି ତାଲରେ କେତେକ ବୈଷୟିକ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କର ଶେଷ ପ୍ରସ୍ତୁତିଟି ଥିଲା ରାଧା-କୃଷ୍ଣଙ୍କ ରାସଲୀଳା ଉପରେ ଆଧାରିତ ନୃତ୍ୟାଭିନୟ। ଅରୂପା ଗାୟତ୍ରୀ ପଣ୍ଡାଙ୍କ ଓଡ଼ିଶୀ ନୃତ୍ୟ ଉଦ୍‌ଯାପନୀ ସନ୍ଧ୍ୟାର ଶେଷ ପରିବେଷଣ ଥିଲା। ଦ୍ୱାଦଶ ଶତାବ୍ଦୀର ସନ୍ଥ ତଥା କବି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀକୁ ସେ ଅତି ସୁନ୍ଦର ଭାବେ ଉପସ୍ଥାପନ କରି ଦର୍ଶକ ଓ ଅତିଥିଙ୍କୁ ବିମୋହିତ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି ଓ ସଙ୍ଗୀତ ସଂଯୋଜନା ଡ. ସୁବାସ ପାଣି ଓ ଗୁରୁ ବିଜୟ ବାରିକ କରିଥିଲେ। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ଡିଜାଇନ ଓ ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ୍ ଇଞ୍ଜିନିୟରିଂ ନୃତ୍ୟାଭିନୟଟିକୁ ଚିତାକର୍ଷକ କରିଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଥିଲା।



କଟକ ଚୌଧୁରୀ ବଜାରସ୍ଥିତ କଳିଙ୍ଗ ଜିମ୍ନାସିୟମ ପରିସରରେ ଓଡ଼ିଶା ଯୋଗ ଆସୋସିଏଶନ ପକ୍ଷରୁ ଶନିବାର ଅନୁଷ୍ଠିତ ଯୋଗାସନ ଚାମ୍ପିୟନଶିପ୍‌ରେ ପ୍ରତିଯୋଗୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

## ଅଜଣା ଗାଡି ଧକ୍କାରେ ଯୁବତୀ ମୃତ

**ଭୁବନେଶ୍ୱର,୯।୯ (ସୂର୍ଯ୍ୟକାନ୍ତ ବେହେରା)**

ଖଣ୍ଡଗିରି ଥାନା ଅନ୍ତର୍ଗତ କଣ୍ଟୋପଲି ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ଜୀବନ ଯାଇଛି। ମୃତା ଯୁବତୀ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳର ସୁକନ୍ୟା ଆଚାର୍ଯ୍ୟ। ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବା ପରେ ଘୋଷାରି ନେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସୂଚନାନୁସାରେ, ସୁକନ୍ୟା ବିଳମ୍ବିତ ରାତିରେ ସ୍କୁଟି ନେଇ ଖଣ୍ଡଗିରିରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବା ପରେ କିଛି ବାଟ ଘୋଷାରି ନେଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ରାତି ସାଢେ ଗୋଟାଏ ସମୟରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଗାଡିକୁ ଚିହ୍ନଟ କରିବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜୟ


@ ସନ୍ତୋଷ


@ ଶାନ୍ତନୁ


@ ଭାଗବତ


@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମାନସିକ ଅବସାଦ ଦୂର କରୁଛି ସୋସିଆଲ ମିଡିଆ

## ଆଜି ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ

**ଭୁବନେଶ୍ୱର,୯।୯ (ଅନୁରାଧା ମହାରଣା)**

ମାନସିକ ଅବସାଦ କାରଣରୁ ଯୁବପିଢ଼ି ଅନେକ ସମୟରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଉଛନ୍ତି। ତେବେ ଏହି ମାନସିକ ଅବସାଦ ପଛରେ ବିଭିନ୍ନ କାରଣ ରହୁଛି। ଆର୍ଥିକ, ପାରିବାରିକ ଓ ସାମାଜିକ ସମସ୍ୟା, ପ୍ରେମ ବା ବିବାହଜନିତ ସମସ୍ୟା, ଲୋକଲଜ୍ଜା ଭୟ, ଅସହ୍ୟ ରୋଗଯନ୍ତ୍ରଣା, ପରୀକ୍ଷା ବା ନିଯୁକ୍ତି କ୍ଷେତ୍ରରେ ବିଫଳତା ଅନେକ ସମୟରେ ଲୋକଙ୍କ ଜୀବନ ନେଉଛି। ତେବେ ବର୍ତ୍ତମାନ ଯୁଗରେ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁ ସୃଷ୍ଟି ହେଉଥିବା ମାନସିକ ଚାପ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି। ଅନ୍‌ଲାଇନ୍ ବେଟିଂ, ଅନଲାଇନ୍ ଗେମିଂ ଆଦି ନିଶାରେ ପଡ଼ି ଯୁବପିଢ଼ି ଆର୍ଥିକ ଠକେଇରେ ପଡୁଛନ୍ତି। ପୂର୍ବରୁ କେତେକ ଗେମିଂ ପିଲାଙ୍କୁ ମୃତ୍ୟୁର ଚ୍ୟାଲେଞ୍ଜ ଦେଇ ସେମାନଙ୍କୁ ମରଣ ମୁହଁକୁ ଠେଲିଦେଉଥିବା ମଧ ତଥ୍ୟ ରହିଛି।



ସାଧାରଣତଃ ମାନସିକ ଅବସାଦରେ ରହୁଥିବା ବ୍ୟକ୍ତି ନିଜ ମନ କଥା ଅନ୍ୟ କାହା ପାଖରେ ପ୍ରକାଶ ନ କରିପାରିଲେ ମୁଖ୍ୟତଃ ଏପରି ଚରମ ନିଷ୍ପତ୍ତି ନିଅନ୍ତି। ତେଣୁ ଏଭଳି ସମୟରେ ସୋସିଆଲ ମିଡିଆ ହିଁ ଅନେକ ଯୁବପିଢ଼ିଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେଉଛି। ସେପ୍ଟେମ୍ବର ୧୦ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ଅବସରରେ ଧରିତ୍ରୀର ସ୍ୱତନ୍ତ ଉପସ୍ଥାପନା।

### ଗୁଗଲ ବଞ୍ଚାଉଛି ଜୀବନ

ମାନସିକ ଦୁଶ୍ଚିନ୍ତା ବା ମାନସିକ ଭାରସାମ୍ୟ ହରାଇ ଅନେକ ସମୟରେ ଲୋକେ ନିଜ ଜୀବନ ହାରିବାକୁ ଚେଷ୍ଟା କରନ୍ତି। ଏଥିପାଇଁ ଅନେକେ ଗୁଗଲରେ ମୃତ୍ୟର ସହଜ ଉପାୟ ସର୍ଚ୍ଚ କରିଥା'ନ୍ତି। ଏପରି ସମୟରେ ଗୁଗଲ ବିଭିନ୍ନ ୱେବ୍‌ସାଇଟରେ ଜାରି କରାଯାଇଥିବା ଟୋଲ ଫ୍ରି ନଂ. ସମ୍ପର୍କରେ ୟୁଜର୍ସଙ୍କୁ ସୂଚନା ଦେଇଥାଏ। ଉକ୍ତ ନମ୍ବରରେ କଲ୍ କରିବା ଦ୍ୱାରା ବିପରୀତ ପାର୍ଶ୍ୱରେ ମାନସିକ ବିଶେଷଜ୍ଞ ବା କାଉନ୍‌ସେଲରଙ୍କ ସହ ମାନସିକ ଭାବେ ଆଘାତ ପାଇଥିବା ବ୍ୟକ୍ତି କଥା ହେବାକୁ ସୁଯୋଗ ପାଇଥା'ନ୍ତି। ମୃତ୍ୟୁର ଉପାୟ ଖୋଜୁଥିବା ବ୍ୟକ୍ତି ଏହି ମାଧ୍ୟମରେ ଜୀବନ ବଞ୍ଚିବାର ଉପାୟ ପାଇଥାନ୍ତି।

### ପ୍ରମୁଖ ଭୂମିକା ନେଉଛନ୍ତି ମୋଟିଭେଶନାଲ ସ୍ପିକର

ଆତ୍ମହତ୍ୟା ପ୍ରବଣତା ଦୂର କରିବାରେ କରିବାରେ ପରିବାର, ବନ୍ଧୁବର୍ଗ ସଫଳ ହୋଇପାରୁ ନ ଥିବାବେଳେ ମୋଟିଭେଶନାଲ ସ୍ପିକରମାନେ ଏ କ୍ଷେତ୍ରରେ ବଡ଼ ଭୂମିକା ନେଉଛନ୍ତି। ଇନ୍‌ଷ୍ଟାଗ୍ରାମ, ଫେସବୁକ୍, ୟୁଟ୍ୟୁବ ଭଳି ପ୍ରମୁଖ ସୋସିଆଲ ମିଡିଆ ଆପ୍‌ରେ ମୋଟିଭେଶନାଲ ସ୍ପିକରମାନେ ଦୁର୍ବଳମନା ବ୍ୟକ୍ତିଙ୍କୁ ସାହସ, ଜୀବନ ବଞ୍ଚିବାର ସକାରାତ୍ମକ ଦିଗ, ବିଭିନ୍ନ ସମସ୍ୟାରୁ ବାହାରକୁ ଆସିବାକୁ ମନୋବଳ ବଢ଼ାଉଛନ୍ତି। ଅଳ୍ପ କିଛି ସେକେଣ୍ଡ ଅବଧିର ଭିଡିଓ ହେଉ ବା ଦୀର୍ଘ ଅବଧି ବିଶିଷ୍ଟ ପରାମର୍ଶ, ବହୁ ମୂଲ୍ୟବାନ ଜୀବନ ବଞ୍ଚାଇଦେଉଛି। ବିଶେଷକରି କେତେଜଣ ଲେଖକ, ଡାକ୍ତର, ଖବରଦାତା, ସାମାଜିକ କର୍ମୀ, ଆଧାତ୍ମିକ ପ୍ରବକ୍ତା ନିଜ ଭିଡିଓରେ ସକାରାତ୍ମକ ବାର୍ତ୍ତା ଦେଇ ପରୋକ୍ଷରେ ଲୋକଙ୍କ ମନକୁ ବଦଳାଇ ନୂଆ ଜୀବନ ଦେଉଛନ୍ତି।

### ଅନ୍ତରଙ୍ଗଙ୍କ ସହ ଅନ୍ତରର କଷ୍ଟ ପ୍ରକାଶ କରନ୍ତୁ

ଜଣେ କୌଣସି କଥାକୁ ନେଇ ଚିନ୍ତାରେ ଥିଲେ ଏମିତି ଜଣଙ୍କ ସହ କଥା ହେବା ଦରକାର ଯେଉଁମାନେ ତାଙ୍କୁ ଚିନ୍ତାମୁକ୍ତ ହେବାର ରାସ୍ତା ଦେଖାଇପାରିବେ। ସୋସିଆଲ ମିଡିଆରେ ଟକ୍ ଦେଉଥିବା ମୋଟିଭେଶନାଲ ସ୍ପିକରମାନେ ଅନେକ ସତ୍ୟାସତ୍ୟ ବା ଉଦାହରଣ ଦେଇ ଲୋକଙ୍କ ମନ ପରିବର୍ତ୍ତନ କରନ୍ତି। ତେଣୁ ଲୋକମାନେ ତାଙ୍କ କଥା ଶୁଣନ୍ତି, ମାନନ୍ତି ଓ ବୁଝନ୍ତି। କିନ୍ତୁ ଏମିତି ଘଟଣା ମଧ ଘଟିଛି, ଯେଉଁଠି ଖୋଦ୍ ମୋଟିଭେଶନାଲ ସ୍ପିକର ମଧ ଆତ୍ମହତ୍ୟା କରିଛନ୍ତି।



ସୁଶାନ୍ତ ସିଂ ରାଜପୁତ୍ ଆତ୍ମହତ୍ୟା ନିରୋଧୀ ଫିଲ୍ମ କରିଥିଲେ ମଧ ନିଜେ ଆତ୍ମହତ୍ୟା କରିଥିଲେ। ତେଣୁ ଆମେ ସର୍ବଦା ନିଜର ଅନ୍ତରର କଷ୍ଟ ଅନ୍ତରଙ୍ଗ ଲୋକଙ୍କୁ କହିଦେବା ଉଚିତ। ମାନସିକ ରୋଗ ବିଶେଷଜ୍ଞ ହୁଅନ୍ତୁ ବା ଏ କ୍ଷେତ୍ରରେ କାମ କରୁଥିବା ସାମାଜିକ କର୍ମୀ, ଜଣଙ୍କ ସମସ୍ୟା ଗୋପନ ରଖି ମୂଲ୍ୟବାନ ଜୀବନ ବଞ୍ଚାଇପାରିବେ।

**- ଡ. ଶୁଭେନ୍ଦୁ ମିଶ୍ର, ମାନସିକ ରୋଗ ବିଶେଷଜ୍ଞ**

### ମୋ ସାଙ୍ଗର ମନକୁ ବଦଳାଇ ଦେଇଥିଲି

ମୋର ଜଣେ ସାଙ୍ଗ ବହୁତ ଦିନ ଧରି ମନ ଦୁଃଖରେ ଥିଲା। ସମସ୍ତଙ୍କ ସହ କଥା ହେବା ବନ୍ଦ କରିଦେଇଥିଲା। ମୁଁ କ'ଣ ହୋଇଛି ପଚାରିଲେ କିଛି କୁହେନାହିଁ। ମାତ୍ର ମୁଁ ଅନୁମାନ କରିପାରିଥିଲି ସେ କିଛି ଚରମ ନିଷ୍ପତ୍ତି ନେବାକୁ ଯାଉଛି। ତେଣୁ ମୁଁ ତା'ପ୍ରତି ବହୁତ ଧ୍ୟାନ ଦେବା ସହ ଇନ୍‌ଷ୍ଟା ରିଲ୍ସ ସବୁବେଳେ ପଠାଉଥିଲି। ବିଭିନ୍ନ ସମସ୍ୟାରୁ କିପରି ବାହାରି ଆସିବ, ପରକଥାରେ ଗୁରୁତ୍ୱ ନ ଦେଇ ନିଜେ କିପରି ଆଗକୁ ବଢ଼ିପାରିବ - ସେଭଳି ଭିଡ଼ିଓ ମୁଁ ତାକୁ ନିୟମିତ ପଠାଏ। କିଛି ଦିନ ମଧ୍ୟରେ ତା' ବ୍ୟବହାରରେ ପରିବର୍ତ୍ତନ ଆସିଲା। ଦିନେ ସେ ନିଜେ ସବୁ ସତକଥା କହିଥିଲା। ଭିଡ଼ିଓ ଦେଖି ନେଉଥିବା ଭୁଲ୍ ନିଷ୍ପତ୍ତିରୁ ଓହରି ଆସିଥିବା କହିଥିଲେ।



**- ଜୟନ୍ତ କୁମାର ବେହେରା, ଅନୁଗୋଳ**

### ମରିବାକୁ ଚାହୁଁଥିବା ଲୋକ ଆଜି ପରିବାରରେ ଖୁସିରେ ଅଛନ୍ତି

ଜଣେ ସମ୍ପର୍କୀୟ ପାରିବାରିକ ସମସ୍ୟାରୁ ମାନସିକ କଷ୍ଟ ପାଉଥିବା ମୋତେ କହିଥିଲେ। ମୁଁ ତାଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିବା ସତ୍ତ୍ୱେ ସେ ମରିଯିବାକୁ ଚାହୁଁଥିବା ସବୁବେଳେ କହୁଥିଲେ। ହଠାତ୍ କିଛି କହିଦେଲେ କାଳେକିଛି ପଦକ୍ଷେପ ନେଇଯିବେ ଭାବିଲି। ତେଣୁ ମୁଁ ତାଙ୍କ କଥାକୁ ପ୍ରଥମେ ସମର୍ଥନ କଲାଭଳି ଅଭିନୟ କରି ତାଙ୍କୁ କିଛି ଭିଡ଼ିଓ ପ୍ରତିଦିନ ଦେଖାଉଥିଲି। ପରିବାରରେ କିପରି ସମସ୍ତଙ୍କ ମଧ୍ୟରେ ତାଳମେଳ ରଖିବାକୁ ହୁଏ, କଳି ଝଗଡ଼ା ପରିବର୍ତ୍ତେ କିପରି ଆପୋସବୁଝାମଣା ଆତ୍ମତୃପ୍ତି ଦେଇଥାଏ, ସେସବୁ ଭିଡ଼ିଓରେ ଦେଖିବା ପରେ ଧିରେ ଧିରେ ତାଙ୍କର ମନ ପରିବର୍ତ୍ତନ ହେଲା। ଏବେ ସେ ପରିବାରରେ ଖୁସିରେ ଅଛନ୍ତି।



**- ଶୁଭଶ୍ରୀ ବେହେରା, କଟକ**

# ମନ୍ଦିର ନିୟମ ଭାଙ୍ଗି ରାଣୀ ଗିରଫ



ରାଣୀ ଜିତେଶ୍ୱରୀ ଦେବୀ

**ଭୋପାଳ,୯।୯**

ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳର ଶ୍ରୀ ଯୁଗଳ କିଶୋର ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳନବେଳେ ପାନ୍ନା ରାଣୀ ଜିତେଶ୍ୱରୀ ଦେବୀ ମଦ୍ୟପାନ କରି ଆଳତି କରିବା ପାଇଁ ଉଦ୍ୟମ କରିଥିଲେ। ଏହା ମନ୍ଦିର ନିୟମ ହୋଇ ନ ଥିବାରୁ ତାଙ୍କୁ ପୂଜକମାନେ ଅଟକାଇଥିଲେ। ସେ ପୂଜକମାନଙ୍କୁ ଦୁର୍ବ୍ୟବହାର କରିବାରୁ ବିବାଦ ଦେଖାଦେଇଥିଲା। ଏହି ମାମଲାରେ ପୋଲିସ ମହାରାଣୀଙ୍କୁ ଗିରଫ କରିଛି। ମନ୍ଦିର ପୂଜକଙ୍କ କହିବା ଅନୁସାରେ ଜନ୍ମାଷ୍ଟମୀ ଅବସରରେ ରାଜବଂଶର ଜଣେ ପୁରୁଷ ପହଞ୍ଚି ମହାପ୍ରଭୁଙ୍କ ଆଳତି କରିଥାନ୍ତି। ଚଳିତ ବର୍ଷ ରାଣୀ ଜିତେଶ୍ୱରୀଙ୍କ ପୁଅ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। କିନ୍ତୁ ସେ ନ ଆସିବାରୁ ନିଜେ ମହାରାଣୀ ଆସିଥିଲେ। ହେଲେ ସେ ନିଶାସକ୍ତ ଅବସ୍ଥାରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ ସହ ଆଳତି କରିବାକୁ ଉଦ୍ୟମ କରିଥିଲେ।

# ଗୋଆରେ ଡିଜିଟାଲ୍ ସେକ୍ସ ର୍ୟାକେଟ

■ କ୍ୟୁଆର୍ କୋଡ୍‌ରେ କାରବାର

■ କେନିଆରୁ ଲମ୍ବିଛି ଚେର

**ପଣଜୀ,୯।୯**

ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ଗୋଆରେ ଆନ୍ତଃଦେଶୀୟ ସେକ୍ସ ର୍ୟାକେଟ ଚାଲୁଛି। ର୍ୟାକେଟ ଗୋଆରେ ଚାଲୁଛି, ହେଲେ କେନିୟାରୁ ଏହାକୁ ପରିଚାଳନା କରାଯାଉଥିବା ପୋଲିସ ଜାଣିବାକୁ ପାଇଛି। ଅର୍ଥ ପଠାଇବା ଲାଗି ଯୌନକର୍ମୀମାନେ ଗ୍ରାହକଙ୍କୁ କ୍ୟୁଆର୍ କୋଡ୍ ଶେୟାର କରୁଛନ୍ତି। ଗ୍ରାହକ ଅର୍ଥ ପଠାଇବା ପରେ ତାହା ସମ୍ପୂର୍ଣ୍ଣ ଭାବେ ଦଲାଲଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଛି। ପ୍ରାଥମିକ ସ୍ତରରେ କ୍ୟୁଆର୍ କୋଡ୍ କିମ୍ବା ୟୁପିଆଇ ଯୋଗେ କାରବାର କରାଯାଉଛି। ଫଳରେ ଡିଲ୍ ଫାଇନାଲ୍ ହେବା ପରେ ଗ୍ରାହକ ଆଉ ଠକେଇ କରିବାର କୌଣସି ସମ୍ଭାବନା ରହୁନି। ସେକ୍ସ ର୍ୟାକେଟ ଚଲାଇବା ଅଭିଯୋଗରେ ପୋଲିସ ୨ କେନୀୟ ଯୁବତୀଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ କେନିୟା ମହିଳାଙ୍କୁ ଏନ୍‌ଜିଓ ସହାୟତାରେ ଉଦ୍ଧାର କରାଯାଇଛି। ତୃତୀୟ ଅଭିଯୁକ୍ତ କୁହାଯାଉଥିବା ନାଇଜେରିଆନ ମହିଳାଙ୍କୁ ପୋଲିସ ଖୋଜୁଛି। କେନିୟାରେ ଥିବା କେତେଜଣ ଦଲାଲ ଯୁବତୀମାନଙ୍କୁ ଭାରତରେ ଉଚ୍ଚ ଦରମାରେ ଚାକିରି କରାଇବାର ପ୍ରଲୋଭନ ଦେଖାଇଥାନ୍ତି। ଭିଜା ତଥା ଅନ୍ୟାନ୍ୟ କାଜଗପତ୍ର କାମ ସରିବା ପରେ ସେମାନେ ଯୁବତୀଙ୍କ ଲାଗି ଟିକେଟ କିଣି ଦେଇଥାନ୍ତି। ଯୁବତୀମାନେ ଗୋଆରେ ପହଞ୍ଚିବା ମାତ୍ରେ ଚାକିରି ଯୋଗାଇବା ବାହାନାରେ ସେମାନଙ୍କ ପାସପୋର୍ଟକୁ ଦଲାଲମାନେ ନେଇଯାଇଥାନ୍ତି। ପାସପୋର୍ଟ ଦେବାକୁ ମନାକଲେ ସେମାନଙ୍କୁ ଧମକ ଦିଆଯିବା ସହ ୫ରୁ ୮ ଲକ୍ଷ ଟଙ୍କା ମଗାଯାଉଛି। ପୀଡ଼ିତାମାନେ ଗଣିକାବୃତ୍ତି କରି ୫ ଲକ୍ଷ ଟଙ୍କା ନ ଦେବା ଯାଏ ସେମାନେ ଦଲାଲଙ୍କ କବଳରୁ ମୁକ୍ତ ହୋଇପାରି ନ ଥାନ୍ତି। ଦଲାଲମାନେ 'ମସାଜ୍ ରିପବ୍ଲିକ୍' ନାମକ ଏକ ୱେବସାଇଟ୍ ଜରିଆରେ ଗ୍ରାହକ ଯୋଗାଡ଼ କରୁଛନ୍ତି। ଗ୍ରାହକ ଓ ଦଲାଲଙ୍କ ମଧ୍ୟରେ ସମସ୍ତ ଡିଲ୍ ସରିବା ପରେ ପେମେଣ୍ଟ ଲାଗି କ୍ୟୁଆର କୋଡ୍ ଶେୟାର କରାଯାଉଛି। ଏହାପରେ ଗ୍ରାହକଙ୍କୁ ଯୁବତୀଙ୍କ ଠିକଣା ପଠାଯାଉଛି। ଗୋଆରୁ ଜଣେ ମହିଳାଙ୍କୁ ବେଙ୍ଗାଲୁରୁ ନିଆଯାଉଥିବାବେଳେ ଏନ୍‌ଜିଓର ଜଣେ ସଦସ୍ୟଙ୍କ ସହ ତାଙ୍କର ଦେଖା ହୋଇଥିଲା। ଏନ୍‌ଜିଓଠାରୁ ସୂଚନା ପାଇ ପୋଲିସ ଚଢ଼ଉ କରିଥିଲା।



ଗିରଫ ୨ ଯୁବତୀଙ୍କ ସହ ଗୋଆ ପୋଲିସ।

# ଖ୍ୟାତନାମା ଆକ୍ଟିଭିଷ୍ଟଙ୍କ ପୁଅ ଦୋଷୀ

## ଆମେରିକା କ୍ୟାପିଟୋଲ ଆକ୍ରମଣ ମାମଲା

**ୱାଶିଂଟନ,୯।୯**



ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ପରାଜିତ ହେବା ପରେ ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲରେ ଧସେଇ ପଶି ସିନେଟ୍ ଗୃହରେ ଭଙ୍ଗାରୁଜା କରିବା ଅଭିଯୋଗରେ ଜଣେ ଖ୍ୟାତନାମା କଞ୍ଜରଭେଟିଭ୍ ଆକ୍ଟିଭିଷ୍ଟଙ୍କ ପୁଅ ପେନ୍‌ସିଲଭାନିଆର ୪୪ ବର୍ଷୀୟ ଲିଓ ବ୍ରେଣ୍ଟ ବୋଜେଲ ୪ର୍ଥଙ୍କୁ ଫେଡେରାଲ ଜଜ୍ ୧୦ଟି ଅଭିଯୋଗରେ ଦୋଷୀସାବ୍ୟସ୍ତ କରିଛନ୍ତି। ଲିଓ ପୋଲିସ ଅଫିସରଙ୍କୁ ଗୋଡ଼ାଇ ତଡ଼ିବା ସହ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କ ନିର୍ବାଚନ ବିଜୟ ଘୋଷଣାକୁ ଭଣ୍ଡୁର କରିବାକୁ ଲୋକଙ୍କୁ ସହାୟତା କରିଥିବା ଅଭିଯୋଗ ହୋଇଥିଲା। ଲିଓଙ୍କ ବାପା ବ୍ରେଣ୍ଟ ବୋଜେଲ ୩ୟ ମିଡିଆ ରିସର୍ଚ୍ଚ ସେଣ୍ଟର, ପ୍ୟାରେଣ୍ଟସ୍ ଟେଲିଭିଜନ କାଉନସିଲ ଏବଂ ଅନ୍ୟାନ୍ୟ କଞ୍ଜରଭେଟିଭ୍ ମିଡିଆ ସଂଗଠନର ପ୍ରତିଷ୍ଠାତା। ଲିଓଙ୍କୁ ଦୋଷୀସାବ୍ୟସ୍ତ କରିବା ପୂର୍ବରୁ ଆମେରିକା ଜିଲା ଜଜ୍ ଜନ୍ ବେଟ୍ସ ସମସ୍ତ ସାକ୍ଷୀଙ୍କ ବୟାନ ଶୁଣିଥିଲେ। ସୂଚନାଯୋଗ୍ୟ, ୨୦୨୧ ଜାନୁୟାରୀ ୬ରେ ଇଲେକ୍ଟୋରାଲ କଲେଜ୍ ବାଇଡେନ୍‌ଙ୍କୁ ବିଜୟୀ ଭାବେ ପ୍ରମାଣପତ୍ର ଦେବା ଲାଗି କଂଗ୍ରେସର ମିଳିତ ଅଧିବେଶନ ବସିଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକମାନେ କ୍ୟାପିଟୋଲରେ ପହଞ୍ଚି ଦଙ୍ଗା ସୃଷ୍ଟି କରିଥିଲେ।

# ଅକ୍ଟୋବରରେ ନୱାଜ ଶରିଫ୍ ଫେରିପାରନ୍ତି

**ଇସ୍‌ଲାମାବାଦ,୯।୯(ପି.ଟି.)**



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ବ୍ରିଟେନ୍‌ରେ ୪ ବର୍ଷର ଆତ୍ମନିର୍ବାସନ ଶେଷକରି ଆସନ୍ତା ମାସରେ ସ୍ୱଦେଶ ଫେରିପାରନ୍ତି। ପିଏମ୍‌ଏଲ୍-ଏନ୍‌ର ସର୍ବୋଚ୍ଚ ନେତା ଶରିଫ୍ ନିକଟରେ ଲଣ୍ଡନରେ ଦଳୀୟ କର୍ମୀଙ୍କ ସହ ଆଲୋଚନା ବେଳେ ପାକିସ୍ତାନ ଫେରିବା ନେଇ ସୂଚନା ଦେଇଥିଲେ ହେଁ ତାରିଖ ସ୍ପଷ୍ଟ କରିନାହାନ୍ତି। ସେ ୨୦୧୮ରେ ଅଲ୍-ଅଜିଜିଆ ମିଲ୍ସ ଏବଂ ଆଭେନ୍‌ଫିଲ୍ଡ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ସେ ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ ନଭେମ୍ବରରେ ଲଣ୍ଡନ ଯିବା ପୂର୍ବରୁ ଲାହୋରର କୋଟ୍ ଲଖପତ୍ ଜେଲରେ ବନ୍ଦୀ ଥିଲେ।

# ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ଶିବସେନାରେ ଯୋଗଦେଲେ



**ଜୟପୁର,୯।୯:** ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ସିଂ ଗୁଧା ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଉପସ୍ଥିତିରେ ଶିବସେନାରେ ଯୋଗଦେଇଛନ୍ତି। କଂଗ୍ରେସ ବିଧାୟକ ଗୁଧାଙ୍କ ନିର୍ବାଚନମଣ୍ଡଳୀ ଉଦୟପୁରୱାଟିରେ ଶିନ୍ଦେ କହିଥିଲେ, ଗୁଧା ମହିଳାଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ସେ ସ୍ୱର ଉତ୍ତୋଳନ କରିବାରୁ କଂଗ୍ରେସ ତାଙ୍କୁ ବିଦା କରିଛି। ସୂଚନାଯୋଗ୍ୟ ଗୁଧା, ୨୦୧୮ ନିର୍ବାଚନରେ ବିଏସ୍‌ପି ଟିକେଟରେ ନିର୍ବାଚିତ ହୋଇଥିଲେ। ଦଳର ଅନ୍ୟ ୫ ବିଧାୟକଙ୍କୁ ନେଇ କଂଗ୍ରେସରେ ମିଶିବା ପରେ ଗେହଲଟ ସରକାରରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା।

# ଚନ୍ଦ୍ରୟାନ-୩ ଲ୍ୟାଣ୍ଡର ଫଟୋ ଜାରି କଲା ଇସ୍ରୋ




**ଚନ୍ଦ୍ରୟାନ-୨ର ଅର୍ବିଟର ପଠାଇଥିଲା**

**ନୂଆଦିଲ୍ଲୀ,୯।୯**

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମର ନୂଆ ଫଟୋ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶନିବାର ଜାରି କରିଛି। ଚନ୍ଦ୍ରୟାନ-୨ର ଅର୍ବିଟରରେ ଲାଗିଥିବା ଡୁଆଲ୍-ଫ୍ରିକ୍ୱେନ୍ସି ସିନ୍ଥେଟିକ୍ ଆପାର୍ଚର ରାଡାର (ଡିଏଫ୍‌ଏସ୍‌ଏଆର୍) ଗତ ୬ ତାରିଖରେ ଏହି ଫଟୋ ଉତ୍ତୋଳନ କରି ଗ୍ରାଉଣ୍ଡ ଷ୍ଟେଶନକୁ ପଠାଇଥିବା ଇସ୍ରୋ 'ଏକ୍ସ'ରେ ପୋଷ୍ଟ କରିଛି। ଚନ୍ଦ୍ରୟାନ-୨ର ଅର୍ବିଟର ଏବେ ବି ଚନ୍ଦ୍ରକେନ୍ଦ୍ରିକ କକ୍ଷପଥରେ ରହିଛି। ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ସଫ୍ଟଲ୍ୟାଣ୍ଡିଂ କରିବା ପୂର୍ବରୁ ଇସ୍ରୋ ଏହାକୁ ପୂର୍ବ ଅର୍ବିଟର ସହ ସଫଳତାର ସହିତ ଲିଙ୍କ୍ କରାଇଥିଲା।

# ଗାଡ଼ିରୁ ଉଠିବାକୁ କହିବାରୁ ଇଟାରେ ଆକ୍ରମଣ: ବାପା ମୃତ, ୨ ପୁଅ ଗୁରୁତର

**ନୂଆଦିଲ୍ଲୀ,୯।୯**

ନୂଆଦିଲ୍ଲୀର ସଞ୍ଜୟ କଲୋନୀ ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅକୁ ବଞ୍ଚାଇବାକୁ ଯାଇ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହମ୍ମଦ ହନିଫ। ଦୁର୍ବୃତ୍ତଙ୍କ ଆକ୍ରମଣରେ ହନିଫଙ୍କ ଦୁଇ ପୁଅ ମଧ୍ୟ ଗୁରୁତର ହୋଇଛନ୍ତି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁକ୍ରବାର ରାତିରେ ହନିଫଙ୍କ ପୁଅ, ତାଙ୍କ ଘର ବାହାରେ ଥିବା ବାଇକ୍ ଆଣିବା ପାଇଁ ଯାଇଥିଲେ। ଏତିକିବେଳେ ତାଙ୍କ ଗାଡ଼ି ଉପରେ ୪/୫ଜଣ ଯୁବକ ବସିଥିବା ସେ ଦେଖିଥିଲେ। ହନିଫଙ୍କ ପୁଅ ସେମାନଙ୍କୁ ଗାଡ଼ି ଉପରୁ ଉଠିବାକୁ କହିଥିଲେ। କିନ୍ତୁ ସେମାନେ ଉଠି ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟି ଶୁଣି ଘରେ ଥିବା ହନିଫ ଓ ତାଙ୍କ ଆଉ ଜଣେ ପୁଅ ତୁରନ୍ତ ସେଠାରେ ପହଞ୍ଚିଥିଲେ। ହେଲେ ଅଭିଯୁକ୍ତମାନେ ଇଟାରେ ୨ ପୁଅ ଓ ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ପୋଲିସ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ସେଠାରେ ହନିଫଙ୍କ ମୃତ୍ୟୁ ଘଟିଥିଲା।


**CORPUS FUND, H & FW DEPT., KANDHAMAL**
**OFFICE OF THE CHIEF DISTRICT MEDICAL & PH OFFICER, KANDHAMAL**
E-mail: edmophulbani@gmail.com / hdtkandhamal@gmail.com

Advt. No. 10924/C.F./ Date: 07.09.2023

**WALK-IN-INTERVIEW**

No. E-396: Applications are invited from eligible candidates fro filling up the following post under Corpus Fund of Health & FW Department, Kandhamal on contractual basis for a period of 11 months or as deemed proper with monthly remuneration as noted against each and subject to renewal as per the Society norms basing on the performance and subsistence of the programme.

| Sl. No. | Name of the Post | Vacancy | Date of Walk-in-Interview | Remuneration & Other Allowance |
|---|---|---|---|---|
| 1 | Radiologist/Sonologist or Diploma in above discipline | 01 (One each for DHH & SDH) | 27.09.2023 at 11.00 A.M. | Negotiable Remuneration including H.R.A. fixed by the Committee. |
| 2 | O&G Specialist or Diploma in above discipline | 02 (Two for DHH) | | Negotiable Remuneration including H.R.A. fixed by the Committee. |
| 3 | Surgery Specialist/Diploma in above discipline | 01 (One for DHH) | | Negotiable Remuneration including H.R.A. fixed by the Committee. |
| 4 | Anesthesia Specialist or Diploma in above discipline | 01 (One each for DHH & SDH) | | Negotiable Remuneration including H.R.A. fixed by the Committee. |

The above engagement positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Details of qualification, experience and ToR of each category of post along with application form can be downloaded from the district website: **www.kandhamal.nic.in**. Interested candidates fulfilling the eligibility criteria mentioned above may attend the Walk-in-Interview in the schedule date. Candidates are requested to see the District Official website on regular interval till finalization of the recruitment process. The number of posts may increase/decrease depending upon requirement. Personal contact will not be entertained. The undersigned reserves the right to cancel any or all the application without assigning any reason or communication thereof.

**Dr. M.K. Upadhyaya, Chief District Medical & PH Officer, Kandhamal**

**N.B.:** >DHH = DISTRICT HEAD QUARTER, KANDHAMAL, PHULBANI
: >SDH = SUBDIVISIONAL HOSPITAL, BALIGUDA, KANDHAMAL

OIPR-10015/11/0008/2324



**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22.
Ph: 0674-2541545, 2542921, Fax: 0674-2541543
E-mail: ophwc.od@nic.in, Website: www.ophwc.nic.in
**e-procurement notice No.- 17/OPHWC/2023-24**

**INVITATION FOR BIDS (IFB)**

No.CAD-2004:- The **Chief Engineer (OSPH&WC)**, Odisha, Bhubaneswar invites Percentage rate bid in Double Cover system in **ONLINE MODE** only, for the works as detailed below:

| Sl No. | Name of the work | Appox. Estimated Cost | EMD (to be paid online) | Class of Contractor |
|---|---|---|---|---|
| 1 | Cluster of 1.Constn. of Admn. Bldg., 2.Constn. of Modern Jail Kitchen, 3.Constn. of 10 Capacity Female ward, 4.Extension of Perimeter Wall & Constn. of 30 Capacity two storied Bldg., 5.Constn. of Quarantine/ Segregation ward and 6.Constn. of V.C. Hall at Sub Jail Rairakhol, Sambalpur. | ₹ 3,06,44,039.00 | ₹ 3,06,400.00 | A Class |
| 2 | Construction of 1 No. E & 9 Nos. F type Staff Qtrs. at AIIMS FS., Bhubaneswar in the District of Khurdha. | ₹ 2,22,80,694.00 | ₹ 2,22,800.00 | B Class & A Class |
| 3 | Constn. of 120 seated ST Hostel at Tureikela Ashram School, Bolangir. | ₹ 1,81,32,896.00 | ₹ 1,81,300.00 | B Class & A Class |
| 4 | Constn. of 120 seated ST Hostel at Dhobei High School, Nuapada . | ₹ 1,80,75,578.00 | ₹ 1,80,800.00 | B Class & A Class |
| 5 | Construction of 100 seated Post Matric Minority Boys Hostel at Jajpur | ₹ 1,67,48,859.00 | ₹ 1,67,500.00 | B Class & A Class |
| 6 | Cost of Bid document | ₹ 11,800.00 | (To be paid online) | |
| 7 | Availability of Bid Documents in the website | Dt.11.09.2023 to Dt.25.09.2023 up to 5.00 P.M | | |
| 8 | Last date/time of Receipt of Bids in the Portal | Dt.25.09.2023 up to 5.00 P.M | | |
| 9 | Date of Opening Bid | Dt.26.09.2023 at 11.00 A.M | | |
| 10 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | |

Sd./- Chief Engineer (OSPH&WC)

N.B.- The quoted rate should be all inclusive but excluding G.S.T. as applicable Under works contract.

OIPR-12025/11/0006/2324



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**

Letter No.6379 Date: 07.9.2023

**CORRIGENDUM**

No.E-395:- As per Tender Notification No. 6041 on dated 25.08.2023 Tender for Laboratory Chemical & Consumables and Tender Notification No.6042 on dated 25.08.2023 Tender for Equipment, Instrument & Furniture for CDM&PHO, Kalahandi for the year 2023-24. The last date & time will be extended upto Dt.14.09.2023 at 04.00 P.M. for receipt of bid document by Speed Post or Registered Post only and the bid opening Dt.15.09.2023 at 05.00 P.M.

**Sd./- Chief District Medical & PHO, Kalahandi**

OIPR-10076/11/0014/2324



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**CORRIGENDUM TO TENDER NIT No. 36/OMC/CIVIL/2023**

**No.CAD-1999:-** The following amendments are hereby incorporated in the above NIT.

| | |
|---|---|
| The Estimated cost of said work is:- | Rs.3996.20 Lakhs |
| The EMD in Online in Rupees:- | Rs.39,96,200.00 |

All other terms & conditions of the above NIT shall remain unchanged. Please visit Govt. website www.tendersodisha.gov.in

OIPR-30005/11/0119/2324 **Chief General Manager (Civil)**



**PROJECT DIRECTOR, WATERSHEDS, DEOGARH**

**Proposal Notice No. 1331** **Date: 05.09.2023**

No. L-90: Request for proposal of procurement of Dist. Level Support Agency (DLSA) for ongoing monitoring during planning implementation and O&M phases under REWARD programme to Project Director, Watersheds, Deogarh through Two Bid System.

Cost of Paper : Rs.11,800.00
Earnest Money Deposit : Rs.3% of Project Cost
Last date of submission of Proposal : 5.00 P.M. on 25.09.2023
Opening of Technical Bid : 10.30 P.M. on 27.09.2023
Opening of Financial Bid : To be intimated

Project Director, Watersheds, Deogarh reserves the right to change/cancel the tender without assigning any reason thereof.

For details please visit: **www.deogarh.nic.in** Or the office of the Project Director, Watersheds, Deogarh.

**Sd./- Project Director, Watersheds Deogarh**

OIPR-08160/11/0002/2324



**COLLECTORATE, DEOGARH**
**(ST & SC Development Section)**
**E-Mail: dwo_deogarh@yahoo.com**
**(Phone No.: 06641-226407)**
**No.1496/SSD.FRA, Date: 07.09.2023**

**EXPRESSION OF INTEREST**

No.CAD-2005:- Sealed Expression of Interests (EoIs) are invited from eligible /reputed Service Providing Agencies for selection of Outsourcing Agency to provide Manpower i.e. 04 (Four) nos. of Cell Coordinator and 04 (Four) nos. of MIS Assistant for the Forest Rights Cells under MO JUNGLE JAMI YOJANA for Implementation of Schedule Tribes & Other Traditional Forest Dwellers (Recognition of Forest Rights) Act. 2006 as per the terms & conditions provided in the official website of Deogarh District www.deogarh.nic.in upto 05.00 P.M. of 21.09.2023. The bids shall be received through Regd. Post / Speed Post only during office hour.

The interested agencies should clearly mention on the top of envelope as "Expression of Interest (EoI) for Selection of Outsourcing Agency to provide Manpower under Mo Jungle Jami Yojana". The Agencies who have applied are requested to remain present in the venue i.e. at Collectorate, Deogarh for opening of sealed EoIs on the date of opening. The list of EoI documents to be submitted and terms & conditions can be obtained during office hours from the Office of District Welfare Office, Deogarh or can be downloaded from the official website of Deogarh District www.deogarh.nic.in.

For eligibility criteria, scope of work, timelines and other relevant details, please refer the EoI documents provided in the official website of Deogarh District. The Authority reserves the rights for cancellation/ modification of the EoI without assigning any reason thereof.

**Sd./- Collector & District Magistrate Deogarh**

OIPR-19209/11/0001/2324



No.C-1338

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL BARGARH**
**AT/PO/DIST.:- BARGARH, PIN-768028**

**Letter No. 3453** **Date: 23.08.2023**

**Invitation for Bid**

**BID IDENTIFICATION No.- 4/BGH-MUN/2023-24**

| | | |
|---|---|---|
| 1. | Nature of Work | Civil Work |
| 2. | No. of Work | 47 Nos. |
| 3. | Amount put to tender (in lakh) | As per DTCN |
| 4. | Bid Cost | As per DTCN |
| 5. | Calss of Contractor | "D" & "C" |
| 6. | Availability of Bids documents in website | From 9.00 Hrs Dt.08.09.2023 to 17.00 Hrs Dt.16.09.2023 |
| 7. | Date of opening of Bid | Dt. 18.09.2023 at 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in. Any addendum/corrigendum/ cancellation of tender can also be seen only in the said website.

**Sd./- Executive Officer, Bargarh Municipality**

OIPR-13103/11/0012/2324



**World Skill Center**
Block B, Sector A, Tower, 2010, Mancheswar Industrial Estate, Bhubaneswar-751007 Country: India
Telephone/Fax: +91-674-2580079
No.KK-212
Website: www.worldskillcenter.org, Email address: tenders@worldskillcenter.org

**RFP NOTICE FOR HIRING OF AGENCY FOR BRANDING AND MERCHANDISING SERVICES FOR ODISHA SKILLS 2023**

RFP Enquiry No: WSC/148/ADMIN/2023-24/OS/TENDERS/1819 Date: 08.09.2023

World Skill Center, a Government of Odisha company, invites Request for Proposal (RFP) for Hiring of Agency for Branding and Merchandising Services for Odisha Skills 2023.

Eligible firms and agencies are requested to submit their offer in prescribed application form. The detailed terms & conditions, eligibility etc. are in the RFP document which can be downloaded from the WSC website: www.worldskillcenter.org/tender. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar-751007.

For any queries related to tender, please contact Mr. Samarendra Barik, Manager-Skill Competition, World Skill Center, Bhubaneswar, Contact No: +91 8917550829, Email: tenders@worldskillcenter.org

| | |
|---|---|
| Last date & Time for Submission of bids | 21.09.2023 at 02:00 PM IST |
| Date & Time of Opening of Technical bids | 21.09.2023 at 03:00 PM IST |

**Sd./- Chief Executive Officer**

OIPR-44009/11/0023/2324



No. B-856

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**KALAHANDI (R&B) DIVISION, BHAWANIPATNA**
E-mail: eekalahandi@gmail.com, FAX No. 06670-230512

**E-Procurement Notice**
**Bid Identification No. BC KLD- 17/2023-2024**
**No. 10478 Dated: 02.09.2023**

| | | |
|---|---|---|
| 1. | No. of the work | 03 (Three) number Civil Works |
| 2. | Estimated cost | Rs.25.00 to 72.00 Lakhs |
| 3. | Period of completion | 02 (Two) Calendar Months. |
| 4. | Date and time of availability of bid document in the portal | 11.00 hrs of 12.09.2023 to 17.00 hrs of 23.09.2023 |
| 5. | Last date/Time for receipt of bid in the portal | 17.00 hour of 23.09.2023 |
| 6. | Name and address of the Officer Inviting Bid | Superintending Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | On 25.09.2023 at 11.00 AM in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersodisha.gov.in

**Sd./- (Er. P.R. Behera), Superintending Engineer Kalahandi (R&B) Division**

OIPR-34017/11/0012/2324



**BHUBANESWAR MUNICIPAL CORPORATION**
**E-PROCUREMENT NOTICE**

**E-Mail Id:** eebmcdiv3@gmail.com

**No. C-1356:-**

1. Bid Reference No. : **BMC-EED-III-15/2023-24. Dt.:-07.09.2023**
2. Tender Call Notice No. : **No. 42733 Dt.:- 07.09.2023**
3. No. of Work : **3 Nos.**
4. Bid Value : **Rs.4,94,135.00 to Rs.39,91,583.00**
5. Class of Contractor : **D to B**
6. Period of Completion : **60 to 120 Days**
7. Date and time schedule

| Start | End | Opening |
|---|---|---|
| 11.00 A.M. of 11.09.2023 | 5 P.M. of 21.09.2023 | 11.00 A.M. of 22.09.2023 |

8. Name and address of officer inviting BID: Executive Engineer Div-III, (South East Zone), Bhubaneswar Municipal Corporation, 7R4Q+5Q9, Vivekananda Marg, near Kalpana Square, Bhubaneswar, Odisha, Pin:- 751014.
9. Tender details: Can be seen for the procurement portal: https://www.tendersodisha.gov.in.
BMC Website: https://www.bmc.gov.in

**Sd./- Executive Engineer, Div-III Bhubaneswar Municipal Corporation**

OIPR-13002/11/0140/2324



**OFFICE OF THE CHIEF ENGINEER, RD&QP(R&B), ODISHA**
**NIRMAN SOUDHA, BHUBANESWAR**
"e"-PROCUREMENT NOTICE
GOVERNMENT OF ODISHA
**WORKS DEPARTMENT**

No. B-853 E-mail: qualitycontrol02@gmail.com

**Bid Identification No. 03/CE/RDQP/2023-24**

| | | |
|---|---|---|
| 1. | The Chief Engineer, RD & QP (R&B), Odisha Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified Original Equipment Manufacturers (OEM) or their Authorized distributors/ dealers in double cover system for supply of various equipment / machineries as listed below to Research Development & Quality Promotion (RD&QP) (R&B) Wing, Works Department, Government of Odisha. | |
| 2. | Nature of Work | **Procurement of Machineries/Equipment (Mobile Bridge Inspection Unit, Advanced Optical Emission Spectrometer)** |
| 3. | No. of work | **2 Nos.** |
| 4. | Tender Paper Cost | **Rs.10,000/-** |
| 5. | Type of bidder | **Original Equipment Manufacturer (OEM)/ Authorized Distributor/Dealer of OEM** |
| 6. | Availability of bid document in the website | **From 11.30 A.M. of 11.09.2023 to 5.30 PM of 03.10.2023** |
| 7. | Date of opening of Bid | **Dt. 04.10.2023 at 11.30 PM** |
| 8. | The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website. | |

**Sd./- Chief Engineer, RD&QP (R&B), Odisha**

OIPR-34117/11/0060/2324

**ନୟାଗଡ଼ ଜିଲା ବିଜେଡି କର୍ମକର୍ତ୍ତା ନିଯୁକ୍ତ**

ଭୁବନେଶ୍ୱର,(ଅନିଲ ଦାସ): ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲାରେ ବିଜେଡି କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଜିତେନ୍ଦ୍ର କୁମାର ରଣସିଂହଙ୍କୁ ବିଜେଡି ଜିଲା କମିଟି ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଭାପୁର ବ୍ଲକ ବିଜେଡି ସଭାପତି ଭାବେ ଶିବ ପ୍ରସାଦ ଷଡ଼ଙ୍ଗୀ ଏବଂ ବେଣୁଧର ପ୍ରଧାନଙ୍କୁ ଭାପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଡିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୌମ୍ୟ ଦଳ ଛାଡ଼ି ସମ୍ପାଦକୀୟ ଲେଖନ୍ତୁ: ପ୍ରତାପ

**ଭୁବନେଶ୍ୱର,୯।୯(ଅନିଲ ଦାସ)**

ଦଳ ଓ ସରକାରଙ୍କ ବିରୋଧରେ ମତ ଦେଉଥିବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡିର ଜଣଙ୍କ ପରେ ଜଣେ ନେତା ସମାଲୋଚନା କରିଛନ୍ତି। ଶନିବାର ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ତାଙ୍କୁ ଦଳ ବିରୋଧୀ ମନ୍ତବ୍ୟ ପାଇଁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗଣତାନ୍ତ୍ରିକ ପଦ୍ଧତିରେ ସମସ୍ତେ ମତ ରଖିପାରିବେ। ସେଥିରେ କୌଣସି ଅସୁବିଧା ନାହିଁ। ସୌମ୍ୟ ବାବୁ ନିର୍ଦ୍ଦିଷ୍ଟ ଦଳରେ ଅଛନ୍ତି ଓ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଦଳରେ ଥାଇ ସରକାର କିମ୍ବା ଦଳ ବିରୋଧରେ ସମାଲୋଚନା କରିବା ସମ୍ପୂର୍ଣ୍ଣ ଅମୂଳକ । ଏହାକୁ ବ୍ଲାକ୍‌ମେଲିଂ ବୋଲି କୁହାଯିବ।

ସେ ଜଣେ ଶିକ୍ଷିତ, ଜ୍ଞାନୀ ଗୁଣୀ ଲୋକ। ତାଙ୍କୁ ଉପଦେଶ ଦେବା ମୋର ଆବଶ୍ୟକତା ନାହିଁ। ସେ ବିଜେଡିରେ ଅଛନ୍ତି। ଯେଉଁ ପ୍ରସଙ୍ଗରେ ସେ ତାଙ୍କ ସମ୍ବାଦପତ୍ରରେ ଲେଖୁଛନ୍ତି ଓ ମତ ମନ୍ତବ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକଙ୍କ ପାଖକୁ ଯାଉଛି, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଯାଉନି। ଏହାକୁ ମୁଖ୍ୟମନ୍ତ୍ରୀ ବି ସ୍ପଷ୍ଟକରି ସାରିଛନ୍ତି। ମାତ୍ର ସେଇ ଜିନିଷକୁ ବ୍ୟାଖ୍ୟା କରି ନିର୍ଦ୍ଦିଷ୍ଟ ଭାବେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆକ୍ରୋଶମୂଳକ ଭାବେ ଇଙ୍ଗିତ କରିବା ସମୀଚୀନ ନୁହେଁ । ଆପଣ ଯଦି ସ୍ୱାଧୀନ ବ୍ୟକ୍ତିତ୍ୱ ହୋଇଥାନ୍ତେ ଯାହା ତାହା କହିଥିଲେ ବି କିଛି ଫରକ ପଡ଼ି ନ ଥାନ୍ତା। ନିର୍ଦ୍ଦିଷ୍ଟ ଦଳରେ ରହି ଦଳୀୟ ପ୍ଲାଟ୍‌ଫର୍ମରେ ନ କହି ଏକପାଖିଆ ଭାବେ ସବୁକଥା ଉପରେ ସମାଲୋଚନା କରୁଛନ୍ତି ତାହାକୁ ବ୍ଲାକ୍‌ମେଲିଂ ବୋଲି ହିଁ କୁହାଯିବ।

ଯଦି କୌଣସି ସେମିତି କଥା ଅଛି ଦଳୀୟ ଫୋରମ୍ ଭିତରେ ଉଠାଇବା ଦରକାର। ଆପଣ ଦଳୀୟ ଫୋରମ୍‌କୁ ମାନୁନାହାନ୍ତି କି ସେ ବିଷୟରେ ଅବଗତ ନୁହନ୍ତି । ତାହାହେଲେ ଏ ଦଳରେ ରହିବା ଆପଣଙ୍କର ଅନୁଚିତ। ଘର ଭିତରେ ରହି ଘର ଭିତରୁ ଆଲୋଚନା ସମାଲୋଚନା କରିବା ନିଶ୍ଚିତ ଭାବେ ଅନୁଶାସନ ଭଙ୍ଗ କରୁଛି । ଯଦି ସମ୍ପାଦକୀୟ ଲେଖିବାର ଅଛି ଦଳରୁ ବାହାରି ଯାଇ ସମ୍ପାଦକୀୟ ଲେଖନ୍ତୁ ବୋଲି ପ୍ରତାପ କହିଛନ୍ତି।

ଦଳର ଭଲମନ୍ଦ ସମ୍ପର୍କରେ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଉଦ୍ୟମ କରି ବହୁଥର ବିଫଳ ହୋଇଛନ୍ତି ବୋଲି ଖଣ୍ଡପଡ଼ା ବିଧାୟକ ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଅଛି । ଆମେମାନେ ଯିଏ ଯେତେବେଳେ ଚାହିଁଛୁ, ସେତେବେଳେ ଅବାଧରେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଛୁ । କେବଳ ଆମେମାନେ ନୁହଁ, ପ୍ରତ୍ୟେକ ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ବିଭିନ୍ନ ବର୍ଗର ଶହ ଶହ ଲୋକ ସାକ୍ଷାତ କରୁଛନ୍ତି । ସୌମ୍ୟବାବୁ କିଭଳି ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଲେ ନାହିଁ ବୋଲି କହୁଛନ୍ତି, ତାହା ବଡ଼ ଆଶ୍ଚର୍ଯ୍ୟର କଥା ।

ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଥରେମାତ୍ର ବିଧାୟକ ହୋଇ ସୌମ୍ୟରଞ୍ଜନ ମୁଖ୍ୟମନ୍ତ୍ରୀଙ୍କୁ ହିଁ ପରାମର୍ଶ ଦେବାକୁ ଚାହୁଁଛନ୍ତି। ବାସ୍ତବରେ ଏହା ପରାମର୍ଶ ନା ସମାଲୋଚନା ତାହା ଜନସାଧାରଣ ହିଁ ବିଚାର କରନ୍ତୁ। ନିଜ ମାଲିକାନାରେ ଥିବା ଖବରକାଗଜକୁ ଆୟୁଧ କରିଛନ୍ତି । ସମସ୍ତେ ଜାଣନ୍ତି, ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନ ହେଲେ ସୌମ୍ୟବାବୁ ଏଭଳି ହୁଅନ୍ତି । ଅତୀତରେ ଏଭଳି ଘଟଣାର ନଜିର କିଛି କମ୍ ନାହିଁ । ସବୁ କଥା ରାଜ୍ୟବାସୀ ଜାଣିଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି।

ପ୍ରତିକ୍ରିୟାରେ ସୌମ୍ୟ କହିଛନ୍ତି, ପ୍ରତାପ ଦେବ ଯେଉଁ ପରାମର୍ଶ ଦେଇଛନ୍ତି, ତାହା କ'ଣ ବେଦର ଗାର। ମୁଁ ୩ଟି ଭୂମିକାରେ ଅଛି। ତେଣୁ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ। ଯାହା ସମ୍ପାଦକୀୟରେ ଲେଖୁଛି, ତାହା କିଭଳି ଅନୁଶାସନ ବାହାରେ ବୁଝିପାରୁନି। ମୁଁ ଦଳ କାହିଁକି ଛାଡ଼ିବି। ନିଲମ୍ବନ ଅଧିକାର ସେମାନଙ୍କର ଅଛି। ଦଳ ଶକ୍ତିଶାଳୀ ଅଛି ବୋଲି ଆମେ ନାହିରେ ତେଲ ଦେଇ ବସିବା ନାହିଁ ବୋଲି ସେ କହିଛନ୍ତି।

# ସେପ୍ଟେମ୍ବର ୧୧ରୁ ବିଜେଡିର ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୯।୯(ଅନିଲ ଦାସ)**

ଆସନ୍ତା ସେପ୍ଟେମ୍ବର ୧୧ ତାରିଖରୁ ଶଙ୍ଖ ଭବନରେ ବିଜେଡି କର୍ମୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହେବ । ବରିଷ୍ଠ ଉପସଭାପତି ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବାହକ ଦେବୀ ପ୍ରସାଦ ମିଶ୍ର ଏହି ସୂଚନା ଦେଇଛନ୍ତି । ଦଳୀୟ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ୩୭ରୁ ୪୦ ଦିନ ପର୍ଯ୍ୟନ୍ତ ଚାଲିବ । ଦଳର ସଭାପତିଙ୍କ ନିର୍ଦ୍ଦେଶରେ ପ୍ରତି ନିର୍ବାଚନମଣ୍ଡଳୀରୁ ନାଁ ଆସିବ । ଏହାକୁ ପରିଚାଳନା କରିବେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ । ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ । ବିଧାୟକ ପ୍ରଣବ ବଳବନ୍ତରାୟ ଯୁବ ଓ ଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରତ୍ୟେକ ଜିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପର୍ଯ୍ୟବେକ୍ଷକମାନଙ୍କୁ କୁହାଯାଇଛି।


## ମନେ ପଡ଼ନ୍ତି

**ଚତୁର୍ଥ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଙ୍କର ମଲ୍ଲିକ (ବଣ୍ଟି)**

ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯

ବଣ୍ଟିରେ...! ଚାହୁଁ ଚାହୁଁ ଚାରିବର୍ଷ ହୋଇଗଲା, ତୋ' ଜୀବନର ସକାଳରେ ତୁ' ସିନା ଆମକୁ ଛାଡ଼ି ଚାଲିଗଲୁ, ଆମେ କିନ୍ତୁ ତୋ' ଅତୀତର ପ୍ରତିଟି ଛାପକୁ ମର୍ମେ ମର୍ମେ ଅନୁଭବ କରୁଛୁ। ତୁ ଛାଡ଼ି ଯାଇଥିବା ସ୍ମୃତି ଫୁଲକୁ ଅବିରତ ସାଉଁଟି ଚାଲିଛୁ। ଆଜି ତୋର ଚତୁର୍ଥ ପୁଣ୍ୟତିଥି ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁ ଯେଉଁଠି ଥା' ଭଲରେ ଥା'। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ: ବାବା, ମାମା, ଭଉଣୀ: ଶୀତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।

ଧ-୧୨୬୮

**ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାଞ୍ଛାନିଧି ପଣ୍ଡା**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)

ଡାଲଙ୍ଗ, ଡୁଡ଼ିଗଡ଼ିଆ, ବାଲେଶ୍ୱର
ଆବିର୍ଭାବ: ୧୯୩୯ ସାଲ ମାଘ ୨୧ଦିନ
ତିରୋଧାନ: ତା ୧୦।୦୯।୨୦୧୪ରିଖ

ବାପା! ଦିନ ପରେ ଦିନ ବିତିଯାଇ ନଅ ବରଷ ପୂରିଲା ଆଜି, କେଉଁଠି ରହିଲେ କାହିଁ ହଜିଗଲେ ପାଉନାହୁଁ ଆମେ ଖୋଜି। ଘର ତ ଶୂନ୍ୟ, ଅଗଣା ବି ଶୂନ୍ୟ ନୀରବତା ସବୁଠାରେ, ବାପାଙ୍କର ମୁହଁ ଦିଶି ଯାଆନ୍ତାକି ଏଇ କଥା ମନ ଝୁରେ। ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ ଏତିକି କାମନା ଖାଲି, ପ୍ରଭୁ ଜଗନ୍ନାଥ ପାଖରେ ମାଗୁଣି ରଖନ୍ତୁ ସେ ଆମ ଅଳି।

ଆପଣଙ୍କର ଅତି ଆଦରର ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ ।

ଧ-୧୨୭୧


# ଭାଜପା କ୍ଷମତାକୁ ଆସିଲେ କେନ୍ଦୁଝରରେ ଇସ୍ପାତ କାରଖାନା ହେବ: ମନମୋହନ

**କେନ୍ଦୁଝର, ୯।୯**
**(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

### ବିନା ଅନୁମତିରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ହେଉଛି

ବିନା ଅନୁମତିରେ ଡିଏମ୍‌ଏଫ୍ ଅର୍ଥ ମନଇଚ୍ଛା ଖର୍ଚ୍ଚ କରାଯାଉଛି। ଅନେକ ଶହ କୋଟି ଖର୍ଚ୍ଚ କରିବା ପରେ ଏହାକୁ ଅନୁମୋଦନ କରାଯାଉଛି। ପ୍ରାୟ ୫୦୦ କୋଟି ଟଙ୍କା ବିନା ଅନୁମୋଦନରେ ଖର୍ଚ୍ଚ କରାଯାଇଛି। ଡିଏମ୍‌ଏଫ୍ ଅନୁଦାନରେ ମେଡିକାଲ କଲେଜ ହୋଇଛି, କିନ୍ତୁ ସରକାର ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି କରିନାହାନ୍ତି। ଜିଲାରେ ଖଣି ଖାଦାନ ଭର୍ତ୍ତି ହୋଇଥିଲେ ବି ଜିଲାବାସୀ ଦାଦନ ଖଟିବାକୁ ଯାଉଛନ୍ତି। ଆଗାମୀ ନିର୍ବାଚନରେ ଭାଜପା କ୍ଷମତାକୁ ଆସିଲେ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ ବୋଲି କେନ୍ଦୁଝର ଗସ୍ତରେ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ସର୍କିଟହାଉସଠାରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି।

ସେ ଆହୁରି କହିଛନ୍ତି, କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ୨୮୦୦ କୋଟି ଟଙ୍କା ଦେଇଛି। ତେବେ ଦୀର୍ଘ ୪୦ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ ଶେଷ ହେଉ ନ ଥିବାରୁ ଚାଷୀଙ୍କ କାମରେ ଲାଗୁନାହିଁ। ଜୁଆଙ୍ଗମାନଙ୍କ ଉନ୍ନତି ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା (ଜେଡିଏ) ଖୋଲିଛି କିନ୍ତୁ ଏବେ ବି ସେମାନଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ଓମ୍ପାଡ୍‌ସିରୁ ସରକାର ୧୬ ହଜାର କୋଟି ଟଙ୍କା ଋଣ ନେଇଛନ୍ତି। କିନ୍ତୁ ଏହି ଅର୍ଥ ଫେରାଉ ନ ଥିବାରୁ ଜିଲାର ବିକାଶରେ ବାଧାସୃଷ୍ଟି ହୋଇଛି। କେନ୍ଦୁଝର ରାଜ୍ୟକୁ ସର୍ବାଧିକ ରାଜସ୍ୱ ଦେଉଥିଲେ ମଧ୍ୟ ଧନୀ ଜିଲାର ଲୋକ ଗରିବ। ୧୯୭୭ରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ବିଜୁ ପଟ୍ଟନାୟକ ଚିନ୍ତା କରିଥିଲେ। କିନ୍ତୁ ଖଣି ଏବଂ ଭିତ୍ତିଭୂମି ଥିବା ସତ୍ତ୍ୱେ ହୋଇପାରିଲାନାହିଁ। ଆମେ କ୍ଷମତାକୁ ଆସିଲେ ଜିଲାରେ ଇସ୍ପାତ କାରଖାନା ନିଶ୍ଚୟ କରିବୁ ବୋଲି ମନମୋହନ କହିଥିଲେ। ସମ୍ମିଳନୀରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାକୁ ଶକ୍ତିଶାଳୀ କରୁଛି ବିଜେଡି: କଂଗ୍ରେସ

**ଭୁବନେଶ୍ୱର,୯।୯(ଅନିଲ ଦାସ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ବାବଦରେ ଯେଉଁ ମତ (କଂଗ୍ରେସକୁ ଫେରିବାକୁ) ରଖିଥିଲେ ତାହାକୁ ସେବା ଦଳର ଅଧକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସମର୍ଥନ କରିଛନ୍ତି । ଶନିବାର କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜୁ ଜନତା ଦଳର ନେତୃବର୍ଗ ହତୋତ୍ସାହ ହୋଇପଡ଼ିଛନ୍ତି। ରାଜ୍ୟରେ କଂଗ୍ରେସ ଭାଜପାକୁ ଶକ୍ତିଶାଳୀ କରୁଛି ବୋଲି ବିଜେଡି ଯେଉଁ ଉକ୍ତି ରଖିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ବରଂ ବିଜେଡି ଭାଜପାକୁ ଶକ୍ତିଶାଳୀ କରୁଛି ବୋଲି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି । ରାଜ୍ୟ କଂଗ୍ରେସରେ ଜନାଦୃତ ତାଙ୍କ ପାଇଁ କାଳ ସାଜିବାକୁ ବସିଲାଣି। ପ୍ରଦେଶ କଂଗ୍ରେସର ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ଭାଜପା ଓ ବିଜେଡି ରାଜ୍ୟରେ ଭାଗୁଆଳି ସରକାରରେ ଥିଲେ। ଏହି ସମୟ ମଧ୍ୟରେ ଉଭୟ ଦଳ ରାଜ୍ୟର ଜଙ୍ଗଲ, ଜମି, ଖଣି ଓ ପାଣିକୁ ଲୁଟ୍ କରୁଛନ୍ତି ବୋଲି ସେ କହିଛନ୍ତି।

# ୩ମନ୍ତ୍ରୀଙ୍କୁ ଯୁବ କଂଗ୍ରେସର କଳାପତାକା ପ୍ରଦର୍ଶନ


କଂଗ୍ରେସ କର୍ମୀମାନେ ଡିଆଁଟନ୍‌ଠାରେ ମନ୍ତ୍ରୀଙ୍କୁ କଳା ପତାକା ଦେଖାଉଛନ୍ତି।

**ବଲାଙ୍ଗୀର, ୯।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ଟିଟିଲାଗଡ଼ ଗସ୍ତରେ ଥିବା ତିନିଜଣ ମନ୍ତ୍ରୀଙ୍କୁ ଶନିବାର ଯୁବ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଇ ବିରୋଧ କରିଥିଲେ। ମନ୍ତ୍ରୀଙ୍କ ପଟୁଆର ଯାଉଥିବାବେଳେ ସେମାନେ କଳାପତାକା ଦେଖାଇ ନାରାବାଜି କରିଥିଲେ। ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇଚ୍‌ଗାଁଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଭଟଲି ବିଧାୟକ ସୁଶାନ୍ତ ସିଂ ଯାଉଥିଲେ। ଟିଟିଲାଗଡ଼ ବ୍ଲକ ଡିଆଁଟନ ଗାଁରେ ଯୁବ କଂଗ୍ରେସର କେତେଜଣ କର୍ମୀ କଳା ପତାକା ଦେଖାଇଥିଲେ। କୁରସୁଡ଼୍‌ଠାରେ ଉନ୍ଦେର ନଦୀରେ ମଞ୍ଜୁର ବ୍ୟାରେଜ୍‌କୁ ଅନ୍ୟତ୍ର ସ୍ଥାନାନ୍ତରଣର ପ୍ରତିବାଦ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଗାଇବାରେ ପାତରଅନ୍ତର ନୀତି ଅବଲମ୍ବନ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଏବଂ ଟିଟିଲାଗଡ ସ୍ୱତନ୍ତ୍ର ଜିଲା ଗଠନ ପ୍ରସଙ୍ଗକୁ ନେଇ ନାରାବାଜି କରାଯାଇଥିଲା। ଟିଟିଲାଗଡ ଜିଲା ଗଠନ କେବେ ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ କରିଥିଲେ।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Handsome SETHI boy, DOB-23/10/1990, Height-6'1",Caste- Dhoba. PhD, Working as Lecturer in Government Ayurvedic College, Balangir, seeks an educated and intelligent girl. 9938050286/9556523720, Home town- Bhubaneswar. D-1265

**GROOM WANTED**

Age-34, Government ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8658267680. D-1224

62 ବୟସ୍କା Govt. ଚାକିରିଆ ବ୍ରାହ୍ମଣ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9040735429. D-1261

ବୟସ 32, କୌଣସି ଚାକିରି କରୁନଥିବା କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8984072499. D-83400


AUTOMOBILE

**SALE**

Sale Urgent Chevrolet, Sail, Beat Swift Dzire 1.30/2.20 lakhs. 7008679303. D-1250


REAL ESTATE

**SALE**

Plot No.-SCR-25, Unit-3, Kharvel Nagar back side of BDA Office. 7008679303. D-1249

**Patia (KIIT) ବାଲୁଚେଙ୍ଗ ODM Global School** ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। **9337830407.** D-75212

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

**Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162.** D-1222

House for Sale Sector-3, Near Water Tank Plot No- S3-136+139 Niladrivihar, Chandrasekharpur, Bhubaneswar. Contact- 9437229575. D-1266

**14000sqft. commercial plot for sale at- Dhauli Square, Bhubaneswar, Contact:- 7008381162.** D-1223

**Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162.** D-1221

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

Book 3BHK/4BHK premium Flat at Saubhagya Nagar, Near OUAT & Narula sweets, Unit-8. (Handover June 2024). Contact: 7978584549. D-74580

Outright and Sharing land available for Duplex/ Apartment projects in and around Bhubaneswar/ Cuttack/ Khordha/ Puri. 8984071303. D-1251

Duplex sale at Bhubaneswar @ 57lakhs only. Contact- 9777433701. D-75213



2BHK house for rent, Mahatabroad, Old Town, Bhubaneswar- 9000/-. 9338636105. D-1235

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

Newly open SPA positively health benefits with expert therapist. 9938843929. D-75147

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Home service full body massage only for female Whatsapp 9777267601, 7853083303. D-1219




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

By virtue of an affidavit before Executive Magistrate, Banki, I Sanjukta Padhi, W/o- Ajit Kumar Panda of Vill- Charchika, Po/ Ps.- Banki, Dist.- Cuttack, do hereby state that due to misfortune my name has been wrongly recorded in the Birth Certificate and School Register of my son Satyajit Panda as Sanjukta Panda instead of Sanjukta Padhi. To change the same before concerned authority this declaration. D-1272

By virtue of an affidavit, I Kabita Behura, W/o. Prasanta Kumar Behura, Narasinghpur, Pipili, Puri solemnly affirm that, my name has been recorded as Kabita Mahapatra in my school certificate and insurance documents. Consequent upon my marriage, my name has been changed to Kabita Behura. That, Kabita Mahapatra and Kabita Behura is same and one person i.e. myself. D-1263

**LEGAL NOTICE**

ମୁଁ ଶ୍ରୀ ଦୀପକଲାଲ ଓରାମ, ପି: ରସିୟାରାମ ଓରାମ। ମୋର ପିତା: ୰ରସିୟାରାମ ଓରାମଙ୍କ ନାମରେ ମୌଜା: ଗୁଡ଼େସିଂହା, ଥାନା: ଶାସନ, ତହସିଲ: ମାନେଶ୍ୱର ଅନ୍ତର୍ଗତ ଖାତା ନଂ.-336/186, ଏରିଆ AC 2.820 Dec.କୁ ମୋର ନାମରେ ରେକର୍ଡ କରିବା ପାଇଁ ମ୍ୟୁଟେସନ୍ କେସ୍ ନଂ.-2164/2022 ଦାଖଲ କରିଅଛି। ମୋର ପିତାଙ୍କର ମୁଁ ଏକମାତ୍ର ଉତ୍ତରାଧିକାରୀ ଅଟେ। ଯଦି ପରେ କେହି କିଛି ଆପତ୍ତି ଅଭିଯୋଗ କରନ୍ତି, ସେଥିପାଇଁ ମୁଁ ଦାୟୀ ରହିବି। ଧ-୧୨୬୯

**PDF Award**



"Dr. Anup Patnaik has received a Post-Doctoral Fellow (PDF) Certificate in Computer Science Engineering, specializing in the topic of 'Machine Learning-Based Decision Support Systems for Healthcare' from a reputed University in Karnataka. His research findings have been presented and published in several esteemed international journals. Dr. Anup currently holds the role of Senior Architect at an IT company in Hyderabad. He wishes to convey his heartfelt gratitude to his parents, late Sri P C Patnaik, Smt. Sarojini Patnaik and son-in-law of Sri L N Patnaik, Smt. Pratima Patnaik, his PDF guide, Dr. Krishna Prasad Sir, and PhD guide, Dr. Banita Mam. He is also thankful to his elder brothers, Dr. Amar and Dr. Tapan, his sister-in-law, Dr. Punyasloka, his wife, Smt. Laxmi Patnaik, and his children, Ayaan and Arshi. Additionally, he extends his appreciation to other family members including Roni Apa, Simi Apa, Bula Bhai, Lina Apa, Dhiru, Soni, Honey, Isha, Mithi and Shreyan". D-1231

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବଜାରରେ ରେନୋର ଅଲ୍ ନ୍ୟୁ କାଇଗର

ଭୁବନେଶ୍ୱର,୯।୯(ଅଭୟ ଦାଶ)




ଦେଶର ପ୍ରମୁଖ ଅଟୋମୋବାଇଲ୍ସ କମ୍ପାନୀ ରେନଲ୍ଟ (ରେନୋ) ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ କାଇଗର (ଅର୍ବାନ ନାଇଟ ଲିମିଟେଡ ଏଡିଶନ)ର ସର୍ବଭାରତୟ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସୁପର ସେଲ୍ସ ରେନଲ୍ଟ ଭୁବନେଶ୍ୱର ନର୍ଥ (ସୁପର ସେଲ୍ସ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ)ର ପାହାଲ ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର.ଏମ., କଟକ ସୁବାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପର ସେଲ୍ସ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ୍ର ନିର୍ଦ୍ଦେଶକ ଆଦର୍ଶ ଧାୱନ, ଜିଏମ୍ ବିଭୂତି ଭୂୟାଁଙ୍କ ସମେତ ଶୋ'ରୁମ୍ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ରେନୋର ଉକ୍ତ ମଡେଲରେ ଅନେକଗୁଡ଼ିଏ ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ କେତେକ ଅତ୍ୟାଧୁନିକ ସୁବିଧା ଓ ଫିଚରକୁ ନୂତନ ଭାବେ ସାମିଲ କରାଇଛି। ଏପରି କି ୩ଟି ଭାରିଆଣ୍ଟ ଆର୍ଏକ୍ସଜେଡ୍ ପେଟ୍ରୋଲ ଏମ୍ଟି୧.୦ ଏଲ ଇସିଇବିଏସ୬.୨ଏଲଇ, ଆରଏକ୍ସଜେଡ୍ ପେଟ୍ରୋଲ ଏମଟି୧.୦ ଏଲ ଟ୍ୟୁର୍ବୋ ବିଏସ୬.୨ଏଲଇ, ଆର୍ଏକ୍ସଜେଡ୍ ପେଟ୍ରୋଲ ଏକ୍ସ -ଟ୍ରୋନିକ ୧.୦ ଏଲ ଟ୍ୟୁର୍ବୋ ବିଏସ୬.୨ଏଲଇରେ ଅଲ ନ୍ୟୁ କାଇଗର ଆକର୍ଷଣୀୟ ବ୍ଲାକ କଲରରେ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କାଇଗର (ଅର୍ବାନ ନାଇଟ ଲିମିଟେଡ ଏଡିଶନ)ର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ ମୂଲ୍ୟ) ଯଥାକ୍ରମେ ୮,୯୪,୯୮୯ ଟଙ୍କା, ୧୦,୧୪,୯୮୯ ଟଙ୍କା ଏବଂ ୧୧,୧୪,୮୯୮ ଟଙ୍କା ରହିଛି।

# ଡିଏସ୍ପିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୯।୯

ଡିଏସ୍ପି ମ୍ୟୁଚୁଆଲ ଫଣ୍ଡ୍ର ନୂତନ ଉତ୍ପାଦ ତଥା ଏକ ଓପନ ଏଣ୍ଡେଡ୍ ସ୍କିମ 'ଡିଏସ୍ପି ମଲ୍ଟି ଆସେଟ ଆଲୋକେସନ ଫଣ୍ଡ'(ଡିଏସ୍ପିଏମ୍ଏଏଏଫ୍)ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଡିଏସ୍ପି ମ୍ୟୁଚୁଆଲ ଫଣ୍ଡର ଏମ୍ଡି ତଥା ସିଇଓ କଲପେନ ପାରେଖ କହିଛନ୍ତି, ନିବେଶ କ୍ଷେତ୍ରରେ ସବୁଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମୟ। ଥରେ ନିବେଶକମାନେ ସମୟ ଦେଲେ, ତା'ର ବହୁ ଗୁଣିତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ତେବେ ସାମୟିକ ମୂଲ୍ୟଗତ ହ୍ରାସ ବୃଦ୍ଧି ଆମମାନଙ୍କ ମଧ୍ୟରୁ ଅଧିକାଂଶକୁ ନିବେଶରୁ ଦୂରେଇ ରଖିଥାଏ। ତେଣୁ ଆମେ ଏକ ସମାଧାନ ଯୋଗାଇ ଦେବାକୁ ଚାହୁଁଛୁ, ଯାହା ଆସେଟ ବର୍ଗର ସଂଖ୍ୟା ବୃଦ୍ଧି ଘଟାଇ ଏଭଳି ଅସ୍ଥିରତା ଆଶଙ୍କା ହ୍ରାସ କରିଥାଏ। ଡିଏସ୍ପି ଏମ୍ଏଏଫ୍ର ସବସ୍କ୍ରିପସନ ୨୦୨୩ ସେପ୍ଟେମ୍ବର ୨୧ରେ ବନ୍ଦ ହେବ।

# ଅନୁଗୋଳରେ ରେମଣ୍ଡର ଏକ୍ସକ୍ଲୁସିଭ୍ ଆଉଟ୍ଲେଟ୍




ଭୁବନେଶ୍ୱର,୯।୯

ରେମଣ୍ଡର ନୂତନ ତଥା ଏକ୍ସକ୍ଲୁସିଭ୍ ଆଉଟ୍ଲେଟ୍ ନିକଟରେ ଅନୁଗୋଳର ଗାନ୍ଧୀ ମାର୍ଗଠାରେ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଆଉଟ୍ଲେଟ୍ର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେମଣ୍ଡର ନମନ ଏବଂ ଅନୁଭବଙ୍କ ସମେତ ଫ୍ରାଞ୍ଚାଇଜର ରାଜ କୁମାର ଅଗ୍ରୱାଲ,ବିଜୟ କୁମାର ଅଗ୍ରୱାଲ, ଅମିତ ଅଗ୍ରୱାଲ,ଦିଲୀପ ଅଗ୍ରୱାଲ, ପୱନ ଅଗ୍ରୱାଲ ଏବଂ ଅଂଶୁମାନ ଜଲାନ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୫୦୦ବର୍ଗ ଫୁଟ ପରିବ୍ୟାପ୍ତ ଜମିରେ ଗଢ଼ି ଉଠିଥିବା ଏହି ନୂତନ ଶୋ'ରୁମ୍ରେ ପୁରୁଷଙ୍କ ପାଇଁ ଆକର୍ଷଣୀୟ ଫାବ୍ରିକ କ୍ଲଥ୍ସ, ରେଡିମେଡ୍ ପ୍ୟାଣ୍ଟ-ଶାର୍ଟ, ଜିନ୍ସ ଟି ଶାର୍ଟ ଭଳି ଅନେକ ବର୍ଗର ଗୁଣାତ୍ମକ ଉତ୍ପାଦ ଉପଲବ୍ଧ। ବିଶେଷ କରି ବ୍ରାଣ୍ଡେଡ୍ ପୋଷାକର ଗନ୍ତବ୍ୟସ୍ଥଳ ଭାବେ ପରିଚିତ ରେମଣ୍ଡରେ ଗ୍ରାହକ କଲର୍ପ୍ଲସ, ପାର୍କ ଆଭେନ୍ୟୁ, ପାର୍କ ଆଣ୍ଡ ଏଥ୍ନିକ୍ସ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ୍ର ପୋଷାକ ପାଇପାରିବେ।

# ଫେମ୍ସ ଜର୍ନାଲରେ ପତଞ୍ଜଳିର ଗବେଷଣା

ଭୁବନେଶ୍ୱର,୯।୯

ଆଚାର୍ଯ୍ୟ ବାଲକୃଷ୍ଣଙ୍କ ନେତୃତ୍ୱରେ ଅନେକ ନୂତନ ଗୁଣାତ୍ମକ ଔଷଧ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଜଡ଼ି ବୁଟି ସାମଗ୍ରୀ ଉପରେ ଗବେଷଣା କରି ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଅନେକ ନୂଆ ଔଷଧ ପ୍ରସ୍ତୁତ କରିଛି। ଏପରିକି ଅଷ୍ଟ୍ରେଲିଆର ସ୍ୱିନବର୍ଣ୍ଣ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ କରାଯାଇଥିବା ଏକ ମିଳିତ ଗବେଷଣାରୁ ପ୍ରସ୍ତୁତ ବିଭିନ୍ନ ଆୟୁର୍ବେଦିକ ଔଷଧ ଶରୀର ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏ ନେଇ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଏହି ନୂତନ ଗବେଷଣାଗୁଡ଼ିକ ବିଶ୍ୱ ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଫେମ୍ସ ମାଇକ୍ରୋବାୟୋଲୋଜି ଇକୋଲୋଜି ଜର୍ନାଲରେ ସାମିଲ କରାଯାଇଛି। ଏପରିକି ଉକ୍ତ ଜର୍ନାଲରେ ପତଞ୍ଜଳିର ଗବେଷଣା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ସେହିଭଳି ଭାରତୀୟ ଆୟୁର୍ବେଦର ଶକ୍ତିକୁ ବିଦେଶୀ ବୈଜ୍ଞାନିକମାନେ ମଧ୍ୟ ଗ୍ରହଣ କରୁଥିବା ବେଳେ ଅଧିକ ଗବେଷଣା ପାଇଁ ଉତ୍ସାହ ଦେଖାଇଥିବାରୁ ଆଚାର୍ଯ୍ୟ ଖୁସି ପ୍ରକଟ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ପତଞ୍ଜଳିର ଗବେଷଣାକୁ ଏଲସିଭିଅର, ସ୍ପ୍ରିଙ୍ଗର, ଫ୍ରଣ୍ଟିୟର, ନେଚର, ମଲିକ୍ୟୁଲ୍ସ, ବାୟୋମଲିକ୍ୟୁଲ୍ସ, ଜର୍ନାଲ ଅଫ ସେପାରେଶନ ସାଇନ୍ସ, ଜର୍ନାଲ ଅଫ ଇନଫ୍ଲେମେଶନ ରିସର୍ଚ୍ଚ, ନାନୋସ୍କେଲ ଆଡଭାନ୍ସେସ ଆଦିରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ପତଞ୍ଜଳି ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ କରୁଥିବା ବେଳେ ଏନ୍ଏବିଏଲ୍ ମାନ୍ୟତାପ୍ରାପ୍ତ ଲାବ୍ ଓ ପଶୁଙ୍କ ଦେହରେ ପରୀକ୍ଷଣ ସମେତ ଅନ୍ୟାନ୍ୟ ସବୁ ପ୍ରକାର ସୁବିଧା ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନରେ ଉପଲବ୍ଧ ବୋଲି ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଏନ୍ଏମ୍ଡିସିର ୬୫ତମ ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର,୯।୯



ଦେଶର ପ୍ରମୁଖ ସରକାରୀ ଉଦ୍ୟୋଗ ନ୍ୟାଶ୍ନାଲ ମିନେରାଲ ଡେଭେଲପ୍ମେଣ୍ଟ କର୍ପୋରେଶନ (ଏନ୍ଏମ୍ଡିସି)ର ୬୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏନ୍ଏମ୍ଡିସିର ସମସ୍ତ ଅଂଶଧନକାରୀ (ଶେୟାର ହୋଲ୍ଡର୍ସ)ଙ୍କ ସମେତ ଏନ୍ଏମ୍ଡିସିର ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏଜିଏମ୍ର ଆଭିମୁଖ୍ୟ ଓ ଏନ୍ଏମ୍ଡିସିର କାରବାର ଏବଂ ସଫଳତା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ଭିସି ଜରିଆରେ କରାଯାଇଥିଲା। ବିଶେଷକରି ମନ୍ତ୍ରଣାଳୟର ନିୟମାବଳୀ ସହ ସେବିର ଗାଇଡ୍ଲାଇନ ଅନୁଯାୟୀ ଉକ୍ତ ବୈଠକ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏନ୍ଏମ୍ଡିସିର ସିଏମ୍ଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ ଏବଂ ନିର୍ଦ୍ଦେଶକ ଅର୍ଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଉପସ୍ଥିତ ଅଂଶଧନକାରୀ ଓ ଅନ୍ୟମାନଙ୍କୁ ଏନ୍ଏମ୍ଡିସିର ଆଗାମୀ ଦିନର କାର୍ଯ୍ୟକଳାପ ଓ ଚଳିତବର୍ଷର ଆଭିମୁଖ୍ୟ ସହ ବିଗତ ଦିନର ସଫଳତା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏନ୍ଏମ୍ଡିସିର ବୋର୍ଡ ମେମ୍ବର ତଥା ନିର୍ଦ୍ଦେଶକ (ଉତ୍ପାଦନ) ଦିଲୀପ କୁମାର ମହାନ୍ତି, ନିର୍ଦ୍ଦେଶକ (କର୍ମସିଆଲ) ଭି. ସୁରେଶ, ନିର୍ଦ୍ଦେଶକ (ଟେକ୍ନିକାଲ) ବିନୟ କୁମାର, (ସିଏସ୍) ଏ.ଏସ. ପର୍ଦ୍ଧା ଶରାଧୀ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ସଞ୍ଜୟ ଟଣ୍ଡନ, ଡ. ଅନିଲ କାମ୍ବଲେ, ବିଶାଲ ବାବେର, ସଞ୍ଜୟ ସିଂହ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଦେଶର ସର୍ବବୃହତ୍ ଲୁହା ପଥର ଉତ୍ପାଦକ ଭାବେ ଏନ୍ଏମ୍ଡିସି ଲିମିଟେଡ୍ ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗ ଭାବେ ଅନେକ ସୁନାମ ଅର୍ଜନ କରିଛି।

# ଖୋର୍ଦ୍ଧାରେ ଟିପିସିଓଡିଏଲ ୨ୟ ଭିଟିସି

ଭୁବନେଶ୍ୱର,୯।୯

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ର କାର୍ଯ୍ୟକ୍ଷେତ୍ର ଖୋର୍ଦ୍ଧାଠାରେ ୨ୟ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଭିଟିସି)ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି କମ୍ପାନୀର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ସାମଗ୍ରିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଲାଗି ଟିପିସିଓଡିଏଲ ପ୍ରତିବଦ୍ଧ। ଏପରିକି କମ୍ପାନୀର ସିଏସ୍ଆର୍ ଅଭିଯାନର ଅଂଶ ସ୍ୱରୂପ ପ୍ରକଳ୍ପ 'ରୋଶନି'ଅଧୀନରେ ଉକ୍ତ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧ରେ ଟିପିସିଓଡିଏଲ୍ ପକ୍ଷରୁ ପ୍ରକଳ୍ପ 'ରୋଶନି'ର ଶୁଭାରମ୍ଭ ହୋଇଥିଲା। ସେହିଭଳି ଉକ୍ତ କେନ୍ଦ୍ରରେ ଆଖପାଖର ମହିଳାମାନଙ୍କୁ ମାଗଣାରେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ଏସ୍ଡିସି) ଦ୍ୱାରା ସାର୍ଟିଫାଏ ହୋଇଥିବା ୬ ମାସିଆ ସ୍ୱାବଲମ୍ବୀ ସିଲେଇ ପାଠ୍ୟକ୍ରମ ଜରିଆରେ ଦକ୍ଷ କରାଯିବ। ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଉକ୍ତ କେନ୍ଦ୍ର ଜରିଆରେ ଆମେ ଗରିବ ସମୁଦାୟ ଓ ସ୍ଥାନୀୟ ଲୋକଙ୍କୁ ସଶକ୍ତ କରିବାକୁ ଉତ୍ସର୍ଗୀକୃତ ରହିଛୁ। ଏହି କେନ୍ଦ୍ର ଆଖପାଖ ଅଞ୍ଚଳର ମହିଳାମାନଙ୍କୁ ତାଲିମ ପ୍ରଦାନ କରିବା ସହ ୬ମାସିଆ ପାଠ୍ୟକ୍ରମ ଜରିଆରେ ଅତ୍ୟାବଶ୍ୟକ ଦକ୍ଷତା ପ୍ରଦାନ କରିବ। ବିଶେଷ କରି ସଫଳ ଗ୍ରାଜୁଏଟମାନଙ୍କୁ ଏନ୍ଏସ୍ଡିସି ସାର୍ଟିଫିକେଟ୍ ମିଳିବ, ଯାହା ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ପଥ ପ୍ରଶସ୍ତ କରିବ।

ଫୁରସତ୍

# ୫୭ କେ.ଜି.ର ତମ୍ବା ବହି

## ଓକିଲଙ୍କ ପୁସ୍ତକରେ ୧୯୩ ଦେଶର ୬ହଜାର ପ୍ରତୀକ

ଭୋପାଲ



ପ୍ରାଚୀନ କାଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଡକ୍ୟୁମେଣ୍ଟକୁ ସୁରକ୍ଷିତ ରଖିବାକୁ ତମ୍ବା ପ୍ଲେଟ୍ର ବ୍ୟବହାର କରାଯାଉଥିଲା। କିନ୍ତୁ ମଧ୍ୟପ୍ରଦେଶ ଇନ୍ଦୋରର ଜଣେ ଓକିଲ ତମ୍ବା ପ୍ଲେଟରୁ ୫୭ କେ.ଜି.ର ତମ୍ବା ବହି ପ୍ରସ୍ତୁତ କରିଛନ୍ତି। ୨୦୦ ସହରର ୪୨ ହଜାର ଲୋକଙ୍କଠାରୁ କେବଳ ୧ ଟଙ୍କା ଦାନ ସହିତ ଏହି ପ୍ରସ୍ତକରେ ବିଶ୍ୱର ୧୯୩ଟି ଦେଶର ପରିଚୟ ସହିତ ଜଡ଼ିତ ୬ହଜାରରୁ ଅଧିକ ପ୍ରତୀକ ରହିଛି। ଏହି ପୁସ୍ତକର ନାମକରଣ କରାଯାଇଛି 'ସମ୍ବିଧାନ ସେ ଦେଶ'। ଇନ୍ଦୋରର ସ୍ଥାନୀୟ ଆଇନଜୀବୀ ଲୋକେଶ ମଙ୍ଗଲ କର୍ଣାଟକ ସରକାର ଥାୱରଚାନ୍ଦ ଗେହଲଟଙ୍କ ପ୍ରେରଣାରେ ଏହି ପୁସ୍ତକ ପ୍ରସ୍ତୁତ କରିଥିବା ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି। ୬ ବର୍ଷର କଠିନ ପରିଶ୍ରମ ପରେ ଏହା ପ୍ରସ୍ତୁତ ହୋଇପାରିଛି। ପୁସ୍ତକର ମୋଟ ଓଜନ ୫୭ କିଲୋ ହୋଇଥିବାବେଳେ ତା'ର କଭର ପେଜ୍ର ଓଜନ ୧୦ କିଲୋ ରହିଛି। ପ୍ରତୀକଗୁଡ଼ିକ ୨୧୭ ଘଣ୍ଟା ମଧ୍ୟରେ ଲେଜର ଟେକ୍ନୋଲୋଜି ସାହାଯ୍ୟରେ ୨ କଳାକାରଙ୍କ ଦ୍ୱାରା ତମ୍ବା ପ୍ଲେଟ୍ରେ ଖୋଦିତ ହୋଇଛି। ସେ କହିଛନ୍ତି, ତମ୍ବା ପ୍ଲେଟ୍ର ଏହି କାର୍ଯ୍ୟର ମୂଳଦୁଆରେ ଭାରତର 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ପୃଥିବୀ ଗୋଟିଏ ପରିବାର) ଏବଂ 'ସର୍ବେ ଭବନ୍ତୁ ସୁଖୀନଃ' (ସମସ୍ତେ ଖୁସି ରୁହନ୍ତୁ)ର ଉଦାର ଭାବନା ରହିଛି। ପୁସ୍ତକଟି ୧୪ ଇଞ୍ଚ ଚଉଡ଼ା ୩୮ ଇଞ୍ଚ ଲମ୍ବା ହୋଇଥିବାବେଳେ ଏହାକୁ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାକୁ ଅତି କମ୍ରେ ୨ ଜଣ ଲୋକଙ୍କ ଆବଶ୍ୟକତା ରହିଥିବା ଆଇନଜୀବୀ ଲୋକେଶ କହିଛନ୍ତି।

# ଡିସେମ୍ବର ୨୦ରେ 'ୱେଲକମ୍ ଟୁ ଦି ଜଙ୍ଗଲ'



ଅକ୍ଷୟ କୁମାର

**ମୁମ୍ବାଇ:** ବଲିଉଡ୍ ଖିଲାଡି ଷ୍ଟାର ଅକ୍ଷୟ କୁମାରଙ୍କ ଶନିବାର ୫୬ତମ ଜନ୍ମଦିନ ଅବସରରେ ସେ ପରିବାର ସହ ମହାକାଳ ମନ୍ଦିରକୁ ଯାଇ ଦର୍ଶନ କରିଛନ୍ତି। ଏଥିସହ ସେ ତାଙ୍କ ଦର୍ଶକଙ୍କୁ ଏକ ଉପହାର ଦେଇଛନ୍ତି। ସେ ତାଙ୍କ ଆଗାମୀ କମେଡି ଫିଲ୍ମ 'ୱେଲକମ୍ ୩'ର ପ୍ରୋମୋ ରିଲିଜ୍ କରିବା ସହ ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ସିନେମାର ଟାଇଟଲ ରହିଛି 'ୱେଲକମ୍ ଟୁ ଦି ଜଙ୍ଗଲ'। ପ୍ରୋମୋରେ ଅକ୍ଷୟ ପୂରା ଗ୍ୟାଙ୍ଗ ନଜରକୁ ଆସିଛନ୍ତି। ଏଥିରେ ଅକ୍ଷୟ କୁମାରଙ୍କ ସହିତ ରବୀନା ଟଣ୍ଡନ, ଲାରା ଦତ୍ତା, ଜାକଲିନ୍ ଫର୍ଣାଣ୍ଡିଜ୍, ଦିଶା ପଟାନୀ, ସଞ୍ଜୟ ଦତ୍ତ, ସୁନୀଲ ସେଠୀ, ଅର୍ସଦ ୱାର୍ସି, ପରେଶ ରାୱଲ, ମିକା ସିଂ, ରାହୁଲ ଦେବ, ତୁଷାର କପୁର, ମୁକେଶ ତିୱାରି, ଜାକିର ହୁସେନ, ଯଶପାଲ ଶର୍ମା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଛି। ଏହି ସମସ୍ତ କଳାକାରଙ୍କ ଅଭିନୟରେ ଦର୍ଶକଙ୍କ ପାଇଁ ହସର ପିଟାରି ଭରି ରହିଛି। ଅହମ୍ମଦ ଖାନ୍ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଆଗାମୀ ବର୍ଷ ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ। ଜ୍ୟୋତି ଦେଶପାଣ୍ଡେ ଓ ଫିରୋଜ ଏ ନାଡିଆ ଡୱାଲା ଫିଲ୍ମରେ ପ୍ରଯୋଜନା ଦେଇଛନ୍ତି। ତେବେ ୱେଲକମ୍ର ପ୍ରଥମ ଭାଗ ୨୦୦୭ରେ ରିଲିଜ୍ ହୋଇଥିବାବେଳେ ଦ୍ୱିତୀୟ ଭାଗ ୨୦୧୫ରେ ରିଲିଜ୍ ହୋଇଥିଲା। ଏହି ପ୍ରଥମ ଓ ଦ୍ୱିତୀୟ ଭାଗରେ ଆନେସ ବାଜ୍ମୀ ନିର୍ଦ୍ଦେଶନା ଦେଇଥିଲେ।

# ୫ମ ମହଲାରେ ପେଟ୍ରୋଲ ପମ୍ପ



ବେଜିଂ

ଚାଇନା ଦୁନିଆରେ ନିଜର ଅଜବଗଜବ କାରନାମା ପାଇଁ ବେଶ୍ ପରିଚିତ। ଏହାର ପ୍ରସ୍ତୁତି ଦୁନିଆକୁ ଅନେକ ସମୟରେ ଆଶ୍ଚର୍ଯ୍ୟରେ ପକାଇଥାଏ। ନିକଟରେ ଚାଇନା ଏପରି ଏକ ପେଟ୍ରୋଲ ପମ୍ପ ତିଆରି କରିଛି, ଯାହା ଏକ ବିଲ୍ଡିଂର ୫ମ ମହଲାରେ ରହିଛି। ଏହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଅଧିକାଂଶ ଲୋକ ଏଥିରେ କମେଣ୍ଟ କରିଛନ୍ତି କି ପେଟ୍ରୋଲ ପମ୍ପରୁ ତେଲ ଭରିବ କେମିତି? ସୂଚନା ମୁତାବକ, ପେଟ୍ରୋଲ ପମ୍ପଟି ଚାଇନାର ଚୋଙ୍ଗକିଙ୍ଗରେ ରହିଛି। ଭାଇରାଲ ଭିଡିଓରେ ଲୋକେ ସେହି ପେଟ୍ରୋଲ ପମ୍ପରୁ ତେଲ ଭରୁଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଏହି ବିଲ୍ଡିଂକୁ ବହୁତ ତଳୁଆ ପ୍ରସ୍ତୁତ କରାଯାଇଛି। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ବିଲ୍ଡିଂକୁ ତଳ ଅଞ୍ଚଳରେ ପ୍ରସ୍ତୁତ କରାଯାଇଛି। ଏହାକୁ ଧ୍ୟାନରେ ଦେଖିଲେ ଜଣାପଡ଼ିବ କି, ଏହି ବିଲ୍ଡିଂ ପଛପଟେ ଏକ ରାସ୍ତା ରହିଛି; ଯେଉଁ ରାସ୍ତାଟି ବିଲ୍ଡିଂର ୫ମ ମହଲା ଉଚ୍ଚର। ଚାଇନାର ଏହି ପେଟ୍ରୋଲ ପମ୍ପ ତା' ଅଜବଗଜବ କାମ ମଧ୍ୟରୁ ଗୋଟେ। ସାମ୍ନା ପଟୁ ଦେଖିବାକୁ ଗଲେ, ୫ମ ମହଲାରେ କରାଯାଇଥିବା ପେଟ୍ରୋଲ ପମ୍ପର ଯୋଜନା ବ୍ୟର୍ଥ ମନେହେଉଛି। ହେଲେ ଅନ୍ୟପଟୁ ଦେଖିଲେ ଏତେ ମହଲା ଉପରେ ପେଟ୍ରୋଲ ପମ୍ପ କରିବାର ଅର୍ଥ ସଫା ଜଣାପଡୁଛି।

# ଜନ୍ମଦିନରେ ହୀରା ମିଳିଲା



ୱାଶିଂଟନ

ଜନ୍ମଦିନରେ ସମସ୍ତ ଉପହାର ପାଇବାକୁ ଉତ୍ସାହିତ ଥାନ୍ତି। ତେବେ ନିକଟରେ ଏକ ୭ ବର୍ଷୀୟା ଝିଅକୁ ତା' ଜନ୍ମଦିନରେ ଏକ ଖାସ୍ ଉପହାର ମିଳିଛି। ଆମେରିକାର ଅକାନସସ୍ସ୍ଥିତ ରାଜ୍ୟ ପାର୍କରୁ ଏକ ୨.୯୫ କ୍ୟାରେଟ୍ର ହୀରା ମିଳିଛି। ରିପୋର୍ଟ ମୁତାବକ, ପାରାଗୋଲ୍ଡର ବାସିନ୍ଦା ୭ ବର୍ଷୀୟା ଝିଅ ଆସ୍ପେନ ବ୍ରାଉନ ସେପ୍ଟେମ୍ବର ୧ରେ ତାଙ୍କ ଜନ୍ମଦିନରେ ପରିବାର ସହ ସେହି ପାର୍କକୁ ବୁଲିବାକୁ ଆସିଥିଲେ। ସେଠାରେ ବୁଲିବା ସମୟରେ ତାଙ୍କୁ ଏକ ହୀରା ମିଳିଥିଲା। ଏନେଇ ସେ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଏହା ପୂର୍ବରୁ ସେହି ପାର୍କରୁ ଆଉ ଜଣେ ବ୍ୟକ୍ତିଙ୍କୁ ୩. ୨୯ କ୍ୟାରେଟ୍ର ଏକ ହୀରା ମିଳିଥିଲା। ଏହି ହୀରାଟି ବହୁତ ସୁନ୍ଦର ଦେଖାଯାଉଛି। ହେଲେ ଏହାକୁ ଦୂରରୁ ଦେଖିଲେ ଏହା ଏକ ପ୍ଲାଷ୍ଟିକ ପରି ଦୃଶ୍ୟମାନ ହେଉଛି। ପ୍ରକୃତରେ ଏହି ପାର୍କକୁ ଲୋକେ ହୀରା ଖୋଜିବାକୁ ଆସିଥାନ୍ତି। କିନ୍ତୁ କିଛି କମ୍ ଜଣଙ୍କୁ ହିଁ ସେହି ହୀରା ମିଳିଥାଏ। କିଛି ଲୋକଙ୍କୁ ପୂର୍ବରୁ ମଧ୍ୟ ଛୋଟ ହୀରା ଖଣ୍ଡ ମିଳିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ସେପ୍ଟେମ୍ବର, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ................. ପକ୍ଷରୁ ଭାରତରେ ଡିଜିଟାଲ୍ ପେମେଣ୍ଟ ଇଣ୍ଡେକ୍ସ ରିଲିଜ୍ କରାଯାଇଥାଏ ?
୨– ନିକଟରେ ସ୍ୱାନିଶ୍ ଫେଡେରେଶନ୍ ହକି ଟୁର୍ନାମେଣ୍ଟ ଜିତିଥିବା ଦେଶ ........ ?
୩– ............ ରାଜ୍ୟ ଗୃହ ଜ୍ୟୋତି ସ୍କିମ୍ ଆରମ୍ଭ କରିଛି ?
୪– ତାଜମହଲ ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ...... ବର୍ଷ ସମୟ ଲାଗିଥିଲା ?
୫– ନାଇଟ୍ରସ୍ ଅକ୍ସାଇଡ୍ ଗ୍ୟାସ ସାଧାରଣତଃ .......... ଭାବେ ଜଣାଶୁଣା ?

## ଗତ ଥରର ଉତ୍ତର

୧ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ
୨ ଫର୍ମୁଲା ଇ
୩ ମିଥିଲେଶ ତିୱାରୀ
୪ ନର୍ମାନ ବୋର୍ଲଗ୍
୫ ସତିଶ ଧାୱନ ସ୍ପେଶ ସେଣ୍ଟର

## ଉତ୍ତରଦାତା

୧– ଋତୁପର୍ଣ୍ଣା ମହାପାତ୍ର, ନୟାଗଡ଼
୨– ସ୍ୱୟଂପ୍ରକାଶ ବେହେରା, ଖୋର୍ଦ୍ଧା
୩– ବିବେକ କୁମାର ସ୍ୱାଇଁ, ଯାଜପୁର
୪– ହେମନ୍ତ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ କ୍ରୁଜ୍ ଶିପ୍– ୨୦୨୩




୧........ ଓଣ୍ଡର ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୨........ ସିମ୍ଫୋନୀ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୩........ ହାର୍ମୋନୀ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୪........ ଓଆସିସ୍ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୫........ ଆଲିଓର୍ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୬........ ଏମ୍ଏସ୍‌ସି ଓ୍ୱାର୍ଲ୍ଡ ୟୁରୋପା (ଏମ୍ଏସ୍‌ସି କ୍ରୁଜ୍)
୭........ ଆର୍‌ଭିଆ (ପି ଆଣ୍ଡ ଓ କ୍ରୁଜେସ୍)
୮........ କୋଷ୍ଟା ସ୍ମେରାଲ୍ଡା (କୋଷ୍ଟା କ୍ରୁଜେସ୍)
୯........ କୋଷ୍ଟା ଟସ୍କାନା (କୋଷ୍ଟା କ୍ରୁଜେସ୍)
୧୦........ ପି ଆଣ୍ଡ ଓ ଆୟୋନା (ପି ଆଣ୍ଡ ଓ କ୍ରୁଜେସ୍)

## ଜାଣନ୍ତୁ ଦୁନିଆ

# ଏହି ଦେଶବାସୀ ଦୀର୍ଘାୟୁ

**କାହାକୁ ଆଶୀର୍ବାଦ ଦେବା ବେଳେ ପାଟିରୁ ପ୍ରଥମେ ବାହାରେ ଦୀର୍ଘାୟୁ ହୁଅ। ହେଲେ ଆଜିର ପରିବର୍ତ୍ତିତ ଜୀବନଶୈଳୀ ପାଇଁ ଧୀରେ ଧୀରେ ସଭିଙ୍କ ଆୟୁଷ କମିଯାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୃଥିବୀରେ ଏମିତି କେତୋଟି ଦେଶ ଅଛି, ଯେଉଁଠାରେ ଜନ୍ମ ହେଉଥିବା ପିଲାମାନେ ଦୀର୍ଘାୟୁ ହୁଅନ୍ତି। ତେବେ ଜାଣିବା କ'ଣ ରହିଛି ଏହା ପଛର କାରଣ...**

**ମୋନାକୋ:** ୟୁରୋପୀୟ ଦେଶ ମୋନାକୋର ବାସିନ୍ଦାମାନଙ୍କ ଜୀବନକାଳ ଅନ୍ୟ ସମସ୍ତ ଦେଶବାସୀଙ୍କଠାରୁ ଅଧିକ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ତେବେ ଭୂମଧ୍ୟସାଗରୀୟ ଖାଦ୍ୟପେୟ ସେଠାକାର ଲୋକଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତା'ଛଡ଼ା ସେଠାକାର ପ୍ରାୟ ସମସ୍ତ ବାସିନ୍ଦା ଖୁବ୍ ଧନୀ ଏବଂ ବୟସସୀମା ପ୍ରାୟ ୮୪ ବର୍ଷ। ଏଠାରେ ମଧ୍ୟ ମେଡିକାଲ୍ ସୁବିଧା ଅତ୍ୟନ୍ତ ଭଲ। ଏଠାରେ ୧୮ ବର୍ଷରୁ କମ୍ ଲୋକମାନଙ୍କୁ ସମସ୍ତ ଟିକାକରଣ ଏବଂ କେତେକ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ ଯୋଗାଇ ଦିଆଯାଇଥାଏ। ସେଠାକାର ପରିବେଶ ଏବଂ ତଟକା ସବୁଜ ପନିପରିବା ଜାତୀୟ ଖାଦ୍ୟାଭ୍ୟାସ



ସେମାନଙ୍କର ଲାଇଫ୍ ଷ୍ଟାଇଲ୍ ଏଭଳି, ଯାହା ସେମାନଙ୍କୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖିଥାଏ ଏବଂ ଆୟୁଷ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ବୋଲି ବୈଜ୍ଞାନିକମାନେ ମତ ରଖନ୍ତି।

**ହଂକଂ:** ଏହି ତାଲିକାର ଦ୍ୱିତୀୟରେ ରହିଛି ହଂକଂ। ଏଠାକାର ବାସିନ୍ଦାଙ୍କ ହାରାହାରି ବୟସସୀମା ୮୫ବର୍ଷ। ତେବେ ଏହାର ମୁଖ୍ୟ କାରଣ ଏଠାକାର ବାସିନ୍ଦାଙ୍କ ସୁନ୍ଦର ଏବଂ ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଖାଦ୍ୟାଭ୍ୟାସ, ପୃଥିବୀର ସବୁଠୁ ଭଲ ମେଡିକାଲ ସୁବିଧା, ଭଲ ଆର୍ଥିକ ସ୍ଥିତି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

**ମକାଉ:** ହଂକଂ ପଛକୁ ଏହି ଦେଶ ତୃତୀୟରେ ରହିଛି, ଯାହାର ବାସିନ୍ଦାଙ୍କ ସୁସ୍ଥ ଏବଂ ଦୀର୍ଘ ଜୀବନର ମୁଖ୍ୟ କାରଣ।

**ଜାପାନ:** ଏହି ଦେଶବାସୀଙ୍କ ସାଧାରଣ ବୟସ ସୀମା ୮୩। ଏଠାକାର ବାସିନ୍ଦା ସୁଷମ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି। ତଟକା ପରିବା, ଫଳ ଓ ସମୁଦ୍ର ମାଛ ଅଧିକ ମାତ୍ରାରେ ଖାଇଥା'ନ୍ତି। ଯେଉଁଥିରେ ଫ୍ୟାଟ୍ ଓ କୋଲେଷ୍ଟରଲ ମାତ୍ରା କମ୍ ଓ ଫ୍ୟାଟ୍ ଅଧିକ ଥାଏ। ହେଲେ ସେମାନେ ଅଧିକ ବ୍ୟାୟାମ ଓ ସାଇକ୍ଲିଂ କରୁଥିବାରୁ ଫ୍ୟାଟ୍ ନଷ୍ଟ ହୋଇଯାଏ। ତା'ଛଡ଼ା ସେମାନେ ରାତିରେ ଉଷୁମ ପାଣିରେ ଗାଧାନ୍ତି, ଯାହାକି ସେମାନଙ୍କୁ ବର୍ଷ ବର୍ଷ ଧରି ଫିଟ୍ ରଖିଥାଏ।

# ପରିଚୟ ଦେଇଛି ୟୁଟ୍ୟୁବ୍



ପଙ୍କଜ କୁମାର ସାହୁ

**ବର୍ତ୍ତମାନ ଡିଜିଟାଲ୍ ଯୁଗରେ ୟୁଟ୍ୟୁବ୍ ଏକ ଏମିତି ପ୍ଲାଟଫର୍ମ ଯେଉଁଠି ନା କେବଳ ରହିଛି ଶିଖିବାକୁ ବିଭିନ୍ନ ଭିଡିଓର ଗନ୍ତାଘର ବରଂ ଏହା ମଧ୍ୟ ପାଲଟିଛି ଅନେକଙ୍କ ପାଇଁ ବେଷ୍ଟ କ୍ୟାରିୟର ଅପ୍ସନ। ନିଷ୍ଠା, ଉଦ୍ୟମ ବଳରେ ଏହି ଫିଲ୍ଡରେ ନିଜର ପରିଚୟ ସୃଷ୍ଟି କରିଥିବା ଏହି ଭଳି କେତେଜଣ ଯୁବ ୟୁଟ୍ୟୁବରଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



### ସଫଳତାର ମାର୍ଗ ଦେଖାଇଛି ଦର୍ଶକଙ୍କ ପ୍ରଶଂସା

ଇଣ୍ଡିଆନ୍ ଏୟାରଫୋର୍ସରେ ଚାକିରି କରିବା ଥିଲା ତାଙ୍କର ଲକ୍ଷ୍ୟ। ତେଣୁ ପଢ଼ାପରେ ସେଥିପାଇଁ ଭଲ ଭାବେ ପ୍ରସ୍ତୁତ ହେବାକୁ ମନସ୍ଥ କରିଥିଲେ। ହେଲେ କୋଭିଡ୍ ମହାମାରୀ ସାଜିଲା ବାଧକ। ଲକ୍ ଡାଉନ୍, ଶଟ୍ ଡାଉନ୍ ଏସବୁ ଭିତରୁ କେବେ ମୁକ୍ତି ମିଳିବ ଏବଂ ମଣିଷ ପୁଣି ପୂର୍ବ ଭଳି ଘରୁ ବାହାରିବ ଏହି ଚିନ୍ତା ତାଙ୍କୁ ସବୁବେଳେ ଘାରୁଥିଲା। ଘରେ ବସି ବୋର୍ ନ ହେବା ପାଇଁ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। କିନ୍ତୁ କେବଳ ଖେଳରେ ସମୟ ନଷ୍ଟ କରିବା ତାଙ୍କର ଆଦୌ ପସନ୍ଦ ନ ଥିଲା। ତେଣୁ କିଛି ନୂଆ କରିବା ଲକ୍ଷ୍ୟ ନେଇ ପୂର୍ବରୁ ଖୋଲିଥିବା 'ସ୍ୟାଡୋ ଶୁଟର' ନାମକ ଗେମିଂ ଚ୍ୟାନେଲ୍‌ରେ ଗେମ୍ ସମ୍ବନ୍ଧିତ ବିଭିନ୍ନ ଟିପ୍ସ ଏବଂ ଟ୍ରିକ୍ସ ଭିଡିଓ ଅପ୍‌ଲୋଡ୍ କରିବା ଆରମ୍ଭ କଲେ। ତାଙ୍କର ନୂଆ ନୂଆ ଶୈଳୀର ଭିଡିଓ ସାଙ୍ଗକୁ ସୁନ୍ଦର ଏଡିଟିଂ ଏବଂ ଭଏସ୍‌ଓଭର ଦର୍ଶକଙ୍କ ମନକୁ ବେଶ୍ ଛୁଇଁଲା। ଆଉ ମାତ୍ର କିଛିବର୍ଷ ଭିତରେ ବର୍ତ୍ତମାନ ତାଙ୍କର ସବ୍‌ସ୍କ୍ରାଇବର ସଂଖ୍ୟା ୨.୪ ମିଲିଅନ୍ ଅତିକ୍ରମ କରିସାରିଛି। ସେ କୁହନ୍ତି, ଫୁର୍‌ସତ୍ ମିଳିଲେ ଫ୍ରି ଫାୟାର୍ ଗେମ୍ ଖେଳିବା ମୋର ସବୁଠୁ ପସନ୍ଦର କାମ ଥିଲା। ହେଲେ କୋଭିଡ୍ ସମୟରେ ଧୀରେ ଧୀରେ ଗେମ୍‌କୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବା ଆଳରେ କେତେବେଳେ ଏହି ନିଶା ମୋର ପେସା ପାଲଟିଗଲା ଜାଣିପାରିଲିନି। ଏହାଦ୍ୱାରା ବର୍ତ୍ତମାନ ଭଲ ରୋଜଗାର ମଧ୍ୟ କରିପାରୁଥିବାରୁ ଖୁସି ଲାଗୁଛି। ମୋର ଡିଫରେଣ୍ଟ ଗେମିଂ କଣ୍ଟେଣ୍ଟ ଉପରେ ସବ୍‌ସ୍କ୍ରାଇବର୍ ଏବଂ ଭ୍ୟୁଅର୍ସଙ୍କ ପ୍ରଶଂସା ମୋତେ ଏ ଦିଗରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଛି। କେବଳ ଗେମିଂ ନୁହେଁ, ବର୍ତ୍ତମାନ ବାସ୍ତବ ଜୀବନର ବିଭିନ୍ନ ରୋମାଞ୍ଚକର ଅନୁଭୂତିକୁ ନେଇ ଏକ ଚ୍ୟାନେଲ ଷ୍ଟାର୍ଟ କରିଛି ଏବଂ ମାତ୍ର ୩ଟି ଭିଡିଓରେ ୧୫ ହଜାରରୁ ଅଧିକ ସବ୍‌ସ୍କ୍ରାଇବର ମଧ୍ୟ ପାଇସାରିଛି। ଆଗକୁ ଆହୁରି ଭଲ ଭଲ କଣ୍ଟେଣ୍ଟ ଦେଇ ୟୁଟ୍ୟୁବ୍ ଦୁନିଆରେ ନିଜକୁ ଏକ ପରିଚିତ ନାଁ କରାଇବା ମୋର ଲକ୍ଷ୍ୟ। ତେବେ ୟୁଟ୍ୟୁବ୍‌ରେ ଗେମିଂ ହେଉ କିମ୍ବା ଅନ୍ୟ କଣ୍ଟେଣ୍ଟକୁ ନେଇ ଚ୍ୟାନେଲ୍ ଚଳାଉଥିବା ଯୁବପିଢ଼ିଙ୍କୁ ଏତିକି କହିବି ଯେ, ଏହା ଏକ ଭଲ କ୍ୟାରିୟର ଅପ୍ସନ। ତେଣୁ ନିଜ ଭିଡିଓକୁ ୟୁନିକ୍ ଏବଂ ଇଣ୍ଟରେଷ୍ଟିଙ୍ଗ୍ କରିବାକୁ ଚେଷ୍ଟା କରନ୍ତୁ ଏବଂ ଧୈର୍ଯ୍ୟର ସହ ନିୟମିତ ଭିଡିଓ ଅପ୍‌ଲୋଡ୍ କରନ୍ତୁ, ଦେଖିବେ ନିଶ୍ଚେ ଏ ଦିଗରେ ସଫଳ ହୋଇ ଭଲ ରୋଜଗାର ବି କରିପାରିବେ।



ଜଗଦୀଶ ସାହୁ

### ଭଲ କଣ୍ଟେଣ୍ଟ ମୋ ସଫଳତାର ଚାବିକାଠି

କୁହାଯାଏ ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ। ଆଉ ନିଜ ଉପରେ ବିଶ୍ୱାସ ରଖି ନିଷ୍ଠାର ସହ ଉଦ୍ୟମ ଜାରି ରଖିଲେ ସଫଳତା ପାଇବା କଷ୍ଟ ନୁହେଁ। ଏହି କଥାକୁ ପ୍ରମାଣିତ କରି ଦେଖାଇଛନ୍ତି ଗଞ୍ଜାମ ଜିଲା ତାକରଡା ଗ୍ରାମର ଯୁବ ୟୁଟ୍ୟୁବର ଜଗଦୀଶ ସାହୁ। ୨୦୧୨ରେ ମୋବାଇଲ୍ ଫଟୋଗ୍ରାଫିରୁ ଆରମ୍ଭ ହୋଇଥିଲା ତାଙ୍କର ସୋସିଆଲ୍ ମିଡିଆ ଯାତ୍ରା। ଅର୍‌କୁଟ୍ ଫେସ୍‌ବୁକ୍ ଆଦିରେ ସେ ବିଭିନ୍ନ ସ୍ଥାନ ଏବଂ ସେଠାକାର ପ୍ରସିଦ୍ଧ ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ସୂଚନା ଦେଉଥିଲେ। ୨୦୧୪ରେ ସେ ଡିସ୍କଭର୍ ବ୍ରହ୍ମପୁର ନାମକ ଏକ ଫେସ୍‌ବୁକ୍ ପେଜ୍ ଖୋଲି ସେଠାକାର ପ୍ରତ୍ୟେକ ଜଣା ଅଜଣା କଥାକୁ ଲୋକଲୋଚନକୁ ଆଣିଲେ ଏବଂ ରିଡର୍ସଙ୍କଠାରୁ ବେଶ୍ ଭଲ ପ୍ରତିକ୍ରିୟା ପାଇଲେ। ଏହା ତାଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଲା। ୨୦୧୭ରେ ସେ ଜବ୍ ଛାଡ଼ି ଜଣେ ଫୁଲ୍‌ଟାଇମ୍ କଣ୍ଟେଣ୍ଟ କ୍ରିଏଟର ଭାବେ ହ୍ୟୁଜ୍ ନେଟ୍‌ୱର୍କ ନାମରେ ନିଜର ଏକ ଡିଜିଟାଲ୍ ମାର୍କେଟିଂ କମ୍ପାନି ଆରମ୍ଭ କଲେ। ଓଡ଼ିଆ ହ୍ୟୁଜ୍ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ବିଭିନ୍ନ ନୂଆନୂଆ ଭିଡିଓ ପୋଷ୍ଟ କଲେ। ହେଲେ କୋଭିଡ୍ ସମୟରେ ବାହାରକୁ ଯିବା କଷ୍ଟ ହେଉଥିବାରୁ ତାଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଆସି ଭୁବନେଶ୍ୱର ହ୍ୟୁଜ୍ ନାମରେ ଆଉ ଏକ ଚ୍ୟାନେଲ୍ ଖୋଲି କ୍ୟାପିଟାଲ୍ ସିଟିର ବିଭିନ୍ନ ସ୍ଥାନ ସମେତ ଏଠାରେ ମିଳୁଥିବା ଖାଦ୍ୟ ସମ୍ବନ୍ଧିତ ଭିଡିଓ ଅପ୍‌ଲୋଡ୍ କରି ଦର୍ଶକଙ୍କଠାରୁ ଖୁବ୍ ପ୍ରଶଂସା ସାଉଁଟିପାରିଲେ। ତାଙ୍କର ଦୁଇଟି ଚ୍ୟାନେଲ୍‌ରେ ପ୍ରାୟ ୩୮ ହଜାର ଏବଂ ୪୨ ହଜାରରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର୍ ଥିବା ବେଳେ ଇନ୍‌ଷ୍ଟାଗ୍ରାମ୍‌ରେ ୧ ଲକ୍ଷରୁ ଅଧିକ ଫଲୋଅର୍ସ ରହିଛନ୍ତି। ସେ ନିଜ ଏଜେନ୍ସି ଜରିଆରେ ଭୁବନେଶ୍ୱର ଏବଂ କଟକ ମ୍ୟୁନିସିପାଲ୍ କର୍ପୋରେଶନ୍, ଅନୁଗୋଳ ଡିଷ୍ଟ୍ରିକ୍ଟ ଆଡ୍‌ମିନିଷ୍ଟ୍ରେଶନ୍ ସହ ବିଭିନ୍ନ ଘରୋଇ ସଂସ୍ଥା ପାଇଁ ମଧ୍ୟ କଣ୍ଟେଣ୍ଟ ପ୍ରସ୍ତୁତ କରୁଛନ୍ତି। ସେ କୁହନ୍ତି, ଦୈନନ୍ଦିନ ଜୀବନର ଅନେକ କିଛି ଉପାଦେୟ କଥାକୁ ନିଆରା ଢଙ୍ଗରେ ସବୁଦିନ ଦର୍ଶକମାନଙ୍କ ସମ୍ମୁଖକୁ ନେଇ ଆସିବା ପାଇଁ ଚ୍ୟାନେଲ୍ ଦ୍ୱାରା ପ୍ରୟାସ କରୁଛି। ନିଜ ଉଦ୍ୟମ ବଳରେ ଭଲ ରୋଜଗାର କରିବା ସହିତ ନିଜ ଏଜେନ୍ସି ଦ୍ୱାରା ଆଉ ୧୧ ଜଣଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇ ପାରିଥିବାରୁ ବହୁତ ଖୁସି ଲାଗୁଛି। ଏହି ଡିଜିଟାଲ୍ ଯୁଗରେ ଏକ ସଫଳ କ୍ୟାରିୟର ଗଢ଼ିବା ଲାଗି ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟର୍ ହେବା ଯୁବପିଢ଼ିଙ୍କ ପାଇଁ ଏକ ଭଲ ଅପ୍ସନ ବୋଲି କହିବି। ହେଲେ ଏଣୁତେଣୁ ଖରାପ ଭିଡିଓ ଅପେକ୍ଷା ଦର୍ଶକଙ୍କ ପାଇଁ କିଛି ଉପାଦେୟ କଣ୍ଟେଣ୍ଟ ଦେବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେବି।




### ୟୁଟ୍ୟୁବ୍ ପରିଚୟ ସହ ଦେଇଛି ରୋଜଗାର



ଅର୍ପିତା ପ୍ରଧାନ

ଖୋର୍ଦ୍ଧା ଜିଲା ଅଁଳାଯୋଡ଼ି ଗ୍ରାମର ଝିଅ ଅର୍ପିତା ପ୍ରଧାନ। ୟୁଟ୍ୟୁବ୍ ଏବଂ ଅନ୍ୟ ସୋସିଆଲ୍ ମିଡିଆରେ ଡେଭିଲ ଅର୍ପିତା ଭାବେ ବେଶ୍ ପରିଚିତ। ଓଡ଼ିଆ ଅଭିନେତ୍ରୀମାନଙ୍କ ବିଶେଷ କରି ରଚନା ବାନାର୍ଜୀଙ୍କର ବଛା ବଛା ଫିଲ୍ମ ଡାଇଲଗ୍‌ରେ ଆକ୍ଟିଂ କରିବା ହେଉ ଅବା ବିଭିନ୍ନ ଗୀତରେ ଉଭୟ ନୃତ୍ୟ ଏବଂ ଅଭିନୟ ମାଧ୍ୟମରେ ନୂଆ ନୂଆ ଭିଡିଓ ସେ ଦର୍ଶକଙ୍କୁ ଭେଟି ଦେଇଥା'ନ୍ତି। ତାଙ୍କର ନିଆରା ଅନ୍ଦାଜକୁ ବି ଦର୍ଶକ ବହୁତ ପସନ୍ଦ କରନ୍ତି। ଯେଉଁଥିପାଇଁ ମାତ୍ର ଦେଢ଼ ବର୍ଷ ଭିତରେ ତାଙ୍କ ଚ୍ୟାନେଲ୍‌ରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ହୋଇସାରିଥିବା ବେଳେ ପ୍ରତିଟି ଭିଡିଓରେ ଲକ୍ଷ ଲକ୍ଷ ଭ୍ୟୁଜ୍ ମଧ୍ୟ ଆସୁଛି। କେବଳ ଏତିକି ନୁହେଁ, ଇନ୍‌ଷ୍ଟାଗ୍ରାମ୍‌ରେ ବି ତାଙ୍କର ରହିଛନ୍ତି ୫ଲକ୍ଷରୁ ଅଧିକ ଫଲୋୟର୍ସ। ସେ କୁହନ୍ତି, ଡ୍ୟାନ୍ସିଂ ଏବଂ ଆକ୍ଟିଂ ପ୍ରତି ପିଲାବେଳୁ ଆଗ୍ରହ ରହିଥିଲା। ହେଲେ ଏହାକୁ ଲୋକଲୋଚନକୁ ଆଣିବାର ସୁଯୋଗ କେବେ ପାଇ ନ ଥିଲି। କଲେଜରେ ପଢ଼ିବା ବେଳେ ଅନ୍ୟମାନଙ୍କୁ ଟିକ୍ ଟକ୍ ଭିଡିଓ କରୁଥିବାର ଦେଖି ନିଜେ ମଧ୍ୟ ଖୁସି ପାଇଁ କିଛି ଭିଡିଓ ଅପ୍‌ଲୋଡ୍ କରିଥିଲି। ହେଲେ ଏହାକୁ ଦର୍ଶକ ଏତେ ଅଧିକ ପସନ୍ଦ କରିବେ ଧାରଣା ନ ଥିଲା। ସେମାନଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାକୁ ଉତ୍ସାହିତ କଲା। ଟିକ୍ ଟକ୍ ବ୍ୟାନ୍ ପରେ ମୋ ପାଇଁ ୟୁଟ୍ୟୁବ୍ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମାଧ୍ୟମ ସାଜିଲା। ଭଲ ଭଲ କନ୍‌ସେପ୍ଟ ବାଛି ନିୟମିତ ପରିଶ୍ରମ କରି ପିଲାଠୁ ବୃଦ୍ଧ ସବୁ ବର୍ଗର ଦର୍ଶକଙ୍କ ପାଇଁ ବିଭିନ୍ନ ପ୍ରକାର କଣ୍ଟେଣ୍ଟ ପ୍ରସ୍ତୁତ କରୁଛି। ସତ କହିବାକୁ ଗଲେ, ୟୁଟ୍ୟୁବ୍ ନା କେବଳ ମୋତେ ପରିଚୟ ଦେଇଛି ବରଂ ଏହା ମୋ ପାଇଁ ବେଶ୍ ଭଲ ରୋଜଗାର କରିବାର ସୁଯୋଗ ବି ଦେଇଛି। ମୋ ମତରେ ଯେଉଁମାନେ ୟୁଟ୍ୟୁବ୍‌ରେ କ୍ୟାରିୟର ଗଢ଼ିବାକୁ ଚାହାନ୍ତି, ସବ୍‌ସ୍କ୍ରାଇବର ନ ବଢ଼ିଲେ କିମ୍ବା ଭ୍ୟୁଜ୍ କମ୍ ଆସିଲେ ନିରୁତ୍ସାହ ହୋଇ ଏହାକୁ ଛାଡ଼ି ନ ଦେଇ ପରିଶ୍ରମ ଜାରିରଖିବା ସହ ପ୍ରତିଦିନ ଭଲ କଣ୍ଟେଣ୍ଟ ଅପ୍‌ଲୋଡ୍ କଲେ ନିଶ୍ଚୟ ସଫଳ ହୋଇପାରିବେ।

–ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

# ଯୋଗ କରୁଥିଲେ...

**ଯୋଗ କରିବା ଦ୍ୱାରା ଉଭୟ ମନ ଓ ଶରୀର ସୁସ୍ଥ ରହିଥାଏ। ହେଲେ ଯୋଗର ସୁଫଳ ଠିକ୍ ଭାବେ ପାଇବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...**

- ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ ଦେଢ଼ ଘଣ୍ଟା ସମୟ ହେଉଛି ଯୋଗ କରିବାର ଉପଯୁକ୍ତ ସମୟ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ସମୟ ମଧ୍ୟରେ ଯୋଗ କରୁଛନ୍ତି, ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ।



- ଯୋଗ ସର୍ବଦା ଚଟାଣ ଉପରେ ଆସନ କିମ୍ବା ଯୋଗମ୍ୟାଟ୍ ବିଛାଇ କରନ୍ତୁ। କାରଣ ଅନେକେ ଆରାମ ଲାଗିବା ଆଳରେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି ଯୋଗ କରିଥା'ନ୍ତି, ଯାହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ।
- ଯୋଗ କରିବା ବେଳେ ତରତର ନ ହୋଇ ମନକୁ ସ୍ଥିର ରଖିବାକୁ ଚେଷ୍ଟା କରନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇବ।
- ଯୋଗ କରିବାର ପ୍ରାରମ୍ଭିକ ଦିନଗୁଡ଼ିକରେ ଏକା ସଙ୍ଗେ ବହୁତ ଯୋଗାସନ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ମଧ୍ୟ ମସଲ୍ କ୍ରାମ୍ପ ହେବା, ଗଣ୍ଠି ଦରଜ ହେବା ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ତେଣୁ ପ୍ରାରମ୍ଭିକ ଦିନଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢ଼ାନ୍ତୁ।
- ଯୋଗ କରିବା ଦିନଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଯୋଗାସନ କରିବାର ଅଧଘଣ୍ଟା ପୂର୍ବରୁ କିମ୍ବା ଅଧଘଣ୍ଟା ପରେ ପାଣି ପିଇବା ଭଲ।



# ପେଲେଙ୍କ ରେକର୍ଡ ଭାଙ୍ଗିଲେ ନେମାର

ସାଓ ପଲୋ, ୯।୯(ଏପି)

ବ୍ରାଜିଲ ଜାତୀୟ ଫୁଟ୍‌ବଲ ଦଳର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି ନେମାର। ଶୁକ୍ରବାର ସେ ୩ଥର ବିଶ୍ୱକପ୍ ବିଜେତା ପେଲେଙ୍କ ମୋଟ ଗୋଲ ସଂଖ୍ୟାକୁ ଅତିକ୍ରମ କରିଯାଇଛନ୍ତି। ୩୧ବର୍ଷୀୟ ନେମାର ବେଲେମର ଆମାଜନ ସହରରେ ବଲିଭିଆ ବିପକ୍ଷ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚର ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ବ୍ରାଜିଲର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି। ବ୍ରାଜିଲର ଏହି ୫-୧ ବିଜୟ ମ୍ୟାଚରେ ଏହାଥିଲା ଚତୁର୍ଥ ଗୋଲ୍। ଏକ କ୍ରସ୍ ପାସ୍ ପାଇ ନେମାର ଅତି ନିକଟରୁ ତାଙ୍କ ରେକର୍ଡ ବ୍ରେକିଙ୍ଗ୍ ଗୋଲ ସ୍କୋର କରିଥିଲେ।




# ରାଜ୍ୟ ହକି: ଆରଏସ୍‌ପି ଚାମ୍ପିୟନ

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଆର୍‌ଏସ୍‌ପି ଦଳର ଖେଳାଳି।

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସିନିୟର ହକି ଚାମ୍ପିୟନଶିପ୍‌ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ଚାମ୍ପିୟନ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ଆରଏସ୍‌ପି ୪-୦ ଗୋଲରେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କ୍ରିଷ୍ଟା ମୋହିନୀ, ସୁଶୀଲ କୁଜୁର, ବିକାଶ ଲାକ୍ରା ଓ କେରୋବିନ ଲାକ୍ରା ଗୋଲ ସ୍କୋର କରିଥିଲେ। ଓଏନ୍‌ଟିଏଚ୍‌ଏଚ୍‌ପିସିକୁ ୬-୨ ଗୋଲରେ ହରାଇ ସୁନ୍ଦରଗଡ଼ ବ୍ରୋଞ୍ଜ ପଦକ ହାସଲ କରିଛି। ଆରଏସ୍‌ପିର କିରନ ଲାକ୍ରା ପ୍ଲେୟର ଅଫ୍ ଦି ମ୍ୟାଚ, କେରୋନିନ ଲାକ୍ରା ଶ୍ରେଷ୍ଠ ଡିଫେଣ୍ଡର, ସୁନ୍ଦରଗଡ଼ର ମାଥିଆସ ଡାଙ୍ଗ୍ ଶ୍ରେଷ୍ଠ ଷ୍ଟ୍ରାଇକର, ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)ର ରୋଶନ କୁଜୁର ଶ୍ରେଷ୍ଠ ମିଡ୍‌ଫିଲ୍ଡର, ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ବିବେକ ଲାକ୍ରା ଶ୍ରେଷ୍ଠ ଗୋଲକିପର ଓ ଆରଏସ୍‌ପିର ତରୁଣ ଯାଦବ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଦିଲୀପ ତିର୍କୀ, ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍, କୋଚ୍ ବି.ଜେ. କାରିଆପ୍ପା, କୋଚ୍ ଏଡଗାର ମାସ୍କରହାନ୍ସ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଛତିଶଗଡ଼କୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରାୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା, ଉତ୍ତର ପ୍ରଦେଶ, କର୍ନାଟକ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ଛତିଶଗଡ଼କୁ ହରାଇ ଦେଇଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ପକ୍ଷରୁ ୩ୟ ମିନିଟରେ ଶଙ୍ଖ ଶେଖର ହେମ୍ବ୍ରମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୯ମ ମିନିଟରେ ପିଣ୍ଟୁ ଓରାମ ଗୋଲ ସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମାତ୍ର ୩୮ତମ ମିନିଟରେ ଛତିଶଗଡ଼ର ବୀରେନ୍ଦ୍ର କୁମାର ଗୋଟିଏ ଗୋଲ ପରିଶୋଧ କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ କେୱାତ କୋଲାଙ୍କ ଗୋଲ ମାଧ୍ୟମରେ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲା ଛତିଶଗଡ଼। ଫଳରେ ସ୍ୱାଭାବିକଭାବେ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଉଦ୍ୟମକୁ ଜୋରଦାର କରିଥିବାବେଳେ ୬୩ତମ ମିନିଟରେ ଓଡ଼ିଶାର ମୋହନ ଗୁଣ୍ଡା ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।

# ମେଡଭେଡେଭ-ଜୋକୋଭିଚ୍ ଫାଇନାଲ

ନ୍ୟୁୟର୍କ,୯।୯(ପି.ଟି.)

## ୟୁଏସ୍ ଓପନ ଟେନିସ୍


ନୋଭାକ୍ ଜୋକୋଭିଚ୍

ୟୁଏସ୍ ଓପନ୍ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ନୋଭାକ୍ ଜୋକୋଭିଚ୍ ଓ ଡାନିଲ ମେଡଭେଡେଭ୍। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଆମେରିକାର ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରି କ୍ୟାରିୟରର ୩୬ ତମ ମେଜର ଟୁର୍ନାମେଣ୍ଟ ତଥା ୨୪ ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ୍‌ର କାର୍ଲୋସ୍ ଅଲକାରାଜଙ୍କୁ ପରାସ୍ତ କରିଛନ୍ତ ରୁଷିଆର ଡାନିଲ ମେଡଭେଡେଭ୍।

ଜୋକୋଭିଚ୍ ୬-୩, ୬-୨ ଓ ୭-୬(୪) ସେଟ୍‌ରେ ୨୦ ବର୍ଷୀୟ ବେନ୍ ଶେଲଟନଙ୍କୁ ପରାସ୍ତ କରି ଦଶମ ଥର ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ୩ ଥର ଟାଇଟଲ ହାସଲ କରିଥିବା ଜୋକୋଭିଚ୍ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ଭେଟିବେ। ମ୍ୟାଚ୍ ଜିତିବା ପରେ ଶେଲ୍‌ଟନ 'ହ୍ୟାଙ୍ଗ ଅପ୍ ଦ ଫୋନ୍' ସେଲିବ୍ରେଶନ୍ କରିଥିଲେ। ୩୬ ବର୍ଷୀୟ ଜୋକୋଭିଚ୍ କୋଭିଡ୍-୧୯ ଟିକା ନେଇ ନ ଥିବା କାରଣରୁ ବିଗତ ବର୍ଷ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ୩୬ ବର୍ଷ ବୟସରେ ପ୍ରତ୍ୟେକ ଗ୍ରାଣ୍ଡସ୍ଲାମ ନିଜର ଅନ୍ତିମ ସ୍ଲାମ ଭଳି ପ୍ରତୀୟମାନ ହୋଇଥାଏ ବୋଲି ମ୍ୟାଚ୍ ପରବର୍ତ୍ତୀ ପ୍ରତିକ୍ରିୟାରେ କହିଛନ୍ତି ଜୋକୋଭିଚ୍। ପ୍ରଥମ ଦୁଇ ସେଟ୍‌ରେ ଜୋକୋଭିଚ୍ ସହଜ ବିଜୟ ହାସଲ କରିଥିବା ବେଳେ ତୃତୀୟ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା।

ସେହିପରି ଅନ୍ୟ ଏକ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜଙ୍କୁ ପରାସ୍ତ କରିଛନ୍ତି ୨୦୨୧ ସଂସ୍କରଣ ଚାମ୍ପିୟନ୍ ଡାନିଲ ମେଡଭେଡେଭ। ୭-୬(୩), ୬-୧, ୩-୬ ଓ ୬-୩ ସେଟ୍‌ରେ ମେଡଭେଡେଭ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ୨୦୨୧ରେ ଜୋକୋଭିଚ୍ କ୍ୟାରିୟର ଟାଇଟଲ ଲକ୍ଷ୍ୟରେ ରହିଥିବା ବେଳେ ତାଙ୍କୁ ପରାସ୍ତ କରିଥିଲେ ମେଡଭେଡେଭ୍। ଉଭୟ ଖେଳାଳି ୧୪ ଥର ମୁହାଁମୁହିଁ ହୋଇଥିବା ବେଳେ ଜୋକୋଭିଚ୍ ୯-୫ରେ ଆଗୁଆ ରହିଛନ୍ତି।

# ବଢ଼ିଲା ସୁରକ୍ଷା ବ୍ୟବସ୍ଥା

ନ୍ୟୁୟର୍କ,୯।୯(ପି.ଟି.)

ୟୁଏସ୍ ଓପନ୍ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ପରିବେଶ ପରିବର୍ତ୍ତନକୁ ନେଇ ପ୍ରତିବାଦ କରି ୪ ଜଣ ପରିବେଶବିତ୍ ଗିରଫ ହେବା ପରେ ଟୁର୍ନାମେଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ଶୁକ୍ରବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପରିବେଶବିତ୍‌ମାନେ ବିରୋଧ ପ୍ରଦର୍ଶନ କରିବାରୁ କୋକୋ ଗଫ୍‌ଙ୍କ ମ୍ୟାଚ୍ ୫୦ ମିନିଟ ବିଳମ୍ବ ହୋଇଥିଲା। ଏପରିକି ଜଣେ ପ୍ରଦର୍ଶନକାରୀ କଂକ୍ରିଟ୍ ଉପରେ ଅଠା ଢାଳି ଖାଲି ପାଦରେ ଛିଡା ହୋଇ ଯାଇଥିଲେ। ଏହି ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

# ଆରଡୋର୍ ସେମିରେ

ଭୁବନେଶ୍ୱର, ୯।୯ (ବିଜୟ ରଣା)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ (ବା) ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀଠାରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ତୃତୀୟ କ୍ୱାର୍ଟରଫାଇନାଲରେ ଆରଡୋର୍ ଏକାଡେମୀ ୪-୧ ଗୋଲ୍‌ରେ ବୀର୍ ବିର୍ସା ୟୁଥ୍ ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳ ୧-୧ ସ୍ଥିତିରେ ରହିଥିଲା। ବୀର ବିର୍ସା ଦଳର ବାଦଲ ହେମ୍ବ୍ରମ (୨୫ତମ ମିନିଟ) ଓ ଆରଡୋର ଏକାଡେମୀର ଆଶିଷ ଭାଲା (୩୪ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ବୀର ବିର୍ସା ଦଳ ରକ୍ଷଣାତ୍ମକ ଖେଳିଥିଲା। ଏହାର ସୁଯୋଗରେ ବଦଳ ଖେଳାଳି ଭାବେ ଆସିଥିବା ଆରଡୋର ଏକାଡେମୀର ଅଙ୍କିତ ଯାଦବ ୬୦ତମ, ୬୨ତମ ଓ ୬୫ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୪-୧ରେ ଜିତାଇଥିଲେ। ବିଜୟୀ ଦଳ ପକ୍ଷରୁ ହ୍ୟାଟ୍ରିକ୍ ଅର୍ଜନ କରିଥିବା ଅଙ୍କିତ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରୀଡ଼ା ସଂଗଠକ ମଧୁସୂଦନ ରେଞ୍ଜୀ ତାଙ୍କୁ ପୁରସ୍କୃତ କରିଥିଲେ।

# ସ୍କୁଲ ଚେସ୍: କୌସ୍ତୁଭ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ସୋଆ ବିଶ୍ୱ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସ୍କୁଲ ଚେସ୍ ଚାମ୍ପିୟନଶିପ୍‌ରେ କୌସ୍ତୁଭ ଦାଶ ଚାମ୍ପିୟନ ହୋଇଛନ୍ତି। ସେ ୮.୫ ପଏଣ୍ଟ ପାଇଛନ୍ତି। ୮ ପଏଣ୍ଟ ଲେଖାଏ ପାଇଥିବା ତନ୍ମୟ ତଳିନ ବେହେରା ଓ ଜ୍ୟୋତ୍ସ୍ନଭ ତାଲୁକଦାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ୧୯ ଜିଲାର ୧୦୯ ସ୍କୁଲରୁ ୨୦୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ-୨ କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ପୋଲିସ ଡିଜି ଦୟାଲ ଗଙ୍ଗୱାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଅଶୋକ କୁମାର ମହାପାତ୍ର, ଡିନ୍ (ଏସ୍‌ଡବ୍ଲ୍ୟୁ) ଜ୍ୟୋତି ରଞ୍ଜନ ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ମଧୁସୁଦନ ପାଢ଼ୀ, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ଡି.ପି. ଖାରେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ଜ୍ୟୋତି ଶଙ୍କର ନନ୍ଦ, ଜାତୀୟ ଆର୍ବିଟର ବିଷ୍ଣୁ ପ୍ରସାଦ ପୁରୋହିତ, ପ୍ରସନ୍ନ କୁମାର ନାୟକ, ସ୍ୱରୂପମୟୀ ଦାଶ, ସୁସୋଭିତ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



କେବଳ 18+ । ଏହି ଖେଳରେ ଆର୍ଥିକ ବିପଦ ରହିଛି ଏବଂ ଏହା ଏକ ନିଶା ପରି। ଦୟାକରି ଏହି ଖେଳକୁ ନିଜର ଦାୟୀତ୍ୱର ସହିତ ଓ ନିଜର ଆପଦରେ ଖେଳନ୍ତୁ।
ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ। Navajat Printers & Media Pvt. Ltd. ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟୀତ୍ୱ ଗ୍ରହଣ କରିବ ନାହିଁ। Navajat Printers & Media Pvt. Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri କଦାପି ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI



# ସୁପର-୪ରେ ଆଜି ଭାରତ-ପାକିସ୍ତାନ

## ଏସିଆ କପ୍ କ୍ରିକେଟ

କଲମ୍ବୋ, ୯।୯

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇ ଭୋଲ୍ଟେଜ ମ୍ୟାଚ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ପାକିସ୍ତାନ ଗୋଟିଏ ମ୍ୟାଚ ଖେଳି ୨ ପଏଣ୍ଟ ପାଇ ସାରିଥିବାବେଳେ ଭାରତ ପାଇଁ ହେବ ପ୍ରଥମ ମ୍ୟାଚ। ଲିଗ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ବର୍ଷାରେ ବାଧାପ୍ରାପ୍ତ ହୋଇ ଯାଇଥିଲା। ଆଗାମୀ ମ୍ୟାଚ ସମୟରେ ମଧ୍ୟ ବର୍ଷା ହେବାର ପୂର୍ବାନୁମାନ ରହିଛି। ସେଥିପାଇଁ ଗୋଟିଏ ରିଜର୍ଭ ଦିବସ ରଖା ଯାଇଛି।

ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ଲୋକେଶ ରାହୁଲ ଓ ଇଶାନ କିଶନଙ୍କ ମଧ୍ୟରୁ କାହାକୁ ଦଳରେ ନିଆଯିବ ତାହାକୁ ନେଇ ଚିନ୍ତା ବଢ଼ିଛି। କିଶନ ନିକଟ ଅତୀତରେ ୪ ମ୍ୟାଚରୁ ୪ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟି ଏବଂ ପାକିସ୍ତାନ ବିପକ୍ଷ ଗ୍ରୁପ୍ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ କିଛି ଅସୁବିଧା ଅନୁଭବ କରୁ ନ ଥିବା ମଧ୍ୟ ସେ ପ୍ରମାଣିତ କରିଛନ୍ତି। ବାମହାତୀ ହୋଇଥିବାରୁ ତାଙ୍କ ଉପସ୍ଥିତିରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ବିବିଧତା ମଧ୍ୟ ଆସିପାରୁଛି। ଅନ୍ୟପକ୍ଷରେ ଆହତ ସମସ୍ୟାରୁ ମୁକୁଳିଥିବା ରାହୁଲ ଗତ ମାର୍ଚ୍ଚରୁ ଦିନିକିଆ ଖେଳି ନାହାନ୍ତି। ତେବେ ୨୦୧୯ରୁ ସେ ଭାରତୀୟ ଦିନିକିଆ ଦଳରେ ସେ ଜଣେ ନିର୍ଭରଯୋଗ୍ୟ ସଦସ୍ୟ ରହି ଆସିଛନ୍ତି। ଏହି ବର୍ଷ ସେ ୧୩ ମ୍ୟାଚରୁ ୪୭.୬୭ ଆଭରେଜରେ ୫୭୨, ୨୦୨୦ରେ ୯ ମ୍ୟାଚରୁ ୫୫.୩୮ ଆଭରେଜରେ ୪୪୩, ୨୦୨୧ରେ ୩ ମ୍ୟାଚରୁ ୮୮.୫୦ ଆଭରେଜରେ୧୦୮, ୨୦୨୨ରେ ୧୦ ମ୍ୟାଚରୁ ୨୭.୮୯ ଆଭରେଜରେ ୨୫୧ ଓ ୨୦୨୩ରେ ୬ ମ୍ୟାଚରୁ ୫୬.୫୦ ଆଭରେଜରେ ୨୨୬ ରନ ସ୍କୋର କରିଛନ୍ତି। ୫ ନମ୍ବର ସ୍ଥାନରେ ସେ ୧୮ଟି ମ୍ୟାଚ ଖେଳି ୫୩ ଆଭରେଜରେ ୭୪୨ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଏବଂ ୭ଟି ଅର୍ଦ୍ଧଶତକ ସାମିଲ। ତାଙ୍କ ଉଇକେଟ କିପିଂ ଦକ୍ଷତା ମଧ୍ୟ ବେଶ୍ ଭଲ। ଶୁକ୍ରବାର ସେ ନେଟ୍ସରେ ଅନେକ ସମୟ ଅଭ୍ୟାସ କରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ଅଧିକ ରହିଛି। ସେ ଯାହା ହେଉ ନା କାହିଁକି ୫ ନମ୍ବର ସ୍ଥାନ ପାଇଁ ଟିମ୍ ମ୍ୟାନେଜମେଣ୍ଟକୁ କଠୋର ନିଷ୍ପତ୍ତି ନେବାକୁ ପଡ଼ିବ।

ବାଂଲାଦେଶକୁ ହରାଇ ପାକିସ୍ତାନ ସୁପର-୪ରେ ୨ ପଏଣ୍ଟ ପାଇ ସାରିଛି। ଭାରତ ସେଭଳି ଆରମ୍ଭ ଆବଶ୍ୟକ କରୁଛି। ତେବେ ଭାରତୀୟ ବ୍ୟାଟରଙ୍କୁ ପାକିସ୍ତାନର ପେସ୍ ତ୍ରୟ ଶାହିନ ଶାହ ଆଫ୍ରିଦୀ, ହାରିସ ରୌଫ ଓ ନସିମ ଶାହାଙ୍କ ବୋଲିଂକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଶାହିନଙ୍କ ଇନ୍‌କମିଂ ବଲ୍, ହାରିସ ରୌଫଙ୍କ ସ୍ପିଡ୍ ଚଳିତ ପ୍ରତିଯୋଗିତାରେ ଚର୍ଚ୍ଚାରେ ରହିଛି। ୩ ମ୍ୟାଚରୁ ରୌଫ ୯ ଏବଂ ନସିମ ୭ ଉଇକେଟ ପାଇ ସାରିଛନ୍ତି।


ଅଭ୍ୟାସ ଅବସରରେ ଲୋକେଶ ରାହୁଲ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# କୋଚ୍‌ଙ୍କୁ ସମର୍ଥନ କଲାନି ବାଂଲାଦେଶ ବୋର୍ଡ

କଲମ୍ବୋ,୯।୯(ପି.ଟି.)

ଏସିଆ କପ୍ ସୁପର-୪ର ଭାରତ-ପାକିସ୍ତାନ ହାଇ ଭୋଲଟେଜ୍ ମ୍ୟାଚ୍ ପାଇଁ ରିଜର୍ଭ ଡେ ବ୍ୟବସ୍ଥାକୁ ବାଂଲାଦେଶ ଓ ଶ୍ରୀଲଙ୍କା ମୁଖ୍ୟ କୋଚ୍ ବିରୋଧ କରିଥିଲେ। ତେବେ ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏହା ଏକ ସହମତି ଭିତ୍ତିକ ନିଷ୍ପତ୍ତି ବୋଲି କୁହାଯାଇଛି। ଶ୍ରୀଲଙ୍କା ଦଳର ମୁଖ୍ୟ କୋଚ୍ କ୍ରିସ୍ ସିଲ୍ଭରଉଡ୍ ଓ ବାଂଲାଦେଶ ଦଳର କୋଚ୍ ଚନ୍ଦିକା ହାଥୁରସିଙ୍ଘା ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ବାଂଲାଦେଶ କୋଚ୍‌ଙ୍କ ମନ୍ତବ୍ୟର କିଛି ଘଣ୍ଟା ମଧ୍ୟରେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପକ୍ଷରୁ ଏକ ଟୁଇଟ୍ କରାଯାଇଥିଲା। ସୁପର-୪ରେ ପ୍ରବେଶ କରିଥିବା ସମସ୍ତ ଦଳର କ୍ରିକେଟ ବୋର୍ଡଙ୍କ ସହମତି ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଥିବା ବିସିବି ପକ୍ଷରୁ କୁହାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଥିଲା। କେବଳ ବାଂଲାଦେଶ ଓ ଶ୍ରୀଲଙ୍କାର କୋଚ୍ ନୁହନ୍ତି ବରଂ ପୂର୍ବତନ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ଏହାକୁ ସମାଲୋଚନା କରିଛନ୍ତି। ଗୋଟିଏ ଟୁର୍ନାମେଣ୍ଟରେ ଦୁଇଟି ଦଳକୁ ଏଭଳି ସୁବିଧା ପ୍ରଦାନ କରାଯିବା ଅତ୍ୟନ୍ତ ଲଜ୍ଜାକର ବିଷୟ ବୋଲି ପ୍ରସାଦ କହିଛନ୍ତି। ନ୍ୟାୟ ନାମରେ ଏଭଳି ଅନ୍ୟାୟ କରୁଥିବା ଲୋକଙ୍କୁ ଦଣ୍ଡିତ କରାଯିବା ଦରକାର। ପ୍ରଥମ ଦିନର ଖେଳ ବାତିଲ ହେଲେ ଦ୍ୱିତୀୟ ଦିନ ମଧ୍ୟ ଆହୁରି ବର୍ଷା ହେବା ଦରକାର ବୋଲି ପ୍ରସାଦ କହିଛନ୍ତି। ଏପରି ହେଲେ କ୍ରିକେଟର କ୍ଷତି କରୁଥିବା ଲୋକ ଚୁପ୍ ରହିବେ।

# ଶ୍ରୀଲଙ୍କାର ପ୍ରଥମ ବିଜୟ

କଲମ୍ବୋ,୯।୯

ଏସିଆ କପ୍ ସୁପର-୪ ପର୍ଯ୍ୟାୟର ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୨୧ ରନ୍‌ରେ ଜିତି ନେଇଛି ଶ୍ରୀଲଙ୍କା। ସାଦିରା ସମରବିକ୍ରମା ଓ କୁଶାଲ ମେଣ୍ଡିସଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୫୭ ରନ୍ ସ୍କୋର କରିଥିଲା। ଜବାବରେ ବାଂଲାଦେଶ ୪୮.୧ ଓଭରରେ ୨୩୬ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ବାଂଲାଦେଶ ପ୍ରଥମେ ବୋଲିଂ ନେଇଥିଲା। ଦୁଇ ଓପନର ପାଥୁମ ନିଶଙ୍କା(୪୦) ଓ ଦିମୁଥ କରୁଣାରତ୍ନେ(୧୮) ପ୍ରଥମ ଉଇକେଟରେ ୩୪ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ବ୍ୟାଟର କୁଶାଲ ମେଣ୍ଡିସ୍ ୫୦ ରନ୍ ସ୍କୋର କରିଥିଲେ। ତେବେ ସାଦିରା ସମରବିକ୍ରମା ୯୩ ରନ୍ ସ୍କୋର କରିବା ସହ ଦଳକୁ ଏକ ଦୃଢ଼ ସ୍କୋରରେ ପହଞ୍ଚାଇଥିଲେ। ସେ ୭୨ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରି ଶେଷ ବଲରେ ଆଉଟ ହୋଇଥିଲେ। ବାଂଲାଦେଶ ପକ୍ଷରୁ ଟାସ୍କିନ ଅହମଦ ଓ ହସନ୍ ମହମ୍ମଦ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ବାଂଲାଦେଶ ପକ୍ଷରୁ ମହମ୍ମଦ ନଇମ(୨୧) ଓ ମେହିଦୀ ହସନ ମିରାଜ (୨୮) ପ୍ରଥମ ଉଇକେଟରେ ୫୫ ରନ୍ ଯୋଡ଼ିଥିଲେ। ଉଭୟଙ୍କୁ ଦସୁନ୍ ଶନକା ଆଉଟ କରିଥିଲେ। ଶାକିବ୍ ଅଲ ହସନ ମାତ୍ର ୩ ଓ ଲିଟନ୍ ଦାସ ମଧ୍ୟ ୧୫ ବିଫଳ ହୋଇଥିବା ବେଳେ ମଧ୍ୟକ୍ରମରେ ତୋହିଦ୍ ହ୍ରିଦୟ ଲଢୁଆ ୮୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଶଫିକର ରହିମ ୨୯ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଶନକା, ପଥିରାନା ଓ ମହୀଷ ଥିକ୍‌ସାନା ତିନୋଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୫୦ ଓଭରରେ ୨୫୭/୯(ସାଦିରା ସମରବିକ୍ରମା-୯୩, କୁଶାଲ ମେଣ୍ଡିସ୍-୫୦, ପାଥୁମ ନିଶଙ୍କା-୨୪, ହସନ ମହମ୍ମଦ-୩/୫୭, ଟାସ୍କିନ ଅହମଦ-୩/୬୨, ଶୋରିଫୁଲ ଇସଲାମ-୨/୪୮)। ବାଂଲାଦେଶ ୪୮.୧ ଓଭରରେ ୨୩୬/୧୦(ତୋହିଦ୍ ହ୍ରିଦୟ-୮୨, ମୁଶଫିକର ରହିମ-୨୯, ମେହିଦୀ ହସନ ମିରାଜ-୨୮, ଦସୁନ ଶନକା-୩/୨୮, ମଥିଶା ପଥିରାନା-୩/୫୮, ମହୀଷ ଥିକ୍‌ସାନା-୩/୬୯)।





ହଙ୍ଗେରୀରେ ଅନୁଷ୍ଠିତ ଏଫ୍ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଏମ୍/ ଏନ୍ଆଇଏସ୍ ଇଣ୍ଡିଆ ଏଚ୍‌ପିସିର ପ୍ରଣତି ନାୟକ। ସେ ୧୨.୯୬୬ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ୨,୦୦୦ ମିଟରରେ ଜାକବଙ୍କ ବିଶ୍ୱରେକର୍ଡ

ବ୍ରସେଲ୍ସ, ୯।୯ (ଏପି)

ଅଲିମ୍ପିକ ୧,୫୦୦ ମିଟର ଚାମ୍ପିୟନ ଜାକବ ଇଙ୍ଗ୍‌ବ୍ରିଟ୍‌ସେନ୍ ୧ ସେକେଣ୍ଡରୁ ଅଧିକ ସମୟ ବ୍ୟବଧାନରେ ୨,୦୦୦ ମିଟର ଦୌଡ଼ରେ ଦୀର୍ଘ ୨୪ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଛନ୍ତି। ବ୍ରସେଲ୍ସ ଡାଇମଣ୍ଡ ଲିଗ୍ ମିଟ୍‌ରେ ନରୱେର ଏହି ଆଥଲେଟ୍ ୪ ମିନିଟ ୪୩.୧୩ ସେକେଣ୍ଡ ଟାଇମିଂରେ ନୂଆ ରେକର୍ଡ କରିଛନ୍ତି। ଗତ ମାସରେ ବିଶ୍ୱ ଚାମ୍ପିୟନଶିପ୍ ପରେ ନରୱେର ଏହି ୨୨ ବର୍ଷୀୟ ଧାବକଙ୍କ ଏହା ହେଉଛି ପ୍ରଥମ ପ୍ରତିଯୋଗିତା। ପୂର୍ବରୁ ଏହି ରେକର୍ଡ ମରକ୍କୋର ମହାନ ଆଥଲେଟ୍ ହିଚାମ ଏଲ୍ ଗୁଏରୋଜଙ୍କ ନାମରେ ରହିଥିଲା। ସେ ୧୯୯୯ରେ ୪:୪୪.୭୯ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ୨,୦୦୦ ମିଟର ଅଲିମ୍ପିକ୍ସ ପ୍ରୋଗ୍ରାମ୍‌ର ଅଂଶବିଶେଷ ନୁହେଁ। ଜାମାଇକାର ଅଗ୍ରଣୀ ସ୍ପ୍ରିଣ୍ଟର ଶେରିକା ଜ୍ୟାକସନମହିଳା ୨୦୦ ମିଟରରେ ଫ୍ଲୋରେନ୍ସ ଗ୍ରିଫିଥ୍ ଗୋଏନରଙ୍କ ଦୀର୍ଘ ୩୫ବର୍ଷରୁ ପୁରୁଣା ରେକର୍ଡ ଭଙ୍ଗ କରିବାରେ ବିଫଳ ହୋଇଛନ୍ତି। ଜାକସନ ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ। ସେ ୨୧.୪୮ ଟାଇମିଂରେ ରେସ୍ ଶେଷ କରିଥିଲେ। ଗ୍ରିଫିଥ୍ ଜୋଏନର ୧୯୮୮ ସିଓଲ ଅଲିମ୍ପିକ୍ସରେ ୨୧.୩୪ ଟାଇମିଂ ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ଜ୍ୟାକସନ ରେସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଗରେ ରହି ଅନ୍ୟ ପ୍ରତିଯୋଗୀଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଆଣ୍ଟୋନିକ୍ ଷ୍ଟ୍ରାଚାନ ବହୁପଛରେ ୨୨.୩୧ ଟାଇମିଂରେ ଦ୍ୱିତୀୟ ହୋଇଥିବା ବେଳେ ଆମେରିକାର ଜେନା ପ୍ରାଣ୍ଡିନି (୨୨.୪୭) ତୃତୀୟ ସ୍ଥାନରେ ରହିଥିଲେ। ଜ୍ୟାକସନ ହେଉଛନ୍ତି ପ୍ରକୃତରେ ଜଣେ ୪୦୦ମିଟର ସ୍ପେସାଲିଷ୍ଟ। ସେ ଏଇ କିଛି ବର୍ଷ ହେଲା ସ୍ପ୍ରିଣ୍ଟରେ ମନୋନିବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସେ ୧୦୦ ମିଟରରେ ବ୍ରୋଞ୍ଜ ଏବଂ ୪x୧୦୦ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ସେ ୨୦୦ ମିଟରରେ ଧ୍ୟାନ ଦେଉଛନ୍ତି। ୨୯ ବର୍ଷୀୟ ଏହି ଆଥଲେଟ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ୨୦୦ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ

# ସେମିଫାଇନାଲରେ କିସ୍

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚରେ କିସ୍ ଓ ୟୁନିଟ-୧ ବାଳକ ବିଦ୍ୟାଳୟ ଦଳ ବିଜୟ ହାସଲ କରିଛି। ବିଜେଇଏମ୍ ସ୍କୁଲକୁ ୪-୦ ଗୋଲରେ ହରାଇ କିସ୍ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଭିଷେକ ଓରାମ ୩, ମଙ୍ଗଲ ଟୁଡୁ ୩୦, ଅମର ସମଦ ୩୭ ଓ ରାଜେଶ ସୋରେନ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ୟୁନିଟ-୧ ସ୍କୁଲ ୧-୦ ଗୋଲରେ ଆଇଆରସି ଭିଲେଜ ସରକାରୀ ବାଳକ ବିଦ୍ୟାଳୟକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଶଙ୍କର ସୋରେନ ୩୮ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଥମ ମ୍ୟାଚରେ ରାସ ରଞ୍ଜନ ଜେନା ଓ ଦ୍ୱିତୀୟ ମ୍ୟାଚରେ ଶଙ୍କର ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଉତ୍ତମ ପ୍ରଦର୍ଶନ ପାଇଁ ଅଭିଷେକ ଓରାମ ଓ ଅଙ୍କୁଶ କହ୍ନରଙ୍କୁ ପୁରସ୍କୃତ କରାଯାଇଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ